
ଉତ୍କଳ ପ୍ରସଙ୍ଗ
ଜୁନ୍ - ୧୯୯୯




ନବକୃଷ୍ଣ ଚୌଧୁରୀ ଗବେଷଣା ଅଧ୍ୟୟନ କେନ୍ଦ୍ର ଆନୁକୂଲ୍ୟରେ ରାଜ୍ୟ ସମବାୟ ବ୍ୟାଙ୍କ ସମ୍ମିଳନୀ ଗୃହରେ
ଆୟୋଜିତ କଳିଙ୍ଗ ବକ୍ତୃତାମାଳାରେ ମାନ୍ୟବର ରାଜ୍ୟପାଳ ଡଃ ସି. ରଙ୍ଗରାଜନ
ପୂର୍ବ ଏସିଆ ସଂକଟ ଉପରେ ଭାଷଣ ଦେଉଛନ୍ତି । ୧୪/୫




ମୁଖ୍ୟମନ୍ତ୍ରୀ ଡା ଗିରିଧର ଗମାଙ୍ଗ ପଟିଆ ଠାରେ 'କମ୍ୟୁନିଟି ପୋଲିସିଙ୍ଗ' ବ୍ୟବସ୍ଥାର
ଶୁଭାରମ୍ଭ କରି ଉଦ୍‌ବୋଧନ ଦେଉଛନ୍ତି । ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରସାଦ ହରିଚନ୍ଦନ
ଓ ଗୃହ ବିଭାଗ ଶାସନ ସଚିବ ଶ୍ରୀ ଅଜିତ କୁମାର ତ୍ରିପାଠୀ ଉପସ୍ଥିତ ଅଛନ୍ତି । ୨୬/୫

# ଉତ୍କଳ ପ୍ରସଙ୍ଗ

୫୫ମ ଭାଗ | ୧୧ଶ ସଂଖ୍ୟା | ଜ୍ୟେଷ୍ଠ-ଆଷାଢ଼ | ଜୁନ୍ - ୧୯୯୯

**ଶ୍ରୀ ଜୟନ୍ତ କୁମାର ଦେବ**
କମିଶନର ତଥା ଶାସନ ସଚିବ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା

**ଶ୍ରୀ ବସନ୍ତ ଚରଣ ସ୍ୱାଇଁ**
ନିର୍ଦ୍ଦେଶକ

<u>ସମ୍ପାଦନା ମଣ୍ଡଳୀ</u>

**ଶ୍ରୀ ମହେଶ୍ୱର ମୂଳିଆ**
କାର୍ଯ୍ୟ ନିର୍ବାହୀ ସମ୍ପାଦକ

**ଶ୍ରୀ ଶରତ ଚନ୍ଦ୍ର ସାମନ୍ତରାୟ**
**ଶ୍ରୀ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ**
ସମ୍ପାଦନା ସହଯୋଗୀ

ପ୍ରଚ୍ଛଦପଟ
**ଶ୍ରୀ ମାନସ ନାୟକ**

ବାର୍ଷିକ ଦେୟ : ଟ.୨୦.୦୦
ପ୍ରତିଖଣ୍ଡ: ଟ.୨.୦୦

## ସୂଚୀ


| | | |
|---|---|---|
| ସାର୍ଥକ ଶାସନର ଶହେ ଦିନ | - | ୧ |
| ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାର ପୁନଃବିନ୍ୟାସ | - ଶ୍ରୀ କାହ୍ନୁଚରଣ ଲେଙ୍କା | ୬ |
| ଅର୍ଦ୍ଧ ଶତକର ଓଡ଼ିଆ ଯାତ୍ରା (୧୯୪୮-୯୮) | - ଡକ୍ଟର ଅଜୟ କୁମାର ମିଶ୍ର | ୯ |
| ସାମାଜିକ ବିଶୃଙ୍ଖଳା ଓ ଜନସଂଖ୍ୟା | - ଶ୍ରୀ ଲୋକନାଥ ଦତ୍ତା | ୧୫ |
| ନାରୀ ଶିକ୍ଷା | - ଲାୟନ ମାଣିକ ଚାନ୍ଦ ଅଗ୍ରୱାଲ | ୧୭ |
| ଓଡ଼ିଶାରେ ଜୈନଧର୍ମ ଓ ବାରିପଦାରେ ଚବିଶ ତୀର୍ଥଙ୍କର ଜୈନ ପ୍ରତିମା | - ଶ୍ରୀ କାଶୀନାଥ ବାରିକ | ୧୯ |
| ବିଜ୍ଞାନ ଅଭିଶାପ କି ଆଶୀର୍ବାଦ | - ଶ୍ରୀ ପୂର୍ଣ୍ଣଚନ୍ଦ୍ର ଶୁଭଦେଓ | ୨୧ |
| ଭାରତୀୟ ମୂର୍ତ୍ତି ପରିକଳ୍ପନାରେ ପ୍ରତୀକବାଦ | - ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର | ୨୩ |
| ଆଦିବାସୀ ସଂସ୍କୃତିରେ ବଣ୍ଡା ଜାତିର ଭୂମିକା | - ଶ୍ରୀ ସୁଭାଷ ଚନ୍ଦ୍ର ତ୍ରିପାଠୀ | ୨୫ |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କାର୍ଯ୍ୟକ୍ରମରେ ସଫଳତା | - | ୨୭ |
| ଓଡ଼ିଶାରେ ମରୁଡ଼ି ପରିସ୍ଥିତିର ମୁକାବିଲା | - | ୨୮ |
| ଶକ୍ତି କ୍ଷେତ୍ରରେ ସଂସ୍କାର | - | ୩୦ |
| ଓଡିଆ ସାହିତ୍ୟର ନୀରବ ସାଧକ ସରସ୍ୱତୀ ଦାମୋଦର | - ଶ୍ରୀ ଘନଶ୍ୟାମ ଧଳ | ୩୨ |
| ବାଲେଶ୍ୱର ପରିକ୍ରମା | - ପ୍ରଫେସର ଜଗନ୍ନାଥ ମହାନ୍ତି | ୩୪ |
| ସାମୁଦ୍ରିକ କଇଁଛ, ଗହୀରମଠା ଓ ମତ୍ସ୍ୟଜୀବୀ | - ଶ୍ରୀ ଶିଶିର କୁମାର ପୃଷ୍ଟି | ୩୮ |
| ସେଲୁଲାର ଫୋନ୍ | - ଶ୍ରୀ ବସନ୍ତ କୁମାର ଦାସ | ୩୯ |
| ସଫଳ କାହାଣୀ | - | ୪୦ |
| ସମ୍ବାଦ ପରିକ୍ରମା | - | ୪୩ |


"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ବହୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ
ଏବଂ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦ ରେ ମୁଦ୍ରିତ

# କାର୍ଗିଲ ସଂଘର୍ଷରେ ମାତୃଭୂମି ପାଇଁ ପ୍ରାଣବଳୀ ଦେଇଥିବା ବୀର ଓଡ଼ିଆ ଶହୀଦ୍‌ମାନଙ୍କ ପ୍ରତି ଓଡ଼ିଶାର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର ବିମାନ ବନ୍ଦର ଠାରେ ମାନ୍ୟବର ରାଜ୍ୟପାଳ ଡଃ. ସି. ରଙ୍ଗରାଜନ ଏବଂ ମୁଖ୍ୟମନ୍ତ୍ରୀ ଡଃ. ଗିରିଧର ଗମାଙ୍ଗ ଭାରତୀୟ ସ୍ଥଳ ସେନାର ଲାନସ୍ ନାୟକ ସ୍ୱର୍ଗତ ମାନସରଂଜନ ସାହୁଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ଅର୍ପଣ କରୁଛନ୍ତି ତା-୯.୬.୯୯ ।



ଭାରତୀୟ ବାୟୁସେନାର ଫ୍ଲାଇଟ୍ ଇଂଜିନିୟର ସ୍ୱର୍ଗତ ରାଜକିଶୋର ସାହୁଙ୍କ ଶୋକ ସନ୍ତପ୍ତ ପରିବାରକୁ ମାନ୍ୟବର ରାଜ୍ୟପାଳ ଡଃ. ସି. ରଙ୍ଗରାଜନ ଓ ତାଙ୍କ ସହଧର୍ମିଣୀ ଡଃ. ହରପ୍ରିୟା ରଙ୍ଗରାଜନ ସମବେଦନା ଜଣାଇଛନ୍ତି ତା - ୯.୬.୯୯ ।

# ସାର୍ଥକ ଶାସନର ଶହେ ଦିନ

ଓଡ଼ିଶାର ପଞ୍ଚଦଶ ମୁଖ୍ୟମନ୍ତ୍ରୀ ଭାବରେ ଡକ୍ଟର ଗିରିଧର ଗମାଙ୍ଗ ୧୯୯୯ ଫେବୃଆରୀ ୧୭ ତାରିଖଠାରୁ ରାଜ୍ୟ ଶାସନ ଦାୟିତ୍ୱ ବହନ କରିଛନ୍ତି । ମଇ ୨୭ ତାରିଖରେ ତାଙ୍କର କର୍ମମୁଖର ଶାସନର ଶହେଦିନ ସଂପୂର୍ଣ୍ଣ ହୋଇଛି ।

ରାଜ୍ୟବାସୀଙ୍କୁ ଏକ ସ୍ୱଚ୍ଛ, ସକ୍ରିୟ ଓ ଲୋକାଭିମୁଖୀ ପ୍ରଶାସନ ପ୍ରଦାନରେ ବହୁ ସଫଳତା ଓ ସମ୍ଭାବନାର ସ୍ୱାକ୍ଷରରେ ସମୁଜ୍ଜ୍ୱଳ ଏହି ସ୍ୱଳ୍ପକାଳ ।

ଓଡ଼ିଶାରେ କୃଷି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟର ଉନ୍ନତି, ବିଦ୍ୟୁତ, ଜଳ ସମ୍ପଦର ବିକାଶ, ପରିବହନର ପ୍ରଗତି, ଗ୍ରାମ୍ୟ ଉନ୍ନୟନ, ଦାରିଦ୍ର୍ୟ ଦୂରୀକରଣ, ଆଦିବାସୀ ଓ ପଛୁଆ ବର୍ଗଙ୍କ ଉନ୍ନତି ବିଧାନ, ବେକାରୀ ଦୂରୀକରଣ, ପ୍ରଶାସନିକ ପୁନର୍ଗଠନ, ପଞ୍ଚାୟତିରାଜର ପୁନର୍ବିନ୍ୟାସରେ ଲୋକଙ୍କ ହାତରେ କ୍ଷମତା ଅର୍ପଣ ଆଦି ବୈପ୍ଳବିକ କାର୍ଯ୍ୟକ୍ରମରେ ତାଙ୍କର କର୍ମକୁଶଳତା ଓ ଶାସନ ଦକ୍ଷତା ପ୍ରମାଣିତ ।

ଓଡ଼ିଶାକୁ ଭାରତର ମାନଚିତ୍ରରେ ଏକ ସମ୍ମାନାସ୍ପଦ ଆସନରେ ଅଧିଷ୍ଠିତ କରିବା ପାଇଁ ଏହି ଶହେ ଦିନର କାର୍ଯ୍ୟାବଳୀରେହିଁ ତାଙ୍କର ଏକାନ୍ତ ନିଷ୍ଠା, ପ୍ରତିବଦ୍ଧତା ଓ ଶାସନର ସଫଳତା ରୂପାୟିତ ।



ମୋ ରାଜ୍ୟବାସୀଙ୍କର ଶ୍ରଦ୍ଧା, ସଦିଚ୍ଛା ଓ ଭାବନାକୁ ସମ୍ମାନ ଜଣାଇ ତଥା ସେମାନଙ୍କର ଆଶା ଓ ଆକାଂକ୍ଷା ପରିପୂରଣ ପାଇଁ ମୁଁ ଫେବୃୟାରୀ ୧୭ ତାରିଖରେ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀଭାବେ ଦାୟିତ୍ୱ ଗ୍ରହଣ କରିଥିଲି । ଆଜି ସେଇ ଦାୟିତ୍ୱ ଗ୍ରହଣର ଶହେ ଦିନ ପୂର୍ତ୍ତି ଅବସରରେ ମୁଁ ମୋର ରାଜ୍ୟବାସୀ ଭାଇଭଉଣୀଙ୍କ ପ୍ରତି ବିନମ୍ର ଶ୍ରଦ୍ଧା ଓ ଶୁଭେଚ୍ଛା ଜ୍ଞାପନ କରୁଛି ।

ପରମ କରୁଣାମୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ତଥା ମୋର ସହକର୍ମୀମାନଙ୍କର ଅକୁଣ୍ଠ ସହଯୋଗ, ସର୍ବୋପରି ରାଜ୍ୟବାସୀଙ୍କର ଅକାତିକ ଶ୍ରଦ୍ଧା ଓ ସଦିଚ୍ଛା ଯୋଗୁଁ ମୁଁ ଏକ ସଫଳ ଓ ସକ୍ରିୟ ପ୍ରଶାସନ ଦେବା ଉଦ୍ଦେଶ୍ୟରେ କିଛି ନିଷ୍ଠାପର ପ୍ରୟାସ କରିଛି । ମୁଁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବାବେଳେ ମୋ ରାଜ୍ୟବାସୀଙ୍କୁ, ସେମାନଙ୍କର ସମସ୍ୟା ପ୍ରତି ସଚେତନ ଓ ସମ୍ବେଦନଶୀଳ ଏକ ପ୍ରଶାସନ ଓ ଦାୟିତ୍ୱସମ୍ପନ୍ନ ଏକ ସରକାର ଦେବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲି ।

ସ୍ୱଚ୍ଛତା, ନିର୍ମଳତା ଏବଂ ଏକ ମୁକ୍ତ ବାତାବରଣ ହେଉଛି ମୋ ସରକାରର ଆଭିମୁଖ୍ୟ । ମୋ ପ୍ରଶାସନର କାର୍ଯ୍ୟାବଳୀ ବା ସଫଳତା ରାଜ୍ୟବାସୀଙ୍କ ସମ୍ମୁଖରେ ଉପସ୍ଥାପନ କଲାବେଳେ ଶାସନକାଳର ଦୀର୍ଘତା ବା ସ୍ୱଳ୍ପତା ନୁହେଁ ସ୍ୱଳ୍ପ ସମୟ ମଧ୍ୟରେ ନିଆଯାଇଥିବା ନିଷ୍ପତ୍ତି ଓ ପଦକ୍ଷେପ ସମୂହର ଯଥାର୍ଥ ଓ ନିରପେକ୍ଷ ମୂଲ୍ୟାୟନ ପାଇଁ ମୁଁ ବିନମ୍ର ନିବେଦନ କରୁଛି ।

ଏହା କେବଳ ଆରମ୍ଭ ମାତ୍ର । ଏକ ସମୃଦ୍ଧ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆମକୁ ଆହୁରି ବହୁବାଟ ଯିବାକୁ ଅଛି । ମୁଁ ଆଶାବାଦୀ ଓ ନିଶ୍ଚିତ ଯେ, ଆମର ଲକ୍ଷ୍ୟ ହାସଲ ପର୍ଯ୍ୟନ୍ତ ଏବଂ ଓଡ଼ିଶାକୁ ଭାରତର ମାନଚିତ୍ରରେ ଏକ ସମ୍ମାନାସ୍ପଦ ଆସନରେ ଅଧିଷ୍ଠିତ କରାଇବା ପର୍ଯ୍ୟନ୍ତ ମୋ ରାଜ୍ୟବାସୀ ଭାଇଭଉଣୀ ହାତକୁ ହାତ, କାନ୍ଧକୁ କାନ୍ଧ ମିଳାଇ ମୋ ସହ ଆଗେଇ ଆସିବେ ।

ପୁଣି ଥରେ ଶୁଭେଚ୍ଛା ଜଣାଇ ସମସ୍ତଙ୍କର ସଫଳତା ଓ ସମୃଦ୍ଧି କାମନା କରୁଛି ।

ବନ୍ଦେ ଉତ୍କଳ ଜନନୀ

**ଡକ୍ଟର ଗିରିଧର ଗମାଙ୍ଗ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କର ସ୍ୱପ୍ନର ସଫଳ ରୂପାୟନ ନିମନ୍ତେ ପଞ୍ଚାୟତିରାଜ ସଂସ୍ଥା ସମୂହକୁ ବ୍ୟାପକ କ୍ଷମତା ହସ୍ତାନ୍ତରିତ କରାଯାଇଛି ।

କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗୃହନିର୍ମାଣ, ପାନୀୟ ଜଳଯୋଗାଣ, ସାଧାରଣ ବଣ୍ଟନ, ମୃତ୍ତିକା ସଂରକ୍ଷଣ ଓ ପରିବେଶ ଭଳି ଗ୍ରାମ୍ୟ ଉନ୍ନୟନମୂଳକ, ଦାରିଦ୍ର୍ୟ ଦୂରୀକରଣ ଓ ଜନକଲ୍ୟାଣକାରୀ ୧୯ ଗୋଟି ବିଭାଗ ଓ କାର୍ଯ୍ୟକ୍ରମର ଦାୟିତ୍ୱ ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମପଞ୍ଚାୟତ ଉପରେ ନ୍ୟସ୍ତ ହୋଇଛି ।

ଏ ବର୍ଷ ଚାଳିଶ ଲକ୍ଷ ଟଙ୍କା ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକୁ ପ୍ରଦାନ କରାଯାଇଛି ଓ ଏହାର ଆୟବ୍ୟୟ ପରିଚାଳନା ଦାୟିତ୍ୱ ଏସବୁ ସଂସ୍ଥାକୁ ଦିଆଯାଇଛି ।

ଜିଲ୍ଲା ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କୁ ଯଥାକ୍ରମେ ରାଷ୍ଟ୍ରମନ୍ତ୍ରୀ ଓ ଉପମନ୍ତ୍ରୀର ମର୍ଯ୍ୟାଦା ଓ ସୁବିଧା ପ୍ରଦାନ କରାଯାଉଛି ।

## ପ୍ରଶାସନର ପୁନର୍ଗଠନ

କ୍ଷମତା ହସ୍ତାନ୍ତରଜନିତ ଅଧିକ କାର୍ଯ୍ୟଭାରର ସୁଚାରୁ ନିର୍ବାହ ନିମନ୍ତେ ଇଂଜିନିୟରିଂ ବିଭାଗ ସମୂହର ଇଂଜିନିୟରିଂ ପଦବୀର ପୁନର୍ବିନ୍ୟାସ କରି ବଳକା ଇଂଜିନିୟରମାନଙ୍କୁ ଜିଲ୍ଲା ପରିଷଦ/ବ୍ଲକରେ ମୁତୟନ କରାଯାଉଛି ।

ପ୍ରତ୍ୟେକ ବ୍ଲକରେ ଓ.ଏ.ଏସ୍‌ର କନିଷ୍ଠ ପ୍ରଥମଶ୍ରେଣୀ ଅଧିକାରୀମାନଙ୍କୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବି.ଡି.ଓ) ଭାବେ ମୁତୟନ କରାଯାଉଛି ।

ତଳ ସ୍ତରରେ କେବଳ ରାଜସ୍ୱ ଓ ଆଇନଶୃଙ୍ଖଳା ନିୟନ୍ତ୍ରଣାତ୍ମକ କାର୍ଯ୍ୟାବଳୀର ଦାୟିତ୍ୱ ଉପଜିଲ୍ଲାପାଳଙ୍କ ଉପରେ ଏବଂ ଉନ୍ନୟନମୂଳକ କାର୍ଯ୍ୟଗୋଷ୍ଠୀ ଉନ୍ନୟନ ଅଧିକାରୀ, ଡି.ଆର୍.ଡି.ଏ. ପ୍ରକଳ୍ପ ଅଧିକାରୀ ଓ ଜିଲ୍ଲାପାଳଙ୍କ ଉପରେ ନ୍ୟସ୍ତ ହୋଇଛି ।

ନିଜ ଅଞ୍ଚଳର ଉନ୍ନୟନ ପାଇଁ ବିଧାୟକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଋଣାଧୀନ ପାଣ୍ଠିର ପରିମାଣ ବାର୍ଷିକ ୫ଲକ୍ଷ ଟଙ୍କାରୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି ।

## ନ୍ୟାୟ ବ୍ୟବସ୍ଥା ଓ ଆଇନଶୃଙ୍ଖଳା

ଅବିଳମ୍ବେ ନ୍ୟାୟ ପ୍ରଦାନ ତଥା କମ୍ ଖର୍ଚ୍ଚରେ ଲୋକଙ୍କ ନିକଟରେ ନ୍ୟାୟ ପହଞ୍ଚାଇବା ଉଦ୍ଦେଶ୍ୟରେ ମାଲକାନଗିରି, ସୋନପୁର, ବାରିପଦା, ଝାରସୁଗୁଡ଼ା ଓ ଭଞ୍ଜନଗର- ଆସ୍କାଠାରେ ୫ଟି ଅତିରିକ୍ତ ଜିଲ୍ଲା ଜଜ୍‌କୋର୍ଟ ସ୍ଥାପନ କରାଯାଉଛି । ପୁରୀ ଜିଲ୍ଲାର ପିପିଲିଠାରେ ଏକ ସିଭିଲ ଜଜ୍‌କୋର୍ଟ ସ୍ଥାପନର ନିଷ୍ପତ୍ତି ହୋଇଛି । ମାଲକାନଗିରି, କୋରାପୁଟ, ନିମାପଡ଼ା ଓ ଆଠମଲ୍ଲିକଠାରେ ସବ୍‌ଜଜ୍‌କୋର୍ଟ ଏବଂ ଭବାନୀପାଟଣା, କନ୍ଧମାଳ, ଯାଜପୁର ରୋଡ୍, ପଟ୍ଟାମୁଣ୍ଡାଇ, ଜଳେଶ୍ୱର, ଦାରିଙ୍ଗବାଡ଼ି, ପାଟ୍ଟପୁର ଓ ବରପାଲିଠାରେ ମୁନ୍‌ସିଫ୍‌କୋର୍ଟ ସ୍ଥାପନ କରାଯାଉଛି ।

ସମଗ୍ର ରାଜ୍ୟରେ ବିଶେଷକରି ସହରାଞ୍ଚଳ ଓ ଶିଳ୍ପାଞ୍ଚଳମାନଙ୍କରେ ଅପରାଧ ହାର ଦ୍ରୁତ ହ୍ରାସ, ଆଇନ ଶୃଙ୍ଖଳା ପରିସ୍ଥିତିରେ ଯଥେଷ୍ଟ ଉନ୍ନତି ଘଟିଛି ।

ମୁକ୍ତ, ନିରପେକ୍ଷ ତଥା ତ୍ୱରାନ୍ୱିତ ଅନୁସନ୍ଧାନ ନିମନ୍ତେ ଅଞ୍ଜନା ମିଶ୍ର ଗଣଧର୍ଷଣ ଓ ମନୋହରପୁର ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ୍ ଷ୍ଟେନ୍‌ସ୍ ପୋଡ଼ି ଘଟଣାର ତଦନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସି.ବି.ଆଇ.) ଉପରେ ନ୍ୟସ୍ତ କରାଯାଇଛି ।

ରାଜ୍ୟର ପ୍ରତି ଥାନାରେ ପର୍ଯ୍ୟାୟକ୍ରମେ ଅନ୍ୟୁନ ଜଣେ ମହିଳା ପୋଲିସ ନିଯୁକ୍ତି ନିମନ୍ତେ ନିଷ୍ପତ୍ତି ହୋଇଛି ।

ଥାନା ଅଧିକାରୀ ଏତଲା ଗ୍ରହଣ ନକଲେ ବା ଗ୍ରହଣରେ ବିଳମ୍ବ କଲେ ଅଭିଯୋଗକାରୀ ସିଧାସଳଖ ପୋଲିସ୍ ଏସ୍.ପିଙ୍କ ନିକଟକୁ ଏତଲା ପଠାଇ ପାରିବେ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି ।

ଆଇନଶୃଙ୍ଖଳା ରକ୍ଷା ଓ ଅପରାଧ ମାତ୍ରା ହ୍ରାସରେ ନାଗରିକମାନଙ୍କ ସହଯୋଗ ଓ ସମ୍ପୃକ୍ତି ଲକ୍ଷ୍ୟରେ 'କମ୍ୟୁନିଟି ପୋଲିସ ବ୍ୟବସ୍ଥା' ପ୍ରବର୍ତ୍ତନର ନିଷ୍ପତ୍ତି ହୋଇଛି । ଦାୟିତ୍ୱସମ୍ପନ୍ନ ନାଗରିକମାନଙ୍କୁ ନେଇ ଗଠିତ ଗ୍ରାମାଞ୍ଚଳରେ 'ପଞ୍ଚାୟତ ସୁରକ୍ଷା ସମିତି' ଓ ସହରାଞ୍ଚଳରେ 'ସହ ସୁରକ୍ଷା ସମିତି' ଉପରେ ସମ୍ପୃକ୍ତ ଅଞ୍ଚଳର ସୁରକ୍ଷା ପର୍ଯ୍ୟବେକ୍ଷଣର ଦାୟିତ୍ୱ ନ୍ୟସ୍ତ କରାଯାଉଛି ।

## କୃଷି ଓ କୃଷକ କଲ୍ୟାଣ

ବଲାଙ୍ଗୀର, ନୂଆପଡ଼ା, ବରଗଡ଼ ଓ କଳାହାଣ୍ଡି ଭଳି ଅନଗ୍ରସର ଜିଲ୍ଲାମାନଙ୍କରେ କୃଷିର ବିକାଶ ଓ ସେଠାକାର ଅଧିବାସୀଙ୍କ ଜୀବିକା ନିର୍ବାହ ପନ୍ଥା ସୁଗମ କରିବା ପାଇଁ ବ୍ରିଟେନର ଡି.ଏଫ୍.ଆଇ.ଡି. ସହାୟତାରେ ୨୨୫ କୋଟି ଟଙ୍କା ବ୍ୟୟରେ ପଶ୍ଚିମ ଓଡ଼ିଶା ଗ୍ରାମ୍ୟ ଜୀବିକାନିର୍ବାହ ପ୍ରକଳ୍ପ (Western Orissa Rural Livelihood Project-WORLP) କାର୍ଯ୍ୟକାରୀ କରାଯାଉଛି ।

କୃଷି ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟର ୪୫୮୦ ହିତାଧିକାରୀଙ୍କୁ ୨କୋଟି ୪୦ଲକ୍ଷ ୨୦ ହଜାର ଟଙ୍କାର କୃଷି ଉପକରଣ ପ୍ରଦାନ କରାଯାଉଛି ।

ଆପିକଲ ପକ୍ଷରୁ ୬କୋଟି ୬୪ଲକ୍ଷ ଟଙ୍କା ସହାୟତାରେ ୫୮ଟି କୃଷିଭିତ୍ତିକ ଉଦ୍ୟୋଗ କାର୍ଯ୍ୟକ୍ଷମ ହୋଇଛି ।

ଚାଷୀମାନଙ୍କୁ ରିହାତି ମୂଲ୍ୟରେ ୨୫୨ଟି ପାୱାରଟିଲର, ୧୬ଟି ଟ୍ରାକ୍ଟର ଏବଂ ୧୬୬ଟି ସିଞ୍ଚନ ଯନ୍ତ୍ର ପ୍ରଦାନ କରାଯାଉଛି ।

୧୦ହଜାର ହେକ୍ଟର ଜମିରେ ସେଚ ସୁବିଧା ସୃଷ୍ଟି ପାଇଁ ୪୫୬୨ ଚାଷୀଙ୍କୁ ୫୦ ପ୍ରତିଶତ ରିହାତି ପ୍ରଦାନ କରାଯାଉଛି ।

ଭବାନୀପାଟଣାଠାରେ ଏକ ବିହନ ପ୍ରକ୍ରିୟାକରଣ କାରଖାନା ପ୍ରତିଷ୍ଠା ଓ କୁନାଗଡ଼ଠାରେ ଆଉ ଏକ କାରଖାନାର କାର୍ଯ୍ୟାରମ୍ଭ ହୋଇଛି ।

ବିଗତ ୧୦୦ ଦିନ ମଧ୍ୟରେ ଶସ୍ୟବୀମା କ୍ଷତିପୂରଣ ବାବଦରେ କୃଷକମାନଙ୍କୁ ୬କୋଟି ୯୧ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି । ଚଳିତ ରବି ଋତୁରେ ୨ଲକ୍ଷ ୬ହଜାର କୃଷକଙ୍କୁ ୨୫କୋଟି ଟଙ୍କା ଋଣ ବଣ୍ଟନ ଏବଂ ଆଗାମୀ ଖରିଫ ଋତୁରେ ୬ଲକ୍ଷ କୃଷକଙ୍କୁ ୩୧୦କୋଟି ଟଙ୍କାର ଶସ୍ୟ ଋଣ ପ୍ରଦାନର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି, ଯାହାକି ଗତ ଖରିଫଋତୁ ତୁଳନାରେ ୪୮ ପ୍ରତିଶତ ଅଧିକ । କେବଳ ଏପ୍ରିଲ ମାସରେ ହିଁ ୧୬ହଜାର କୃଷକଙ୍କୁ ୯କୋଟି ଟଙ୍କାର ଶସ୍ୟଋଣ ପ୍ରଦାନ କରାଯାଇଛି ।

କୃଷକମାନଙ୍କୁ ସହଜରେ ଋଣ ସୁବିଧା ଯୋଗାଇ ଦେବାଲାଗି ଚଳିତ ଜୁନ୍ ସୁଦ୍ଧା ୬ଲକ୍ଷ କିଷାନ କ୍ରେଡିଟ କାର୍ଡ ବଣ୍ଟନର ଲକ୍ଷ୍ୟଧାର୍ଯ୍ୟ ହୋଇଛି ଏବଂ ତନ୍ମଧ୍ୟରୁ କେବଳ ଏପ୍ରିଲ ମାସ ଶେଷ ସୁଦ୍ଧା ୧ଲକ୍ଷ ୫୫ ହଜାର କିଷାନ କ୍ରେଡିଟ୍ କାର୍ଡ ବଣ୍ଟନ କରାଯାଇଛି ।

ଚଳିତ ବର୍ଷ ଶେଷ ସୁଦ୍ଧା ରାଜ୍ୟରେ ୧୦୦୦ଟି ମିନି ବ୍ୟାଙ୍କ ସ୍ଥାପନର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏପ୍ରିଲ ଶେଷ ସୁଦ୍ଧା ୮୦୦ଟି ମିନି ବ୍ୟାଙ୍କ ସ୍ଥାପନ ଏବଂ ୧୯୦କୋଟି ଟଙ୍କାର ଜମା ସଂଗ୍ରହ କରାଯାଇଛି ।

## ମରୁଡ଼ି ନିରାକରଣ କାର୍ଯ୍ୟକ୍ରମ

୨୬ଟି ଜିଲ୍ଲାର ୧୧୦୮୪ଟି ଗ୍ରାମ ଓ ସହରାଞ୍ଚଳର ୩୮ଟି ୱାର୍ଡ 'ମରୁଡ଼ି ପ୍ରପୀଡ଼ିତ' ଘୋଷିତ ହୋଇଛି ।

ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳର କୃଷକମାନଙ୍କୁ ନିମ୍ନଲିଖିତ ସହାୟତା ପ୍ରଦାନ କରାଯାଉଛି ।

କ) ୫୦ ପ୍ରତିଶତରୁ ୭୪ ପ୍ରତିଶତ ଶସ୍ୟହାନି ଅଞ୍ଚଳରେ ଭୂରାଜସ୍ୱ ସେସ୍ ଆଦାୟ ସ୍ଥଗିତ ରଖାଯାଉଛି ।

ଖ) ୭୫ ପ୍ରତିଶତରୁ ଅଧିକ ଶସ୍ୟହାନି ଅଞ୍ଚଳରେ ଭୂରାଜସ୍ୱ ସେସ୍ ଛାଡ଼ କରାଯାଉଛି ।

ଗ) ସମବାୟ ବ୍ୟାଙ୍କ୍ ତଥା ବାଣିଜ୍ୟିକ ବ୍ୟାଙ୍କ୍ ପ୍ରଦତ୍ତ ସ୍ୱଳ୍ପ ମିଆଦି କୃଷିଋଣ ମଧ୍ୟମ ମିଆଦି ଋଣକୁ ପରିବର୍ତ୍ତିତ ହୋଇଛି ।

ଘ) ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳରେ ରବିଋତୁ ନିମନ୍ତେ ଜଳକରରେ ୫୦ ପ୍ରତିଶତ ରିହାତି ଦେବା ପାଇଁ ଓଡ଼ିଶା ଉଠାଜଳସେଚନ ନିଗମକୁ ୧କୋଟି ୧୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ।

**ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ**

କ) ପାନୀୟଜଳ ଯୋଗାଣ ନିମନ୍ତେ ୫କୋଟି ୭୨ଲକ୍ଷ ଟଙ୍କା ମଞ୍ଜୁର ହୋଇଛି ।

ଖ) ରିହାତି ଦରରେ ଚାଷୀଙ୍କୁ ବିହନ ଯୋଗାଣ ନିମନ୍ତେ ୪କୋଟି ଟଙ୍କା ମଞ୍ଜୁର ହୋଇଛି ।

ଗ) ଦୈନିକ ମଜୁରି ଦେଇ ଶ୍ରମଭିତ୍ତିକ କାର୍ଯ୍ୟ ଚଳାଇ ରଖିବା ନିମନ୍ତେ ଜିଲ୍ଲାପାଳମାନଙ୍କୁ ୧୩କୋଟି ୯୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ।

ଏହି ସହିତ ପାନୀୟଜଳ ଯୋଗାଣ, ନୂତନ ଉଠାଜଳସେଚନ ପଏଣ୍ଟ ପ୍ରତିଷ୍ଠା, ଅକାମି ହୋଇ ପଡ଼ିଥିବା କ୍ଷୁଦ୍ର ଜଳସେଚନ ଯୋଜନାର ପୁନରୁଦ୍ଧାର ଏବଂ ଶ୍ରମଭିତ୍ତିକ କାର୍ଯ୍ୟ ଯୋଗାଣ ନିମନ୍ତେ ରାଜ୍ୟ ଯୋଜନା ବ୍ୟୟ ଅଟକଳରୁ ୨୫କୋଟି ଟଙ୍କା ମଞ୍ଜୁର ହୋଇଛି ।

## ଶ୍ରମିକ କଲ୍ୟାଣ ଓ ନିଯୁକ୍ତି

୮୩ ପ୍ରକାରର ଶ୍ରମ/ବୃତ୍ତି ଓ ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ମଜୁରି ନିର୍ଦ୍ଧାରଣ କରାଯାଇଛି ।

୧.୫.୯୯ ତାରିଖଠାରୁ ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଓ ଅତିକୁଶଳୀ ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରି ଯଥାକ୍ରମେ ୩୦ଟଙ୍କା, ୩୬ଟଙ୍କା, ୪୨ଟଙ୍କା ଓ ୪୮ଟଙ୍କାରୁ ୪୦ଟଙ୍କା, ୪୮ଟଙ୍କା, ୫୬ଟଙ୍କା ଓ ୬୪ଟଙ୍କାକୁ ବୃଦ୍ଧି କରାଯାଇଛି ।

## ବେକାରୀ ଭତ୍ତା

ସରକାର ରାଜ୍ୟର ରେଜିଷ୍ଟ୍ରିଭୁକ୍ତ ଶିକ୍ଷିତ ବେକାରମାନଙ୍କୁ ବେକାରୀ ଭତ୍ତା ଦେବା ପାଇଁ ଏକ ଯୁଗାନ୍ତକାରୀ ନିଷ୍ପତ୍ତି ନେଇ ଏ ଦିଗରେ କାର୍ଯ୍ୟ ଆରମ୍ଭ କରିଛନ୍ତି, ଯାହାଦ୍ୱାରା କି ଆଗାମୀ ୫ବର୍ଷ ଭିତରେ ରାଜ୍ୟର ସମସ୍ତ ରେଜିଷ୍ଟ୍ରିଭୁକ୍ତ ଶିକ୍ଷିତ ବେକାରଙ୍କୁ ବେକାରୀ ଭତ୍ତା ଦିଆଯିବ । ଏହା ସହ ଭୂମିହୀନ କୃଷି.ଶ୍ରମିକ ଓ ଏକ ଷ୍ଟାଣ୍ଡାର୍ଡ଼ ଏକରରୁ କମ୍ ଜମି ଥିବା ଦରିଦ୍ର ଚାଷୀମାନଙ୍କୁ ମଧ ଭତ୍ତା ଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ।

## କଲ୍ୟାଣ କାର୍ଯ୍ୟକ୍ରମ

ଛାତ୍ରାବାସରେ ରହୁଥିବା ଅନୁସୂଚିତ ଜାତି ଓ ଜନଜାତି ସ୍କୁଲଛାତ୍ରଙ୍କର ମାସିକ ଭତ୍ତା ଟ.୨୦୦.୦୦ ରୁ ଟ.୩୦୦.୦୦ ଓ ଛାତ୍ରୀଙ୍କର ଟ.୨୨୫.୦୦ ରୁ ଟ.୩୨୫.୦୦କୁ ବୃଦ୍ଧି କରାଯାଇଛି ।

କେ.ବି.କେ. ଜିଲ୍ଲାଗୁଡ଼ିକରେ ପ୍ରାଥମିକ ଶ୍ରେଣୀରେ ପଢୁଥିବା ଅନୁସୂଚିତ ଜନଜାତି ଛାତ୍ରୀମାନଙ୍କ ନିମନ୍ତେ ୨୦୦ଟି ଛାତ୍ରୀନିବାସ ନିର୍ମାଣ ଲାଗି ୧୭କୋଟି ଟଙ୍କା ମଞ୍ଜୁର ହୋଇଛି । ଏହା ଫଳରେ ୮୦୦୦ ଛାତ୍ରୀ ଉପକୃତ ହେବେ ।

୮ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲା: ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା, କୋରାପୁଟ, କନ୍ଧମାଳ, ଗଜପତି ଏବଂ ନବରଙ୍ଗପୁର ଠାରେ ୮ଟି ଆଦର୍ଶ ଆବାସିକ ବିଦ୍ୟାଳୟ ସ୍ଥାପନ ନିମନ୍ତେ ନିଷ୍ପତ୍ତି ହୋଇଛି । ପ୍ରଥମ ପର୍ଯ୍ୟାୟରେ ୪କୋଟି ଟଙ୍କା ମଞ୍ଜୁର କରାଯାଇଛି ।

## ସଂଖ୍ୟାଲଘୁ ଓ ଅନ୍ୟାନ୍ୟ ପଛୁଆବର୍ଗଙ୍କ କଲ୍ୟାଣ

ନୂତନ ଭାବେ "ଅନ୍ୟାନ୍ୟ ପଛୁଆବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣ ବିଭାଗ" ସୃଷ୍ଟି ହୋଇଛି ।

ଏକ ସଂଖ୍ୟା ଲଘୁ କମିଶନ ଗଠନ ପାଇଁ ନିଷ୍ପତ୍ତି ହୋଇଛି ।

## ଜଙ୍ଗଲ ସମ୍ପଦର ସଦୁପଯୋଗ

ଦରିଦ୍ର ବନାଞ୍ଚଳ ଅଧିବାସୀ, ବିଶେଷକରି ଗରିବ ଆଦିବାସୀମାନଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ନିମନ୍ତେ ଶାଳମଞ୍ଜି ସଂଗ୍ରହ ଦର କିଲୋପିଛା ଟ.୧.୭୫ ପଇସାରୁ ଟ.୩.୦୦କୁ ବୃଦ୍ଧି କରାଯାଇଛି ।

କେନ୍ଦୁପତ୍ର ସଂଗ୍ରହ ଦର ପ୍ରତି ୨୦ଟି ପତ୍ର ପିଛା ୧୩ପଇସାରୁ ୧୫ ପଇସାକୁ ବୃଦ୍ଧି କରାଯାଇଛି ।

ଏପ୍ରିଲ ପହିଲାରୁ କେନ୍ଦୁପତ୍ର ସାମୟିକ କର୍ମଚାରୀଙ୍କ ମଜୁରିରେ ୬୦ ପ୍ରତିଶତ ବୃଦ୍ଧି ଫଳରେ ବିଭିନ୍ନ ଶ୍ରେଣୀର ସାମୟିକ କର୍ମଚାରୀଙ୍କ ମଜୁରି ସର୍ବନିମ୍ନ ୯୦୦ଟଙ୍କାରୁ ସର୍ବୋଚ୍ଚ ୨୮୬୪ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

୮୩ଟି ଲଘୁ ବନଜାତ ଦ୍ରବ୍ୟର କ୍ରୟମୂଲ୍ୟ ନିର୍ଦ୍ଧାରଣ କରାଯାଇଛି ।

କେନ୍ଦୁପତ୍ର ତୋଳାଳୀ ତଥା ଅନ୍ୟ ଅସ୍ଥାୟୀ କର୍ମଚାରୀଙ୍କ ନିମନ୍ତେ ଏକ ପ୍ରୋତ୍ସାହନ ଯୋଜନା ପ୍ରଚଳନ କରାଯାଇଛି ଓ କଲ୍ୟାଣ ପାଣ୍ଠି ଗଠିତ ହୋଇଛି ।

## ଗ୍ରାମ୍ୟ ଉନ୍ନୟନ

ଗ୍ରାମ୍ୟ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ପାଇଁ ୧୫୬ କି.ମି. ପିଚୁ ରାସ୍ତା, ୩୮୫ କି.ମି. ମୋରମ ରାସ୍ତା ଓ ୩୦ଟି ପୋଲର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ।

ଗ୍ରାମ୍ୟ ପରିମଳ ବ୍ୟବସ୍ଥାର ଉନ୍ନତି ନିମନ୍ତେ ୬୫ ଲକ୍ଷ ଟଙ୍କା ବ୍ୟୟରେ ୪୨୫୩ଟି ଶୌଚାଳୟ ନିର୍ମିତ ହୋଇଛି ଏବଂ ଚଳିତବର୍ଷ ଆଉ ୨ଲକ୍ଷଟି ଶୌଚାଳୟ ନିର୍ମାଣ ଲକ୍ଷ୍ୟଧାର୍ଯ୍ୟ ହୋଇଛି ।

ଗ୍ରାମାଞ୍ଚଳରେ ପାନୀୟଜଳ ଯୋଗାଣ ନିମନ୍ତେ ୬୨୨୫ଟି ନଳକୂପ ଏବଂ ପରିମଳ କୂପ ଖନନ କରାଯାଇଛି । ଏପ୍ରିଲରୁ ଜୁନ୍ ମାସ ମଧ୍ୟରେ

ଗ୍ରାମାଞ୍ଚଳରେ ପାନୀୟ ଜଳଯୋଗାଣ ସମସ୍ୟାର ସମାଧାନ ପାଇଁ ଆପତ୍କାଳୀନ ପାଣ୍ଠିରୁ ୨୯କୋଟି ଟଙ୍କା ଉପଯୋଗ କରାଯାଇଛି । ୭୦,୦୦୦ ଅଚଳ ନଳକୂପର ମରାମତି ସଂଗେ ସଂଗେ ୧୬ଗୋଟି ନୂତନ ପାଇପ୍ ଜଳ ଯୋଗାଣ ପରିକଳ୍ପନା ସମ୍ପୂର୍ଣ୍ଣ ହୋଇଛି ।

## ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ

ସହରାଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଅଧୀନରେ ୩୨୨୮ ଜଣଙ୍କୁ ଆତ୍ମନିଯୁକ୍ତି ଦିଆଯିବା ସହ ୧ଲକ୍ଷ ୭୨ ହଜାର ଶ୍ରମ ଦିବସ ସୃଷ୍ଟି ହୋଇଛି । ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମରେ ୧୯୬କୋଟି ୫୮ ଲକ୍ଷ ଟଙ୍କା ବିନିଯୋଗ ହୋଇଛି । ଜବାହର ରୋଜଗାର ଯୋଜନା ଓ ନିଶ୍ଚିତ କର୍ମଯୋଗାଣ ଯୋଜନାରେ ୧୯୩ଲକ୍ଷ ୪୬ ହଜାର ଶ୍ରମଦିବସ ସୃଷ୍ଟି ହୋଇଛି । ଇନ୍ଦିରା ଆବାସ ଯୋଜନାରେ ୨୪,୧୨୫ଟି ଗୃହ ନିର୍ମାଣ ଏବଂ ନିଯୁତ କୂପ ଯୋଜନାରେ ୩୮୨୩ଟି କୂପ ଖନନ କରାଯାଇଛି । DWCRA ମାଧ୍ୟମରେ ୬୫ଟି ମହିଳା ମଣ୍ଡଳ ଗଠନ, ୪୪୯୦ ଗ୍ରାମ୍ୟ ଯୁବକ ଯୁବତୀଙ୍କୁ TRYSEM ଜରିଆରେ ତାଲିମ ପ୍ରଦାନ, ୩୧୩୯ ଗ୍ରାମ୍ୟ କାରିଗରଙ୍କୁ ଉନ୍ନତ ଯନ୍ତ୍ରପାତି ପ୍ରଦାନ କରାଯାଇଛି ।

## ଗୃହନିର୍ମାଣ ଓ ନଗର ଉନ୍ନୟନ

ଗ୍ରାମ୍ୟ ଗୃହନିର୍ମାଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହ କଳିଙ୍ଗ କୁଟୀର ଯୋଜନାରେ ଥିବା ଅସମ୍ପୂର୍ଣ୍ଣ ଗୃହସବୁକୁ ସମ୍ପୂର୍ଣ୍ଣ କରିବା ପାଇଁ ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ଉନ୍ନୟନ ନିଗମକୁ ୧୦୦କୋଟି ଟଙ୍କାର ଋଣ ପାଇଁ ସରକାରଙ୍କ ପକ୍ଷରୁ ଗ୍ୟାରେଣ୍ଟି ପ୍ରଦାନ କରାଯାଇଛି ।

୫୦୦୦ଟଙ୍କାରୁ କମ୍ ବାର୍ଷିକ ଆୟ ଥିବା ପରିବାରମାନଙ୍କୁ ସ୍ୱଳ୍ପମୂଲ୍ୟରେ ଗୃହ ଯୋଗାଇ ଦେବା ପାଇଁ "ସହସ୍ରାବ୍ଦ ଆବାସ ଯୋଜନା" ପ୍ରବର୍ତ୍ତିତ ହୋଇଛି ।

କଟକ ଜିଲ୍ଲାର ଧାମନଗର, ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲ ଏବଂ ବାଲେଶ୍ୱର ଜିଲ୍ଲାର ରେମୁଣାଠାରେ ୩ଗୋଟି ନୂତନ ଏନ୍.ଏ.ସି. ଗଠନ କରାଯାଇଛି ।

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ

କେ.ବି.କେ. ଜିଲ୍ଲାମାନଙ୍କରେ ମାର୍ଚ୍ଚ ଓ ଏପ୍ରିଲ ମାସରେ ୧୬୨ ଜଣ ଡାକ୍ତର ନିଯୁକ୍ତ ହୋଇଛନ୍ତି ।

ସ୍ୱାସ୍ଥ୍ୟକର ପରିବେଶ ଓ ଉତ୍ତମ ପରିମଳ ବ୍ୟବସ୍ଥା ନିମନ୍ତେ ବାଲେଶ୍ୱର ଓ ଅନୁଗୋଳସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଫେଇ କାର୍ଯ୍ୟ ଘରୋଇ ପରିଚାଳନାକୁ ହସ୍ତାନ୍ତରିତ କରାଯାଇଛି ।

ପଲ୍ସ୍ ପୋଲିଓ କାର୍ଯ୍ୟକ୍ରମର ଅତିରିକ୍ତ ପର୍ଯ୍ୟାୟ ଓ ଭିଟାମିନ୍ 'ଏ' ଯୋଗାଣ ଅଭିଯାନ ସମାପ୍ତ ହୋଇଛି ।

## ମହିଳା ଓ ଶିଶୁ କଲ୍ୟାଣ

ବାର୍ଦ୍ଧକ୍ୟ ଭତ୍ତା : ମାସିକ ଭତ୍ତା ବଣ୍ଟନ ସରଳୀକୃତ ହୋଇଛି । ଏବେ ପରି ଜିଲ୍ଲାରେ ମାସିକ ଭତ୍ତା ଏକ ନିର୍ଦ୍ଦିଷ୍ଟ ପୂର୍ବ ନିର୍ଦ୍ଧାରିତ ଦିନରେ ପ୍ରଦାନ କରାଯାଉଛି ।

ସମସ୍ତ ବକେୟା ଭତ୍ତା ପ୍ରଦାନ ସମାପ୍ତ ହୋଇଛି ।

ଭତ୍ତାଭୋଗୀଙ୍କ ତାଲିକାର କମ୍ପ୍ୟୁଟରୀକରଣ ଓ ଫଟୋ ପରିଚୟ ପତ୍ର ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି ।

ଅକ୍ଷମ ଭତ୍ତା ପାଇଁ ୧୦ ହଜାର ନୂତନ ହିତାଧିକାରୀ ଚିହ୍ନଟ ହୋଇଛନ୍ତି । ପ୍ରଥମ ଥର ପାଇଁ ୫ ହଜାର ମାନସିକ ଅକ୍ଷମଙ୍କୁ ଭତ୍ତା ପ୍ରଦାନ କରାଯାଉଛି ।

### ସମନ୍ୱିତ ଶିଶୁ ବିକାଶ ଯୋଜନା

ପୁଷ୍ଟିହୀନତା ନିରାକରଣ ନିମନ୍ତେ ବ୍ୟାପକ ଅଭିଯାନ ଆରମ୍ଭ ହୋଇଛି ।

ଅଙ୍ଗନବାଡ଼ି କର୍ମୀ ନିଯୁକ୍ତି ନିମନ୍ତେ ନୂତନ ନିଯୁକ୍ତି ନୀତି ପ୍ରଣୟନ କରାଯାଇଛି ।

ଆଇ.ସି.ଡି.ଏସ୍. ସୁପରଭାଇଜର ପଦବୀର ୨୫ ପ୍ରତିଶତ ଧ୍ରୁବ ଅଙ୍ଗନବାଡ଼ି କର୍ମୀମାନଙ୍କ ଦ୍ୱାରା ପଦୋନ୍ନତି ଭିତ୍ତିରେ ପୂରଣ ପାଇଁ ବ୍ୟବସ୍ଥା ହୋଇଛି ।

'ଜାତୀୟ ମାତୃମଙ୍ଗଳ ଯୋଜନା' ଓ 'ବାଳିକା ସମୃଦ୍ଧି ଯୋଜନା'ର ସହାୟତା ପ୍ରଦାନ ପଦ୍ଧତି ସରଳୀକୃତ ହୋଇଛି । ସମସ୍ତ ଅବଶେଷ ସହାୟତା ତୁରନ୍ତ ପ୍ରଦାନ ପାଇଁ ଫେବୃୟାରୀଠାରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି ।

ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଅଧିକ ବିଦ୍ୟାଳୟକୁ ସମ୍ପ୍ରସାରିତ ହୋଇଛି ।

ଅକ୍ଷମଙ୍କ ନିମନ୍ତେ ୫୦ଟି ନୂତନ ବିଦ୍ୟାଳୟ ସ୍ଥାପିତ ହୋଇଛି ଏବଂ ଏଥିରେ ୨୯୫୪ ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି ।

ଛାତ୍ରଛାତ୍ରୀମାନଙ୍କର ମାସିକ ଭତ୍ତା ୨୨୯ ଟଙ୍କାରୁ ୩୩୦ଟଙ୍କାକୁ ବୃଦ୍ଧି କରାଯାଇଛି ।

## ଅର୍ଥନୈତିକ ସଂସ୍କାର

ସରକାରଙ୍କ କ୍ରମାଗତ ପ୍ରଚେଷ୍ଟା ଫଳରେ ବ୍ରିଟେନ୍‌ର ଆନ୍ତର୍ଜାତିକ ଉନ୍ନୟନ ବିଭାଗ (DFID) ପକ୍ଷରୁ ନିମ୍ନଲିଖିତ କାର୍ଯ୍ୟକ୍ରମ ନିମନ୍ତେ ୧୯ ନିଯୁତ ପାଉଣ୍ଡ (ପ୍ରାୟ ୧୩୪ କୋଟି ଟଙ୍କା)ର ସହାୟତା ମଞ୍ଜୁର କରାଯାଇଛି ।

କ) ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣର ପଦ୍ଧତି ଓ କୌଶଳ ନିର୍ଦ୍ଧାରଣ କରାଯାଇଛି ।

ଖ) ରାଜ୍ୟର ସରକାରୀ ଉଦ୍ୟୋଗ ସମୂହର ପୁନର୍ଗଠନ, ସଂସ୍କାର ଓ ସ୍ୱେଚ୍ଛାକୃତ ଅବସର ଗ୍ରହଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି ।

ଗ) ରାଜସ୍ୱ ବୃଦ୍ଧି ଓ ଟିକସ ସଂସ୍କାର କରାଯାଉଛି ।

ଘ) ବ୍ୟୟ ପରିଚାଳନା ଓ ଯୋଜନା ପ୍ରଣୟନ କରାଯାଉଛି ।

ଙ) ପ୍ରଶାସନିକ ସଂସ୍କାର ଓ ମାନବ ସମ୍ବଳ ଯୋଜନାୟନ ହେଉଛି ।

ଚ) ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ସମୂହର ସଂସ୍କାର କରାଯାଉଛି ।

ଛ) ମହିଳା ଓ ଶିଶୁବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି ।

ମାର୍ଚ୍ଚ ୯୯ରେ ଏହି ପ୍ରକଳ୍ପ ଅନୁମୋଦିତ ହେବା ପରେ ସେହିଦିନଠାରୁ ଏହା କାର୍ଯ୍ୟକାରୀ ହୋଇଛି ।

**ବିଶ୍ୱବ୍ୟାଙ୍କ ସହାୟତା**

ରାଜ୍ୟରେ ଦ୍ରୁତ ଆର୍ଥିକ ସଂସ୍କାର ନିମନ୍ତେ ସହାୟତା ପ୍ରଦାନ ପାଇଁ ବିଶ୍ୱବ୍ୟାଙ୍କର ପ୍ରତିଶ୍ରୁତି ଓ ଏଥିନିମନ୍ତେ ବିଶ୍ୱବ୍ୟାଙ୍କ ଦ୍ୱାରା ୩୦୦୦କୋଟି ଟଙ୍କାର ସହାୟତା ପ୍ରଦାନର ଚୂଡ଼ାନ୍ତ ପ୍ରସ୍ତୁତିର ପଦ୍ଧତି ଚାଲିଛି ।

ବିଶ୍ୱବିଦ୍ୟାଳୟ ସମୂହର ଅଣଶିକ୍ଷକ କର୍ମଚାରୀ ତଥା ଠିକା କର୍ମଚାରୀଙ୍କ ପାଇଁ ସଂଶୋଧିତ ଦରମାହାର ଲାଗୁ ହୋଇଛି ।

ରାଜ୍ୟରେ ସମସ୍ତ ଟ୍ରେଜେରୀର କମ୍ପ୍ୟୁଟରୀକରଣ ନିମନ୍ତେ ନିଷ୍ପତ୍ତି ହୋଇଛି । ଚଳିତ ବର୍ଷ ୧୦ଟି ଜିଲ୍ଲା ଟ୍ରେଜେରୀର କମ୍ପ୍ୟୁଟରୀକରଣ ହୋଇଛି ।

କୋରାପୁଟର ସେମିଳିଗୁଡ଼ା ଓ ପୁରୀ ଜିଲ୍ଲାର ଡେଲାଙ୍ଗଠାରେ ୨ଟି ପାର୍ଟ ଟାଇମ ଉପଟ୍ରେଜେରୀ ଖୋଲାଯିବାର ନିଷ୍ପତ୍ତି ହୋଇଛି । ଗଞ୍ଜାମର ଦିଗପହଣ୍ଡିରେ ଥିବା ପାର୍ଟ ଟାଇମ୍ ଉପଟ୍ରେଜେରୀ ଏକ ପୂର୍ଣ୍ଣ ସମୟ ଉପଟ୍ରେଜେରୀ ଭାବେ ଉନ୍ନୀତ ହୋଇଛି ।

୧୯୯୯-୨୦୦୦ ମସିହା ପାଇଁ ବ୍ୟୟଅଟକଳ ୩୨୨୫ କୋଟି ଟଙ୍କାକୁ ବର୍ଦ୍ଧିତ ହୋଇଛି, ଯାହାକି ପୂର୍ବ ସମସ୍ତ ବର୍ଷ ତୁଳନାରେ ଏକ ରେକର୍ଡ଼ । ସୂଚନାଯୋଗ୍ୟ ଯେ, ୧୯୯୭-୯୮ ବର୍ଷରେ ଯୋଜନା ବ୍ୟୟ ୨୦୧୯.୯୭ କୋଟି ଟଙ୍କା ଥିବାବେଳେ ୧୯୯୮-୯୯ ବର୍ଷରେ ସଂଶୋଧିତ ବ୍ୟୟ ଅଟକଳ ଥିଲା ୨୪୨୬.୭୬ କୋଟି ଟଙ୍କା ।

## ଶିକ୍ଷା

### ୟୁ.ଜି.ସି. ଦରମା ହାର ପ୍ରଚଳନ

ଉଚ୍ଚବୈଷୟିକ ଶିକ୍ଷା ଓ ବିଶ୍ୱବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ବିକାଶ ନିମନ୍ତେ ମହାବିଦ୍ୟାଳୟ (ମେଡିକାଲ ଓ ଇଞ୍ଜିନିୟରିଂ ସମେତ) ଓ ବିଶ୍ୱବିଦ୍ୟାଳୟର ଶିକ୍ଷକଙ୍କ ନିମନ୍ତେ ୧.୧.୧୯୯୬ ତାରିଖରୁ ପିଛିଲା ଭାବେ ୟୁ.ଜି.ସି. ବେତନ ହାର ଲାଗୁ ହୋଇଛି ।

### ନୂତନ ବିଶ୍ୱବିଦ୍ୟାଳୟ

ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାବାସୀଙ୍କ ଦୀର୍ଘଦିନର ଦାବି ଓ ଆବଶ୍ୟକତାର ସୁବିଚାର କରି ବାଲେଶ୍ୱର ଓ ବାରିପଦାଠାରେ ୨ଟି ନୂତନ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଛି ।

ପ୍ରଥମରେ ୫୦କୋଟି ଟଙ୍କା ବ୍ୟୟରେ କୋରାପୁଟର କୋରାପୁଟ ସହରଠାରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନର ନିଷ୍ପତ୍ତି ହୋଇଛି । ଏକ ସମନ୍ୱିତ ବିଦ୍ୟାଳୟ, ଏକ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ଏବଂ ପ୍ରାକୃତିକ ଓ ମାନବ ସମ୍ବଳ ଅଧ୍ୟୟନ କେନ୍ଦ୍ରକୁ ନେଇ ଏହି ବିଶ୍ୱବିଦ୍ୟାଳୟ ଗଠନ କରାଯିବ ।

### ବିଦ୍ୟାଳୟ ଓ ଗଣଶିକ୍ଷା

ବ୍ରିଟେନର ଡି.ଏଫ୍.ଆଇ.ଡି.ର ଆର୍ଥିକ ସହାୟତାରେ ୫୦୦ କୋଟି ଟଙ୍କା ବ୍ୟୟରେ ଡି.ପି.ଇ.ପି. କାର୍ଯ୍ୟକ୍ରମ ଅଧିକ ୧୪ଟି ଜିଲ୍ଲାକୁ ସମ୍ପ୍ରସାରଣ କରାଯାଇଛି ।

ୟୁନିସେଫ ସହାୟତାରେ ୨୦ଟି ବ୍ଲକ୍‌ରେ ଗୋଷ୍ଠୀ ଭିତ୍ତିକ ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଯାଇଛି ।

## ଶିଳ୍ପ

ଦ୍ରୁତ ଶିଳ୍ପାୟନ, ନିଯୁକ୍ତି ସୁଯୋଗ ସୃଷ୍ଟି ତଥା ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ୬୯୩୮.୧୪ ଲକ୍ଷ ଟଙ୍କା ଉପଯୋଗରେ ୯୬୫ଟି କ୍ଷୁଦ୍ରଶିଳ୍ପ ସଂସ୍ଥା ସ୍ଥାପନ କରାଯାଇଛି ଏବଂ ୫୯୬୮ ଜଣଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଇଛି ।

ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନାରେ ୫୫୯୬ ଜଣ ହିତାଧିକାରୀଙ୍କୁ ୪୦୭୭.୬୧ ଲକ୍ଷ ଟଙ୍କାର ଋଣ ମଞ୍ଜୁର ହୋଇଛି । ଏଥିରୁ ୪୭୫ ଜଣଙ୍କୁ ୨୭୪.୪୯ ଲକ୍ଷ ଟଙ୍କାର ଋଣ ବଣ୍ଟନ କରାଯାଇଛି ।

ଭୁବନେଶ୍ୱରଠାରେ ଏକ ମହିଳା ପଲିଟେକ୍‌ନିକ୍ ଉଦ୍‌ଘାଟିତ ହୋଇଛି ।

ଓଡ଼ିଶା ରାଜ୍ୟ ଅର୍ଥନିଗମ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ନିମନ୍ତେ ୨୨କୋଟି ଟଙ୍କାର ନୂତନ ଋଣ ମଞ୍ଜୁର ହୋଇଛି । ଶିଳ୍ପୋଦ୍ୟୋଗୀମାନଙ୍କୁ ୨୬ କୋଟି ୫୦ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଛି ।

ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ପକ୍ଷରୁ ରାଜ୍ୟର ବିଭିନ୍ନ ଶିଳ୍ପ ସଂସ୍ଥାକୁ ୧୦୧ କୋଟି ୯୩ ଲକ୍ଷ ଟଙ୍କାର ୭୪୯.୨୫୭ ମେଟ୍ରିକ୍ ଟନ୍ କଞ୍ଚାମାଲ ଯୋଗାଇ ଦିଆଯାଇଛି ।

ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର (OCAC) ପକ୍ଷରୁ ଏକ ବହୁଭାଷୀ ଓଡ଼ିଆ ସଫ୍ଟୱେୟାର C.D.-ROM ଉଦ୍ଭାବିତ ଓ ଉନ୍ମୋଚିତ ହୋଇଛି ।

## ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସଂସ୍କାର

ରାଜ୍ୟରେ ଥିବା ସରକାରୀ ଉଦ୍ୟୋଗଗୁଡ଼ିକର ବ୍ୟାପକ ସଂସ୍କାର ଓ ପୁନର୍ଗଠନ ନିମନ୍ତେ ୬୫୦କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ବିଶ୍ୱବ୍ୟାଙ୍କକୁ ପ୍ରସ୍ତାବ ଦିଆଯାଇଛି ଓ ଏଥିପ୍ରତି ବିଶ୍ୱ ବ୍ୟାଙ୍କ ଅନୁକୂଳ ଆଭିମୁଖ୍ୟ ପୋଷଣ କରିଛି ।

ବୃତ୍ତିଗତ ଦକ୍ଷତା ଓ ଉତ୍କର୍ଷ ତଥା ପାରଙ୍ଗମତାକୁ ଦୃଷ୍ଟିରେ ରଖି ଏଣିକି ସମସ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ମୁଖ୍ୟ ପ୍ରଶାସକ ଓ ବରିଷ୍ଠ ପଦାଧିକାରୀମାନଙ୍କର ନିଯୁକ୍ତି ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନିଯୁକ୍ତି ପରିଷଦର ସୁପାରିଶ୍ ଓ ଅନୁମୋଦନ ଭିତ୍ତିରେ କରିବା ପାଇଁ ନିଷ୍ପତ୍ତି ହୋଇଛି ।

## ବାଣିଜ୍ୟ ବିକାଶ କାର୍ଯ୍ୟକ୍ରମ

ଗଞ୍ଜାମ ଜିଲ୍ଲାର ହୁମା ନିକଟବର୍ତ୍ତୀ ପାଲୁରଠାରେ ୨୫୦୦ କୋଟି ଟଙ୍କା ବ୍ୟୟରେ ଏକ ଅଶୋଧିତ ତୈଳ ଟର୍ମିନାଲ ସ୍ଥାପନ ନିମନ୍ତେ ଭାରତ ପେଟ୍ରୋଲିୟମ କର୍ପୋରେସନକୁ ଅନୁମତି ପ୍ରଦାନ କରାଯାଇଛି ଏବଂ ଏଥି ନିମନ୍ତେ ୩୦୦ ଏକର ଜମି ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି ।

ଓଡ଼ିଶା ସରକାରଙ୍କ କ୍ରମାଗତ ଉଦ୍ୟମ ଫଳରେ ଏକ ବହୁମୁଖୀ ଗଭୀର ବନ୍ଦର ଭାବେ ଧାମରା ବନ୍ଦରର ସଂପ୍ରସାରଣ ନିମନ୍ତେ ଭାରତ ସରକାରଙ୍କ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ପାରିବେଶିକ ଅନୁମୋଦନ ପ୍ରଦାନ କରାଯାଇଛି । ଆସନ୍ତା ଜୁଲାଇ ଓ ଅଗଷ୍ଟ ମାସରୁ ଏହାର ସଂପ୍ରସାରଣ କାର୍ଯ୍ୟାରମ୍ଭ ହେବ ।

## ପରିବହନର ପ୍ରଗତି

ମେ' ପହିଲାଠାରୁ ଭୁବନେଶ୍ୱର ଓ କୋରାପୁଟ ମଧ୍ୟରେ 'ଶବରୀ ଏକ୍ସପ୍ରେସ' ଯାତ୍ରୀବାହୀ ଟ୍ରେନ୍ ଚଳାଚଳର ଶୁଭାରମ୍ଭ ହୋଇଛି ।

ରାଜ୍ୟର ନିର୍ଦ୍ଦିଷ୍ଟ କେତେକ ପଥରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ ବସ୍ ଚଳାଚଳ ଆରମ୍ଭ ହୋଇଛି ।

ବସ୍ ଚଳାଚଳରେ ନିୟମିତତା ତଥା ଯାତ୍ରୀ ସେବାର ମାନବୃଦ୍ଧି ଯୋଗୁଁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ବସ୍‌ଗୁଡ଼ିକରେ ଯାତ୍ରୀ ପରିବହନ ବୃଦ୍ଧିର ହାର ୨୦ ପ୍ରତିଶତରୁ ୧୨୦ ପ୍ରତିଶତ ହୋଇଛି ।

## ଶକ୍ତି କ୍ଷେତ୍ରରେ ସଫଳତା

ରାଜ୍ୟର ସମସ୍ତ ବିଦ୍ୟୁତବିହୀନ ଗ୍ରାମକୁ ମାର୍ଚ୍ଚ ୨୦୦୦ ମସିହା ସୁଦ୍ଧା ବିଦ୍ୟୁତ୍‌ଶକ୍ତି ସଂଯୋଗ ନିମନ୍ତେ ନିଷ୍ପତ୍ତି ହୋଇଛି ।

ଜୁନ୍ ମାସ ସୁଦ୍ଧା ୬୦୦୦ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯିବ ।

ଏପ୍ରିଲ ୧୯୯୯ ସୁଦ୍ଧା ୫୮୪ଟି ଗ୍ରାମ ଓ ୨୭ଟି ହରିଜନ ବସ୍ତି ତଥା ୬୫୬ଟି ପମ୍ପ ସେଟ୍‌କୁ ବିଦ୍ୟୁତ୍ ସଂଯୋଗ ହୋଇଛି ।

କୁଟୀରଜ୍ୟୋତି ଯୋଜନାରେ ୩୨୧୧ ପରିବାର ଉପକୃତ ହୋଇଛନ୍ତି ।

ସୁଷମ ବିଦ୍ୟୁତବଣ୍ଟନ, ବିଦ୍ୟୁତ ଶୁଳ୍କ ସଂଗ୍ରହର ପରିମାଣ ବୃଦ୍ଧି ତଥା ସୁଚାରୁ ଓ ଅବାଧିତ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରିବା ପାଇଁ ବିଦ୍ୟୁତ୍ ପରିବହନ ବ୍ୟବସ୍ଥାର ଘରୋଇକରଣ କରାଯାଇଛି ଏବଂ ଏ ଦିଗରେ ଓଡ଼ିଶା ଭାରତର ପ୍ରଥମ ରାଜ୍ୟ ।

## ଜଳ ସମ୍ପଦ ବିକାଶ

କ୍ଷୁଦ୍ର ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଜରିଆରେ ୩୭୮୦ ହେକ୍ଟର ଅଧିକ ଜମିରେ ସେଚ ସୁବିଧା ସୃଷ୍ଟି କରାଯାଇଛି ।

ଜୁଲାଇ ୧୯୯୯ ସୁଦ୍ଧା ୩୮,୯୩୦ ହେକ୍ଟର ଜମିରେ ସେଚ ସୁବିଧା ସୃଷ୍ଟି ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି ।

କେନ୍ଦ୍ର ସହ ବ୍ୟାପକ ଆଲୋଚନା ପରେ AIBP ଅଧୀନରେ କେନ୍ଦ୍ରୀୟ ଋଣ ସହାୟତାର ପୂର୍ବରୁ ଥିବା ଋଣ ଓ ରାଜ୍ୟ ସରକାରଙ୍କ ଅଂଶ ୫୦:୫୦ ଅନୁପାତ ସଂଶୋଧିତ ହୋଇଛି । ସଂଶୋଧିତ ପଦ୍ଧତିରେ କେନ୍ଦ୍ରୀୟ ଋଣ ସହାୟତା ୨/୩ ଭାଗ ଏବଂ ରାଜ୍ୟର ଅଂଶ ୧/୩ ଭାଗ କରାଯାଇଥିବା ବେଳେ କେ.ବି.କେ. ଜିଲ୍ଲାଗୁଡ଼ିକ ପାଇଁ ଏହାକୁ ୭୫-୨୫ କରାଯାଇଅଛି ।

କେ.ବି.କେ. ଜିଲ୍ଲାର ଲେଟ ଓ ତେଲେଙ୍ଗିରୀ ମଧ୍ୟମ ସେଚ ପ୍ରକଳ୍ପକୁ କେନ୍ଦ୍ରୀୟ ଜଳ ଆୟୋଗଙ୍କ ନିକଟରେ ଦାଖଲ କରାଯାଇଛି ଏବଂ ଶୀଘ୍ର ଏହା ଅନୁମୋଦିତ ହେବାର ଆଶା ।

ନିମ୍ନ-ସୁକତେଲ ପ୍ରକଳ୍ପ ପାଇଁ ପାରିବେଶିକ ଅନୁମୋଦନ ଲାଭ କରିଛି ।

କ୍ଷୁଦ୍ର ଜଳସେଚନ ଯୋଜନାରେ ଅଧିକ ୫୦୦ ହେକ୍ଟର ଜମିରେ ସେଚ ସୁବିଧା ସୃଷ୍ଟି ହୋଇଛି । କେ.ବି.କେ ଜିଲ୍ଲାମାନଙ୍କରେ ୩୯ଟି କ୍ଷୁଦ୍ର ସେଚ ପ୍ରକଳ୍ପ ମଧ୍ୟରୁ ୮ଟି ପ୍ରକଳ୍ପ ନିମନ୍ତେ ନାବାର୍ଡ଼ ପକ୍ଷରୁ ୨ କୋଟି ୧୭ଲକ୍ଷ ଟଙ୍କା ମଞ୍ଜୁର ହୋଇଛି ।

୩ କୋଟି ଟଙ୍କା ବ୍ୟୟରେ କେ.ବି.କେ ଜିଲ୍ଲାମାନଙ୍କରେ ୮୬ଟି କ୍ଷୁଦ୍ର ସେଚ ପ୍ରକଳ୍ପର ପୁନରୁଦ୍ଧାର, ୨୩୪୨୫ ହେକ୍ଟର ଜମିରେ ସେଚ ସୁବିଧା ସୃଷ୍ଟି ହୋଇଛି ।

ଉଠା ଜଳସେଚନ ଜରିଆରେ ଅଧିକ ୨୪୫୩ ହେକ୍ଟର ଜମିରେ ସେଚ ସୁବିଧା ସୃଷ୍ଟି ହୋଇଛି ।

K.B.K. ଜିଲ୍ଲା ସମୂହରେ ଅଧିକ ୧୧୩୯୫ ହେକ୍ଟର ଜମିରେ ସେଚ ସୁବିଧା ସୃଷ୍ଟି ଲକ୍ଷ୍ୟରେ ୧୦୮ କୋଟି ୩୫ ଲକ୍ଷ ଟଙ୍କା ବ୍ୟୟସମ୍ବଳିତ ୨୬ଟି ମଧ୍ୟମ ଜଳସେଚନ ପ୍ରକଳ୍ପ, A.I.B.P. ଯୋଜନା ନିମନ୍ତେ କେନ୍ଦ୍ର ନିକଟରେ ଉପସ୍ଥାପିତ କରାଯାଇଛି ।

## ବିଜ୍ଞାନ ଓ କାରିଗରୀ

ଓଡ଼ିଶା ଦୂରସଂବେଦୀ ପ୍ରୟୋଗ କେନ୍ଦ୍ର (ORSAC) ଦ୍ୱାରା ୮ଟି ଯାକ କେ.ବି.କେ. ଜିଲ୍ଲାର ସମସ୍ତ ପ୍ରମୁଖ ଜଳଛାୟାର ଭୂମି ଓ ଜଳର ବିନିଯୋଗ ସଂକ୍ରାନ୍ତରେ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି ।

୨୭୭୯ଟି ଗୋବର ଗ୍ୟାସ ପ୍ଲାଣ୍ଟ, ୨୩୬୮୩ଟି ଉନ୍ନତ ଚୁଲି ଓ ୩୦୦ଟି ସୌର ଚାଳିତ ପ୍ରକଳ୍ପ ସ୍ଥାପନ କରାଯାଇଛି ।

## ସଂସ୍କୃତି ବିକାଶ କାର୍ଯ୍ୟକ୍ରମ

**ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ :** ଓଡ଼ିଶାର ବର୍ଣ୍ଣାଢ୍ୟ ଓ ବୈଚିତ୍ର୍ୟମୟ ସଂସ୍କୃତିର ବିଭିନ୍ନ ବିଭାବ, ଭାଷା ଓ ସାହିତ୍ୟ, ନୃତ୍ୟ, ସଙ୍ଗୀତ, ପୁରାତତ୍ତ୍ୱ ଓ ଚାରୁକଳାର ସଂରକ୍ଷଣ, ଉପଯୋଗିକରଣ ଓ ପ୍ରଚାର ଉଦ୍ଦେଶ୍ୟରେ ଉଚ୍ଚତର ଶିକ୍ଷା ତଥା ତାଲିମ ପ୍ରଦାନ, ଗବେଷଣା ଓ ସଂଯୋଗୀକରଣ (Networking) ନିମନ୍ତେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସ୍ଥାପନ ଲାଗି ନୀତିଗତ ନିଷ୍ପତ୍ତି ଗ୍ରହଣ ସହ ଆନୁଷଙ୍ଗିକ ପ୍ରସ୍ତୁତି କାର୍ଯ୍ୟ ସମାପ୍ତ ହୋଇଛି ।

**ସାମଗ୍ରିକ ସଂସ୍କୃତି ନୀତି :** ଓଡ଼ିଶାର ମହାନ ଗୌରବୋଜ୍ଜ୍ୱଳ ଐତିହ୍ୟ ସାଂସ୍କୃତିକ ଐତିହ୍ୟ, ପରମ୍ପରା ଓ ପ୍ରବାହର ସ୍ୱଚ୍ଛ ଓ ସୁସଂହତ ବିକାଶ ସହ ଏକ ଗ୍ରହଣୀୟ ଆଚାର ସଂହିତା ପ୍ରସ୍ତୁତି ତଥା ପ୍ରାଦେଶିକ ସଂସ୍କୃତିର ଧାରା ସହ ସ୍ପୃହଣୀୟ ସମନ୍ୱୟ ଏବଂ ସରକାରୀ ବ୍ୟବସ୍ଥାକୁ ଯଥାର୍ଥରେ ଜାତୀୟ ସଂସ୍କୃତି ଦ୍ୱାରା ପ୍ରଭାବିତ କରିବା ନିମନ୍ତେ ଏକ ସାମଗ୍ରିକ ସଂସ୍କୃତି ନୀତିର ପ୍ରଣୟନ ଓ ପ୍ରବର୍ତ୍ତନ କରାଯାଇଛି ।

## ସୂଚନା ଓ ଜନସମ୍ପର୍କ

**ନୂତନ ସୂଚନା ନୀତି :** ସୂଚନାର ସୁଚାରୁ ଓ ଅବାଧିତ ପ୍ରବାହ ଓ ଏହାର ସୁଷମ ପ୍ରସାରଣ ନିମନ୍ତେ ଗଣମାଧ୍ୟମଗୁଡ଼ିକ ପାଇଁ ନୂତନ ସୂଚନା ନୀତିର ଚିଠା ପ୍ରସ୍ତୁତି କାର୍ଯ୍ୟ ଚାଲିଛି ।

**ସମନ୍ୱିତ ବିଜ୍ଞାପନ ନୀତି :** ସମ୍ବାଦପତ୍ର ଓ ପତ୍ରପତ୍ରିକାକୁ ବିଜ୍ଞାପନ ପ୍ରଦାନ ସଂକ୍ରାନ୍ତ ନୀତି ନିର୍ଦ୍ଧାରଣ ପାଇଁ ଏକ ସମନ୍ୱିତ ବିଜ୍ଞାପନ ନୀତି ପ୍ରଣୟନ କରାଯାଇଛି ।

## ନୂତନ ଅବକାରୀ ନୀତି

ଚୋରା ମଦ କାରବାର ରୋକିବା, ରାଜ୍ୟର ଅବକାରୀ ରାଜସ୍ୱ ବୃଦ୍ଧି ତଥା ଅବକାରୀ ପ୍ରଶାସନର ଉନ୍ନତି ନିମନ୍ତେ ଏକ ନୂତନ ଅବକାରୀ ନୀତି ପ୍ରସ୍ତୁତି କାର୍ଯ୍ୟ ଚାଲିଛି ।

# ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାର ପୁନଃବିନ୍ୟାସ

• ଶ୍ରୀ କାହ୍ନୁଚରଣ ଲେଙ୍କା

ଓଡ଼ିଶାରେ ୧୯୪୮ ମସିହାରେ ୫୩୦ଟି ଗ୍ରାମପଞ୍ଚାୟତ ଗଠନ ସହିତ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳନ କରାଯାଇଥିଲା । ୧୯୬୧ ମସିହାରେ ଏଥିସହିତ ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ଗଠନ ହୋଇ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ରୂପ ଦିଆଗଲା; କିନ୍ତୁ ୧୯୬୮ ମସିହାରେ ଜିଲ୍ଲା ପରିଷଦଗୁଡ଼ିକୁ ଏଥିରୁ ବାଦ୍ ଦିଆଯାଇ ଦ୍ୱିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ରଖାଗଲା । ଭାରତର ଅନ୍ୟ କେତେକ ରାଜ୍ୟରେ ଏହାର ମଧ୍ୟ ନିର୍ବାଚନ ଜରିଆରେ କରାଯାଇ ପାରୁନଥିବା ଓ ଗ୍ରାମର ଲୋକଙ୍କୁ ଉନ୍ନୟନ କାର୍ଯ୍ୟକ୍ରମ ସ୍ଥିର କରିବା ଏବଂ ସେଗୁଡ଼ିକୁ କାର୍ଯ୍ୟକାରୀ କରାଇବା କ୍ଷମତାରୁ ଦୂରେଇ ରଖାଯାଇଥିବା ଲକ୍ଷ୍ୟ କରି ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ ଭାରତୀୟ ସମ୍ବିଧାନରେ ସଂଶୋଧନ ଆଣିବା ପାଇଁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳନର ବାଟ ଖୋଲିଲେ । ଗାଁ ଗହଳର ପ୍ରତ୍ୟେକ ସାବାଳକ ଲୋକଙ୍କୁ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ଯୋଜନା ପ୍ରସ୍ତୁତ ଓ କାର୍ଯ୍ୟକାରୀ କରିବାରେ ଅଂଶ ଗ୍ରହଣ କ୍ଷମତା ଦେବା ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କର ଥିଲା ପରିକଳ୍ପନା । ଏହି ସମ୍ବିଧାନ ସଂଶୋଧନ ତାରି ରୂପରେଖ ନେଲା ।

ଗ୍ରାମ ସ୍ୱରାଜ ମାଧ୍ୟମରେ ଗ୍ରାମ ପୁନର୍ଗଠନ ଉଦ୍ଦେଶ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଦୁଇଟି ଲୋକାଭିମୁଖୀ ଯୋଜନା ପ୍ରସ୍ତୁତ କରାଯାଇଛି ।

ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ଲୋକମାନଙ୍କୁ ସେମାନଙ୍କର ଅର୍ଥନୈତିକ ବିକାଶ ପାଇଁ ସିଧାସଳଖ ସାହାଯ୍ୟ ଦେବା ଏବଂ ଗାଁରେ କାମ ପାଉନଥିବା ଲୋକଙ୍କୁ ଶାରୀରିକ ଶ୍ରମ ମାଧ୍ୟମରେ ନିଯୁକ୍ତି ଦେଇ ଗ୍ରାମରେ ସ୍ଥାୟୀ ସମ୍ପତ୍ତି ସୃଷ୍ଟି କରିବା ଏହି ସମ୍ବିଧାନ ସଂଶୋଧନ ଉପରେ ନିର୍ଭର କରି ୧୯୯୧ରେ ପୁନଶ୍ଚ ଜିଲା ପରିଷଦ ଅଧିନିୟମ ରାଜ୍ୟରେ ପ୍ରଣୟନ କରାଯାଇଥିଲା । ୧୯୯୭ ଜାନୁୟାରୀ, ଫେବୃୟାରୀରେ ନିର୍ବାଚନ କରାଯାଇ ଜିଲା ପରିଷଦଗୁଡ଼ିକୁ ପୁନଃ ପ୍ରତିଷ୍ଠା କରାଯାଇଥିଲା । କ୍ଷମତାର ବିକେନ୍ଦ୍ରୀକରଣ କରି ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲା ପରିଷଦଗୁଡ଼ିକୁ ସ୍ୱାୟତ୍ତ ଶାସନ କ୍ଷମତା ଅର୍ପଣ କରାଯାଇଛି । ତେବେ ଗ୍ରାମପଞ୍ଚାୟତ ଓ ଜିଲା ପରିଷଦ ତୁଳନାରେ ପଞ୍ଚାୟତ ସମିତିଗୁଡ଼ିକ ଆର୍ଥିକ ଓ ପ୍ରଶାସନିକ ଦୃଷ୍ଟିରୁ ଅଧିକ ସୁଦୃଢ଼ ଥିଲେ । ସେଗୁଡ଼ିକୁ ଆବଶ୍ୟକ କର୍ମଚାରୀ ଯୋଗାଇ ଦେଇ ଅଧିକ ସକ୍ରିୟ ଓ ଦକ୍ଷ କରିବା ବର୍ତ୍ତମାନ ସରକାରଙ୍କ କାର୍ଯ୍ୟ ହୋଇପଡ଼ିଥିଲା । ସେହିପରି ଗ୍ରାମପଞ୍ଚାୟତଗୁଡ଼ିକୁ ଅଧିକ ଅର୍ଥ ସଂଗ୍ରହ ପାଇଁ ସୁବିଧା ଦେବା ଓ ସେମାନଙ୍କ ସମ୍ପାଦକଙ୍କ ଦରମା ଏବଂ ଚାକିରି ସର୍ତ୍ତାବଳୀର ଉନ୍ନତି କରିବା ସହିତ ଜିଲା ପରିଷଦଗୁଡ଼ିକୁ ସୁଦୃଢ଼ କରିବା ଆବଶ୍ୟକ ହୋଇପଡ଼ିଥିଲା ।

ସମ୍ବିଧାନର ୨୪୩ (ଜି) ଧାରା ଅନୁଯାୟୀ ରାଜ୍ୟ ସରକାରମାନେ ପଞ୍ଚାୟତଗୁଡ଼ିକୁ ସ୍ୱାୟତ୍ତ ଶାସନ ଅଧିକାର ସହିତ ଅର୍ଥନୈତିକ, ଉନ୍ନୟନ ଓ ଲୋକଙ୍କ ପାଇଁ ସାମାଜିକ ନ୍ୟାୟ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଯୋଜନା ପ୍ରସ୍ତୁତି ତଥା କାର୍ଯ୍ୟକାରୀ କରିବା ଲାଗି ଏକାଦଶ ଅନୁସୂଚୀର ୨୯ଟି ବିଷୟ ହସ୍ତାନ୍ତର ନିମନ୍ତେ ଆଇନ ପ୍ରଣୟନ କ୍ଷମତା ପାଇଛନ୍ତି । ଏହି କ୍ଷମତାର ଉଚିତ ପ୍ରୟୋଗ କରି ଓଡ଼ିଶା ସରକାର ଗୋଷ୍ଠୀ ସମ୍ପଦର ରକ୍ଷଣାବେକ୍ଷଣ, ସାଧାରଣ ବଣ୍ଟନ ବ୍ୟବସ୍ଥା, ସମାଜ କଲ୍ୟାଣ, ମହିଳା ଶିଶୁ କଲ୍ୟାଣ, ଗ୍ରାମାଞ୍ଚଳ ଗୃହ ନିର୍ମାଣ, କ୍ଷୁଦ୍ର ଶିଳ୍ପ, ଲଘୁ ବନଜାତ ଦ୍ରବ୍ୟର ମାଲିକାନା, ହାଟ ଓ ମେଳା, କୃଷି ସଂପ୍ରସାରଣ, ଗ୍ରାମ୍ୟ ରାସ୍ତା, ମୃତ୍ତିକା ସଂରକ୍ଷଣ ପ୍ରକଳ୍ପର ରକ୍ଷଣାବେକ୍ଷଣର ଅଧିକାର ଗ୍ରାମପଞ୍ଚାୟତଗୁଡ଼ିକୁ ଦେବା ନିଷ୍ପତ୍ତି କରିଛନ୍ତି । ସେହିପରି ହରିଜନ ଆଦିବାସୀ କଲ୍ୟାଣ, ଦାରିଦ୍ର୍ୟ ଦୂରୀକରଣ ଯୋଜନା, ସାମାଜିକ ପେନସନ ଓ ପ୍ରାଥମିକ ଶିକ୍ଷା ପଞ୍ଚାୟତଗୁଡ଼ିକ ପରିଚାଳନା କରିବେ । ସଂପ୍ରତି ପଞ୍ଚାୟତ ସମ୍ପାଦକମାନଙ୍କ ମାସିକ ଦରମା ୨୨୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହି ଅର୍ଥ ସରକାର ବହନ କରିବେ । ଆଦିବାସୀ ବହୁଳ ଅନୁସୂଚିତ ଅଞ୍ଚଳରେ ବିକାଶ କାର୍ଯ୍ୟକ୍ରମ ଲାଗି ଜମି ଅଧିଗ୍ରହଣ, ଆଦିବାସୀଙ୍କ ଜମି ହସ୍ତାନ୍ତର ଆଦି କ୍ଷେତ୍ରରେ ପଞ୍ଚାୟତର ମଞ୍ଜୁରୀ ବାଧ୍ୟତାମୂଳକ କରାଯାଇଛି । ଏହା ବ୍ୟତୀତ ମାଦକ ଦ୍ରବ୍ୟର ପ୍ରସ୍ତୁତି, ବିକ୍ରୟ, ବ୍ୟବହାର, ଲଘୁ ବନଜାତ ଦ୍ରବ୍ୟ ଉପରେ ଅଧିକାର ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲା ପରିଷଦର ରହିବ । ଫଳରେ ପଞ୍ଚାୟତ ସ୍ତରରେ ବାହ୍ୟ ଏଜେନ୍ସିର ସାହାଯ୍ୟ ନ ନେଇ ୧୫ ହଜାର ଟଙ୍କା ବ୍ୟୟରେ ନିର୍ମାଣ ହୋଇପାରିବା ଭଳି ପ୍ରକଳ୍ପ ପଞ୍ଚାୟତ ସମ୍ପାଦକ ଓ ସରପଞ୍ଚଙ୍କ ଦ୍ୱାରା ମଞ୍ଜୁରୀ ହୋଇ କାର୍ଯ୍ୟ ନିର୍ବାହ ହୋଇପାରିବ ବୋଲି ପଞ୍ଚାୟତକୁ କ୍ଷମତା ଦିଆଯାଇଛି । ପୂର୍ବରୁ ମାତ୍ର ଏକହଜାର ଟଙ୍କାର ପ୍ରକଳ୍ପ ସରପଞ୍ଚ କାର୍ଯ୍ୟକାରୀ କରିବାର କ୍ଷମତା ପାଉଥିଲେ । ରାଜ୍ୟ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ଜମି ସେସ୍‌ର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ଆନୁପାତିକ ଭାବରେ ଅଧିକ ଦେବାପାଇଁ ମଧ୍ୟ ସରକାର ନିଷ୍ପତ୍ତି କରିଛନ୍ତି । ଦଶମ ଅର୍ଥ କମିଶନଙ୍କଠାରୁ ମିଳୁଥିବା ଅନୁଦାନରୁ ପଞ୍ଚାୟତ ଘର ଓ ଜିଲା ପରିଷଦ କାର୍ଯ୍ୟାଳୟ ଆବଶ୍ୟକସ୍ଥଳେ ନିର୍ମାଣ କରିବା ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଛି । ପଞ୍ଚାୟତ ସମିତିଗୁଡ଼ିକରେ ପୂର୍ବରୁ ବାର୍ଷିକ ବ୍ୟୟ ହେଉଥିବା ୫୦ ଲକ୍ଷ ଟଙ୍କା ପ୍ରାୟ ଦୁଇ କୋଟି ଟଙ୍କାକୁ ବୃଦ୍ଧି ପାଉଥିବା ହେତୁ କାର୍ଯ୍ୟଭାର ବଢ଼ିଯାଇଛି । ତେଣୁ ଲାଇନ ଡିପାର୍ଟମେଣ୍ଟର ବଳକା କିରାଣୀଙ୍କୁ ଏଠାରେ ମୁତୟନ କରିବା ପାଇଁ ସରକାର ସ୍ଥିର କରିଛନ୍ତି । ସେହିପରି ଲାଇନ ଡିପାର୍ଟମେଣ୍ଟରେ ଗୋଟିଏ ଡିଭିଜନ ହାରାହାରି ଦୁଇ କୋଟି ଓ ତଦୂର୍ଦ୍ଧ୍ୱ ଟଙ୍କାର କାମ କରୁଛନ୍ତି । ସେଥିପାଇଁ ଜଣେ ନିର୍ବାହୀ ଯନ୍ତ୍ରୀ, ଚାରିଜଣ ସହକାରୀ ଯନ୍ତ୍ରୀ ଓ ୧୨

ଜଣ କନିଷ୍ଠ ଯନ୍ତ୍ରୀ ଥାଆନ୍ତି ; କିନ୍ତୁ ବ୍ଲକରେ ମାତ୍ର ଦୁଇଜଣ କନିଷ୍ଠ ଯନ୍ତ୍ରୀ ଅଛନ୍ତି । ଏଣୁ ମନ୍ତ୍ରିସଭାର ନିଷ୍ପତ୍ତି ଅନୁଯାୟୀ ଏଣିକି ପ୍ରତି ରାଜସ୍ୱ ଉପଖଣ୍ଡରେ ବ୍ଲକ କାର୍ଯ୍ୟ ପାଇଁ ଜଣେ ନିର୍ବାହୀ ଯନ୍ତ୍ରୀ, ପ୍ରତି ବ୍ଲକରେ ଜଣେ ସହକାରୀ ଯନ୍ତ୍ରୀ ଓ ଆହୁରି ଅଧିକ ୨ଜଣ କନିଷ୍ଠ ଯନ୍ତ୍ରୀଙ୍କୁ ସମୁଦାୟ ଚାରିଜଣ ଯନ୍ତ୍ରୀ ଯୋଗାଇ ଦିଆଯିବ । ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ପ୍ରଶାସନିକ ମଞ୍ଜୁରୀ କ୍ଷମତା ବୃଦ୍ଧି କରାଯାଇଛି । ବ୍ଲକ କାର୍ଯ୍ୟର ଗୁରୁତ୍ୱ ଦୃଷ୍ଟିରୁ ବିଡ଼ିଓଙ୍କ ପାହ୍ୟା କନିଷ୍ଠବର୍ଗ ପ୍ରଥମ ଶ୍ରେଣୀକୁ, କାର୍ଯ୍ୟରତ ବିଭାଗୀୟ ବିଡ଼ିଓଙ୍କୁ ସହକାରୀ ପ୍ରକଳ୍ପ ଅଧିକାରୀ ଭାବେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପରେ ଅବସ୍ଥାପନ ନିମନ୍ତେ ପଦୋନ୍ନତି ବ୍ୟବସ୍ଥା କରାଯାଇଛି ।

ଜିଲାସ୍ତରରେ ଜିଲା ପରିଷଦକୁ ୧୯ଟି ବିଷୟରେ ପ୍ରଶାସନିକ ଦାୟିତ୍ୱ ଅର୍ପଣ କରାଯାଇଛି । ସଂପୃକ୍ତ ବିଷୟର ଜିଲାସ୍ତରୀୟ ଅଧିକାରୀମାନେ ଜିଲା ପରିଷଦ ପାଖରେ ଉତ୍ତରଦାୟୀ ରହିବେ । ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଗ୍ରାମସ୍ତରରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିବେ । ଜିଲା ପରିଷଦ ଅଧ୍ୟକ୍ଷଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ଓ ଉପାଧ୍ୟକ୍ଷଙ୍କୁ ଉପମନ୍ତ୍ରୀ ପାହ୍ୟା ଦେଇ ସେମାନଙ୍କ ପଦମର୍ଯ୍ୟାଦା ବୃଦ୍ଧି କରାଯାଇଛି । ପଞ୍ଚାୟତରୁ ଆହୁରି ତଳକୁ ଯାଇ ପ୍ରତ୍ୟେକ ସାବାଳକଙ୍କୁ ନେଇ ଗଠିତ ପଲ୍ଲୀସଭାକୁ ହିତାଧିକାରୀ ନିର୍ବାଚନ ଓ ପ୍ରକଳ୍ପଗୁଡ଼ିକର ସାମଗ୍ରିକ ଉନ୍ନତି ଦୃଷ୍ଟିରୁ ପ୍ରାଥମିକତା ସ୍ଥିର କରିବା ଅଧିକାର ଦିଆଯାଇଛି ।

ସରକାର ଜିଲା ପରିଷଦ ନିର୍ବାଚିତ ପ୍ରତିନିଧିମାନଙ୍କୁ ମାନଦେୟ, ଘରଭଡ଼ା, ଗାଡ଼ି, ଯାତାୟତ ଖର୍ଚ୍ଚ, କର୍ମଚାରୀ ଯୋଗାଣ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେଉଛନ୍ତି ।

ପଞ୍ଚାୟତିରାଜ ବ୍ୟବସ୍ଥାକୁ ସବୁମତେ ସୁଦୃଢ଼ କରିବା ଲାଗି ସରକାର ସଦା ତତ୍ପର ଅଛନ୍ତି ଓ ଏହାର ସଫଳ କାର୍ଯ୍ୟକାରିତା ଦିଗରେ ତୀକ୍ଷ୍ଣ ଦୃଷ୍ଟି ରଖୁଛନ୍ତି । ଏସବୁ ଅନୁଷ୍ଠାନରେ ସ୍ୱଚ୍ଛତା ଆଣିବା ଲାଗି ୨ ଟଙ୍କା ବିନିମୟରେ ପଞ୍ଚାୟତରୁ କିମ୍ବା ପଞ୍ଚାୟତ ସମିତିରୁ ଯେକୌଣସି ନିଷ୍ପତ୍ତି କିମ୍ବା ପ୍ରକଳ୍ପ କାର୍ଯ୍ୟକାରିତା ସମ୍ପର୍କୀୟ ତଥ୍ୟର ପ୍ରମାଣିତ ନକଲ ଯେକୌଣସି ନାଗରିକ ପାଇପାରିବା ବ୍ୟବସ୍ଥା ମଧ୍ୟ କରାଯାଇଛି । ବର୍ତ୍ତିତ ମନ୍ତ୍ରିସଭା ୧୦୦ ଦିନ ଭିତରେ ଜିଲା ପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମପଞ୍ଚାୟତଗୁଡ଼ିକୁ ଏହିସବୁ କ୍ଷମତା ହସ୍ତାନ୍ତର କରି ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକୁ ପ୍ରକୃତ ଦୃଢ଼ ସ୍ୱାୟତ୍ତ ଶାସନ ଅନୁଷ୍ଠାନରେ ପରିଣତ କରିବା ପାଇଁ ପଦକ୍ଷେପ ନେଉଛନ୍ତି । ପଞ୍ଚାୟତିରାଜ ସଂସ୍ଥାକୁ ନିର୍ବାଚିତ ପ୍ରତିନିଧିମାନେ ପଞ୍ଚାୟତ ସମିତି ଓ ଜିଲା ପରିଷଦକୁ ସକ୍ରିୟ କରିବା ପାଇଁ ଯେଉଁସବୁ ଆବଶ୍ୟକତା ସମ୍ପର୍କରେ ସରକାରଙ୍କ ସହିତ ଆଲୋଚନା କରିଥିଲେ, ସେଗୁଡ଼ିକ କାର୍ଯ୍ୟକାରୀ କରାଯାଉଛି । ଏଣୁ ଉକ୍ତ ଅନୁଷ୍ଠାନ ଓ ଏହାର ନିର୍ବାଚିତ ପ୍ରତିନିଧିମାନଙ୍କର ଅସୁବିଧା ବହୁ ପରିମାଣରେ ଦୂର କରିବା ପ୍ରଚେଷ୍ଟା ସରକାର କରିଛନ୍ତି । ଏହି ପଞ୍ଚାୟତିରାଜ ବ୍ୟବସ୍ଥାକୁ ସକ୍ରିୟ ଓ ଫଳପ୍ରଦ କରିବା ଦାୟିତ୍ୱ ଏହି ସଂସ୍ଥାକୁ ନିର୍ବାଚିତ ହୋଇଥିବା ପ୍ରତିନିଧିମାନଙ୍କର ଏବଂ ସୁଧୀ ଜନସାଧାରଣଙ୍କର । ସେମାନଙ୍କୁ ପଞ୍ଚାୟତିରାଜ ବ୍ୟବସ୍ଥାରେ ଯେଉଁସବୁ କାର୍ଯ୍ୟ କିପରି ଭାବେ ହୁଏ, ସେଥିରେ ଗାଁର ସାବାଳକମାନଙ୍କ ଦାୟିତ୍ୱ ଓ ଅଧିକାର କଣ, ନିର୍ବାଚିତ ପ୍ରତିନିଧିମାନଙ୍କର ଦାୟିତ୍ୱ, କର୍ତ୍ତବ୍ୟ ଓ ଅଧିକାର କ'ଣ, ସେସବୁ ବିଷୟରେ ପୁସ୍ତିକା ପ୍ରଣୟନ କରି ପ୍ରତି ଓ୍ୱାର୍ଡ଼ମେମ୍ବର, ସରପଞ୍ଚ, ନାଏବ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟାଳୟ, ସମିତି ସଦସ୍ୟ, ସମିତିର ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲା ପରିଷଦ ସଦସ୍ୟ, ଜିଲା ପରିଷଦ ସଭାପତି, ଉପସଭାପତିଙ୍କ ନିକଟକୁ ପଠାଯାଇଛି । ବ୍ଲକରେ ଦୁର୍ନୀତି ନିୟନ୍ତ୍ରଣ ପାଇଁ ବ୍ଲକ, ଜିଲା ଓ ରାଜ୍ୟସ୍ତରରେ ସତର୍କ କମିଟିମାନ ଗଠନ କରାଯାଇଛି । ଏହି କମିଟିରେ ସରକାରୀ ଓ ବେସରକାରୀ ସଦସ୍ୟ ନିଆଯାଇଛି । ଏହାର ବୈଠକ ନିୟମିତ ଏବେ ୩ ମାସ ହେଲା ବସୁଛି । ଜଣେ ଅତିରିକ୍ତ ଶାସନ ସଚିବଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ସମ୍ପୂର୍ଣ୍ଣ ବ୍ଲକ କାର୍ଯ୍ୟକଳାପକୁ ତଦାରଖ କରୁଛନ୍ତି । ଅଳ୍ପଦିନ ତଳେ ୪ଜଣ ବିଡ଼ିଓ, ଜଣେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ୮ଜଣ କନିଷ୍ଠ ଯନ୍ତ୍ରୀ ଟିମ୍‌ଙ୍କ ରିପୋର୍ଟ ଅନୁଯାୟୀ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି ।

ଏଣିକି ଦୁର୍ନୀତିକୁ ନିୟନ୍ତ୍ରଣ କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ । ନିଶ୍ଚିତ କର୍ମଯୋଗାଣ ଯୋଜନା ବିଭାଗୀୟ କର୍ମଚାରୀଙ୍କ ଦ୍ୱାରା କରାଯାଉଥିବାରୁ ଅର୍ଥର ବାଟମାରଣା ହେଉଛି ବୋଲି ସମାଲୋଚନା ହେଉଛି । ଏଣିକି ଏସବୁ କାମସବୁ ଗାଁର ବେକାର ଯୁବକଙ୍କ ଦ୍ୱାରା କରାଯିବା ସ୍ଥିର ହୋଇଛି । ସେମାନଙ୍କୁ କାମ ପାଇଁ ଅଗ୍ରିମ ଟଙ୍କା ଦିଆଯିବ । ଗାଁ ଲୋକେ ଯେଉଁସବୁ ବେକାର ଯୁବକଙ୍କ ଉପରେ ଭରସା କରିପାରିବେ, ସେମାନଙ୍କୁ ବାଛି ଉନ୍ନୟନ କାର୍ଯ୍ୟ କରିବା ପାଇଁ ପଞ୍ଚାୟତ ଏବଂ ପଞ୍ଚାୟତ ସମିତିକୁ ସୁପାରିଶ କରିବେ । ଏସବୁ ଉଦ୍ଦେଶ୍ୟ ଦୃଷ୍ଟିରେ ରଖି ଚଳିତ ବର୍ଷକୁ ଗ୍ରାମସଭା ସପ୍ତାହ ଭାବେ ପାଳନ କରାଯାଉଛି । ଓଡ଼ିଶାରେ ଜୁନ ୮ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ରାୟଗଡ଼ ଓ କୋରାପୁଟ ଜିଲ୍ଲା ବ୍ୟତୀତ ଅନ୍ୟସବୁ ଜିଲ୍ଲାରେ ପଞ୍ଚାୟତିରାଜ ଗଣଚେତନା ପକ୍ଷ ପାଳନ କରାଯାଉଛି ।

*ପଞ୍ଚାୟତିରାଜ ଓ ଗ୍ରାମ୍ୟ ପୁନର୍ଗଠନ ମନ୍ତ୍ରୀ, ଓଡ଼ିଶା*

• • •

# ଅର୍ଦ୍ଧ ଶତକର ଓଡ଼ିଆ ଯାତ୍ରା (୧୯୪୮-୯୮)

• ଡକ୍ଟର ଅଜୟ କୁମାର ମିଶ୍ର

ସ୍ୱାଧୀନତା ପରବର୍ତ୍ତୀ କାଳରୁ ଚଳିତ ଶତକର ଶେଷ ପାଦ ପର୍ଯ୍ୟନ୍ତ ପ୍ରଲମ୍ବିତ, ଅର୍ଦ୍ଧ ଶତକ ମଧ୍ୟରେ, ଓଡ଼ିଆ ଯାତ୍ରା ବହୁବିଧ ପରିବର୍ତ୍ତନ ମଧ୍ୟ ଦେଇ ହୋଇଛି ଗତିଶୀଳ । ଲୋକନାଟ୍ୟ ପରମ୍ପରାରୁ ଜନ୍ମ ନେଇଥିବା ଓଡ଼ିଆ ଯାତ୍ରା ଥିଲା ଗ୍ରାମ୍ୟ ଜନତାର ଧର୍ମ ବିଶ୍ୱାସ, ଲୋକଶିକ୍ଷା ଏବଂ ମନୋରଞ୍ଜନର ବଳିଷ୍ଠ ମାଧ୍ୟମ । ବୃହତ ବୃକ୍ଷର ବିସ୍ତାରିତ ଛାୟାପରି, ସ୍ୱାଧୀନତା ପରବର୍ତ୍ତୀ କାଳରେ ଏହା ଗ୍ରାମ୍ୟ ଜନତାଠାରୁ କ୍ରମଶଃ ହୋଇଛି 'ନଗରାଭିମୁଖୀ । ଅର୍ଦ୍ଧଶତକର ଏଇଧାରାରେ ଲକ୍ଷିତ ପରିବର୍ତ୍ତନଗୁଡ଼ିକୁ ନିମ୍ନକ୍ରମରେ ସୂଚୀତ କରାଯାଇପାରେ ଯଥା :-

କ) ପ୍ରାଥମିକ ପର୍ବ-୧୯୪୮-୧୯୬୦

ଖ) ପରିବର୍ତ୍ତିତ ପର୍ବ-୧୯୬୧-୧୯୭୦

ଗ) ଅନୁକରଣ ପର୍ବ-୧୯୭୧-୧୯୮୦

ଘ) ନବପରିବର୍ତ୍ତିତ ପର୍ବ-୧୯୮୧-୧୯୯୦

ଙ) ବିଗହଗା ପର୍ବ-୧୯୯୧-ଚଳନ୍ତିକାଳ

**(କ) ପ୍ରାଥମିକ ପର୍ବ : (୧୯୪୮-୧୯୬୦)**

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାର ରାଜନୀତିକ ଦୃଶ୍ୟପଟରେ ଘଟିତ ଘନ ଘନ ପରିବର୍ତ୍ତନ, ଆର୍ଥନୀତିକ ଉନ୍ନତି ନିମିତ୍ତ ବିବିଧ ଯୋଜନା, ଶିଳ୍ପାଞ୍ଚଳ ପ୍ରତିଷ୍ଠା, ଶିକ୍ଷା ପ୍ରସାର, କୃଷି ବିକାଶ, ନଗର ଜୀବନର ଉତ୍ଥାନ ପ୍ରଭୃତି ଘଟଣାମାନ ଗ୍ରାମାଞ୍ଚଳର ସାଂସ୍କୃତିକ ଜୀବନ ଧାରାରେ କୌଣସି ଆଲୋଡ଼ନ ସୃଷ୍ଟି କରିପାରି ନଥିଲା । ଓଡିଶାର ଉପକୂଳ ଓ ମଧ୍ୟାଞ୍ଚଳରେ ପୂର୍ବ ପ୍ରତିଷ୍ଠିତ ଯାତ୍ରା ଧାରା ଥିଲା ଆନନ୍ଦଦାନର ହେତୁ । ବାଳକୃଷ୍ଣ ମହାନ୍ତି, ବୈଷ୍ଣବପାଣି, କୃଷ୍ଣପ୍ରସାଦ ବେହେରା ପ୍ରଭୃତିଙ୍କ ନାଟ୍ୟ ଧାରା କ୍ରମଶଃ ଶିଥିଳ ହୋଇ ଆସୁଥିଲା । ରାମଚନ୍ଦ୍ର ସ୍ୱାଇଁ, ଦୟାନିଧି ସ୍ୱାଇଁ, ବୃନ୍ଦାବନ ଓଝା ପ୍ରଭୃତିଙ୍କ ଭଳି ନାଟ୍ୟ ସଂଗଠନ ଏବଂ ଯାତ୍ରାକାରମାନଙ୍କ ଦଳମାନ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଯାତ୍ରା ପ୍ରଦର୍ଶନ କରୁଥିଲେ । ଗୀତିନାଟ୍ୟ ପର୍ବ ଅତିକ୍ରମ କରି ଓଡ଼ିଆ ଯାତ୍ରା କ୍ରମେ ସଂଳାପଧର୍ମୀ ହୋଇ ଉଠୁଥିଲା । ଗ୍ରାମାଞ୍ଚଳରେ ମଠାଧୀଶ, ଜମିଦାର ଏବଂ ଧନାଢ୍ୟ ବ୍ୟକ୍ତିମାନଙ୍କ ପୃଷ୍ଠପୋଷକତା ପ୍ରାପ୍ତ ହୋଇ ଯାତ୍ରା ଦଳମାନ ଗଠିତ ହେଉଥିଲା । ଗ୍ରାମ୍ୟ ନାଟ୍ୟାନୁଷ୍ଠାନ କ୍ରମେ ହେଲା ଯାତ୍ରାକାରମାନଙ୍କ ପ୍ରମୁଖ ପାଠଶାଳା ।

ଏଇ କାଳରେ ସୁନାକର ନନ୍ଦାଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ଉଦୀୟମାନ ଯୁବ ପ୍ରତିଭା ଆର୍ତ୍ତବନ୍ଧୁ ରାଉତରାୟଙ୍କ ଦ୍ୱାରା ପରିଚାଳିତ ବେଣାରାମପୁର ଦଳ ଥିଲା ସର୍ବାଧୁନିକ ଯାତ୍ରା ଦଳ । ବାଲେଶ୍ୱର ଜିଲ୍ଲାର ଶ୍ୟାମସୁନ୍ଦର ମହାପାତ୍ର ଓ ନାଟ୍ୟାଚାର୍ଯ୍ୟ ରଘୁନାଥପଣ୍ଡା ସମେତ କଟକ ଜିଲ୍ଲାର ଯଦୁମଣି କାନୁନଗୋ, ଘନଶ୍ୟାମ ସ୍ୱାଇଁ ପ୍ରମୁଖ ଓଡ଼ିଆ ଯାତ୍ରାକୁ ଗୀତିମୟ ପୁରାଣ ପରମ୍ପରାରୁ ମୁକ୍ତ କରି ଏଥିରେ ଗଦ୍ୟ ସଂଳାପମାନ ଖଞ୍ଜିଲେ । ଆର୍ତ୍ତବନ୍ଧୁ, ଶ୍ୟାମସୁନ୍ଦର, ରଘୁନାଥ ପ୍ରମୁଖ ଥିଲେ ଜଣେ ଜଣେ ଉଚ୍ଚ ପ୍ରତିଭାସଂପନ୍ନ ଅଭିନେତା ଏବଂ ବିଚକ୍ଷଣ ସଂଗଠକ । ଏଇ କାଳରେ ଯାତ୍ରା ପ୍ରଦର୍ଶନରେ ଓଡ଼ିଶାର ପ୍ରମୁଖ ଦଳଗୁଡ଼ିକ ଥିଲେ ତେନ୍ତୋଳ ଦଳ, ବେଣାରାମପୁର ଦଳ, ନଗସପୁର ଦଳ, ମୁକ୍ତେଶ୍ୱର ଦଳ, ସାରୋପାର୍ଟି, ଲାହଙ୍ଗାଦଳ, ଓଝାଦଳ, ବନପ୍ରାଦଳ, ସପ୍ତମାତୃକା ଦଳ, କଳିଙ୍ଗ ଭାରତୀ କଳାକୁଞ୍ଜ, ମାଧୁରୀ କଳା ପରିଷଦ, କାଗୁଲାଇ ଅପେରା, ସଂଧାରାଣୀ ଅପେରା, ପାଟଣାଣୀ ଅପେରା, ରାଇଗଣ ଦଳ ଏବଂ ରାହଣ ଦଳ ପ୍ରଭୃତି ।

ଯେଉଁମାନଙ୍କ ଶ୍ରମ-ସାଧନାରେ ଓଡ଼ିଆ ଯାତ୍ରାରେ ପରିବର୍ତ୍ତନର ନବ ସଂକେତ ଦେଖାଦେଲା, ସେମାନେ ହେଲେ କୃଷ୍ଣପ୍ରସାଦ ବେହେରା, ରଘୁନାଥ ପଣ୍ଡା, ଶ୍ୟାମସୁନ୍ଦର ମହାପାତ୍ର, ବ୍ରଜ ନାୟକ, ବାଳକିଶୋର ମହାନ୍ତି, ଗନ୍ଧର୍ବରାଜ ପରିଡ଼ା, ପୂର୍ଣ୍ଣାନନ୍ଦ ମହାନ୍ତି, ଯଦୁମଣି କାନୁନଗୋ, ଗୋପାଳ ଚନ୍ଦ୍ର ମହାନ୍ତି, କାହ୍ନୁଚରଣ ନାୟକ, ଘନଶ୍ୟାମ ସ୍ୱାଇଁ, ରମାକାନ୍ତ ବେହେରା, ନବକୁମାର ସାହୁ, ନୀଳମଣି ନାୟକ, ଭାଗିରଥୀ ମିଶ୍ର, ରଘୁନାଥ ସାହୁ, ଗୋଲେଖଚନ୍ଦ୍ର ପ୍ରଧାନ, ଆର୍ତ୍ତବନ୍ଧୁ ରାଉତରାୟ, ସତ୍ୟାନନ୍ଦ ବାରିକ, ମଣିଚରଣ ସ୍ୱାଇଁ, ପଦ୍ମନାଭ ଦାଶ ଓ ଟୀକା ଦାଶ ଇତ୍ୟାଦି ନାଟ୍ୟକାର, ନିର୍ଦ୍ଦେଶକ, ଅଭିନେତା ଓ ପରିଚାଳକବୃନ୍ଦ ।

ସଂଶିତ କାଳରେ ଚତୁର୍ମୁଖୀ ମଞ୍ଚ ଛାମୁଡିଆ ମଞ୍ଚ ଥିଲା ଅଭିନୟ ସ୍ଥଳ । ଏଇ ଛାମୁଡ଼ିଆ ନିକଟକୁ ନାଟକୀୟ ପାତ୍ରପାତ୍ରୀଙ୍କ ଆଗମନ ଓ ନିର୍ଗମନ ନିମିତ୍ତ ଏକମାତ୍ର ପଥ ପୁଷ୍ପପଥ ରୂପେ ବ୍ୟବହୃତ ହେଉଥିଲା । ପାରମ୍ପରିକ ହୁଳା/ବଡିଆ/ବତୀ ଇତ୍ୟାଦି କ୍ରମେ ଅପସାରିତ ହୋଇ ଗ୍ୟାସ୍ ଲାଇଟ୍ ଓ ପରେ ପରେ ପେଟ୍ରୋମାକ୍ସ ବ୍ୟବହୃତ ହେଲା । ଯାତ୍ରାରମ୍ଭରେ ସମବେତ ଯନ୍ତ୍ରସଂଗୀତ ଐତିହାସିକ ଓ କାଳ୍ପନିକ ବିଷୟମାନ ଅଭିନୀତ ହେଉଥିଲା । ଆର୍ତ୍ତବନ୍ଧୁ ରାଉତରାୟ ପ୍ରଥମଥରି ଏଇ ସମୟରେ ପ୍ରବେଶ ଓ ପ୍ରସ୍ଥାନ ନିମିତ୍ତ ଦୁଇଟି ପଥର ପ୍ରୟୋଗ କଲେ । ସଂଗୀତଜ୍ଞ ନଟବର ସାହୁ ଏଇ କାଳରେ ଯୋଡ଼ିନାଗରା ଓ କ୍ଲାରିଓନେଟ୍ ପ୍ରବର୍ତ୍ତନରେ ମଧ୍ୟ ନୂତନତ୍ୱ ଆଣିଲେ । ଗୀତିନାଟ୍ୟ ପର୍ବର ବେଶ ପ୍ରକରଣ, ଗୋଟିଏ ଟେବୁଲ /ଚୌକି ମଞ୍ଚୋପକରଣ ରୂପେ ବ୍ୟବହୃତ ହେଉଥିଲା । ଏ ସମୟର ଯାତ୍ରା ପରମ୍ପରାକୁ ରକ୍ଷା କରୁଥିଲା । ଏହା ସହିତ କିଛି ନୂତନତା ମଧ୍ୟ ଆଣିଥିଲା ।

**(ଖ) ପରିବର୍ତ୍ତିତ ପର୍ବ (୧୯୬୧-୧୯୭୦)**

ଏଇ ଦଶନ୍ଧି ବେଳକୁ ରାମଲୀଳା, ରାସଲୀଳା ଓ ଗୀତିନାଟ୍ୟାଦି ପାରମ୍ପରିକ ଲୋକ ନାଟକର ଚାହିଦା ହ୍ରାସ ପାଇଲା । କଟକ, ପୁରୀ,

ବାଲେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ବାରିପଦା ପ୍ରଭୃତି ନଗରାଞ୍ଚଳରେ ଥିଏଟର ହିଁ ମନୋରଞ୍ଜନର ମାଧ୍ୟମ ଥିଲା । ଗମନାଗମନର ସୁଯୋଗ ନଥିବା ଅଗମ୍ୟ ଗ୍ରାମାଞ୍ଚଳମାନଙ୍କରେ ସଂଖ୍ୟାଧିକ ଦର୍ଶକଙ୍କ ମନୋରଞ୍ଜନ ନିମିତ୍ତ ଏହା ଥିଲା ଅଭିପ୍ରେତ । ଏ ସମୟରେ ପୌରାଣିକ, କାଳ୍ପନିକ ଓ ଇତିହାସଭିତ୍ତିକ କାହାଣୀର ଉପର ଗଢିଉଠା ଦର୍ଶକଙ୍କ ମନୋରଞ୍ଜନ କରୁଥିଲା । କଟକ, ପୁରୀ, ବାଲେଶ୍ୱର ପ୍ରଭୃତି ଅବିଭକ୍ତ ଉପକୂଳ ଜିଲ୍ଲାମାନଙ୍କରେ ବ୍ୟବସାୟ ଭିତ୍ତିରେ ନୂତନ ଯାତ୍ରା ଦଳମାନ ମୁଣ୍ଡଟେକି ଉଠିଲା । ଏହି କାଳରେ ଜଗତପୁର, ବେଣାରାମପୁର ଓ ଉଦାପୁର ଇତ୍ୟାଦି ଥିଲା ଅଗ୍ରଣୀ ଦଳ । ଏମାନଙ୍କର ନାଟ୍ୟ ଶୈଳୀକୁ ଅନୁସରଣ କରି ଗଢି ଉଠିଥିବା ଦଳଗୁଡ଼ିକ ହେଲା, ବୀଣାପାଣି କଳାକୁଞ୍ଜ, ସହଦପୁର ଅପେରା, ଗାଡ଼ଙ୍ଗ ଦଳ, ସର୍ବମଙ୍ଗଳା ନାଟ୍ୟ ନିକେତନ, ସୁକାମୁହିଁ କଳାପରିଷଦ, ସାରଙ୍ଗ, ସୁବାନବତୀ ଅପେରା, ରଘରପୁର ଦଳ, କେନ୍ଦ୍ରେଶ୍ୱରୀ ଅପେରା ଇତ୍ୟାଦି ।

ବ୍ୟବସାୟିକ ସଂପୃକ୍ତି ହେତୁ ଏହି କାଳରେ ଦଳଗୁଡ଼ିକରେ କଳାକାର, ଅଭିନେତା ପ୍ରଭୃତିଙ୍କ ସଂଖ୍ୟା ବୃଦ୍ଧି ପାଇଲା । ଯାତ୍ରା ପରିବେଷଣ ପୂର୍ବରୁ ମାଙ୍ଗଳିକ, ଆଳାପ ଓ ସମବେତ ଯନ୍ତ୍ର ସଙ୍ଗୀତର ସମାହାର ସୃଷ୍ଟି କରାଯାଇ ଦର୍ଶକମାନଙ୍କୁ ଆକୃଷ୍ଟ କରାଗଲା । ଗୋଟିପୁଅ ନୃତ୍ୟ ସ୍ଥାନରେ ପୁରାଣ ପ୍ରସଙ୍ଗ ଆଧାରିତ କ୍ଷୁଦ୍ର ନୃତ୍ୟ ନାଟିକାମାନ ପରିବେଷଣ କରାଗଲା । ପୁରାଣ ପ୍ରଭାବ କ୍ରମଶଃ ଶିଥିଳ ହୋଇ ନାଟକୀୟ କାହାଣୀ ସାମାଜିକ ପର୍ବରେ ପାଦ ଥାପୁଥିଲା । ଯୁଦ୍ଧ ଦୃଶ୍ୟଗୁଡ଼ିକରେ ଖଣ୍ଡା, ତଲୱାର, ବର୍ଚ୍ଛା, ଧନୁ ତୀର ପ୍ରଭୃତି ଅସ୍ତ୍ରଶସ୍ତ୍ର ବ୍ୟବହୃତ ହେଉଥିଲା । ପୁରାଣ ଓ ଇତିହାସର ରାଜାରାଣୀ ଚରିତ୍ର ସ୍ଥାନରେ ଜମିଦାର, ମହନ୍ତ ଓ ଶିଳ୍ପପତିମାନେ ସ୍ଥାନ ପାଇଲେ । ଗୀତିନାଟ୍ୟର ଫାର୍ସ ପରିବର୍ତ୍ତେ ନାରୀ-ପୁରୁଷଙ୍କ ମିଳିତ ଯୁଗ୍ମନୃତ୍ୟ ଡୁଏଟ୍ ପରିବେଷିତ ହେଲା । ଚରିତ୍ରମାନେ ନାଟକାହାଣୀର ଗୀତଗୁଡ଼ିକ ନିଜେ ନିଜେ ଗାନ କଲେ । ସୁଦୀର୍ଘ ସମୟ ପାଇଁ ଯାତ୍ରାଭିନୟ କରାଯାଉଥିଲା । ବାଦ୍ୟକାରମାନଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ବାଦ୍ୟ ସଙ୍ଗୀତ ଦ୍ୱାରା ନାଟ୍ୟ ଦୃଶ୍ୟଗୁଡ଼ିକର ବିଭାଜନ କରାଯାଉଥିଲା ।

ସଂଶିତ ପର୍ଯ୍ୟାୟରେ ପୁରୁଷମାନେ ପୁରୁଷ ଓ ନାରୀଭୂମିକାରେ ଅଭିନୟ କରୁଥିଲେ । ପାରମ୍ପରିକ ରାଜା ଓ ଉଜିର ଚରିତ୍ରଗୁଡ଼ିକ ଏସମୟରେ ନିୟତି ଓ ବିବେକ ଚରିତ୍ରରେ ପରିବର୍ତ୍ତିତ ହେଲେ । ଏହି ଚରିତ୍ରଗୁଡ଼ିକ ଦ୍ୱାରା ଯାତ୍ରାକାରମାନଙ୍କ ବାର୍ତ୍ତା ସଂଳାପ ମାଧ୍ୟମରେ ରୂପ ପାଇଲା । ଚଉଖୁଣ୍ଟିଆ ଛାମୁଣିଆ ମଞ୍ଚଗୁଡ଼ିକୁ ଚାନ୍ଦୁଆ ପ୍ରଭୃତି ଦ୍ୱାରା ସୁସଜ୍ଜିତ କରାଗଲା । ସଂଗୀତର ବାହୁଲ୍ୟ ଏ ସମୟକୁ ହ୍ରାସ ପାଉଥିଲା । ଭଦ୍ରକର ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା, ଜଗତସିଂହପୁରର ଗୁଣନିଧି ଦାସ ପ୍ରମୁଖ ଯାତ୍ରା ଦଳରେ ନାରୀମାନଙ୍କୁ ପ୍ରବେଶ କରାଇ ନୂତନତା ସୃଷ୍ଟିକଲେ ।

ଏହି ଦଶକର ଯାତ୍ରାଧାରାରେ ଶୈଳୀଗତ, ସାଂଗଠନିକ ସଫଳତା ଏବଂ ପରିବେଷଣ ପରିପାଟୀର ପରିବର୍ତ୍ତନ ଘଟିଲା । ଯାତ୍ରାକାର ରମାକାନ୍ତ ବେହେରା, ନବକୁମାର ସାହୁ, ନନ୍ଦକିଶୋର ମଲ୍ଲିକ, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା, ଶ୍ୟାମସୁନ୍ଦର ମହାପାତ୍ର ଏବଂ ଘନଶ୍ୟାମ ସ୍ୱାଇଁ ପ୍ରମୁଖଙ୍କ ରଚିତ ଯାତ୍ରାମାନ ଅଗ୍ରଣୀ ଦଳଗୁଡ଼ିକ ଦ୍ୱାରା ଅଭିନୀତ ହେଉଥିଲା । ନନ୍ଦକିଶୋର, ରଘୁନାଥ, ଶ୍ୟାମ ସୁନ୍ଦର ଏବଂ ଘନଶ୍ୟାମ ପ୍ରମୁଖ ଥିଲେ ସଂଶିତ କାଳର ବିଚକ୍ଷଣ ପ୍ରତିଭା । ଆର୍ତ୍ତବନ୍ଧୁ ଭାଗେରାୟ, ନଟବର ସାହୁ, ଗୋଲେଖଚନ୍ଦ୍ର ପ୍ରଧାନ, ଦ୍ୱାରିକାନାଥ ନାୟକ, ପଦ୍ମ ସ୍ୱାଇଁ, ଦୀନବନ୍ଧୁ ମାଟିଆ, ଭାଗବତ ସ୍ୱାଇଁ, କୃପାସିନ୍ଧୁ ଜେନା, ଉତ୍ତମ ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ସେନାପତି, ହରିହରନାଥ, ଦିବାକର ଖୁଣ୍ଟିଆ, ଭାବଗ୍ରାହୀ ମୁଦୁଲି, ଶୁକଦେବ ମହାରଣା, ବାଳକୃଷ୍ଣ ମହାରଣା, ଦେବମଲ୍ଲିକ, ବିଷ୍ଣୁ ମୋହନ ପତି, କୃଷ୍ଣଚନ୍ଦ୍ର ନାୟକ, ଗାଲବ ମହାପାତ୍ର ପ୍ରମୁଖ କଳାକାର, ଅଭିନେତା, ସଂଗୀତଜ୍ଞ ଏବଂ କଣ୍ଠଶିଳ୍ପୀମାନେ ଯାତ୍ରା ଜଗତକୁ ପରିପୁଷ୍ଟ କରିଥିଲେ ।

### (ଗ) ଅନୁକରଣ ପର୍ବ (୧୯୭୧-୮୦)

ଓଡ଼ିଶାର ସ୍ଥାୟୀ ରଙ୍ଗମଞ୍ଚଗୁଡ଼ିକର ପାଦ-ପ୍ରଦୀପ ନିଷ୍ପ୍ରଭ ହେବା ପରେ ପରେ ରଙ୍ଗମଞ୍ଚର କେତେକ ପ୍ରଖ୍ୟାତ କଳାକାର ଯାତ୍ରାରେ ପ୍ରବେଶ କରି ଯାତ୍ରା ସ୍ୱରୂପକୁ ପରିବର୍ତ୍ତନ କରାଇଲେ । ବ୍ୟବସାୟ ଭିତ୍ତିରେ ଯାତ୍ରା ଦଳ ଗଠନ ତଥା ପୂର୍ବ ପର୍ଯ୍ୟାୟର ଦଳଗୁଡ଼ିକର ସଂସ୍କାର, କେତେକ ଧନୀ ପୃଷ୍ଠପୋଷକଙ୍କର ଅଧିକ ପୁଞ୍ଜି ବିନିଯୋଗ ଦ୍ୱାରା ଯାତ୍ରା ରେ ସାଂଗଠନିକ ଦୃଢ଼ତା ଅଣାଗଲା । ନିଯୁକ୍ତି କ୍ଷେତ୍ରରେ ବୃଦ୍ଧି ଘଟିଲା ହେଲା । ଏହି ସମୟରେ ଦ୍ୱୈତମଞ୍ଚର ଆବିର୍ଭାବ ଯାତ୍ରାର ସ୍ୱରୂପକୁ କିମ୍ଭୂତକିମାକାର କରିଦେଲା । ଧୀରେନ୍ ଦାଶ ପ୍ରମୁଖ ଏହାକୁ ଥିଏଟର ମିଶ୍ରିତ ଯାତ୍ରା ବା 'ଥିଏଟ୍ରା' ବୋଲି ଅଭିହିତ [illegible]ନ୍ତି । କେତେକ ବରିଷ୍ଠ ସଂଗଠକ ଦ୍ୱୈତ ମଞ୍ଚରେ ବିଦ୍ୟୁତ୍ ଆଲୋ[illegible] ପ୍ରୟୋଗ କରାଇଲେ । ଏହି କାଳଠାରୁ ଓଡ଼ିଆ ଯାତ୍ରାରେ ଚଳଚ୍ଚିତ୍ର ଓ ଥିଏଟ[illegible] ମିଶ୍ରିତ ପ୍ରତିକ୍ରିୟା ଦେଖାଦେଲା । ଦଳରେ ଏଣିକି ପ୍ରବେଶ କଲେ [illegible] ଅଭିନେତ୍ରୀ । ନଗରପୁର ଦଳର ପୃଷ୍ଠପୋଷକ ସୁରେନ୍ଦ୍ରନାଥ ପଟ୍ଟନାୟକଙ୍କ ଆର୍ଥିକ ସହଯୋଗ ଦ୍ୱାରା ତାଙ୍କ ଦଳରେ ସାଇକ୍ଲୋରାମା ମଞ୍ଚ ସହିତ ବିଦ୍ୟୁତ୍ ଆଲୋକ ବ୍ୟବସ୍ଥା କରାଯାଇଥିଲା ।

ଦ୍ୱୈତମଞ୍ଚ ଓ ପ୍ରୋଜେକ୍ଟର ବ୍ୟବହାର କରି ଯାତ୍ରା ଚଳଚ୍ଚିତ୍ରର ଅନୁକରଣ କଲା । ଦ୍ୱିତୀୟ ମଞ୍ଚରେ ଥିଏଟର ଶୈଳୀରେ ଆକର୍ଷଣୀୟ ଦୃଶ୍ୟମାନ ଦର୍ଶାଇ ଦିଆଗଲା । ରଙ୍ଗମଞ୍ଚର ପ୍ରଖ୍ୟାତ ନାଟ୍ୟକାର ଭୋଳାନାଥ ତ୍ରିପାଠୀ ପ୍ରମୁଖ ଏ ଦିଗରେ ନେତୃତ୍ୱ ଗ୍ରହଣ କଲେ । ଏମାନେ ମଞ୍ଚ ଛାଡ଼ି ଯାତ୍ରାରେ ପାଦଦେଲେ ଏବଂ ଥିଏଟର ଶୈଳୀର ଅନୁବର୍ତ୍ତନ କରାଇଲେ ।

ଏହି ଦଶନ୍ଧିରେ ସଂଗୀତ ପ୍ରୟୋଗ ରୀତିରେ ଓଡ଼ିଆ ଯାତ୍ରା ଚଳଚ୍ଚିତ୍ର ସଂଗୀତ ଅନୁକରଣ କଲା । ନାମ ଘୋଷଣା କରିବା ନିମିତ୍ତ ଗୀତ ବିରତି ମଧ୍ୟରେ ଦଳମାଲିକ, ପରିଚାଳକ, ନିର୍ଦ୍ଦେଶକ, ଦଳ ସଂଗଠକ, ସଂପୃକ୍ତ କଳାକାର ଓ ସଙ୍ଗୀତଜ୍ଞ ଇତ୍ୟାଦିଙ୍କ ନାମ ଘୋଷଣା କରାଯାଉଥିଲା । ମାତ୍ର ଏହି କାଳରେ ଦ୍ୱିତୀୟ ମଞ୍ଚର ସାଇକ୍ଲୋରାମା ପର୍ଦ୍ଦାରେ ପ୍ରୋଜେକ୍ଟର ଦ୍ୱାରା ନାମାଙ୍କନ କରାଗଲା । ଅଭିନୟ ମଞ୍ଚ ନଅଗୋଟି ଆଲୋକକୋଣରେ ପରିଣତ କରାଗଲା । ନୂତନ ରୀତି ଆଲୋକ ସଂପାତ ଦ୍ୱାରା ମଞ୍ଚକଳାରେ ଚମତ୍କାରିତା ସୃଷ୍ଟି କରାଗଲା । ଯାତ୍ରାରୁ ନେପଥ୍ୟ ସଂଳାପ ଏବଂ ସ୍ୱଗତୋକ୍ତି ଭିତ୍ତିକ ସଂଳାପ ହଟ

ପାଇଲା । କାହାଣୀ କେବଳ ସାମାଜିକ ବିଷୟ ବିନ୍ୟାସକୁ ଗୁରୁତ୍ୱ ପ୍ରଦାନ କଲା । ଅଭିନୟର କଳାଗତ ଦିଗଟି ଠାରୁ ଅଙ୍ଗସଜ୍ଜା ଓ ମଞ୍ଚସଜ୍ଜାକୁ ପ୍ରାଧାନ୍ୟ ଦିଆଗଲା ।

ଏହି ସମୟର ଯାତ୍ରାଧାରାକୁ ନବ୍ୟରୂପ ପ୍ରଦାନ ଦିଗରେ କାର୍ତ୍ତିକ ଘୋଷ, ଗୋପାଳ ଛୋଟରାୟ, ଭକ୍ତକିଶୋର ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଚନ୍ଦ୍ରସେନୀ ପ୍ରମୁଖଙ୍କ ରଚିତ ମଞ୍ଚନାଟକ ଯାତ୍ରା ରୀତିରେ ପରିବେଷିତ ହେଲା । ମଞ୍ଚ ଅଭିନେତା ଭୋଳାନାଥ ଦାସ, କୃଷ୍ଣ ସିଂହ, ସତ୍ୟନାରାୟଣ ଦେ, ବ୍ୟୋମକେଶ ତ୍ରିପାଠୀ, ସଚ୍ଚିଦାସ, ଅକ୍ଷୟ ମହାନ୍ତି, ଶରତ ବିଶ୍ୱାଳ, ଦୁଃଖୀରାମ ସ୍ୱାଇଁ ଓ ରାମଚନ୍ଦ୍ର ପ୍ରତିହାରୀ ପ୍ରମୁଖ ନାଟ୍ୟ ନିର୍ଦ୍ଦେଶକ ରୂପେ ଯାତ୍ରାରେ ପ୍ରବେଶ କଲେ । ଏମାନଙ୍କ ପ୍ରଚେଷ୍ଟାରେ ଯାତ୍ରାର ପାରମ୍ପରିକ ଗଢ଼ି ବହୁମାତ୍ରାରେ ପରିବର୍ତ୍ତିତ ହେଲା । ଏହି କାଳରେ ଭାଗିରଥୀ ମିଶ୍ର, ନାଗମଣି ନାୟକ, ଦେବୀ ପ୍ରସାଦ ରଥ, ଜନାର୍ଦ୍ଦନ ମିଶ୍ର, ହରେକୃଷ୍ଣ ଦାସ, ଗଗନ ମହାରାଜ, ସୁକାନ୍ତ ଦାସ, ନକୁଳ ପାତ୍ର ପ୍ରମୁଖ ଅଭିନେତା ନାଟ୍ୟରଚନା ଓ ନିର୍ଦ୍ଦେଶନା କ୍ଷେତ୍ରରେ ନିଜ ନିଜ ପ୍ରତିଭାକୁ ବିନିଯୋଗ କରିଛନ୍ତି ।

ଏହି କାଳରେ ବିନୁଦାସ, ନୟନ ଆଚାର୍ଯ୍ୟ, ନିତ୍ୟାନନ୍ଦ ପାତ୍ରୀ, ଲକ୍ଷ୍ମୀଧର ମହାରଣା, ଭାଗବତ ମୁଦୁଲି, ପ୍ରଦୀପ ମାଇତି, ପରିମଳ ପାତ୍ର, ଶତ୍ରୁ ମୋହନ ଜେନା, ଖଗେନ୍ଦ୍ର ବାରିକ, କୈଳାସ ବେହେରା, ଶିବଦାସ, ନିରଞ୍ଜନ ସାହୁ, ପ୍ରଭାତ ପଣ୍ଡା, ଦୁଃଶାସନ ପାତ୍ର, କୈଳାସ ପରିଡ଼ା, କେଦାର ନାୟକ, ଯୁଧିଷ୍ଠିର ଦାଶ, ପ୍ରଭାତ ନାୟକ, ବୈକୁଣ୍ଠ ଦଲେଇ, ସୁନୀଲ ରାୟ, ଅଖିଳ ମଲ୍ଲିକ ପ୍ରଭୃତି ଅଭିନେତା ଓ ସଙ୍ଗୀତଜ୍ଞ, ମମତା ଦାଶ, ଉମାରାଣୀ ରଥ, ବାସନ୍ତୀ ବାରିକ, ରଞ୍ଜିତା ନାୟକ, ଉର୍ମିଳା ସ୍ୱାଇଁ, ଦେବିକା କାନୁନ୍‌ଗୋ ପ୍ରଭୃତି ଅଭିନେତ୍ରୀମାନେ ଅସାମାନ୍ୟ ଦକ୍ଷତା ପ୍ରଦର୍ଶନ କରିପାରିଛନ୍ତି । ଏ ସମୟରେ ଯଦୁମଣି କାନୁନ୍‌ଗୋ, ହରନାୟକ, ସୁଧାକର ଦ୍ୱିବେଦୀ, ଜଗଦୀଶ ତ୍ରିପାଠୀ, ନୀଳମଣି ନାୟକ, ଧର୍ମରାଜ ପରିଡ଼ା, ବୈଷ୍ଣବ ମହାନ୍ତି ଏବଂ ସୁକାନ୍ତ ଦାସ ପ୍ରଭୃତି ନାଟ୍ୟକାରମାନଙ୍କ କୃତିତ୍ୱ ମଧ୍ୟ ସ୍ମରଣୀୟ ହୋଇ ରହିବ ।

ତରସପୁରଦଳ ଓ ବେଣାରାମପୁର ଦଳ ସାଙ୍ଗକୁ କଳିଙ୍ଗ ଭାରତୀ କଳାକୁଞ୍ଜ, ପଦ୍ମଶ୍ରୀ କଳାନିକେତନ, ଉତ୍ତରାୟଣୀ ଅପେରା, ସୁବାମବତୀ ଗଣନାଟ୍ୟ, ବୀଣାପାଣି କଳାକୁଞ୍ଜ, ଭାଡ଼ଙ୍ଗଦଳ, ଗ୍ରାଜୁଏଟ୍ ଅପେରା, ଜଗଦେବୀ ଅପେରା, ପାରାଦଳ, ଓଡ଼ିଶା ଅପେରା, ବିଶ୍ୱମାତା ଅପେରା, ମୁକ୍ତେଶ୍ୱର ଅପେରା, ବଡ଼ଗାଁ ଅପେରା, କେନ୍ଦାଳ ଅପେରା, ନବରାଜଲ ଅପେରା, ଅରୁଣା ଗଣନାଟ୍ୟ ପ୍ରଭୃତି ଅନେକ ଯାତ୍ରାଦଳ ସଂଗଠିତ ହୋଇ ଓଡ଼ିଶା ଏବଂ ଓଡ଼ିଶା ବାହାରେ ଓଡ଼ିଆ ଯାତ୍ରା ପ୍ରଦର୍ଶନ କରି ଯଥେଷ୍ଟ ଖ୍ୟାତି ଅର୍ଜନ କରିଥିଲେ ।

**(ଗ) ନବପରିବର୍ତ୍ତିତ ପର୍ବ : (୧୯୮୧-୯୦)**

ବ୍ୟବସାୟିକ ସଫଳତା ଦୃଷ୍ଟିରୁ ପାରମ୍ପରିକ ଦଳଗୁଡ଼ିକର ନବୀକରଣ ଏବଂ ଅଧିକ ପୁଞ୍ଜି ବିନିଯୋଗ ଦ୍ୱାରା ନୂତନ ଦଳ ସଂଗଠନ ଦ୍ୱାରା ଏହି ଦଶନ୍ଧିର ଯାତ୍ରାରେ ନବ୍ୟପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ଦଳଗୁଡ଼ିକ କଳାକାରଙ୍କ ପାରିଶ୍ରମିକ ବୃଦ୍ଧି କରାଇଲେ ଏବଂ ବିଷୟ ବିଶେଷଜ୍ଞମାନଙ୍କୁ ନିଯୁକ୍ତି କଲେ । ଏ ଦିଗରେ ଜଗତସିଂହପୁର ଜିଲ୍ଲାର ଯାତ୍ରା ଦଳଗୁଡ଼ିକ ଅଗ୍ରଣୀ ଭୂମିକା ଗ୍ରହଣ କଲେ । ଏହି ଜିଲ୍ଲାର ତୁଳସୀ ଗଣନାଟ୍ୟ, ପାର୍ବତୀ ଗଣନାଟ୍ୟ, ବୀଣାପାଣି କଳାକୁଞ୍ଜ, ଜନତା ଗଣନାଟ୍ୟ, ନିୟତି ଗଣନାଟ୍ୟ, କଟକ ଜିଲ୍ଲାର ସୁବାମବତୀ ଅପେରା, ବେଣାରାମପୁର ଦଳ, ପୁରୀ ଜିଲ୍ଲାର ସାତଶଙ୍ଖ ଅପେରା, ତେଲଙ୍ଗ ଅପେରା, ବାଲେଶ୍ୱର ଜିଲ୍ଲାର ନୀଳଚକ୍ର ଅପେରା, ଓଡ଼ିଶା ଅପେରା, ସାଗରକନ୍ୟା ଗଣନାଟ୍ୟ ପ୍ରଭୃତି ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ନେଇ ସଂଗଠିତ ହେଲେ । ଦଳରେ କଳାକାରମାନଙ୍କ ତୁଳନାରେ ଅଣକଳାକାରଙ୍କ ସଂଖ୍ୟା ବୃଦ୍ଧି ପାଇଲା । କାହାଣୀକାର, ନିର୍ଦ୍ଦେଶକ, ସଂଗୀତ ଓ ନୃତ୍ୟ ନିର୍ଦ୍ଦେଶକ ରୂପେ ମଞ୍ଚ ଓ ଚଳଚ୍ଚିତ୍ର କଳାକାରମାନେ ଯାତ୍ରାର ନେତୃତ୍ୱ ନେଲେ । ତେଣୁ ମଞ୍ଚଉପକରଣ ଓ ପରିବେଷଣ ରୀତିରେ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଗଲା ।

ସଂଶ୍ଳିଷ୍ଟ ସମୟର ଯାତ୍ରା କାହାଣୀ ସାମାଜିକ ଓ ସତ୍ୟାଧାରିତ ବିଷୟକୁ ନେଇ ରଚିତ ହେଲା । ରାଜନୀତିକ ଦଲାଲମାନଙ୍କ କ୍ଷମତା ନିଶା, କଳାଟଙ୍କା, ଦୁର୍ନୀତି, ଧର୍ଷଣ, ଲୁଣ୍ଠନ, ଯୌନାଚାର, ଅନୈତିକ ଆଚରଣ ପ୍ରଭୃତି ଅନେକ ଅପରାଧମୂଳକ କାହାଣୀ ଯାତ୍ରାରେ ଅଭିନୀତ ହେଲା । ଦର୍ଶକସମାଜ ପ୍ରତ୍ୟକ୍ଷ କଲେ ସମାଜ ଜୀବନରେ ନିଜ ନିଜ ପରିପାର୍ଶ୍ୱରେ ଘଟି ଯାଉଥିବା ଘଟଣାମାନଙ୍କୁ ।

ବୈତିମଞ୍ଚରେ ପ୍ରୋଜେକ୍ଟର ସାହାଯ୍ୟରେ ରେଳ ଓ ମଟର ଦୁର୍ଘଟଣା, ଉଡ଼ାଜାହାଜ ଉଡ଼ିବା ଓ ଅବତରଣ କରିବା ଇତ୍ୟାଦିର ଚିତ୍ର ଅତି ଚିତ୍ତାକର୍ଷକ ହେଲା । ଯାତ୍ରାର ଏହି କାଳରେ ମ୍ୟାଜିକ୍ ସୋ ଆଗମ ହେଲା । ନୃତ୍ୟ ନାମରେ କିଛି ଯୁବକ-ଯୁବତୀଙ୍କର ମାରପିଟ ଏବଂ ସର୍କସ୍ ଶୈଳୀର ଡିଆଁ ଝପଟ ପ୍ରଭୃତିକୁ ଦର୍ଶକଙ୍କ ଆଗରେ ଉପସ୍ଥାପିତ କରାଗଲା । ପୂର୍ବ ଚଳିତ ଡୁଏଟ୍‌ରେ ଯନ୍ତ୍ର ସଙ୍ଗୀତ ଓ ନୃତ୍ୟକୁ ବନ୍ଦ କରିଦିଆଗଲା । ସାତଶଙ୍ଖ ଦଳର ସ୍ୱତ୍ୱାଧିକାରୀ ସଂଗଠକ ସୁରେନ୍ଦ୍ର ମହାନ୍ତି ଓ ନରେନ୍ ମହାନ୍ତି ଏଦିଗରେ ଅଗ୍ରଣୀ ଭୂମିକା ନେଲେ ।

ପ୍ରଖ୍ୟାତ ନାଟ୍ୟକାର ଡକ୍ଟର ରମେଶ ପାଣିଗ୍ରାହୀ ମଞ୍ଚ ପରିକଳ୍ପନାରେ 'ତୁଳସୀ ଗଣନାଟ୍ୟ'ରେ ୧୯୮୭ ମସିହାରେ ତୃତୀୟ ମଞ୍ଚର ଆରମ୍ଭ କରାଇଲେ । ମୁଖ୍ୟ ମଞ୍ଚ ଓ ସାଇକ୍ଲୋରାମା ମଞ୍ଚର ମଧ୍ୟବର୍ତ୍ତୀ ସ୍ଥାନରେ ରହିଲା ମଧ୍ୟମଞ୍ଚ । ଦୂରଦର୍ଶନର କମ୍ପିୟରିଙ୍ଗ୍ ଶୈଳୀରେ ଜଣେ ଯୁବ ଉପସ୍ଥାପକ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ଦର୍ଶକଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମ ଉପସ୍ଥାପନା କଲେ । ଗୋଟିଏ ଦୁଇଟି ଓଡ଼ିଆ ଭଜନ ସହିତ ପରେ ପରେ ହିନ୍ଦୀ ଚଳଚ୍ଚିତ୍ରର ସଂଗୀତମାନ ଏହି ମଞ୍ଚରେ କଣ୍ଠ ଶିଳ୍ପୀମାନେ ପରିବେଷଣ କଲେ । ମୁଖ୍ୟକାହାଣୀ ସହିତ ସମ୍ପର୍କରହିତ ନୃତ୍ୟନାଟିକା ସଂଯୋଜନା କରାଗଲା । ପାଶ୍ଚାତ୍ୟ ନାଟ୍ୟଶାଳାର କର୍ଟେନ୍‌ରେଜର୍ ପରି ଏହା ଦର୍ଶକଙ୍କୁ ଆକୃଷ୍ଟ କଲା । ପୂର୍ବଧାରାର ଡୁଏଟ୍ ପରିବର୍ତ୍ତେ ଏହି ସମୟରେ ଯାତ୍ରାରେ ନାୟକ ନାୟିକାଙ୍କ ପ୍ରେମ-ପ୍ରଣୟ ଦୃଶ୍ୟରେ ଚଳଚ୍ଚିତ୍ର ଶୈଳୀରେ ନୃତ୍ୟ ପରିବେଷଣ କରାଗଲା । ପାରମ୍ପରିକ ନାଟ୍ୟଧାରାରେ ଥିବା ବିଦୂଷକ ଓ ଦ୍ୱାରୀ ପ୍ରଭୃତି କାହାଣୀ ଅସଂପୃକ୍ତ ଚରିତ୍ରମାନଙ୍କର ଅଶ୍ଳୀଳ ହାସ୍ୟରସ ପରିବେଷଣର ମାର୍ଜିତ ରୂପ, ଭାବରେ, ବିଷୟ ସଂପୃକ୍ତ ହାସ୍ୟ ପରିବେଷଣ କରାଗଲା । ହାସ୍ୟରସ ନିମିତ୍ତ ସ୍ୱତନ୍ତ୍ର ଚରିତ୍ରଗୁଡ଼ିକ କାହାଣୀ ସହିତ ସଂପୃକ୍ତ ହୋଇପଡ଼ିଲେ ।

ବାଲେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ବାରିପଦା ପ୍ରଭୃତି ନଗରାଞ୍ଚଳରେ ଥିଏଟର ହିଁ ମନୋରଞ୍ଜନର ମାଧ୍ୟମ ଥିଲା । ଜନସାଧାରଣର ସୁଯୋଗ ନଥିବା ଅନ୍ୟ ଗ୍ରାମାଞ୍ଚଳମାନଙ୍କରେ ସଂଖ୍ୟାଧିକ ଦର୍ଶକଙ୍କ ମନୋରଞ୍ଜନ ନିମିତ୍ତ ଏହା ଥିଲା ଅଭିପ୍ରେତ । ଏ ସମୟରେ ପୌରାଣିକ, କାଳ୍ପନିକ ଓ ଐତିହାସିକ କାହାଣୀର ସରଳ ଗତିଭଙ୍ଗୀ ଦର୍ଶକଙ୍କ ମନୋରଞ୍ଜନ କରୁଥିଲା । କଟକ, ପୁରୀ, ବାଲେଶ୍ୱର ପ୍ରଭୃତି ଅବିଭକ୍ତ ଉପକୂଳ ଜିଲ୍ଲାମାନଙ୍କରେ ବ୍ୟବସାୟ ଭିତ୍ତିରେ ନୂତନ ଯାତ୍ରା ଦଳମାନ ମୁଣ୍ଡଟେକି ଉଠିଲା । ଏହି କାଳରେ ନରସିଂହପୁର, ବେଣୀରାମପୁର ଓ ଗଞ୍ଜାପୁର ଇତ୍ୟାଦି ଥିଲା ଅଗ୍ରଣୀ ଦଳ । ଏମାନଙ୍କ ନାଟ୍ୟ ଢାଞ୍ଚାକୁ ଅନୁସରଣ କରି ଗଢ଼ି ଉଠିଥିବା ଦଳଗୁଡ଼ିକ ହେଲା, ବାଣାପାଣି କଳାକୁଞ୍ଜ, ସହଦପୁର ଅପେରା, ଭାଦ୍ରଙ୍ଗ ଦଳ, ସର୍ବମଙ୍ଗଳା ନାଟ୍ୟ ନିକେତନ, ସୁନାମୁହିଁ କଳାପରିଷଦ, ସାତଶଙ୍ଖ, ସୁଦାମବତୀ ଅପେରା, ଗଡଗପୁର ଦଳ, କେନ୍ଦ୍ରେଶ୍ୱରୀ ଅପେରା ଇତ୍ୟାଦି ।

ବ୍ୟବସାୟିକ ସଂପୃକ୍ତି ହେତୁ ଏହି କାଳରେ ଦଳଗୁଡ଼ିକରେ କଳାକାର, ଅଭିନେତା ପ୍ରଭୃତିଙ୍କ ସଂଖ୍ୟା ବୃଦ୍ଧି ପାଇଲା । ଯାତ୍ରା ପରିବେଷଣ ପୂର୍ବରୁ ମାଙ୍ଗଳିକ, ଆଳାପ ଓ ସମବେତ ଯନ୍ତ୍ର ସଂଗୀତର ସମ୍ମୋହତାର ସୃଷ୍ଟି କରାଯାଇ ଦର୍ଶକମାନଙ୍କୁ ଆକୃଷ୍ଟ କରାଗଲା । ଗୋଟିପୁଅ ନୃତ୍ୟ ସ୍ଥାନରେ ପୁରାଣ ପ୍ରସଙ୍ଗ ଆଧାରିତ କ୍ଷୁଦ୍ର ନୃତ୍ୟ ନାଟିକାମାନ ପରିବେଷଣ କରାଗଲା । ପୁରାଣ ପ୍ରଭାବ କ୍ରମଶଃ ଶିଥିଳ ହୋଇ ନାଟକୀୟ କାହାଣୀ ସାମାଜିକ ପର୍ବରେ ପାଦ ଥାପୁଥିଲା । ଯୁଦ୍ଧ ଦୃଶ୍ୟଗୁଡ଼ିକରେ ଖଣ୍ଡା, ତଲୱାର, ବର୍ଚ୍ଛା, ଧନୁ ତୀର ପ୍ରଭୃତି ଅସ୍ତ୍ରଶସ୍ତ୍ର ବ୍ୟବହୃତ ହେଉଥିଲା । ପୁରାଣ ଓ ଇତିହାସର ରାଜାରାଣୀ ଚରିତ୍ର ସ୍ଥାନରେ ଜମିଦାର, ମହନ୍ତ ଓ ଶିଳ୍ପପତିମାନେ ସ୍ଥାନ ପାଇଲେ । ଗଡ଼ିକାଟର ଫାର୍ଶ ପରିବର୍ତ୍ତେ ନାରୀ-ପୁରୁଷଙ୍କ ମିଳିତ ଯୁଗ୍ମନୃତ୍ୟ ଡୁଏଟ୍ ପରିବେଷିତ ହେଲା । ଚରିତ୍ରମାନେ ନାଟ୍ୟକାହାଣୀର ଗୀତଗୁଡ଼ିକ ନିଜେ ନିଜେ ଗାନ କଲେ । ନୃତ୍ୟାର୍ଥ ସମ୍ପ୍ ପାଇଁ ଯାତ୍ରାଭିନୟ କରାଯାଉଥିଲା । ବାଦ୍ୟକାରମାନଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ବାଦ୍ୟ ସଂଗୀତ ଦ୍ୱାରା ନାଟ୍ୟ ଦୃଶ୍ୟଗୁଡ଼ିକର ବିଭାଜନ କରାଯାଉଥିଲା ।

ସଂଗୀତ ପର୍ଯ୍ୟାୟରେ ପୁରୁଷମାନେ ପୁରୁଷ ଓ ନାରୀଭୂମିକାରେ ଅଭିନୟ କରୁଥିଲେ । ପାରମ୍ପରିକ ଦ୍ୱାରୀ ଓ ଡଗର ଚରିତ୍ରଗୁଡ଼ିକ ଏସମୟରେ ନିୟତି ଓ ବିବେକ ଚରିତ୍ରରେ ପରିବର୍ତ୍ତିତ ହେଲେ । ଏହି ଚରିତ୍ରଗୁଡ଼ିକ ଦ୍ୱାରା ଯାତ୍ରାକାରମାନଙ୍କ ବାର୍ତ୍ତା ସଂଳାପ ମାଧ୍ୟମରେ ରୂପ ପାଇଲା । ବରଖୁଣ୍ଟିଆ ଛାମୁଡ଼ିଆ ମଞ୍ଚଗୁଡ଼ିକୁ ବାଉଁଶ ପ୍ରଭୃତି ଦ୍ୱାରା ସୁସଜ୍ଜିତ କରାଗଲା । ସଂଗୀତର ବାହୁଲ୍ୟ ଏ ସମୟକୁ ହ୍ରାସ ପାଉଥିଲା । ଭଦ୍ରକର ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା, ଜଗତସିଂହପୁରର ବ୍ରଜନିଧି ଦାସ ପ୍ରମୁଖ ଯାତ୍ରା ଦଳରେ ନାରୀମାନଙ୍କୁ ପ୍ରବେଶ କରାଇ ନୂତନତା ସୃଷ୍ଟି କଲେ ।

ଏହି ସମୟର ଯାତ୍ରାଧାରାରେ ଶିଳ୍ପଗତି, ସାଂଗଠନିକ ସଫଳତା ଏବଂ ପରିବେଷଣ ପରିପାଟୀର ପରିବର୍ତ୍ତନ ଘଟିଲା । ଯାତ୍ରାକାର କମାକାନ୍ତ ବେହେରା, ଚନ୍ଦ୍ରକୁମାର ସାହୁ, ନନ୍ଦକିଶୋର ମଲ୍ଲିକ, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା, ଶ୍ୟାମସୁନ୍ଦର ମହାପାତ୍ର ଏବଂ ଘନଶ୍ୟାମ ସ୍ୱାଇଁ ପ୍ରମୁଖଙ୍କ ରଚିତ ଯାତ୍ରାମାନ ଅଗ୍ରଣୀଦଳଗୁଡ଼ିକ ଦ୍ୱାରା ଅଭିନୀତ ହେଉଥିଲା । ନନ୍ଦକିଶୋର, ରଘୁନାଥ, ଶ୍ୟାମ ସୁନ୍ଦର ଏବଂ ଘନଶ୍ୟାମ ପ୍ରମୁଖ ଥିଲେ ସଂଗୀତ କାଳର ବିଚକ୍ଷଣ ପ୍ରତିଭା । ଆର୍ତ୍ତବନ୍ଧୁ ଭାରତଭାରୁ, ନଟବର ସାହୁ, ଗୋଲେଖଚନ୍ଦ୍ର ପ୍ରଧାନ, ଦ୍ୱାରିକାନାଥ ନାୟକ, ପଞ୍ଚୁ ସ୍ୱାଇଁ, ଦୀନବନ୍ଧୁ ମାଟିଆ, ଭାଗବତ ସ୍ୱାଇଁ, କୃପାସିନ୍ଧୁ ବେହେରା, ଭଗବାନ ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ସେନାପତି, ହରିହରନାଥ, ଦିବାକର ଧୁଣ୍ଡିଆ, ଭାବଗ୍ରାହୀ ମୁଦୁଲି, ଶୁକଦେବ ମହାରଣା, ବାଳକୃଷ୍ଣ ମହାରଣା, ଦେବମଲ୍ଲିକ, ବିଷ୍ଣୁ ମୋହନ ପତି, କୃଷ୍ଣଚନ୍ଦ୍ର ନାୟକ, ଗାଙ୍ଗଦ ମହାରଣା ପ୍ରମୁଖ କଳାକାର, ଅଭିନେତା, ସଂଗୀତଜ୍ଞ ଏବଂ କଣ୍ଠଶିଳ୍ପୀମାନେ ଯାତ୍ରା ଜଗତକୁ ପରିପୁଷ୍ଟ କରିଥିଲେ ।

### (ଗ) ଅନୁକରଣ ପର୍ବ (୧୯୭୧-୮୦)

ଓଡ଼ିଶାର ସ୍ଥାୟୀ ରଙ୍ଗମଞ୍ଚଗୁଡ଼ିକର ପାଦ-ପ୍ରଦୀପ ନିଷ୍ପ୍ରଭ ହେବା ପରେ ପରେ ରଙ୍ଗମଞ୍ଚର କେତେକ ପ୍ରଖ୍ୟାତ କଳାକାର ଯାତ୍ରାରେ ପ୍ରବେଶ କରି ଯାତ୍ରା ସ୍ୱରୂପକୁ ପରିବର୍ତ୍ତନ କରାଇଲେ । ବ୍ୟବସାୟ ଭିତ୍ତିରେ ଯାତ୍ରା ଦଳ ଗଠନ ତଥା ପୂର୍ବ ପର୍ଯ୍ୟାୟର ଦଳଗୁଡ଼ିକର ସଂସ୍କାର, କେତେକ ଧନୀ ପୃଷ୍ଠପୋଷକଙ୍କର ଅଧିକ ପୁଞ୍ଜି ବିନିଯୋଗ ଦ୍ୱାରା ଯାତ୍ରା ଦଳର ସାଂଗଠନିକ ଦୃଢ଼ତା ଅଣାଗଲା । ନିଯୁକ୍ତି କ୍ଷେତ୍ରରେ ବୃତ୍ତି ପ୍ରାପ୍ତି ହେଲା । ଏହି ସମୟରେ ଦ୍ୱୈତମଞ୍ଚର ଆବିର୍ଭାବ ଯାତ୍ରାର ବୃତ୍ତିକୁ କିମ୍ଭୂତକିମାକାର କରିଦେଲା । ଧୀରେନ୍ ଦାଶ ପ୍ରମୁଖ ଏହାକୁ ଥିଏଟର ମିଶ୍ରିତ ଯାତ୍ରା ବା 'ଥିଏଟ୍ରା' ବୋଲି ଅଭିହିତ [illegible]ନ୍ତି । କେତେକ ବଳିଷ୍ଠ ସଂଗଠକ ଦ୍ୱୈତ ମଞ୍ଚରେ ବିଦ୍ୟୁତ୍ ଆଲୋ... କରାଇଲେ । ଏହି କାଳଠାରୁ ଓଡ଼ିଆ ଯାତ୍ରାରେ ଚଳଚ୍ଚିତ୍ର ଓ ଥିଏଟ... ମିଶ୍ରିତ ପ୍ରତିକ୍ରିୟା ଦେଖାଦେଲା । ଦଳରେ ଏଣିକି ପ୍ରବେଶ କଲେ ... ଅଭିନେତ୍ରୀ । ନରସିଂହପୁର ଦଳର ପୃଷ୍ଠପୋଷକ ସୁରେନ୍ଦ୍ରନାଥ ପଟ୍ଟନାୟକଙ୍କ ଆର୍ଥିକ ସହଯୋଗ ଦ୍ୱାରା ତାଙ୍କ ଦଳରେ ସାଇକ୍ଲୋରାମା ମଞ୍ଚ ସହିତ ବିଦ୍ୟୁତ୍ ଆଲୋକ ବ୍ୟବସ୍ଥା କରାଯାଉଥିଲା ।

ଦ୍ୱୈତମଞ୍ଚ ଓ ପ୍ରୋଜେକ୍ଟର ବ୍ୟବହାର କରି ଯାତ୍ରା ଚଳଚ୍ଚିତ୍ରର ଅନୁକରଣ କଲା । ଦ୍ୱିତୀୟ ମଞ୍ଚରେ ଥିଏଟର ଶୈଳୀରେ ଆକର୍ଷଣୀୟ ଦୃଶ୍ୟମାନ ଦର୍ଶାଇ ଦିଆଗଲା । ରଙ୍ଗମଞ୍ଚର ପ୍ରଖ୍ୟାତ କଳାକାର ଗୋପୀନାଥ ତ୍ରିପାଠୀ ପ୍ରମୁଖ ଏ ଦିଗରେ ନେତୃତ୍ୱ ଗ୍ରହଣ କଲେ । ଏମାନେ ମଞ୍ଚ ଛାଡ଼ି ଯାତ୍ରାରେ ପାଦଦେଲେ ଏବଂ ଥିଏଟର ଶୈଳୀର ଅନୁକରଣ କରାଇଲେ ।

ଏହି ଦଶନ୍ଧିରେ ସଂଗୀତ ପ୍ରୟୋଗ ରୀତିରେ ଓଡ଼ିଆ ଯାତ୍ରା ଚଳଚ୍ଚିତ୍ର ସଂଗୀତ ଅନୁକରଣ କଲା । ନାମ ଘୋଷଣା କରିବା ନିମିତ୍ତ ସୀମିତ ବିରତି ମଧ୍ୟରେ ଦଳମାଲିକ, ପରିଚାଳକ, ନିର୍ଦ୍ଦେଶକ, ପ୍ର ସଂଗଠକ, ସମ୍ପୃକ୍ତ କଳାକାର ଓ ସଙ୍ଗୀତଜ୍ଞ ଇତ୍ୟାଦିଙ୍କ ନାମ ଘୋଷଣା କରାଯାଉଥିଲା । ମାତ୍ର ଏହି କାଳରେ ଦ୍ୱିତୀୟ ମଞ୍ଚର ସାଇକ୍ଲୋରାମା ପର୍ଦ୍ଦାରେ ପ୍ରୋଜେକ୍ଟର ଦ୍ୱାରା ନାମାଙ୍କନ କରାଗଲା । ଅଭିନୟ ମଞ୍ଚକୁ ନଅରୋଟି ଆଲୋକଜୋନ୍‌ରେ ପରିଣତ କରାଗଲା । ନୂତନ ରୀତିର ଆଲୋକ ସଂପାତ ଦ୍ୱାରା ମଞ୍ଚକଳାରେ ଚମତ୍କାରିତା ସୃଷ୍ଟି କରାଗଲା । ଯାତ୍ରାରୁ ନେପଥ୍ୟ ସଂଳାପ ଏବଂ ସ୍ୱଗତୋକ୍ତି ଶିଥିଳ ସଂଳାପ ହ୍ରାସ

ପ୍ରଦଲା । କାହାଣୀ କେବଳ ସାମାଜିକ ବିଷୟ ବିନ୍ୟାସକୁ ଗୁରୁତ୍ୱ ପ୍ରଦାନ କଲା । ଅଭିନୟର କଳାଗତ ଦିଗଟି ଠାରୁ ଅଙ୍ଗସଜ୍ଜା ଓ ମଞ୍ଚସଜ୍ଜାକୁ ଆକର୍ଷଣୀୟ କରାଗଲା ।

ଏହି ଦଶକରେ ଯାତ୍ରାଧାରାକୁ ନବ୍ୟରୂପ ପ୍ରଦାନ ଦିଗରେ କାର୍ତ୍ତିକ ଘୋଷ, ଗୋପାଳ ଛୋଟରାୟ, ଭଞ୍ଜକିଶୋର ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର କାନୁନ୍‌ଗୋ ପ୍ରମୁଖଙ୍କ ରଚିତ ମଞ୍ଚନାଟକ ଯାତ୍ରା ରୀତିରେ ପରିବେଷିତ ହେଲା । ମଞ୍ଚ ଅଭିନେତା ଭୋଳାନାଥ ଦାସ, କୃଷ୍ଣ ସିଂହ, ସତ୍ୟନାରାୟଣ ସିଂ, ବ୍ୟୋମକେଶ ତ୍ରିପାଠୀ, ସଚ୍ଚିଦାସ, ଅକ୍ଷୟ ମହାନ୍ତି, ଶରତ ବିଶ୍ୱାଳ, ଦୁଃଖୀରାମ ସ୍ୱାଇଁ ଓ ରାମଚନ୍ଦ୍ର ପ୍ରତିହାରୀ ପ୍ରମୁଖ ନାଟ୍ୟ ନିର୍ଦ୍ଦେଶକ ରୂପେ ଯାତ୍ରାରେ ପ୍ରବେଶ କଲେ । ଏମାନଙ୍କ ପ୍ରଚେଷ୍ଟାରେ ଯାତ୍ରାର ପାରମ୍ପରିକ ରୀତି ବହୁମାତ୍ରାରେ ପରିବର୍ତ୍ତିତ ହେଲା । ଏହି କାଳରେ ଭାଗିରଥୀ ମିଶ୍ର, ନୀଳମଣି ନାୟକ, ଦେବୀ ପ୍ରସାଦ ରଥ, ଜନାର୍ଦ୍ଦନ ମିଶ୍ର, ହରେକୃଷ୍ଣ ଦାଶ, ରଞ୍ଜନ ମହାରାଜ, ସୁକାନ୍ତ ଦାସ, ନକୁଳ ପାତ୍ର ପ୍ରମୁଖ ଅଭିନେତା ନାଟ୍ୟରଚନା ଓ ନିର୍ଦ୍ଦେଶନା କ୍ଷେତ୍ରରେ ନିଜ ନିଜ ପ୍ରତିଭାକୁ ବିନିଯୋଗ କରନ୍ତି ।

ଏହି କାଳରେ ଚିନ୍ତାଦାସ, ନୟନ ଆଚାର୍ଯ୍ୟ, ନିତ୍ୟାନନ୍ଦ ପାଢ଼ୀ, ଲକ୍ଷ୍ମୀଧର ମହାରଣା, ଭାଗବତ ମୁଦୁଲି, ପ୍ରତାପ ମାଇତି, ପରିମଳ ପାତ୍ର, କ୍ଷେତ୍ର ମୋହନ ଜେନା, ଖଗେନ୍ଦ୍ର ବାରିକ, କୈଳାସ ବେହେରା, ଚିତ୍ତଦାସ, ନିରଞ୍ଜନ ସାହୁ, ପ୍ରଭାତ ପଣ୍ଡା, ଦୁଃଶାସନ ପାତ୍ର, କୈଳାସ ପରିଡ଼ା, କେଦାର ନାୟକ, ଯୁଧିଷ୍ଠିର ଦାଶ, ପ୍ରଭାତ ନାୟକ, ବୈକୁଣ୍ଠ ଚହେଲ, ସୁନୀଲ ରାୟ, ଅଭିନ୍ନ ମହନ ପ୍ରଭୃତି ଅଭିନେତା ଓ ସଙ୍ଗୀତଜ୍ଞ, ମାଳତୀ ଦାଶ, ଉମାରାଣୀ ରଥ, ବାସନ୍ତୀ ବାରିକ, ରଞ୍ଜିତା ନାୟକ, କାମିନୀ ସ୍ୱାଇଁ, ଦେବିକା କାନୁନ୍‌ଗୋ ପ୍ରଭୃତି ଅଭିନେତ୍ରୀମାନେ ଅସାମାନ୍ୟ ଦକ୍ଷତା ପ୍ରଦର୍ଶନ କରିପାରିଛନ୍ତି । ଏ ସମୟରେ ଯଦୁମଣି କାନୁନ୍‌ଗୋ, କୃଷ୍ଣନାୟକ, ସୁଧାକର ଦ୍ୱିବେଦୀ, ଜଗଦୀଶ ତ୍ରିପାଠୀ, ନୀଳମଣିନାୟକ, [illegible] ପରିଜା, ବୈଷ୍ଣବ ମହାନ୍ତି ଏବଂ ସୁକାନ୍ତ ଦାସ ପ୍ରଭୃତି ନାଟ୍ୟକାରମାନଙ୍କ କୃତିତ୍ୱ ମଧ୍ୟ ସ୍ମରଣୀୟ ହୋଇ ରହିବ ।

ଜଗତସିଂହପୁରଦଳ ଓ ବେଣାରାମପୁର ଦଳ ସାଙ୍ଗକୁ କଳିଙ୍ଗ ଭାରତୀ କଳାକୁଞ୍ଜ, ପଲ୍ଲୀଶ୍ରୀ କଳାନିକେତନ, ଉତ୍ତରାୟଣୀ ଅପେରା, ସୁଦାମବତୀ ଗଣନାଟ୍ୟ, ବୀଣାପାଣି କଳାକୁଞ୍ଜ, ଭାଡ଼ଙ୍ଗଦଳ, ଗ୍ରାଜୁଏଟ୍ ଅପେରା, [illegible] ଅପେରା, ପାରାଦଳ, ଓଡ଼ିଶା ଅପେରା, ବିଶ୍ୱମାତା ଅପେରା, ମୁକ୍ତେଶ୍ୱର ଅପେରା, ବଡ଼ଶ୍ରୀ ଅପେରା, କେନ୍ଦାଳ ଅପେରା, ନବଉତ୍କଳ ଅପେରା, ଅରୁଣା ଗଣନାଟ୍ୟ ପ୍ରଭୃତି ଅନେକ ଯାତ୍ରାଦଳ ସଂଗଠିତ ହୋଇ ଓଡ଼ିଶା ଏବଂ ଓଡ଼ିଶା ବାହାରେ ଓଡ଼ିଆ ଯାତ୍ରା ପ୍ରଦର୍ଶନ କରି ଯଥେଷ୍ଟ ଖ୍ୟାତି ଅର୍ଜନ କରିଥିଲେ ।

**(ଖ) ନବପରିବର୍ତ୍ତିତ ପର୍ବ : (୧୯୮୧-୯୦)**

ବ୍ୟବସାୟିକ ସଫଳତା ଦୃଷ୍ଟିରୁ ପାରମ୍ପରିକ ଦଳଗୁଡ଼ିକର ନବୀକରଣ ଏବଂ ଅଧିକ ପୁଞ୍ଜି ବିନିଯୋଗ ଦ୍ୱାରା ନୂତନ ଦଳ ସଂଗଠନ ଦ୍ୱାରା ଏହି ଦଶନ୍ଧିର ଯାତ୍ରାରେ ନବ୍ୟପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ଦଳଗୁଡ଼ିକ କଳାକାରଙ୍କ ପାରିଶ୍ରମିକ ବୃଦ୍ଧି କରାଇଲେ ଏବଂ ବିଷୟ ବିଶେଷଜ୍ଞମାନଙ୍କୁ ନିଯୁକ୍ତ କଲେ । ଏ ଦିଗରେ ଜଗତସିଂହପୁର ଜିଲ୍ଲାର ଯାତ୍ରା ଦଳଗୁଡ଼ିକ ଅଗ୍ରଣୀ ଭୂମିକା ଗ୍ରହଣ କଲେ । ଏହି ଜିଲ୍ଲାର ତୁଳସୀ ଗଣନାଟ୍ୟ, ପାର୍ବତୀ ଗଣନାଟ୍ୟ, ବୀଣାପାଣି କଳାକୁଞ୍ଜ, ଜନତା ଗଣନାଟ୍ୟ, ନିୟତି ଗଣନାଟ୍ୟ, କଟକ ଜିଲ୍ଲାର ସୁଦାମବତୀ ଅପେରା, ବେଣାରାମପୁର ଦଳ, ପୁରୀ ଜିଲ୍ଲାର ସାତଶଙ୍ଖ ଅପେରା, ତେଲାଙ୍ଗ ଅପେରା, ବାଲେଶ୍ୱର ଜିଲ୍ଲାର ନାଳତଳ ଅପେରା, ଓଡ଼ିଶା ଅପେରା, ସାଗରକନ୍ୟା ଗଣନାଟ୍ୟ ପ୍ରଭୃତି ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ନେଇ ସଂଗଠିତ ହେଲେ । ଦଳରେ କଳାକାରମାନଙ୍କ ତୁଳନାରେ ଅଣକଳାକାରଙ୍କ ସଂଖ୍ୟା ବୃଦ୍ଧି ପାଇଲା । କାହାଣୀକାର, ନିର୍ଦ୍ଦେଶକ, ସଂଗୀତ ଓ ନୃତ୍ୟ ନିର୍ଦ୍ଦେଶକ ରୂପେ ମଞ୍ଚ ଓ ଚଳଚ୍ଚିତ୍ର କଳାକାରମାନେ ଯାତ୍ରାର ନେତୃତ୍ୱ ନେଲେ । ତେଣୁ ମଞ୍ଚପ୍ରକରଣ ଓ ପରିବେଷଣ ରୀତିରେ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଗଲା ।

ସଂଶିତ ସମୟର ଯାତ୍ରା କାହାଣୀ ସାମାଜିକ ଓ ସତ୍ୟାଧାରିତ ବିଷୟକୁ ନେଇ ରଚିତ ହେଲା । ରାଜନୀତିକ ଦଲାଲମାନଙ୍କ କ୍ଷମତା ନିଶା, କଳାଟଙ୍କା, ଦୁର୍ନୀତି, ଧର୍ଷଣ, ଲୁଣ୍ଠନ, ଯୌନାଚାର, ଅନୈତିକ ଆଚରଣ ପ୍ରଭୃତି ଅନେକ ଅପରାଧମୂଳକ କାହାଣୀ ଯାତ୍ରାରେ ଅଭିନୀତ ହେଲା । ଦର୍ଶକସମାଜ ପ୍ରତ୍ୟକ୍ଷ କଲେ ସମାଜ ଜୀବନରେ ନିଜ ନିଜ ପରିପାର୍ଶ୍ୱରେ ଘଟି ଯାଉଥିବା ଘଟଣାମାନଙ୍କୁ ।

ଦ୍ୱୈତମଞ୍ଚରେ ପ୍ରୋଜେକ୍ଟର ସାହାଯ୍ୟରେ ରେଳ ଓ ମଟର ଦୁର୍ଘଟଣା, ଉଡ଼ାଜାହାଜ ଉଡ଼ିବା ଓ ଅବତରଣ କରିବା ଇତ୍ୟାଦିର ଚିତ୍ର ଅତି ଚିତ୍ତାକର୍ଷକ ହେଲା । ଯାତ୍ରାର ଏହି କାଳରେ ମ୍ୟାଜିକ୍ ସୋ ଆରମ୍ଭ ହେଲା । ନୃତ୍ୟ ନାମରେ କିଛି ଯୁବକ-ଯୁବତୀଙ୍କର ମାସଡ୍ରିଲ ଏବଂ ସର୍କସ୍ ଶୈଳୀର ଡିଆଁ ଝପଟ ପ୍ରଭୃତିକୁ ଦର୍ଶକଙ୍କ ଆଗରେ ଉପସ୍ଥାପିତ କରାଗଲା । ପୂର୍ବ ଚଳିତ ଡୁଏଟ୍‌ରେ ଯୁଗ୍ମ ସଂଗୀତ ଓ ନୃତ୍ୟକୁ ବନ୍ଦ କରିଦିଆଗଲା । ସାତଶଙ୍ଖ ଦଳର ସଂସ୍କାରବାଦୀ ସଂଗଠକ ସୁରେନ୍ଦ୍ର ମହାନ୍ତି ଓ ନରେନ୍ ମହାନ୍ତି ଏଦିଗରେ ଅଗ୍ରଣୀ ଭୂମିକା ନେଲେ ।

ପ୍ରଖ୍ୟାତ ନାଟ୍ୟକାର ଡକ୍ଟର ରମେଶ ପାଣିଗ୍ରାହୀ ମଞ୍ଚ ପରିକଳ୍ପନାରେ 'ତୁଳସୀ ଗଣନାଟ୍ୟ'ରେ ୧୯୮୭ ମସିହାରେ ତୃତୀୟ ମଞ୍ଚର ଆରମ୍ଭ କରାଇଲେ । ମୁଖ୍ୟ ମଞ୍ଚ ଓ ସାଇକ୍ଲୋରାମା ମଞ୍ଚର ମଧ୍ୟବର୍ତ୍ତୀ ସ୍ଥଳରେ ରହିଲା ମଧ୍ୟମଞ୍ଚ । ଦୂରଦର୍ଶନର କମ୍ପିୟରିଙ୍ଗ୍ ଶୈଳୀରେ ଜଣେ ଯୁବ ଉପସ୍ଥାପକ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ଦର୍ଶକଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମ ଉପସ୍ଥାପନା କଲେ । ଗୋଟିଏ ଦୁଇଟି ଓଡ଼ିଆ ଭଜନ ସହିତ ପରେ ପରେ ହିନ୍ଦୀ ଚଳଚ୍ଚିତ୍ରର ସଂଗୀତମାନ ଏହି ମଞ୍ଚରେ କଣ୍ଠଶିଳ୍ପୀମାନେ ପରିବେଷଣ କଲେ । ମୁଖ୍ୟକାହାଣୀ ସହିତ ସମଧରଣର ନୃତ୍ୟନାଟିକା ସଂଯୋଜନା କରାଗଲା । ପାଶ୍ଚାତ୍ୟ ନାଟ୍ୟଶାଳାର କର୍ଟେନ୍‌ରେଜର୍ ପରି ଏହା ଦର୍ଶକଙ୍କୁ ଆକୃଷ୍ଟ କଲା । ପୂର୍ବଧାରାର ଡୁଏଟ୍ ପରିବର୍ତ୍ତେ ଏହି ସମୟରେ ଯାତ୍ରାରେ ନାୟକ ନାୟିକାଙ୍କ ପ୍ରେମ-ପ୍ରଣୟ ଦୃଶ୍ୟରେ ଚଳଚ୍ଚିତ୍ର ଶୈଳୀରେ ନୃତ୍ୟ ପରିବେଷଣ କରାଗଲା । ପାରମ୍ପରିକ ନାଟ୍ୟଧାରାରେ ଥିବା ବିଦୂଷକ ଓ ଦ୍ୱାରୀ ପ୍ରଭୃତି କାହାଣୀ ଅସଂପୃକ୍ତ ଚରିତ୍ରମାନଙ୍କର ଅସଂଲଗ୍ନ ହାସ୍ୟରସ ପରିବେଷଣର ମାର୍ଜିତ ରୂପ, ଭାବରେ, ବିଷୟ ସଂପୃକ୍ତ ହାସ୍ୟ ପରିବେଷଣ କରାଗଲା । ହାସ୍ୟରସ ନିମିତ୍ତ ସ୍ୱତନ୍ତ୍ର ଚରିତ୍ରଗୁଡ଼ିକ କାହାଣୀ ସହିତ ସଂପୃକ୍ତ ହୋଇପଡ଼ିଲେ ।

ଏହି କାଳରେ ଯାତ୍ରା ହୋଇଗଲା ସମ୍ପୂର୍ଣ୍ଣ ବ୍ୟବସାୟିକ ପ୍ରତିଷ୍ଠାନ ଓ ଚଳଚ୍ଚିତ୍ରର ବିକଳ ଅନୁକରଣ । ମଞ୍ଚ ଓ ଆଲୋକ ସଜ୍ଜାରେ ନବପରିବର୍ତ୍ତନ ଆରମ୍ଭ ହେଲା । ସନ୍‌ଗନ୍, ସନ୍‌ଡାମ୍, ଫ୍ଲଡ଼, ଜିକ୍‌ଜ୍ୟାକ୍, ଫୁଟ୍, ହାଲୋଜିନ୍, ଡିମର, ଡେଣ୍ଟେଲ୍ ପ୍ରଭୃତି ଭିନ୍ନ ଭିନ୍ନ ବିଦ୍ୟୁତ୍ ଆଲୋକର ପ୍ରୟୋଗ ମଞ୍ଚକୁ କଲା ମାୟାପୂର୍ଣ୍ଣ । ବାଦ୍ୟଯନ୍ତ୍ର ଭାବରେ ଢୁଡ଼ି, ତବଲା, ଗିଟାର୍, ଯାଜ୍, ଡ୍ରମ୍, ଟ୍ରମ୍ପେଟ୍, ଅକ୍ଟୋପ୍ୟାଡ୍, ଅରଗାନ, ଯାମା, ଇଲେକ୍ଟ୍ରୋନିକ୍ ଗିଟାର୍, ବାଙ୍ଗୋ, ଆଇଡ଼ିଆଲ୍ ପ୍ରଭୃତି ନୂତନ ବାଦ୍ୟ ଯନ୍ତ୍ରର ବ୍ୟବହାର ନିମିତ୍ତ କୁଶଳୀ ଯନ୍ତ୍ରଶିଳ୍ପୀମାନଙ୍କୁ ନିଯୁକ୍ତି ଦିଆଗଲା । ଶବ୍ଦ ବ୍ୟବସ୍ଥା ନିମିତ୍ତ ମାଇକ୍ ସେଟ୍ ସ୍ଥାନରେ ଅଧିକ ଜାହାଜ, ଇକୋସାଉଣ୍ଡ ଏବଂ ସାଉଣ୍ଡ ବକ୍ସ ପ୍ରଭୃତି ବ୍ୟବହୃତ ହେଲା । ଦଳର ଆନୁଷଙ୍ଗିକ ଯନ୍ତ୍ରପାତି, ମଞ୍ଚ ସରଞ୍ଜାମ ଏବଂ ଦ୍ରୁତ ପରିବହନ ନିମିତ୍ତ ଏଣିକି ଦୁଇ ତିନୋଟି ଟ୍ରକ୍, ବସ୍ ପ୍ରଭୃତି ବ୍ୟବହୃତ ହେଲା । ମୁକ୍ତାକାଶୀ ରଙ୍ଗମଞ୍ଚରେ ଅଭିନୀତ ଯାତ୍ରା ଏବଂ ସମ୍ପୂର୍ଣ୍ଣ ତମ୍ବୁଘେର ମଧ୍ୟରେ ଅଭିନୀତ ହେଲା ।

ଏହି ସମୟରୁ କିଛି ସମ୍ଭ୍ରାନ୍ତ ବର୍ଗର ବ୍ୟକ୍ତି ଯାତ୍ରା ସହିତ ସମ୍ପୃକ୍ତ ହେଲେ । ଡାକ୍ତର, ଯନ୍ତ୍ରୀ ଏବଂ ଅଧ୍ୟାପକ ଶ୍ରେଣୀର ଶିକ୍ଷିତମାନେ ଯାତ୍ରା ରଚନା ଓ ନିର୍ଦ୍ଦେଶନା ଆରମ୍ଭ କଲେ । ଚଳଚ୍ଚିତ୍ର, ଦୂରଦର୍ଶନ ଓ ବେତାର କେନ୍ଦ୍ରର ପ୍ରତିଷ୍ଠିତ କଳାକାରମାନେ ଯାତ୍ରାରେ ନିର୍ଦ୍ଦେଶକ, ସଙ୍ଗୀତ ଓ ନୃତ୍ୟ ନିର୍ଦ୍ଦେଶକ ତଥା ଗୀତିକାର ରୂପେ ପ୍ରବେଶ କଲେ । ଅନୁକରଣପ୍ରିୟ ଯାତ୍ରା ଏହି କାଳକୁ ସମ୍ପୂର୍ଣ୍ଣ ଭାବରେ ହେଲା ପରମ୍ପରାଚ୍ୟୁତ । ଯାତ୍ରାକାହାଣୀରେ ହିନ୍ଦୀ ଚଳଚ୍ଚିତ୍ରର ବିଶୃଙ୍ଖଳ ନକଲୀକରଣ ଦୃଶ୍ୟମାନ ହେଲା । କର୍ମସଂସ୍ଥାନ ଅଭାବରୁ କିଛି ଶିକ୍ଷିତ ଯୁବକ ଯୁବତୀ ଯାତ୍ରାଭିନୟରେ ସ୍ୱତଃସ୍ଫୂର୍ତ୍ତ ଭାବରେ ପ୍ରବେଶ କଲେ । କଳା ଜୀବିକା ରୂପେ ଗୃହୀତ ହେଲା । ସଂଗଠକଙ୍କ ଅତ୍ୟଧିକ ଲାଭ ପିପାସା, ଦର୍ଶକଙ୍କ ପ୍ରତିକ୍ରିୟାଶୂନ୍ୟତା ଓ ପ୍ରତିବାଦ ନିସ୍ପୃହତା, ଆଲୋଚକ ଓ ସମାଲୋଚକଙ୍କ ଅଭାବ, କଳାକାରଙ୍କ ଦାୟିତ୍ୱଶୂନ୍ୟତା, ନିର୍ଦ୍ଦେଶକମାନଙ୍କର ଅର୍ଥ ଓ ପ୍ରତିଷ୍ଠାପ୍ରୀତିର ମନୋଭାବ ଯାତ୍ରାର ସ୍ଥିତିରେ କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥା ସୃଷ୍ଟି କଲା । ଅବଶ୍ୟ ଏହି ଦଶନ୍ଧିର ଶେଷ ଭାଗରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ରାଜଧାନୀରେ ରାଜ୍ୟସ୍ତରୀୟ ଯାତ୍ରା ମହୋତ୍ସବ ଆୟୋଜନ ଆଧୁନିକ ଯାତ୍ରାକୁ ପ୍ରୋତ୍ସାହନ ଯୋଗାଇ ଦେଲା ।

ସଂଶିତ କାଳରେ କଂଗର ସଂସ୍କୃତି ଓ ସମାଜ ବ୍ୟବସ୍ଥାର ରୂପରେଖକୁ ଯାତ୍ରା ଅଧିକତର ବଳିଷ୍ଠ ମାଧ୍ୟମରେ ଉପସ୍ଥାପନା କଲା । ଅଭିନୟ ପରିବର୍ତ୍ତେ ମଧ୍ୟ ଗ୍ରାମାଞ୍ଚଳଠାରୁ ଅଧିକତର ଭାବରେ ହେଲା ନଗରାଭିମୁଖୀ । ସାରା ରାତିର ଅଭିନୟ ପରିବର୍ତ୍ତେ, ଯାତ୍ରାଭିନୟର ସମୟ ମାତ୍ର ଚାରିରୁ ସାଢ଼େଚାରି ଘଣ୍ଟା ମଧ୍ୟରେ ସୀମିତ ରହିଲା । ଯାତ୍ରାର କଳାଗତ ଦିଗଠାରୁ ଟେକ୍‌ନିକ୍‌ଗତ ଦିଗଟିକୁ ଅଧିକ ପ୍ରଧାନିତ କରାଗଲା । ନାଟ୍ୟକୌଶଳ ପ୍ରଦର୍ଶନ ନିମିତ୍ତ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ନବ ନବ କୌଶଳ ପ୍ରୟୋଗ କରାଗଲା । ଲୋକନାଟକର ଚରମ ବ୍ୟାପ୍ତି ଥିବା ଯାତ୍ରା ଏ ସମୟରେ ସର୍ବଶ୍ରେଷ୍ଠ ଗଣମାଧ୍ୟମ ରୂପେ ପ୍ରତିଷ୍ଠା ପାଇଥିଲା । ଏହା କ୍ରମେ ହେଲା ଗଣର ସାମଗ୍ରୀ, ଗଣର ନାଟ୍ୟଚେତନାକୁ ଉଦ୍ବୁଦ୍ଧ କରିବାକୁ ଯାଇ ଗଣ ସଂସ୍କୃତିର ସମ୍ବାହକ ହବି ଗଣଜୀବନର ବାଣୀକୁ ପ୍ରମୂର୍ତ୍ତ କରିବାରୁ ଏହା 'ଗଣନାଟ୍ୟ' ରୂପେ ଚିହ୍ନିତ ହେଲା । ପୂର୍ବ ପର୍ବର ଅପେରା ନାମ ଏ ବେଳକୁ 'ଗଣନାଟ୍ୟ' ଅଭିଧାରେ ଚିହ୍ନିତ ହେଲା ।

ନବମ ଦଶକର ଯାତ୍ରାଧାରାକୁ ସମୃଦ୍ଧ କରିବା ଦିଗରେ ଗୋପାଳ ମହାନ୍ତି, ଡକ୍ଟର ରମେଶ ପାଣିଗ୍ରାହୀ, ଡ଼ଃ. କିଶୋର ମହାପାତ୍ର, ବିଚିତ୍ରାନନ୍ଦ ସାହୁ, ହୃଦାନନ୍ଦ ରାୟ, ଅଧ୍ୟାପକ ଉତ୍ତମ ଦାସ, ସୁରେନ୍ଦ୍ର ନାଥ ଦାଶ, ହୃଷିକେଶ ଷଡ଼ଙ୍ଗୀ, ଡ଼ଃ. ବିଷ୍ଣୁ ସାହୁ, କୈଳାଶ ମଲ୍ଲିକ, ଅନନ୍ତ ଓଝା, ନିର୍ମଳ ମହାପାତ୍ର ଏବଂ ଦାମୋଦର ପ୍ରଧାନ ପ୍ରମୁଖ ନାଟ୍ୟକାରଙ୍କ କୃତିତ୍ୱ ଅସାମାନ୍ୟ । ରମେଶ ପାଣିଗ୍ରାହୀଙ୍କ ବଳିଷ୍ଠ ନାଟ୍ୟ ରଚନା ଓ ନିର୍ଦ୍ଦେଶନା ଓଡ଼ିଆ ଯାତ୍ରାରେ ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କଲା । ରାମଚନ୍ଦ୍ର ପ୍ରତିହାରୀ, ଅକ୍ଷୟ କୁମାର ମହାନ୍ତି, ବାଦଲ ସିଂହଦେଓ, ସତ୍ୟନାରାୟଣ ସିଂ, ଆର୍ତ୍ତବନ୍ଧୁ ରାଉତରାୟ, ଦେବୀପ୍ରସାଦ ରଥ, ଭାଗିରଥୀ ମିଶ୍ର, ପରମାନନ୍ଦ ରାଉତ, ଶରତ ବିଶ୍ୱାଳ, ସୀତାକାନ୍ତ ମହାନ୍ତି, ରମେଶ ମହାନ୍ତି, ଶରତ ମହାନ୍ତି, ଜନାର୍ଦ୍ଦନ ମିଶ୍ର ପ୍ରଭୃତିଙ୍କ ନିର୍ଦ୍ଦେଶନାରେ ଯାତ୍ରା ନବ୍ୟରୂପ ଗ୍ରହଣ କଲା । ନୃତ୍ୟଗୁରୁ ଗୋପାଳକୃଷ୍ଣ ବେହେରା, ପି.ଭି. ଏସ୍. ରାମାରାଓ, ବିଦ୍ୟାଧର ଦାସ, ଦେବଦାସ, ଦେବମିଶ୍ର, ଚନ୍ଦ୍ର ମିଶ୍ର, ସୁବ୍ରତ ପଟ୍ଟନାୟକ, ଦୁର୍ଗା ମଲ୍ଲିକ ଏବଂ ଅଶୋକ ଘୋଷାଲ ପ୍ରମୁଖ ନୃତ୍ୟ ନିର୍ଦ୍ଦେଶନା ଯାତ୍ରାର ପାରମ୍ପରିକ ନୃତ୍ୟ ରୀତିରେ ପରିବର୍ତ୍ତନ ଆଣିଲା ।

ଯାତ୍ରାର ସଂଗୀତ ରଚନା ଦିଗରେ ନନ୍ଦକିଶୋର ପାତ୍ର, ରମେଶ ପାଣିଗ୍ରାହୀ, ରଞ୍ଜିତ ମହାନ୍ତି, ପ୍ରଭାସ ମହାନ୍ତି, ବିଷ୍ଣୁ ସାହୁ, ଶାର୍ଙ୍ଗଧର ଦାସ, କାହ୍ନୁଚରଣ ଏବଂ ନିଜାମ ପ୍ରମୁଖ ନିଜନିଜ ଦକ୍ଷତାର ପରିଚୟ ପ୍ରଦାନ କଲେ । ଏମାନଙ୍କ ରଚିତ ଗୀତକୁ ସଙ୍ଗୀତମୟ କରି ତୋଳିଲେ କଣ୍ଠଶିଳ୍ପୀ ଦିବାକର ମହାନ୍ତି, ଲକ୍ଷ୍ମୀକାନ୍ତ ପାଲିତ୍, ଅମରେନ୍ଦ୍ର ମହାନ୍ତି, ମଣି ମିଶ୍ର, ବାପି ମିଶ୍ର, କୃପାସିନ୍ଧୁ ବେହେରା ଏବଂ ଅକ୍ଷୟ ମହାନ୍ତି ପ୍ରମୁଖ ଦୂରଦର୍ଶନ, ବେତାର ଓ ଚଳଚ୍ଚିତ୍ରର ସଙ୍ଗୀତ ଶିଳ୍ପୀମାନେ ।

ଏହି କାଳର ଯାତ୍ରାଧାରାକୁ ତ୍ୱରାନ୍ୱିତ କରିଥିବା କଳାକାର ଓ ଅଭିନେତାମାନେ ହେଲେ - ଅଭିରାମ ମିଶ୍ର, ଚିତ୍ତ ରଞ୍ଜନ ପଣ୍ଡା, ଶରତ ଦାସ, ବୈରାଗୀ ପଣ୍ଡା, ଦୁଃଶାସନ ପଣ୍ଡା, ଲୋକନାଥ ଜେନା, ମହେନ୍ଦ୍ର ବଳ, ମହେନ୍ଦ୍ର ଦାସ, ପ୍ରଫୁଲ୍ଲ ସ୍ୱାଇଁ, ଦୁର୍ଜୟ ମହାପାତ୍ର, ରମେଶ ଖୁଣ୍ଟିଆ, କାହ୍ନୁ ମଲ୍ଲିକ, କୈଳାଶ ବେହେରା, ହେମନ୍ତ ଦାଶ, ମିନ୍ଟୁ ଦାସ, ନରେନ୍ଦ୍ର ବେହେରା, ଚନ୍ଦ୍ରମଣି ରାଉତ ପ୍ରଭୃତି । ଜୟନ୍ତୀ ମିଶ୍ର, ମନ୍ଦାକିନୀ ରାଉତ, ସଂଯୁକ୍ତା କର, ରଞ୍ଜିତା ବେହେରା, ଅନ୍ନପୂର୍ଣ୍ଣା ମଣ୍ଡଳ ପ୍ରମୁଖ ଅଭିନେତ୍ରୀମାନଙ୍କ ସହିତ ନିତ୍ୟାନନ୍ଦ ନଟ, ରତ୍ନାକର ସାହୁ ଓ ନିରୋଦ ସାହୁ ପ୍ରମୁଖ ଅଭିନେତାମାନେ ମଧ୍ୟ ନାରୀ ଭୂମିକାରେ ସୁନ୍ଦର ଅଭିନୟ ପ୍ରଦର୍ଶନ କଲେ ।

**(ଢ) ଚଳନ୍ତି ପର୍ଯ୍ୟାୟ : (୧୯୯୧- ଚଳନ୍ତି କାଳ)**

ବର୍ତ୍ତିତ ଶତକର ଶେଷ ଦଶକର ଗଣନାଟ୍ୟର ଜୟ-ଯାତ୍ରାରେ କଳା ସମ୍ପଦ ଗୌଣ, କିନ୍ତୁ ଚାକଚକ୍ୟ ଓ ଟେକ୍‌ନିକ୍ ହେଉଛି ମୁଖ୍ୟ । ଯେଉଁଦଳ ଯେତେ ପରିମାଣରେ ମଞ୍ଚସଜ୍ଜାରେ ନବ କୌଶଳ ପ୍ରଦର୍ଶନ କରିଛି, ସେହିଦଳର ବ୍ୟବସାୟିକ ସାଫଲ୍ୟ ସେତେ ଅଧିକ ହୋଇଛି ।

ଟିଭିରେ ଓ ଚଳଚ୍ଚିତ୍ରଠାରୁ ଯାତ୍ରାକୁ ଅଧିକ ଆକର୍ଷଣୀୟ କରି ପ୍ରସ୍ତୁତ କରିବାକୁ ଏହି ସମୟରେ ଚଳମାନ ଓ ଘୂର୍ଣ୍ଣାୟମାନ ମଞ୍ଚ ବ୍ୟବସ୍ଥା କରାଯାଇଛି । ଏ ଦୃଷ୍ଟିରୁ ଦିଗ୍‌ବିଜୟୀ ଅପେରା, ସାହାଣି ଅପେରା, ଭୁବନେଶ୍ୱରୀ ଗଣନାଟ୍ୟ, ପାର୍ବତୀ ଗଣନାଟ୍ୟ, ତୁଳସୀ ଗଣନାଟ୍ୟ, ଗୌରୀ ଗଣନାଟ୍ୟ, ହିନାଥ ଗଣନାଟ୍ୟ, ଶିବାନୀ ଗଣନାଟ୍ୟ, ନିୟତି ଗଣନାଟ୍ୟ, ବାଣେଶ୍ୱରୀ ଗଣନାଟ୍ୟ, ଓଡ଼ିଶା ଅପେରା ଏବଂ ୧୯୯୮ ମସିହାରେ ଗଠିତ କୋଣାର୍କ ଗଣନାଟ୍ୟ ଓ ରୁଦ୍ରାଣି ଗଣନାଟ୍ୟ ଇତ୍ୟାଦିର ସ୍ୱତନ୍ତ୍ର ମଞ୍ଚ ବ୍ୟବସ୍ଥାକୁ ଗ୍ରହଣ କରାଯାଇପାରେ ।

ଏହି ସମୟରେ ସାରା ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଉତ୍ସବ ସହିତ ସାଧାରଣ ଦିବସଗୁଡ଼ିକରେ ଯାତ୍ରା କମିଟି ଆନୁକୂଲ୍ୟରେ ଯାତ୍ରାଭିନୟ ଚାଲୁରହିଲା । ବର୍ଷକ ମଧ୍ୟରେ ପ୍ରାୟ ଷାଠିଏ ସତୁରୀ ଦିନକୁ ବାଦ ଦେଲେ ସାରା ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ଯାତ୍ରାଭିନୟ ଚାଲିଛି । ଯାତ୍ରାର ଚମକପ୍ରଦ ବିଜ୍ଞାପନ ବ୍ୟବସ୍ଥାରେ ରଙ୍ଗବେରଙ୍ଗର ପ୍ରାଚୀରପତ୍ର, ପ୍ରଚାରପତ୍ର, ଖବର କାଗଜ, ଦୂରଦର୍ଶନ ପରି ଗଣମାଧ୍ୟମର ସହାୟତା ନିଆଯାଉଛି । 'ସାର୍ଥକ ପ୍ରଡ଼କସନ୍' ଦ୍ୱାରା ପ୍ରଯୋଜିତ ଯାତ୍ରାଧାରା ଦୂରଦର୍ଶନ ମାଧ୍ୟମରେ ପ୍ରସାରିତ ହେଉଛି । କଟକର 'ଜଗନ୍ନାଥ ଇଲେକ୍‌ଟ୍ରୋନିକ୍ସ', 'ସମ୍ରାଟ୍ କ୍ୟାସେଟ୍' ଭଦ୍ରକର 'ଡାଇନାମିକ୍ କ୍ୟାସେଟ୍' ପ୍ରଭୃତିଙ୍କ ଦ୍ୱାରା ପ୍ରସ୍ତୁତ ଯାତ୍ରାର ଅଡ଼ିଓ କ୍ୟାସେଟ୍‌ଗୁଡ଼ିକ ସହରରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ହୋଇଛି ପରିବ୍ୟାପ୍ତ । ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଓ ଅଶିକ୍ଷିତ ଲୋକରେ ଯାତ୍ରାର ଆକର୍ଷଣୀୟ ସଂଳାପ ଓ ସଂଗୀତଗୁଡ଼ିକ ଏହା ମାଧ୍ୟମରେ ହୋଇଛି ବହୁଚର୍ଚ୍ଚିତ ।

ଯାତ୍ରାର ପ୍ରଚାର ଓ ପ୍ରସାର ନିମିତ୍ତ ଜଗନ୍ନାଥ ଇଲେକ୍ଟ୍ରୋନିକ୍ସ ତରଫରୁ ପ୍ରକାଶିତ ପତ୍ରିକା 'ଯାତ୍ରା ଜଗତ' (୧୯୯୪) ଉତ୍କଳ ଯାତ୍ରା ଶିଳ୍ପୀସଂଘ ଆନୁକୂଲ୍ୟରେ 'ଯାତ୍ରାଜଗତ', ଆଦିକନ୍ଦ ରାଉତଙ୍କ ସଂପାଦିତ 'ଚଳଚ୍ଚିତ୍ର ଜଗତ' ଏବଂ ନାରାୟଣ ରାଉତରାୟଙ୍କ ସଂପାଦିତ ରଙ୍ଗୀନ୍ ଦୁନିଆ (୧୯୯୮) ଏବଂ 'ଯାତ୍ରା କଳାକାର ପରିଚୟପତ୍ର' ପ୍ରଭୃତି ପତ୍ରପତ୍ରିକା ଯଥେଷ୍ଟ ସହାୟତା କରିଛି । ସରକାରୀ ଓ ବେସରକାରୀ ପ୍ରୋତ୍ସାହନରେ ଆୟୋଜିତ ଯାତ୍ରା ମହୋତ୍ସବମାନ ମଧ୍ୟ ଯାତ୍ରା ନିମିତ୍ତ ପ୍ରୋତ୍ସାହନ ଯୋଗାଇ ଦେଉଛି । ଓଡିଶା ସଂଗୀତ ନାଟକ ଏକାଡ଼େମୀ ମଧ୍ୟ ପ୍ରତିଷ୍ଠିତ ଯାତ୍ରା କଳାକାରମାନଙ୍କୁ ପୁରସ୍କୃତ କରିଛନ୍ତି । ବର୍ତ୍ତମାନ ଯାତ୍ରାରେ ଅଭିନୟଠାରୁ ଶିଳ୍ପାୟନ ବଡ଼ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । କଳାକାରଙ୍କଠାରୁ ଅଣକଳାକାର ଯଥା ପୂଜାରୀ, ରୋଷେୟା, ଡ୍ରାଇଭର, କୁଲି, ଖଲାସୀ, ମଞ୍ଚ ସଂଚାଳକ, ଆଲୋକ ଓ ଶବ୍ଦ ସଂଚାଳକ, ପ୍ରଚାରକ ପ୍ରଭୃତିଙ୍କ ସଂଖ୍ୟା ବୃଦ୍ଧିପାଇଛି । ଆପାତତଃ କୋଡ଼ିଏ ହଜାରରୁ ଊର୍ଦ୍ଧ୍ୱ ଲୋକ ଯାତ୍ରାକୁ ଜୀବିକା ରୂପେ ଗ୍ରହଣ କରିନେଇଛନ୍ତି ।

ଚଳନ୍ତି କାଳରେ ଯାତ୍ରାର ବିଷୟ ପ୍ରକରଣରୁ ଅଧିକ ଜଟିଳ କରାଗଲା । କାହାଣୀର ଧାରାକୁ ବହୁମୁଖୀ କରିବା ହେଲା ଯାତ୍ରା ଲେଖକଙ୍କ କାର୍ଯ୍ୟ । ବ୍ୟବସାୟିକ ସଫଳତା ପାଇଁ ନାଟ୍ୟ କାହାଣୀର ବିଚିତ୍ର ନାମକରଣ କରାଗଲା । ଶସ୍ତା ନାମକରଣ ରୁଚିହୀନ ଦର୍ଶକଙ୍କୁ ଆକର୍ଷଣ କଲା । ଯାତ୍ରା ସଂଳାପରେ ଭରି ରହିଲା ଶ୍ଳେଷାତ୍ମକ ଅଶ୍ଳୀଳତା । ଓଡ଼ିଆ ଭାଷାର ସଂଳାପ ତୁଳନାରେ ଇଂରାଜୀ ଓ ହିନ୍ଦୀ ସଂଳାପ ଯାତ୍ରାରେ ଅଧିକ ମାତ୍ରାରେ ସ୍ଥାନ ପାଇଲା । କେତେକ ଯାତ୍ରାର ସଂଳାପ ଓ ସଂଗୀତ ଗ୍ରାମଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ସବୁଆଡ଼େ ଅଡିଓ କ୍ୟାସେଟ୍ ମାଧ୍ୟମରେ ବ୍ୟାପ୍ତ ହେଲା । କିଶୋର ଓ ଯୁବ ମାନସକୁ ଏହା ପ୍ରଭାବିତ କଲା ।

ଯାତ୍ରାରେ ସଂଗୀତର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ଭକ୍ତିରସାତ୍ମକ, ଦେଶାତ୍ମବୋଧକ, ସଚେତନାମୂଳକ ଗୀତ ବିଗତ ଦୁଇଦଶନ୍ଧି ଧରି ଯାତ୍ରାରେ ଅନୁପସ୍ଥିତ । ଓଡ଼ିଶାରେ ଶାସ୍ତ୍ରୀୟ ସଂଗୀତ ପାଇଁ ଯାତ୍ରା ଇଲାକା ଯେମିତି ନିଷିଦ୍ଧ । ବରଂ ଯାତ୍ରାରେ ପ୍ରବେଶ କରିଛି ଯଥାସମ୍ଭବ ଇଙ୍ଗିତମୟ ଅଶ୍ଳୀଳ ସଂଗୀତ । ତଥାପି କେତେକ ଗୀତ ଯେ ଖୁବ୍ ପ୍ରଭାବଶାଳୀ, ଏହା ସ୍ୱୀକାର କରାଯିବ । ଯାତ୍ରା ନୃତ୍ୟରେ ସର୍ବନିମ୍ନ ବସ୍ତ୍ର ପରିହିତା ଯୁବତୀମାନଙ୍କର ନୃତ୍ୟ ନାମରେ ପୋଲିଓ ରୋଗୀପରି ଅଷ୍ଟାବକ୍ରୀ ଅଙ୍ଗଭଙ୍ଗୀ ଓ କାଠପଟା ନିର୍ମିତ ମଞ୍ଚ ଉପରେ ଉନ୍ମତ୍ତ ଯୁବକଙ୍କ ସହିତ ଉଦଣ୍ଡ ପଦାଘାତ ଜନିତ ଶ୍ରୁତିକଟୁ ପଦଧ୍ୱନି ଯେତେ ହାସ୍ୟୋଦ୍ଦୀପକ, ସେତେ ଦୁଃଖାତ୍ମକ । ଚଳଚ୍ଚିତ୍ରର ପର୍ଦ୍ଦା ନଗ୍ନତାଠାରୁ ଯାତ୍ରାର ଜୀବନ୍ତ ନଗ୍ନତା ସ୍ଥଳ ବିଶେଷରେ ଆବାରଣଶୂନ୍ୟତାକୁ ସ୍ପଷ୍ଟ କରିଦିଏ ।

ଚଳନ୍ତି କାଳର ଯାତ୍ରାରେ ନାଟ୍ୟକାର ରୂପେ ପଦ୍ମଲୋଚନ ମହାନ୍ତି, ସୁକାନ୍ତ ରାଉତ, ରବୀନ୍ଦ୍ର ସାହୁ, ଡଃ. ସୁଧାଂଶୁ ନାୟକ, ଗୋଲଖ ମହାରଣା, ହୃଦାନନ୍ଦ ନାୟକ, ଡା. ସୁବୋଧ ପଟ୍ଟନାୟକ, ରଣଜିତ୍ ପଟ୍ଟନାୟକ, ସାରଥି ପରିଡ଼ା, ଚିନ୍ମୟ ଦାସ, ହରପ୍ରସାଦ ବାରିକ, ଶାର୍ଷାନନ୍ଦ ଦାସ କାନୁନ୍‌ଗୋ, ମନୋଜ ପଣ୍ଡା, ସନ୍ତୋଷ ପାଢ଼ୀ, ଅପର୍ତ୍ତି ଜେନା, ଅଚ୍ୟୁତାନନ୍ଦ ମହାପାତ୍ର, ଅରୁଣ ବାରିକ ପ୍ରମୁଖଙ୍କ ସହିତ ନିର୍ଦ୍ଦେଶକ ରୂପେ ଯୋଗ ଦେଇଛନ୍ତି ମନୋଜ ପଟ୍ଟନାୟକ, ଲାଲା ବୀରେନ୍ ରାୟ, ବିନୋଦ ରାଉତ୍, କିଶୋର ଖଣ୍ଡୁଆଳ, ମୁକ୍ତିକାନ୍ତ ନାୟକ, ସୁରେଶ ବଳ, ହରପଟ୍ଟନାୟକ, ଅଶ୍ରୁମୋଚନ ମହାନ୍ତି, ବିଜୟ ମହାନ୍ତି ପ୍ରମୁଖ ସୁଶିକ୍ଷିତ ମଞ୍ଚ, ଦୂରଦର୍ଶନ ଓ ଚଳଚ୍ଚିତ୍ର ଅଭିନେତା ।

ଏଇକାଳର ଅନିରୁଦ୍ଧ ତ୍ରିପାଠୀ, ମାରୁଣୀ ରାଉତରାୟ, ବଳରାମ ବରାଳ, ରମାକାନ୍ତ ନାୟକ, ଅଜୟ ଲେଙ୍କା, ଅକ୍ଷୟ ଲେଙ୍କା, ସୁକାନ୍ତ ଜେନା, ପତିତ ଗୋଚ୍ଛାୟତ, ପ୍ରତାପ ରାଉତ, ଧୀରେନ୍ଦ୍ର ମିଶ୍ର, ନରେନ୍ଦ୍ର ପଣ୍ଡା, ରବିମିତ୍ର, ରାଜୁ ଦାଶ, ଶରତ ମହାନ୍ତି, ଦେବ ମିଶ୍ର ପ୍ରମୁଖ ଅଭିନେତାଙ୍କ ସହିତ ଆରତି ମିତ୍ର, ମିନତି ମହାପାତ୍ର, ସୁକାନ୍ତି ପାଢ଼ୀ, ବିନୋଦିନୀ ମହାନ୍ତି, ସରସ୍ୱତୀ ମଣ୍ଡଳ, ସୁମିତ୍ରା ନାୟକ, ପ୍ରମିଳା ବୁର୍ଥର, ଜ୍ୟୋତ୍ସ୍ନା ପୁରୀ, ଜ୍ୟୋତ୍ସ୍ନାରାଣୀ ଭୂୟାଁ, ସବିତା ପାଲ, ସବିତା ପାଣିଗ୍ରାହୀ, ଗୀତା ମିଶ୍ର, ସସ୍ମିତା ପ୍ରଧାନ ପ୍ରମୁଖ ଅଭିନେତ୍ରୀମାନେ ସଫଳତା ଲାଭ କରିଛନ୍ତି ।

ଚଳନ୍ତି କାଳର ଯାତ୍ରା ମନୋରଞ୍ଜନର ପ୍ରମୁଖ ସାଧନ ହେଲେ ମଧ୍ୟ ଏହା ସାଜିଛି ଏକ ଉଦ୍ଦେଶ୍ୟହୀନ ଆୟୁଧ । ଚମତ୍କାର ମଞ୍ଚସଜ୍ଜା, ଦୃଶ୍ୟାଶ୍ରୟୀ ସଂଗୀତ, ପାତ୍ରୋଚିତ ସଂଳାପ, କୁଶଳ ଆଲୋକ ସମ୍ପାତ ଯାତ୍ରାକୁ ଚଳଚ୍ଚିତ୍ର ଧର୍ମୀ କରିଛି, ଦର୍ଶକଙ୍କୁ ଆକୃଷ୍ଟ କରିଛି, ମାତ୍ର ପ୍ରଭାବିତ କରିପାରୁନାହିଁ । ସମାଜରେ ଘଟୁଥିବା ଯେକୌଣସି ଘଟଣାକୁ ରୂପ ଦେବାରେ ଯାତ୍ରାର କୁଣ୍ଠାନାହିଁ । କାରଣ ଆଜିର ସମାଜ ଗଣସଂସ୍କୃତିକୁ

ନେଇ ବଢ଼ୁଛି । ସୁତରାଂ ଆଜିର ଯାତ୍ରାରେ ଆଦର୍ଶଠାରୁ ବାସ୍ତବତାଟା ଅଧିକତର ଆଦରଣୀୟ ହୋଇପଡ଼ିଛି ।

ଅର୍ଦ୍ଧଶତକ ମଧ୍ୟରେ ଓଡ଼ିଆ ଯାତ୍ରା ପରମ୍ପରାମୁକ୍ତ, ସମକାଳର ସମାଜ ସହିତ ସଂପୃକ୍ତ ଗଣସଂସ୍କୃତିକୁ ଗଣ ମାଧ୍ୟମରେ ପ୍ରକାଶ କାଳରେ ଏହାର ଜନପ୍ରିୟତା ହୋଇଛି ନିରଙ୍କୁଶ । ଓଡ଼ିଶାର ଲୋକ-ସଂସ୍କୃତିର ସଂପତ୍ତି ଭାବରେ ଏହାର ସ୍ଥିତି ଗଣସଂସ୍କୃତିରେ ରୂପାନ୍ତରିତ ହୋଇଛି । ବାହ୍ୟ ସଂସ୍କାରର ମିଶ୍ରଣ ଓ ଏହାର ଅନୁକରଣ ପ୍ରବଣତା ହେତୁ ଏହା ବର୍ତ୍ତମାନ ସାଜିଛି ଥିଏଟର, ଚଳଚ୍ଚିତ୍ର-ଯାଦୁ ଖେଳ ଓ ସର୍କସର ମିଶ୍ରରୂପ । ତଥାପି ଓଡ଼ିଶାର କଳା ସଂସ୍କୃତି ଓ ଆର୍ଥନୀତିକ ସ୍ଥିତି ସୁଧାରିବା ଦିଗରେ ଏହାର ଭୂମିକା ଅସାମାନ୍ୟ ।

**ଅର୍ଦ୍ଧଶତକର ଓଡ଼ିଆ ଯାତ୍ରା-ଏକ ରେଖଚିତ୍ର ସୂଚୀ**

୧୯୪୮-୬୦ : କାଳ୍ପନିକ ପୌରାଣିକ ନାଟକ, ଚଉଖୁଣିଆ ଛାମୁଣିଆ ମଞ୍ଚ, ଆଗରୁ ଗୋଟିପୁଅ ନୃତ୍ୟ, ମଞ୍ଚରୁ ବେଶଗୃହକୁ ଏକମାତ୍ର ପୃଷ୍ଠପଥ, ସାମାନ୍ୟ ପାରିଶ୍ରମିକରେ ଦେବୋତ୍ସବମାନଙ୍କରେ ଯାତ୍ରା ପ୍ରଦର୍ଶନ, ପୁରୁଷମାନଙ୍କ ନାରୀ, ପୁରୁଷ ଉଭୟ ଭୂମିକା ଗ୍ରହଣ, ଜୁଳା ଓ ବଳିଆ ପରିବର୍ତ୍ତେ ପେଟ୍ରୋମାକ୍ସ ଆଲୋକର ନୂତନ ବ୍ୟବସ୍ଥା ।

୧୯୬୧-୭୦ : ପୁରାଣ, ଇତିହାସ, କଳ୍ପନା ସହିତ ସାମାଜିକ ନାଟକ ଆରମ୍ଭ, ଅଧିକ ବାଦ୍ୟଯନ୍ତ୍ର ଓ କଳାକାରଙ୍କ ସଂପୃକ୍ତି, ବ୍ୟବସାୟ ପାଇଁ ଓ କଳା ପରିବେଷଣ ପାଇଁ ଯାତ୍ରା ଦଳ ଗଠନ, ମଞ୍ଚକୁ ଦୁଇଟି ପଥ, ଦଳରେ ନାରୀମାନଙ୍କ ଯୋଗଦାନ, ମାଇକ୍ ଦ୍ୱାରା ଶବ୍ଦ ପ୍ରସାରଣ, ହିନ୍ଦୀ ଗୀତର ଡୁଏଟ ଆରମ୍ଭ, ଥିଏଟର ମଞ୍ଚର କଳାକାରମାନଙ୍କର ଯାତ୍ରା ଦଳରେ ନିର୍ଦ୍ଦେଶନା, ଦେବୋତ୍ସବ ବ୍ୟତୀତ ବର୍ଷର ଅନ୍ୟାନ୍ୟ ସମୟରେ ଟିକେଟ୍ ବିକ୍ରୟ ଦ୍ୱାରା ଅଭିନୟ ପ୍ରଦର୍ଶନ ।

୧୯୭୧-୮୦ : ସଂଗୀତ ପାଇଁ କେତେକ ନୂତନ ବାଦ୍ୟଯନ୍ତ୍ର ପ୍ରୟୋଗ, ଦ୍ୱୈତମଞ୍ଚର ଆରମ୍ଭ, ପ୍ରୋଜେକ୍ଟରର ସୀମିତ ବ୍ୟବହାର, ବିଦ୍ୟୁତ୍ ଆଲୋକରେ ଯାତ୍ରା ପ୍ରଦର୍ଶନ, ମୁଖ୍ୟ ମଞ୍ଚରେ ବିଭିନ୍ନ ଅଙ୍ଗରେ ଜୋନ୍‌ର ବ୍ୟବସ୍ଥା, ଅଭିନୟ ନୃତ୍ୟ ଓ ସଂଗୀତ ନିମିତ୍ତ ସ୍ୱତନ୍ତ୍ର ଶିଳ୍ପୀଙ୍କ ନିଯୁକ୍ତି, ନାରୀମାନେ ଅଭିନୟ ଓ ନୃତ୍ୟରେ ଭୂମିକା ଗ୍ରହଣ, ଚୌକି ଓ ଟେବୁଲ ପରିବର୍ତ୍ତେ ମଞ୍ଚରେ ତିନିଆଙ୍କିଆ ଡାଇସ୍ ବ୍ୟବହାର, ପ୍ରଚଳିତ ସଂଗୀତଗାନ, ଡୁଏଟ୍ ଗୀତ ନୃତ୍ୟର ଚାହିଦା ବୃଦ୍ଧି, ଘଟଣାଶ୍ରୟୀ ଘଟଣାକୁ ନେଇ ଯାତ୍ରାର କାହାଣୀ ସୃଷ୍ଟି ।

୧୯୮୧-୯୦ : ଯାତ୍ରାରେ ତିନିଗୋଟି ମଞ୍ଚର ପ୍ରଚଳନ, ସୂଚନା ନାଟିକା ବଦଳରେ ମ୍ୟାଜିକ ଶୋ ଏବଂ ହିନ୍ଦୀ ସଂଗୀତ ଗାନ, ଶିକ୍ଷିତ ବର୍ଗଙ୍କର ଯାତ୍ରାରେ ଯୋଗଦାନ, ଦଳର ବ୍ୟବସାୟ ବୃଦ୍ଧି ନିମିତ୍ତ ଅଳ୍ପ ସମୟ ଶିକ୍ଷା ଏବଂ ଅଧିକ ସମୟ ଅଭିନୟ ପ୍ରଦର୍ଶନ, ଶାସ୍ତ୍ରୀୟତାଠାରୁ ଦୂରେଇ ଯାତ୍ରାର ଚଳଚ୍ଚିତ୍ର ଗୀତକୁ ଅନୁକରଣ, ଚମତ୍କାରପ୍ରଦ ବିଜ୍ଞାପନ ବାହୁଲ୍ୟ, ଯାତ୍ରାର କାହାଣୀରେ ଜଟିଳତା ଓ ସମାଜର ବିଭିନ୍ନ ସ୍ତରର ଘଟଣା ନାଟକୀୟ ଉପସ୍ଥାପନ, କଳାଗତ ଦିଗଠାରୁ ଏହାର ବୈଷୟିକଗତ ଦିଗର ଗୁରୁତ୍ୱ ବୃଦ୍ଧି, ଶିକ୍ଷିତ ବେକାରମାନଙ୍କର ଅଭିନେତା ଓ ଅଭିନେତ୍ରୀ ରୂପେ ଦଳରେ ଯୋଗଦାନ ।

୧୯୯୧ : ଚଳମାନ ଓ ଘୂର୍ଣ୍ଣାୟମାନ ମଞ୍ଚ ବ୍ୟବସ୍ଥା, ବ୍ୟବସାୟ ଭିତ୍ତିରେ ବହୁସଂଖ୍ୟକ ଦଳ ଗଠନ, ଚଳଚ୍ଚିତ୍ର ଏବଂ ଦୂରଦର୍ଶନ ଶିଳ୍ପୀମାନଙ୍କର ଯାତ୍ରାରେ ଯୋଗଦାନ, ଆରମ୍ଭରେ ହିନ୍ଦୀଗୀତ ଓ ନୃତ୍ୟର ବିକଳ ଅନୁକରଣ ଭିତ୍ତିରେ ରେକର୍ଡ଼ନୃତ୍ୟ ପ୍ରଦର୍ଶନ, ଗ୍ରାମାଞ୍ଚଳରୁ ସହରାଞ୍ଚଳମାନଙ୍କରେ ଅଧିକ ସମୟ ଯାତ୍ରା ପ୍ରଦର୍ଶନ, ଯାତ୍ରା ମହୋତ୍ସବ ଆୟୋଜନ, ଦୂରଦର୍ଶନ ପର୍ଦ୍ଦାରେ ଯାତ୍ରା ପ୍ରଦର୍ଶନ, ଅଡ଼ିଓ କ୍ୟାସେଟ୍ ଦ୍ୱାରା ଯାତ୍ରାର ପ୍ରସାରଣ, ଯାତ୍ରା ନିମିତ୍ତ ସଂବାଦ ପତ୍ର-ପତ୍ରିକା ପ୍ରକାଶନ, ପରିବହନ ନିମିତ୍ତ ସ୍ୱତନ୍ତ୍ର ଗାଡ଼ି ମଟର ବ୍ୟବସ୍ଥା, ଅଧିକ ପୁଞ୍ଜି ବିନିଯୋଗ ଦ୍ୱାରା ଯାତ୍ରାର ବ୍ୟୟବହୁଳ ଗଣମାଧ୍ୟମ ରୂପେ ପ୍ରତିଷ୍ଠା ଲାଭ ।

ଏସ୍.ବି.ଏମ୍. କଲେଜ, ଜଗତ୍‌ସିଂହପୁର

• • •

# ରାଜୀବଗାନ୍ଧୀ ଗ୍ରାମୀଣ ବିକାଶ ଆଲୋଚନାଚକ୍ର

ରାଜୀବଗାନ୍ଧୀ ଗ୍ରାମୀଣ ବିକାଶ ସଂସ୍ଥାନ ପକ୍ଷରୁ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଭୁବନେଶ୍ୱରସ୍ଥିତ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସର୍ଭିସେସ୍ ଆସୋସିଏସନର ସମ୍ମିଳନୀ କକ୍ଷରେ "ରାଜୀବଗାନ୍ଧୀ ଓ ଗ୍ରାମୀଣ ବିକାଶ" ସଂପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ।

ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ରାଜୀବଗାନ୍ଧୀଙ୍କ ସ୍ୱପ୍ନର ଭାରତ ଗଠନର ମହତ ଚିନ୍ତାଧାରା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ ସଂପ୍ରତି ଯୁବସମାଜ ରାଜୀବଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଗଠନରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ ।

ରାଜ୍ୟ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଜଙ୍ଗଲ ଓ ପରିବେଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୁରେନ୍ଦ୍ର ସିଂଭୋଇ, ବୟନ ଶିଳ୍ପ ମନ୍ତ୍ରୀ ଶ୍ରୀମତୀ ବିଜୟଲକ୍ଷ୍ମୀ ସାହୁ, ପୂର୍ବତନ ସାଂସଦ ଶ୍ରୀ ସନ୍ତୋଷ ସାହୁ, ପୂର୍ବତନ ମନ୍ତ୍ରୀ ଶ୍ରୀ ଅନନ୍ତରାମ ମାଝି ପ୍ରମୁଖ ରାଜୀବ ଗାନ୍ଧୀଙ୍କ ବହୁବିଧ ଗ୍ରାମୀଣ ବିକାଶ ଯୋଜନା ଉପରେ ଆଲୋକପାତ କରିଥିଲେ ।

ସଂସ୍ଥାନର ଅଧ୍ୟକ୍ଷ ତଥା ରାଜ୍ୟ ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଶ୍ରୀ ଦୁର୍ଗାଶଙ୍କର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରର ପ୍ରାରମ୍ଭରେ ସଂସ୍ଥାନର ମୁଖପାତ୍ର ଖୋର୍ଦ୍ଧା ବିଧାୟକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏଥିରେ ଅନୁଷ୍ଠାନର ସଂପାଦକ ଆଇନଜୀବୀ ଶ୍ରୀ [illegible] ଦାଶ ରାଜୀବ ଗାନ୍ଧୀଙ୍କ ସ୍ୱପ୍ନର ଭାରତ ଗଠନ ପାଇଁ ଉଦ୍ଦିଷ୍ଟ ଯୋଜନା ଓ ଗ୍ରାମ୍ୟ ବିକାଶରେ ତା'ର ସଫଳତାର ଏକ ବିବରଣୀ ଉପସ୍ଥାପନା କରିଥିଲେ ।

# ସାମାଜିକ ବିଶୃଙ୍ଖଳା ଓ ଜନସଂଖ୍ୟା

• ଶ୍ରୀ ଲୋକନାଥ ତନ୍ତ୍ରୀ

ଦୂରଦର୍ଶନର ଜାତୀୟ କାର୍ଯ୍ୟକ୍ରମର ପ୍ରାତଃ କାର୍ଯ୍ୟକ୍ରମରେ "ଜନସଂଖ୍ୟା ଘଡ଼ି" ପ୍ରଦର୍ଶିତ ହୁଏ । ଏହା ପ୍ରତ୍ୟେକ ଦିନ ସୂଚାଇ ଦିଏ ଯେ ଗୋଟିଏ ରାତ୍ରି ବ୍ୟବଧାନରେ ଭାରତର ଜନସଂଖ୍ୟା କେତେ ବଢ଼ିଛି । ଏହା କେବଳ ଏକ ଜନସଂଖ୍ୟା ଘଡ଼ି ନୁହେଁ, ଏହା ଆମ ସାମାଜିକ ଅବସ୍ଥାର ସତର୍କ ଘଣ୍ଟି । ଏହି ଅନୁପାତରେ ଯଦି ଜନ୍ମହାର ବଢ଼ି ଚାଲିଥିବ, ଆମର ସମସ୍ତ ଯୋଜନା କାର୍ଯ୍ୟକ୍ରମ ଫସର ଫାଟିବା ସହିତ ଭାରତକୁ ଉନ୍ନତ ଓ ସମୃଦ୍ଧ କରିବାର ସ୍ୱପ୍ନ, ଭାରତବାସୀଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବା ପରିକଳ୍ପନା, ସମସ୍ତ ନାଗରିକଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ସେବା, ଖାଦ୍ୟ, ବାସଗୃହ ଇତ୍ୟାଦି ଯୋଗାଇ ଦେଇ ସାମାଜିକ ନ୍ୟାୟ ଦେବାର ସଙ୍କଳ୍ପ ସାକାର ହୋଇପାରିବ ନାହିଁ । ପ୍ରତିବଦଳରେ ବେରୋଜଗାରୀ, ବେକାରୀ, କ୍ଷୁଧା, ଦାରିଦ୍ର୍ୟ, ସାମାଜିକ ଅସଙ୍ଗତି ବଢ଼ିବା ସଙ୍ଗେ ସଙ୍ଗେ ହିଂସା, ପ୍ରତିହିଂସା, ଦ୍ୱେଷ, ଅଧର୍ମ, ପରଶ୍ରୀକାତରତା, ଅନ୍ୟାୟ ଇତ୍ୟାଦି ବ୍ୟାଧି ସାମାଜିକ ବ୍ୟବସ୍ଥାକୁ ଅକ୍ତିଆର କରିନେବ । ଯେଉଁ ସାମାଜିକ ଭିତ୍ତିଭୂମି ଉପରେ ହଜାର ହଜାର ବର୍ଷର ଏହି ଭାରତୀୟ ସଭ୍ୟତା ଦଣ୍ଡାୟମାନ, ଆପାତତଃ ଆଜି ଉପରୋକ୍ତ ବ୍ୟାଧି ଦ୍ୱାରା ପୀଡ଼ିତ ।

ଭାରତୀୟ ଦର୍ଶନରେ ଶାରୀରିକ ସୁଖକୁ ଗୌଣସ୍ଥାନ ଦିଆଯାଇ ଜୀବାତ୍ମାର ହିତ ସାଧନକୁ ପ୍ରାଧାନ୍ୟ ଦିଆଯାଇଛି । ସେହିପରି ଇହଲୋକରେ ଭୋଗ ବିଳାସ ଅପେକ୍ଷା ପରଲୋକରେ ଭଗବତ୍ ପ୍ରାପ୍ତି ମୁକ୍ତିକୁ ଶ୍ରେଷ୍ଠତା ଦିଆଯାଇଛି । ଚତୁଃ ଧର୍ମ ବ୍ୟବସ୍ଥା ଦ୍ୱାରା ପ୍ରତ୍ୟେକ ମନୁଷ୍ୟକୁ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାର କର୍ତ୍ତବ୍ୟ ସମ୍ବନ୍ଧୀୟ ମାର୍ଗ ପ୍ରଦର୍ଶିତ ହୋଇଛି । କିନ୍ତୁ ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିଛି । ବିଜ୍ଞାନର ଅଗ୍ରଗତି ଏବଂ ବୈଷୟିକ ପ୍ରଗତି ସାମାଜିକ ଚଳଣି ଏବଂ ବ୍ୟବସ୍ଥାରେ ବିରାଟ ପରିବର୍ତ୍ତନ ଆଣିଛି । ଏହି ପରିବର୍ତ୍ତନ ଏତେ ଦ୍ରୁତ ଯେ ଏହା ସହିତ ଖାପ ଖୁଆଇ ଚଳିବା କଷ୍ଟକର ହେଲାଣି । ଆଜି ବିନା ବାଧା ବନ୍ଧନ ସହ କୌଣସି ପ୍ରକାର ବ୍ୟବସ୍ଥାକୁ ଖାତିର ନକରି ଦୈହିକ ସୁଖ ସୁବିଧା ପାଇଁ ସମସ୍ତେ ବ୍ୟାକୁଳ ଏବଂ ଏହି ବ୍ୟାକୁଳତାକୁ ଚରିତାର୍ଥ କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ମଧ ଉପଲବ୍ଧ । ଆବଶ୍ୟକ କେବଳ ଅର୍ଥ । ଆଜିର ନୀତି ହେଲା-ଏଭଳି ସୁଖ ସୁବିଧା ପାଇଁ ଯାହା କରାଯାଇପାରେ କରିଯାଅ, ଏଥିରେ ଧର୍ମ ଅଧର୍ମ, ନ୍ୟାୟ ଅନ୍ୟାୟ, ନୀତି ଅନୀତି, ସତ୍ମାର୍ଗ ଅସତ୍ମାର୍ଗ, ପର ଆପଣା, ଶାନ୍ତିହିଂସାର ବିଚାର ନାହିଁ । ଏସବୁ ଯେ ବିଚାର କରେ, ସେ ପୌରୁଷହୀନ ଏବଂ ପୌରୁଷହୀନ ହୋଇ ବଞ୍ଚିବା ପାଇଁ ଆଜି କିଏ ମଧ ଚାହୁଁ ନାହିଁ । ଆଜି ଭାରତବର୍ଷର ଶହେ କୋଟି ଲୋକଙ୍କର ଏହି ଅବସ୍ଥା । ସମସ୍ତେ ଜୀବନକୁ ନିଜ ନିଜ କଳ୍ପନା ଓ ଆଶାନୁରୂପକ ଉପଭୋଗ କରିବାକୁ ଚାହାଁନ୍ତି । କିନ୍ତୁ ଯେଉଁଠାରେ ଲୋକଙ୍କର ସର୍ବନିମ୍ନ ସୁବିଧା ଯଥା-ସମସ୍ତଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟସେବା, ପାନୀୟଜଳ, ଗମନାଗମନ, ଖାଦ୍ୟବସ୍ତ୍ର ଏବଂ ବାସଗୃହ ଇତ୍ୟାଦି ଯୋଗାଇଦେବା ସମ୍ଭବପର ହେଉନାହିଁ, ସେଠାରେ ଭୋଗବିଳାସର କଥା ଭାବିବା ଏକ ଉପହାସ ହେବ । ଲୋକଙ୍କୁ ସର୍ବନିମ୍ନ ସୁବିଧା ଯୋଗାଇ ଦେବାପାଇଁ ବହୁ ଯୋଜନା, ପରିକଳ୍ପନା, କାର୍ଯ୍ୟକ୍ରମ ସ୍ୱାଧୀନତା ପରଠାରୁ ଅନବରତ ଭାବେ ଚାଲିଛି । ଏଥିରେ ସଫଳତା ବି ଅଛି ବିଫଳତା ବି ରହିଛି । ମାତ୍ର ବିଫଳତାର ମାତ୍ରା ବେଶି ଦେଖାଯାଉଛି । କାରଣ ଯେକୌଣସି ଯୋଜନା ବା କାର୍ଯ୍ୟକ୍ରମ ଏକ ନିର୍ଦ୍ଦିଷ୍ଟ ଲୋକସଂଖ୍ୟା ଭିତ୍ତିକ, ସମୟ ଭିତ୍ତିକ ଓ ପୁଞ୍ଜିଭିତ୍ତିକ ହୋଇଥାଏ । କିନ୍ତୁ ଲୋକ ସଂଖ୍ୟାର ବୃଦ୍ଧିହାର ଏତେ ଦ୍ରୁତ ଯେ ଏହା ସମସ୍ତ ଯୋଜନାକୁ ଉପାଦେୟ ବିହୀନ କରି ଦେଉଛି । ସମାଜର ସମସ୍ତଙ୍କୁ ବିଶେଷ କରି ଅନଗ୍ରସର ବର୍ଗଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା, ବେକାରୀ ଦୂରକରି ରୋଜଗାରକ୍ଷମ କରିବା, ଖାଦ୍ୟବସ୍ତ୍ର, ବାସଗୃହ, ପାନୀୟଜଳ ଯୋଗାଇ ଦିଆଯାଇ ଶୋଷଣବିହୀନ କ୍ଷୁଧାମୁକ୍ତ ସମାଜ ଗଠନ ନିମନ୍ତେ ପ୍ରଥମ ପଞ୍ଚବାର୍ଷିକୀ ଯୋଜନାଠାରୁ ଅଦ୍ୟାବଧି ଅଜସ୍ର ଅର୍ଥ ବ୍ୟୟ କରାଯାଇଛି ଓ କରାଯାଉଛି । କିନ୍ତୁ କୌଣସି ଯୋଜନାର ସମୟ ଅବଧି ଶେଷ ହୋଇପାରୁନାହିଁ । ପୁଞ୍ଜି ବିନିଯୋଗର ସ୍ରୋତ ମଧ ବଢ଼ି ଚାଲିଛି । ମାତ୍ର ଇପ୍ସିତ ଫଳ ମିଳିପାରୁନାହିଁ । ଗୋଟିଏ ଯୋଜନା କାର୍ଯ୍ୟକ୍ଷମ ହେଲାବେଳକୁ ପୁଣି ଏକ ନୂତନ ଯୋଜନାର ଚିନ୍ତା ଆରମ୍ଭ ହୋଇଯାଉଛି । ସମାଜରେ କ୍ଷୁଧା, ଦାରିଦ୍ର୍ୟ, ବେକାରୀ, ବେରୋଜଗାରୀ, ଅଭାବ, ଅନାଟନ ସହିତ ଚୋରୀ, ଅପହରଣ, ଧର୍ଷଣ, ହିଂସା, ପ୍ରତିହିଂସା ଇତ୍ୟାଦି ବଢ଼ିଚାଲିଛି । ଏହାର ମୂଳ କାରଣ ଏକ ଦିଗରେ ଜୀବନକୁ ଆଧୁନିକ ଯୁଗର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ଦେଇ ଉପଭୋଗ କରିବାର ଜନମାନସର ଅଦମ୍ୟ ପିପାସା ଭାରତୀୟ ସାମାଜିକ ବ୍ୟବସ୍ଥାକୁ ଅବ୍ୟବସ୍ଥ କରି ଦେଉଛି । ଯେତେ ପ୍ରକାର ସାମାଜିକ ବିଶୃଙ୍ଖଳା ଆଜି ଦେଖାଦେଇଛି, ଜନସଂଖ୍ୟା ବୃଦ୍ଧି ଅନ୍ୟାନ୍ୟ କାରଣମାନଙ୍କ ମଧ୍ୟରୁ ଏଥିପାଇଁ ମୁଖ୍ୟ କାରଣ ।

ଜନସଂଖ୍ୟା ନିଶ୍ଚିତ ଭାବେ ବଢ଼ିବ, କିନ୍ତୁ ଯେଉଁ ଅନୁପାତରେ ବର୍ତ୍ତମାନ ବଢ଼ୁଛି ତାହାର ଗତିରୋଧ ସର୍ବତୋ ଆବଶ୍ୟକ, ସ୍ୱତଃ ପ୍ରବୃତ୍ତ ଭାବେ ହେଉ ବା ଆଇନ ସମ୍ମତ ଭାବେ ହେଉ । ଯଦି ନହୁଏ, ଯଦୁବଂଶ ଧ୍ୱଂସ ଅନିବାର୍ଯ୍ୟ । ଏଥିପାଇଁ ବାହ୍ୟ ଶତ୍ରୁ ବା ବାହାର ହାତର ଆବଶ୍ୟକତା ପଡ଼ିବନି । ପ୍ରଶ୍ନ ଉଠୁଛି ଏତେ ପ୍ରଚାର, ପ୍ରୋତ୍ସାହନ ସତ୍ତ୍ୱେ ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମ କାହିଁକି ଆଶାନୁରୂପ ସଫଳ ହୋଇପାରୁନାହିଁ । ଅନୁଧ୍ୟାନ କଲେ ଜଣାଯାଏ ଯେ ଶିକ୍ଷିତ ଏବଂ ଚାକିରିଆ ବର୍ଗ ମଧ୍ୟରେ ଏହି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ପ୍ରଭାବ ବିସ୍ତାର କରିଛି । ସାମାଜିକ ସ୍ତରରେ ଅନ୍ୟମାନଙ୍କ ସହିତ ତାଳ ଦେଇ ଚଳିବା, ନିଜ ପରିବାର ବର୍ଗ ବିଶେଷ କରି ସନ୍ତାନ ସନ୍ତତିଙ୍କୁ ସର୍ବୋତ୍କୃଷ୍ଟ ଶିକ୍ଷା,

ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଆଧୁନିକ ସୁଖ ସୁବିଧା ଯୋଗାଇଦେବା ସୀମିତ ଆୟ ମଧ୍ୟରେ ବହୁ କ୍ଷେତ୍ରରେ ସମ୍ଭବ ନୁହେଁ । ତେଣୁ ଶିକ୍ଷିତ ଏବଂ ସହରୀ ସମ୍ପ୍ରତି ଏକ ବା ଦୁଇଟି ସନ୍ତାନ ପଦ୍ଧତିକୁ ଆବୋରି ନେଇଛନ୍ତି । କିନ୍ତୁ ଗ୍ରାମାଞ୍ଚଳ ଏବଂ ସହରତଳି ଅଞ୍ଚଳରେ ବସବାସ କରୁଥିବା ଅଶିକ୍ଷିତ, ସ୍ୱଳ୍ପଶିକ୍ଷିତ ଏବଂ ଚାଷୀ, କୁଲି ମଜୁରି କରି ଚଳୁଥିବା ପରିବାର ବର୍ଗରେ ହିଁ ଜନସଂଖ୍ୟା ବିସ୍ଫୋରଣ ହେଉଛି । ଶିକ୍ଷାର ଅଭାବ, ଅନ୍ଧ ବିଶ୍ୱାସର ପ୍ରଭାବ, ଯୌନ ସମ୍ବନ୍ଧୀୟ ବିଷୟ ପ୍ରତି ଅତ୍ୟଧିକ ସମ୍ବେଦନଶୀଳ ଏବଂ ଲଜ୍ଜାଶୀଳ ବୃତ୍ତି ଯୋଗୁଁ ଏହି ବର୍ଗ ମଧ୍ୟରେ ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମର ପ୍ରଭାବ ପଡୁନାହିଁ । ପୁରୁଷ ବା ସ୍ତ୍ରୀ ବନ୍ଧ୍ୟାକରଣ ଦ୍ୱାରା ଶରୀର ଦୁର୍ବଳ ହୋଇଯାଏ ବୋଲି ଏକ ସାଧାରଣ ବିଶ୍ୱାସ । ତେଣୁ ଚାଷୀ, ମୂଲିଆ, ଖଟିଖିଆ ପରିବାର ଏହି ପଦ୍ଧତି ପ୍ରତି ବିମୁଖ । ଅନ୍ୟାନ୍ୟ କୃତ୍ରିମ ଉପାୟ ଅବଲମ୍ବନ ବର୍ତ୍ତମାନ ମଧ୍ୟ ଗାଁ ଗହଳି ତଥା ଅଶିକ୍ଷିତ ପରିବାର ମଧ୍ୟରେ ଏକ ଲଜ୍ଜାଶୀଳ ବ୍ୟାପାର । କିନ୍ତୁ ଯୌନସୁଖ ଏକ ଆମୋଦ ପ୍ରମୋଦ ବା ଶ୍ରେଷ୍ଠ ଉପଭୋଗର ବିଷୟ ହୋଇରହିଛି । ତେଣୁ ଆନ୍ତରିକତା ସହ ସନ୍ତାନ ଚାହୁଁନଥିଲେ ମଧ୍ୟ ଅନିଚ୍ଛା ସତ୍ତ୍ୱେ ବହୁ ସନ୍ତାନ ସନ୍ତତିର ଜନକ ଜନନୀ ହେବାକୁ ଅନେକ ପରିବାର ବାଧ ହେଉଛନ୍ତି ।

ତେବେ ଏହାର ପ୍ରତିକାର କ'ଣ ? ଯେଉଁଠାରେ ପ୍ରଚାର, ପ୍ରୋତ୍ସାହନ, ନିବେଦନ, ଶିକ୍ଷା କାମ କରୁନାହିଁ, ସେଠାରେ ଏପରି କାର୍ଯ୍ୟକ୍ରମକୁ ଆଇନ ସମ୍ମତଭାବେ କାର୍ଯ୍ୟକାରୀ କରାଇବା ଏକମାତ୍ର ବିକଳ୍ପ ରହିଛି । ଗଣତାନ୍ତ୍ରିକ ରାଷ୍ଟ୍ରରେ ଆଇନ କାନୁନ୍‌ଦ୍ୱାରା କୌଣସି ସାମାଜିକ କାର୍ଯ୍ୟ ବଳପୂର୍ବକ କାର୍ଯ୍ୟକାରୀ କରାଇବା ସମ୍ଭବ ହୋଇନପାରେ । କିନ୍ତୁ ଲୋକଙ୍କୁ ଶିକ୍ଷିତକରି ତାଙ୍କ ମନରୁ ଅନ୍ଧବିଶ୍ୱାସ ଓ ଲଜ୍ଜା ଦୂର କରି, ପରିବର୍ତ୍ତନ ପୂର୍ବକ ଏହି କାର୍ଯ୍ୟକ୍ରମ ଆଇନ ଜଳାବେଳକୁ ଲେଡ଼ି ଗୁଡ଼ କହୁଣୀକୁ ବୋହିଯାଉଥିବ । ତେଣୁ ଏବେ ଆଗ ବନ୍ଧ ବାନ୍ଧିବାକୁ ପଡ଼ିବ ।

ଜନସଂଖ୍ୟା ବିସ୍ଫୋରଣ ଯେ କେବଳ ଆର୍ଥିକ ପ୍ରଗତିର ପରିପନ୍ଥୀ ଏହାନୁହେଁ । ଗୋଟିଏ ଜନମଙ୍ଗଳ ରାଷ୍ଟ୍ରପାଇଁ ଏହାର ପ୍ରଭାବ ସୁଦୂର ପ୍ରସାରୀ । ଏକ ପରିବାରଠାରୁ ଆରମ୍ଭ କରି ସମଗ୍ର ଦେଶର ସମୃଦ୍ଧି, ସୁଖ ଶାନ୍ତି ଓ ଶୃଙ୍ଖଳା ଆଣିବା, ବ୍ୟକ୍ତି ବିଶେଷଠାରୁ ଆରମ୍ଭ କରି ସମସ୍ତ ଦେଶବାସୀଙ୍କୁ ମୌଳିକ ସୁଖ ସୁବିଧା ଯୋଗାଇ ଦେବା, ବିଭିନ୍ନ ଯୋଜନା ଏବଂ ଜାତୀୟ କାର୍ଯ୍ୟକ୍ରମ ଜରିଆରେ ଦେଶରୁ ଅଶିକ୍ଷା, କ୍ଷୁଧା, ଦୁଃଖ, ରୋଗ, ଅଜ୍ଞତା ଦୂର କରିବା, ସନ୍ତୁଳିତ ପରିବେଶ ସୃଷ୍ଟି, ମାନବିକ ମୂଲ୍ୟବୋଧର ପ୍ରତିଷ୍ଠା, ସାଂସ୍କୃତିକ ପରମ୍ପରାର ଧାରାକୁ ପ୍ରବହମାନ ରଖିବା ଏବଂ ସର୍ବୋପରି ଏକ ଋଦ୍ଧିମନ୍ତ ପ୍ରାଚୀନ ସଭ୍ୟତାକୁ ବିଲୟ ମୁଖରୁ ରକ୍ଷା କରି ଯୁଗୋପଯୋଗୀ ବିକାଶ ଘଟାଇବା ପାଇଁ ଜନସଂଖ୍ୟା ବୃଦ୍ଧିକୁ ରୋକିବା ଅନ୍ୟାନ୍ୟ କାରଣମାନଙ୍କ ମଧ୍ୟରେ ଅନ୍ୟତମ । ଏହି ଜାତୀୟ କାର୍ଯ୍ୟକ୍ରମକୁ ଆଉ ବେଶିଦିନ ଅବହେଳା କରାନଯାଇ ତର୍କ ବିତର୍କ ମାଧ୍ୟମରେ ଦୃଢ଼ ଜନମତ ସୃଷ୍ଟି କରାଯାଉ ଏବଂ ଆବଶ୍ୟକ ହେଲେ ଆଇନ ସମ୍ମତ ଭାବେ ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯାଉ । ଏକବିଂଶ ଶତାବ୍ଦୀର ପ୍ରଥମ ଦଶନ୍ଧିରେ ଏହି ଜନସଂଖ୍ୟା ବୃଦ୍ଧିର ଆନୁପାତିକ ବେଗକୁ ଏକ ନିର୍ଦ୍ଦିଷ୍ଟ ମାନରେ ସ୍ଥିର ରଖିବା ପାଇଁ ସଙ୍କଳ୍ପର ସହିତ ଚେଷ୍ଟା କରାଯାଉ ।

*ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ*
*(ଓଡ଼ିଶା) [illegible]*

• • •

## 'କେୟାର' ପ୍ରତିନିଧିଙ୍କ ଦ୍ୱାରା ସମନ୍ୱିତ ପୁଷ୍ଟି ଓ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସମୀକ୍ଷା

'କେୟାର' ତରଫରୁ କାର୍ଯ୍ୟକାରୀ ହେଉଥିବା 'ସମନ୍ୱିତ ପୁଷ୍ଟି ଓ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ମଧ୍ୟବର୍ତ୍ତୀକାଳୀନ ସମୀକ୍ଷା ସଂପ୍ରତି କେୟାର ଆମେରିକାର ଏକ ତିନିଜଣିଆ ପ୍ରତିନିଧିଙ୍କ ଦ୍ୱାରା ସମୀକ୍ଷା ହୋଇଯାଇଛି । ଏହି ପ୍ରତିନିଧିଦଳ ବଲାଙ୍ଗୀର ଜିଲ୍ଲାର ତୁରେଇକେଲା, ସଇଁତଳା, ପାଟଣାଗଡ଼, ବଲାଙ୍ଗୀର ବ୍ଲକ ଏବଂ ମୟୂରଭଞ୍ଜ ଜିଲ୍ଲାର ଖୁଣ୍ଟା ବ୍ଲକରେ କାର୍ଯ୍ୟକାରୀ ହେଉଥିବା ଶିଶୁ ଓ ଗର୍ଭବତୀ ମହିଳାମାନଙ୍କୁ ଖାଦ୍ୟ ଯୋଗାଣ, ଅଙ୍ଗନବାଡ଼ି କେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା, ଛଅବର୍ଷ ବୟସ ପର୍ଯ୍ୟନ୍ତ ଶିଶୁମାନଙ୍କର ଉତ୍ତମ ଅଭିବୃଦ୍ଧି ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଣ, ଔଷଧ ଯୋଗାଣ, ମହିଳାମାନଙ୍କ ପାଇଁ ସ୍ୱସଞ୍ଚୟ ବୀମା ଯୋଜନା ଓ ମହିଳା ମଣ୍ଡଳ ଗଠନ ଇତ୍ୟାଦି କାର୍ଯ୍ୟକ୍ରମର ସମୀକ୍ଷା କରି ଉଚ୍ଚ ପ୍ରଶଂସା କରିଛନ୍ତି ।

ଏହି ପ୍ରତିନିଧି ଦଳଙ୍କ ମଧ୍ୟରେ 'କେୟାର'(ଆମେରିକା)ର ଡକ୍ଟର ରୁଡି ହର୍ଷରଙ୍କ ନେତୃତ୍ୱରେ ଡଃ ଦୟା ମେନନ୍, କେ. ମର୍ଟିଡା, କେୟାର ଇଣ୍ଡିଆ (ଦିଲ୍ଲୀ)ର ପ୍ରତିମା ବଶିଷ୍ଠ ଓ ରାଜ୍ୟ ସରକାରଙ୍କ ତରଫରୁ ପ୍ରକଳ୍ପ ସଂଯୋଜକ ଶ୍ରୀ ପରମେଶ୍ୱର ସ୍ୱାଇଁ ପ୍ରମୁଖ ସମୀକ୍ଷା କରିଥିଲେ ।

ଉଲ୍ଲେଖନୀୟ, ଅଢ଼େଇ ବର୍ଷ ତଳେ ରାଜ୍ୟର ୧୧ଗୋଟି ଜିଲ୍ଲାର ୧୩୩ଟି ବ୍ଲକରେ 'କେୟାର' ତରଫରୁ ଏହି ସମନ୍ୱିତ ପୁଷ୍ଟି ଓ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।

# ନାରୀ ଶିକ୍ଷା

• ଲାୟନ ମାଣିକ ଚାନ୍ଦ ଅଗ୍ରୱାଲ

ଭାରତରେ ସାକ୍ଷର ସଂଖ୍ୟା ୫୨% । ଏଥିରେ ପୁରୁଷମାନଙ୍କ ସାକ୍ଷର ସଂଖ୍ୟା ୬୪% ହେଲେ ମହିଳାମାନଙ୍କ ସଂଖ୍ୟା ୩୯% । ସ୍ୱାଧୀନତା ପ୍ରାପ୍ତିର ୫୦ବର୍ଷ ପରେ ମହିଳା ସାକ୍ଷର ସଂଖ୍ୟାରେ କିଛିଟା ବୃଦ୍ଧି ଘଟିଛି । ସେମାନଙ୍କୁ ସାକ୍ଷର କରାଯାଉଛି କିନ୍ତୁ ଶିକ୍ଷିତ କରାଯାଇ ପାରିନାହିଁ । ଦେଶର ଅଧିକାଂଶ ବାଳିକା ପୂର୍ଣ୍ଣ ଶିକ୍ଷା ପୂର୍ବରୁ ହିଁ ନିଜର ପଢ଼ା ଛାଡ଼ି ଦେଉଥାନ୍ତି । ମୂଳତଃ ମାଧ୍ୟମିକ ସ୍ତରରୁ ହିଁ ବାଳିକାମାନେ ବାଳକମାନଙ୍କଠାରୁ ବହୁତ ପଛରେ ପଡ଼ିଯାଆନ୍ତି । ୧୯୯୫ରେ ୪୦% ବାଳିକା ପ୍ରାଥମିକ ସ୍ତର ପରେ ସ୍କୁଲ ଛାଡ଼ିବା ବେଳେ ମାଧ୍ୟମିକ ସ୍ତରରେ ୫୬% ବାଳିକା ସ୍କୁଲ ଛାଡ଼ି ଥିଲେ । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରର ଅବସ୍ଥା ତ ଏହାଠୁ ଆହୁରି ଅଧିକ ଖରାପ । ଯେଉଁ ଝିଅମାନେ ବିନା ବାଧା ବିଘ୍ନରେ ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ପଢ଼ି ପାରୁଛନ୍ତି, ସେମାନେ କମ୍ ଭାଗ୍ୟବତୀ ନୁହଁନ୍ତି । ସହରର ବାଳିକା ଯେମିତି ଭାବରେ ହେଉ, ସ୍କୁଲରୁ କଲେଜ ପର୍ଯ୍ୟନ୍ତ ଯାଇ ନିଜର ପଢ଼ା ପଢ଼ି ପାରୁଛନ୍ତି କିନ୍ତୁ ମଫସଲର ଝିଅମାନେ ଅଧିକାଂଶ ଆଜି ମଧ୍ୟ ଶିକ୍ଷାରୁ ବଞ୍ଚିତ ରହିଛନ୍ତି । ବାପା ମାଆ ଅଶିକ୍ଷିତ ଥିବା ହେତୁ ନିଜର ଛୁଆପିଲାଙ୍କୁ ବିଶେଷ କରି ଝିଅମାନଙ୍କୁ ପଢ଼ାଇବାର ଗୁରୁତ୍ୱ ବୁଝିପାରୁ ନାହାଁନ୍ତି । ଅଧିକାଂଶ ପରିବାରରେ କେବଳ ପୁଅମାନଙ୍କୁ ପଢ଼ିବାର ସୁଯୋଗ ଦିଆଯାଉଥିବା ବେଳେ ଝିଅମାନଙ୍କୁ ପଢ଼ାରୁ ବଞ୍ଚିତ କରାଯାଇ ନିରୁତ୍ସାହିତ କରୁଛନ୍ତି । ସେପରି ବାପାମାନେ ଭାବନ୍ତି ଯେ ଝିଅକୁ ଉଚ୍ଚଶିକ୍ଷା ଦେଲେ ମଧ୍ୟ ଝିଅ ଜନମ ଚୁଲି ମୁଣ୍ଡକୁ ।

ଆମ ସମାଜରେ ସ୍ତ୍ରୀ ଓ ପୁରୁଷଙ୍କ ଶିକ୍ଷାକୁ ନେଇ ଆଜି ମଧ୍ୟ ଦୁଇଟି ଭିନ୍ନ ମାନଦଣ୍ଡ ଅଛି । ପିଲାମାନଙ୍କୁ ଏଇଥି ପାଇଁ ପଢ଼ା ଯାଉଛି ଯେ ସେମାନେ ଉଚ୍ଚ ଶିକ୍ଷିତ ହୋଇ ଭବିଷ୍ୟତରେ ପରିବାର ଚଳାଇବାରେ ସହାୟକ ହେବେ । ଝିଅମାନଙ୍କୁ ଏଇଥି ପାଇଁ ଶିକ୍ଷା ଦିଆଯାଉ ନାହିଁ ଯେ ସେମାନଙ୍କୁ ପଢ଼ାଇଲେ କ'ଣ କରିବେ ? ଶେଷରେ ବାହା ସାହା କରିକେ ପରଘରକୁ ପଠାଇବା ସାର । ସେଭଳି ମନୋବୃତ୍ତି ଥିବା ବାପା ମାଆମାନଙ୍କୁ ଏପରି ଭାବନା ପରିତ୍ୟାଗ କରିବାକୁ ପଡ଼ିବ । ଏକ ତଥ୍ୟ ଅନୁସାରେ ୧୭% ବାପା ମା' ଝିଅକୁ ଶିକ୍ଷା ଦିଆଯିବା ସପକ୍ଷରେ ମତ ଦାବି କରନ୍ତି । ଅଧିକାଂଶ ଅଭିଭାବକଙ୍କର ମତ ଯେ ଝିଅମାନଙ୍କ ଘର ରହିବା ପାଇଁ ଅଧିକ ଶିକ୍ଷାର ଦରକାର କ'ଣ ? ଜୀବନରେ ଝିଅମାନଙ୍କ କାମ ପ୍ରଥମରୁ ହିଁ ନିର୍ଦ୍ଧାରିତ ହୋଇଯାଇଥାଏ ଯଥା– ଭଲ ରୋଷେଇ କରିବା, ଘର ସଫାସୁତୁରା ରଖିବା ଇତ୍ୟାଦି ।

ବାଳିକାମାନେ ପୂର୍ଣ୍ଣ ଶିକ୍ଷା ନପାଇବା ପଛରେ ଅନେକ କାରଣ ଅଛି । ସବୁଠୁ ପ୍ରଧାନ କାରଣ ହେଲା 'ସାମାଜିକ ଓ ପାରିବାରିକ ଉପେକ୍ଷା । ଝିଅମାନଙ୍କୁ ପଢ଼ିବା ପାଇଁ ଘରେ ସମୟର ଏକାନ୍ତ ଅଭାବ । ମାଆମାନେ ଘରୁ ବାହାରକୁ ଗଲେ ଝିଅମାନେ ହିଁ ଘର ସମ୍ଭାଳି ଥା'ନ୍ତି । ଅନେକ ଗରୀବ ପରିବାରର ଝିଅମାନେ ପଢ଼ା ଲେଖା ବୟସରେ ହିଁ ଜୀବିକା ନିର୍ବାହର ପନ୍ଥା ଖୋଜିବାକୁ ବାଧ୍ୟ ହୋଇଥାଆନ୍ତି । ସ୍କୁଲ ଘରଠୁ ପାଖରେ ନଥିବା, ଗମନା ଗମନର ଅସୁବିଧା ତଥା ସୁରକ୍ଷା ଯୋଗୁଁ ବାପା ମାଆ ନିଜର ଝିଅକୁ ଘରୁ ବାହାରକୁ ପଠେଇବା ପାଇଁ ଉଚିତ ମନେକରନ୍ତି ନାହିଁ । ପୁଅତ ଦୂରରେ ଥିବା ଯେକୌଣସି ସ୍କୁଲକୁ ଯାଇ ପାଠ ପଢ଼ିବ କିନ୍ତୁ ଝିଅମାନଙ୍କୁ ଦୂରବର୍ତ୍ତୀ ସ୍କୁଲରେ ପଢ଼େଇବା ପାଇଁ ବାପା ମା' ଚିନ୍ତା କରନ୍ତୁନାହାଁନ୍ତି । ଝିଅମାନଙ୍କୁ ନେଇ ସର୍ବଦା ଏକ ଅମୂଳକ ଆଶଙ୍କାରେ ଚିନ୍ତିତ ଓ ଭୟଭୀତ ରହନ୍ତି । ସ୍କୁଲ ଯିବା ଆସିବା ବାଟ ଯଦି ନିରୋଳା, ତାହାହେଲେ ବିପଦ ଆହୁରି ବଢ଼ିଯାଏ । ସେମାନେ ଝିଅକୁ ସ୍କୁଲକୁ ପଠେଇ ସଦା ସର୍ବଦା ବିବ୍ରତ ଥାଆନ୍ତି ।

ଝିଅମାନଙ୍କୁ ପ୍ରଥମରୁ ହିଁ ଘର କାମର ବୋଝ ଲଦି ଦିଆଯାଉଛି । ସ୍କୁଲ୍‌ରେ ଭର୍ତ୍ତିହେଲେ ନାମକୁ ମାତ୍ର ସ୍କୁଲ ଯିବା କଥା । ଅଧିକାଂଶ ସମୟ ଘର କାମରେ ମା'କୁ ସାହାଯ୍ୟ କରନ୍ତି । ପଢ଼ିବା ପାଇଁ ଯଥେଷ୍ଟ ସମୟ ମିଳୁ ନଥିବା ହେତୁ ଯଦି ପରୀକ୍ଷାରେ ଫେଲ୍ ହୋଇଗଲା ତାହାହେଲେ ତ ପଢ଼ା ସେହିଠାରୁ ହିଁ ବନ୍ଦ । ଯଦି ପୁଅ ପିଲାମାନଙ୍କ ପରି ସେମାନେ ମଧ୍ୟ ସମାନ ସୁବିଧା ସୁଯୋଗ ପାଆନ୍ତେ, ତାହାହେଲେ ସେମାନେ ବି ଦେଖେଇ ଦିଅନ୍ତେ ସେମାନେ କାହାଠୁଁ କମ୍ ନୁହନ୍ତି । ଯେଉଁଠି ସେମାନଙ୍କ ପାଇଁ ଅନୁକୂଳ ପରିବେଶ ରହିଛି, ସେଠି ସେମାନଙ୍କ ପରୀକ୍ଷା ଫଳ ମଧ୍ୟ ବହୁ ଉଚ୍ଚ ସ୍ତରକୁ ଯାଉଛି । ବହୁତ ପରୀକ୍ଷାରେ ପ୍ରଥମ ଦଶ ଜଣରୁ ୬/୭ ଜଣ ଝିଅ ସ୍ଥାନ ପାଉଛନ୍ତି । ଝିଅମାନଙ୍କୁ ଏପରି ଉପେକ୍ଷା କରାଯାଉଛି ଯେ ସମସ୍ତ ପାଠ୍ୟୋପକରଣ ପୁଅପିଲାକୁ ଯୋଗାଇ ଦିଆଯାଉଥିବା ବେଳେ ଝିଅକୁ ରାତିରେ ଅଇଁଠା ବାସନ କୁସନ ମାଜିବା ପାଇଁ ବାଧ୍ୟ କରାଯାଉଛି । ଝିଅକୁ ଘର କାମରେ ସାହାଯ୍ୟ କରିବାକୁ ଏବଂ ଛୋଟ ଭାଇ ଭଉଣୀମାନଙ୍କ ଦେଖା ରେଖା ପାଇଁ ଘରେ ହିଁ ରହିବାକୁ ପଡ଼ୁଛି । ସ୍କୁଲରେ ନାମ ଲେଖା ଏକ ଔପଚାରିକତା ମାତ୍ର । ଗରୀବ ମା' ବାପା ଝିଅକୁ ପଢ଼ାଇବାର ଇଚ୍ଛା ଥିଲେ ମଧ୍ୟ ସ୍କୁଲ ଶିକ୍ଷା ଦେବା ପାଇଁ ସକ୍ଷମ ହୋଇପାରୁ ନାହାଁନ୍ତି । ସେମାନଙ୍କ ସୀମିତ ସମ୍ବଳ ପିଲାର ପାଠ ପଢ଼ାରେ ଅଣ୍ଟୁ ନାହିଁ । ବହି, ଖାତାପତ୍ର ତଥା ଶୈକ୍ଷିକ ସାମଗ୍ରୀର ଆକାଶଛୁଆଁ ଦର ତଥା ସ୍କୁଲର ଫିସ୍ ଦେବା ପାଇଁ ବାପା ମା' ପୂର୍ଣ୍ଣତଃ ଅସମର୍ଥ । ସେଥିପାଇଁ ଝିଅକୁ ଛୋଟ ମୋଟ କାମରେ କିମ୍ବା ଘରେ ବସାଇବା ଛଡ଼ା ଅନ୍ୟ ଚାରା ନାହିଁ । ଯେଉଁ ପରିବାରରେ ଗୋଟିଏ କିମ୍ବା ଦୁଇଟି ସନ୍ତାନ ଅଛନ୍ତି, ସେମିତି ପରିବାରରେ ମଧ୍ୟ ଝିଅକୁ ପଢ଼ାଇବାରେ କଷ୍ଟ ହେଉଛି । ଯେଉଁ ପରିବାରରେ ବହୁତ ପିଲାଛୁଆ, ସେମିତି ପରିବାରରେ ଝିଅକୁ ପଢ଼ାଇବାତ ଦୂରର କଥା, ପୁଅ ମଧ୍ୟ ପଢ଼ିପାରୁ ନାହିଁ । ଯେଉଁ ବାପା ମା' ସନ୍ତାନ ସନ୍ତତିଙ୍କୁ ଜନ୍ମ ଦିଅନ୍ତି, ସେହି ପିଲା ଛୁଆଙ୍କୁ ମଣିଷ କରିବାରେ ସେମାନଙ୍କ ପାଖରେ କିଛି ବ୍ୟବସ୍ଥା ଅଛି କି ନାହିଁ ଚିନ୍ତା

କରିବାର କଥା । ବହୁତ ବାପା ମା' ସହଶିକ୍ଷା ଥିବା ସ୍କୁଲ କଲେଜରେ ଝିଅମାନଙ୍କୁ ଭର୍ତ୍ତି କରିବା ପାଇଁ ପସନ୍ଦ କରନ୍ତି ନାହିଁ । ବାଳିକାମାନଙ୍କ ପାଇଁ ଅଲଗା ସ୍କୁଲ, କଲେଜ ନଥିବା ହେତୁ ମଧ୍ୟ ଝିଅମାନଙ୍କ ପଢ଼ିବାର ସୁଯୋଗ ଶେଷ ହୋଇଯାଏ । ଏଣୁ ସରକାର ଅଧିକ ସଂଖ୍ୟାରେ ବାଳିକା ହାଇସ୍କୁଲ ଓ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇବା ନିତାନ୍ତ ଆବଶ୍ୟକ । ଝିଅମାନଙ୍କ ପ୍ରତିଭା କ୍ଷୁଣ୍ଣ ହୁଏ ନାହିଁ । ସେମାନଙ୍କ ପ୍ରତିଭାକୁ ବିକଶିତ କରିବା ଆବଶ୍ୟକ । ଅନେକ ରାଜ୍ୟରେ ଝିଅମାନଙ୍କ ପାଇଁ ସ୍କୁଲ ଶିକ୍ଷାଠୁ ଆରମ୍ଭ କରି କଲେଜ ଶିକ୍ଷା ପର୍ଯ୍ୟନ୍ତ ନିଃଶୁଳ୍କ ଅଛି । ଏହାଛଡ଼ା ଅନେକ ସାମାଜିକ ସଂଗଠନ ଏବଂ ସରକାର ଗରିବ ତଥା ମେଧାବୀ ଛାତ୍ର ଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି ମଧ୍ୟ ଦେଉଛନ୍ତି ।

ଆଜିର ପ୍ରଗତିଶୀଳ ସମାଜରେ ଯେଉଁଠି ପରିବାରର ମହତ୍ବ ଦିନକୁ ଦିନ ବଢୁଛି, ସେଇଠି ପୁଅଝିଅଙ୍କ ଭିତରେ ଏପରି ଭେଦଭାବ ଓ ତାରତମ୍ୟ ରହିବା ଆଦୌ ଉଚିତ ନୁହେଁ । ଝିଅକୁ ଶିକ୍ଷିତ କରାଇବାର ଅର୍ଥ ପରିବାର ଓ ସମାଜକୁ ଶିକ୍ଷିତ ଓ ସୁସମ୍ପନ୍ନ କରିବା । ଝିଅ ପଢ଼ିସାରିଲା ପରେ ଚାକିରିରେ ନଲଗାନ୍ତୁ କିନ୍ତୁ ସେମାନଙ୍କୁ ପଢ଼ାଇବାରେ କ୍ଷତି କ'ଣ ? ଝିଅଟିକୁ ସୁଶିକ୍ଷିତା କରାଇବାର ଅର୍ଥ ଆପଣ ଦୁଇଟି ପରିବାରକୁ ଶିକ୍ଷିତ କରିବାକୁ ଯାଉଛନ୍ତି ।

"ଗାଁ ପରିମଳ ଧୋବା ତୁଠରୁ, ଦେଶ ଜଣା ଯାଏ ଝିଅ ପଦରୁ ।"

ରେଣୁ
କମଳା ଦେବୀ ମହାବିଦ୍ୟାଳୟ,
[illegible], ଜିଲ୍ଲା- କଟକ

• • •

# ରାଜୀବଗାନ୍ଧୀଙ୍କ ତିରୋଧାନ ଦିବସ ଉପଲକ୍ଷେ ଆଲୋଚନା ଚକ୍ର

ଗତ ମଇ ୨୧ ତାରିଖରେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ ଅବସରରେ "ଗ୍ରାମାଞ୍ଚଳର ଦରିଦ୍ର ଅଧିବାସୀ, ଦଳିତ, ଆଦିବାସୀ, ସଂଖ୍ୟାଲଘୁ ସଂପ୍ରଦାୟ, ଯୁବଗୋଷ୍ଠୀ, ମହିଳା ଓ ସାମାଜିକ ସ୍ତରରେ ଅବହେଳିତ ଲୋକମାନଙ୍କ ଉତ୍ଥାନ ନିମନ୍ତେ ରାଜୀବଗାନ୍ଧୀଙ୍କ ଚିନ୍ତାଧାରା, ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି ।

ରାଜୀବଗାନ୍ଧୀ ଫୋରମ୍‌ର ଓଡ଼ିଶା ଶାଖା ପକ୍ଷରୁ ଆୟୋଜିତ ଏହି ଆଲୋଚନା ଚକ୍ରର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ଗଣଶିକ୍ଷାମନ୍ତ୍ରୀ ସେକ୍ ମତଲୁବ୍ ଅଲ୍ଲୀ କହିଲେ ଯେ ରାଜୀବଗାନ୍ଧୀ ଆନ୍ତର୍ଜାତିକ ସ୍ତରରେ ନିଜକୁ ପ୍ରତିଷ୍ଠିତ କରି ଭାରତ ପାଇଁ ଗର୍ବ ଓ ଗୌରବ ଆଣିଥିଲେ । ତାଙ୍କ ପରି ଦୂରଦ୍ରଷ୍ଟା ଜନନାୟକ ଏକବିଂଶ ଶତାବ୍ଦୀରେ ଭାରତକୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସର୍ବୋତ୍କୃଷ୍ଟ କରିବା ପାଇଁ ସେ ସମୟରେ ଭିତ୍ତିଭୂମି ପ୍ରସ୍ତୁତ କରିଥିଲେ । ଗଣତନ୍ତ୍ର ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ରାଜନୈତିକ ଦଳରୁ ଗୋଷ୍ଠୀକନ୍ଦଳ, ଜାତି ପରିବର୍ତ୍ତନ ଓ ମତ ବଦଳ ଆଦିର ପ୍ରଭାବ ପ୍ରତିହତ କରିବାକୁ ସେ ଦଳ ବଦଳ ନିରୋଧ ଆଇନ କାର୍ଯ୍ୟକାରୀ କରି ସମ୍ବିଧାନରେ ଏକ ଅଭୂତପୂର୍ବ ସଂସ୍କାର ଆଣିବାକୁ ସକ୍ଷମ ହୋଇଥିଲେ । କ୍ଷମତାର ବିକେନ୍ଦ୍ରୀକରଣ, ଯୁବସମାଜ ହାତରେ ସରକାର ଗଠନ କରିବାର କ୍ଷମତା ପ୍ରଦାନ, ପଞ୍ଚାୟତିରାଜ ଓ ନଗରପାଳିକାକୁ ଅଧିକ କ୍ଷମତା ପ୍ରଦାନ, ଧନ୍ଦାମୂଳକ ଶିକ୍ଷା ଦ୍ୱାରା ଆତ୍ମନିର୍ଭରଶୀଳ ଓ ବିଜ୍ଞାନ ଓ କାରିଗରି ବିଦ୍ୟାର ପ୍ରସାର ରାଜୀବଗାନ୍ଧୀଙ୍କ ଚିନ୍ତାଧାରାର ଗୋଟିଏ ଗୋଟିଏ ଜୀବନ୍ତ ଅଂଶବିଶେଷ ଥିଲା ବୋଲି ମନ୍ତ୍ରୀ ଶ୍ରୀ ଅଲ୍ଲୀ ପ୍ରକାଶ କରିଥିଲେ । ମାନବଜାତିର କଲ୍ୟାଣ ପାଇଁ ଯେଉଁ କେତେଜଣ ଜୀବନ ଦେଇ ମହାନ୍ ହୋଇଯାଇଛନ୍ତି ସେମାନଙ୍କ ମଧ୍ୟରେ ରାଜୀବଗାନ୍ଧୀ ଅନନ୍ୟ ବୋଲି ସେ କହିଥିଲେ ।

ଉତ୍ସବରେ ଅଧ୍ୟକ୍ଷତା କରି ଅବକାରୀ, କ୍ରୀଡ଼ା ଓ ଯୁବସେବା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାଉତରାୟ କହିଲେ ଯେ ରାଜୀବଗାନ୍ଧୀ ଏକ ଦଶନ୍ଧି ପୂର୍ବେ ଯାହା ଚିନ୍ତାକରି କାର୍ଯ୍ୟକାରୀ କରିଥିଲେ, ତାହାର ସୁଫଳ ଆଜି ଆମେ ଉପଭୋଗ କରୁଛୁ ।

ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମତ୍ସ୍ୟ ଓ ପଶୁସଂପଦ ବିକାଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପଦ୍ମଲୋଚନ ପଣ୍ଡା କହିଲେ ଯେ ରାଜୀବଗାନ୍ଧୀ ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବେ । ଯୁବ ନେତୃତ୍ୱ ମାଧ୍ୟମରେ କିପରି ଅଭିନବ ଗଠନମୂଳକ କାର୍ଯ୍ୟ କରାଯାଏ, ତାହାର ନମୁନା ସେ ତାଙ୍କ କାର୍ଯ୍ୟକଳାପ ଦ୍ୱାରା ଦର୍ଶାଇ ଦେଇଥିଲେ ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା ପ୍ରକାଶ କରିଥିଲେ ।

ଜଗତ୍‌ସିଂହପୁରର ପୂର୍ବତନ ବିଧାୟକ ଶ୍ରୀ କୈଳାସ ଚନ୍ଦ୍ର ମଲ୍ଲିକ ସମାଜରେ ପରିବର୍ତ୍ତନ କ୍ରାନ୍ତି ହିଁ ଯୁବକମାନଙ୍କ ଠାରୁ ଆରମ୍ଭ ହୋଇ ସେମାନଙ୍କ ଦ୍ୱାରା ଶେଷ ହୋଇଥାଏ ବୋଲି ପ୍ରକାଶ କରିଥିଲେ ।

ବିଶିଷ୍ଟ ସାମ୍ବାଦିକ ଶ୍ରୀ ବିଜୟଶ୍ରୀ ରାଉତରାୟ ରାଜୀବ ଗାନ୍ଧୀଙ୍କ ଜୀବନୀ ଓ କାର୍ଯ୍ୟାବଳୀ ଉପରେ ଆଲୋକପାତ କରି ତାଙ୍କପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

ଏହି ଅବସରରେ ରାଜୀବଗାନ୍ଧୀ ଫୋରମ୍ ପକ୍ଷରୁ ଦରିଦ୍ରମାନଙ୍କୁ ବସ୍ତ୍ର ବଣ୍ଟନ, ରୋଗୀମାନଙ୍କୁ ଫଳ ବଣ୍ଟନ, ଅକ୍ଷମମାନଙ୍କୁ ବିଭିନ୍ନ ଉପକରଣ ପ୍ରଦାନ, ରକ୍ତଦାନ ଶିବିର ଓ ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ କରାଯାଇଥିଲା ।

# ଓଡ଼ିଶାରେ ଜୈନଧର୍ମ ଓ ବାରିପଦାରେ ଚବିଶ ତୀର୍ଥଙ୍କର ଜୈନ ପ୍ରତିମା

• ଶ୍ରୀ କାଶୀନାଥ ବାରିକ

ଜୈନଧର୍ମର ତେଇଶତମ ତୀର୍ଥଙ୍କର ପାର୍ଶ୍ୱନାଥ ଓଡ଼ିଶାରେ ପ୍ରଥମେ ଜୈନଧର୍ମ ପ୍ରଚାର କରିଥିବାର କୁହାଯାଉଛି । ରାଣୀଗୁମ୍ଫାର ପଥର ଖୋଦେଇ ମୂର୍ତ୍ତି ଓ ଖଣ୍ଡଗିରି-ଉଦୟଗିରିର ଅନ୍ୟାନ୍ୟ ଖୋଦିତ ଦୃଶ୍ୟାବଳୀରୁ ଜଣାଯାଏ ଯେ, ଜୈନଧର୍ମର ଚବିଶ ତୀର୍ଥଙ୍କର ମହାବୀର ଏହି ଭୂଖଣ୍ଡରେ ପଦାର୍ପଣ କରିବା ପୂର୍ବରୁ ପାର୍ଶ୍ୱନାଥ ଏହି ଧର୍ମ ପ୍ରଚାର ପାଇଁ ଆସିଥିଲେ । ସେତେବେଳେ କଳିଙ୍ଗରେ କରକଣ୍ଡୁ ବା କେଣ୍ଡୁ ନାମକ ଜଣେ ରାଜା ଜୈନଧର୍ମ ଗ୍ରହଣ କରିଥିଲେ । ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀରେ କ୍ଷତ୍ରିୟ ବଂଶର ରାଜା ଚେତକ ଭଗବାନ ମହାବୀରଙ୍କୁ ଆମନ୍ତ୍ରଣ କରି ଜୈନଧର୍ମ ଗ୍ରହଣ କରିଥିଲେ । ସେତେବେଳେ କୁମାରୀ ପର୍ବତ କୁହାଯାଉଥିବା ବର୍ତ୍ତମାନର ଖଣ୍ଡଗିରି ଓ ଉଦୟଗିରିଠାରେ ଜୈନ କୀର୍ତ୍ତିମାନ ଖୋଦନ କରାଇଥିଲେ । ସେହି ସମୟରେ ସେ କଳିଙ୍ଗର ରାଜଧାନୀ ତୋଷାଳୀକୁ ଭ୍ରମଣ କରିଥିଲେ । ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀ ଠାରୁ ପ୍ରଥମ ଶତାବ୍ଦୀ ପର୍ଯ୍ୟନ୍ତ କଳିଙ୍ଗରେ ଏହି ଧର୍ମ ବହୁଳ ଭାବରେ ପ୍ରସାରିତ ହୋଇଥିଲା । ଅଶୋକ କଳିଙ୍ଗରେ ବୌଦ୍ଧଧର୍ମ ପ୍ରତିଷ୍ଠା କରିବାରେ ମଧ୍ୟ ଏହି ଧର୍ମର ପ୍ରଭାବ କମିନଥିଲା । ଐର ଖାରବେଳ ଏହି ଧର୍ମକୁ ରାଜଧର୍ମ ରୂପେ ପ୍ରତିଷ୍ଠା କରିଥିଲେ । ସେ ମଗଧରାଜା ବୃହସ୍ପତିମିତ୍ରଙ୍କୁ ପରାସ୍ତ କରି ଧନସମ୍ପଦ ଲୁଣ୍ଠନ କରିବା ସଙ୍ଗେ ସଙ୍ଗେ ଜୈନଙ୍କର ପୀଠକୁ ସ୍ଥାନାନ୍ତର କରିଥିଲେ । ସେ ଶିଶୁପାଳଗଡ଼ରେ ଜୈନଧର୍ମ ଉପରେ ପଦକ୍ଷେପ ନେଇଥିବା ବିଷୟ ପ୍ରାଚୀନ ମୁଦ୍ରାରୁ ମଧ୍ୟ ଜଣାଯାଉଛି । ସେହି ସମୟରେ ସେ ଜୈନ ସନ୍ନ୍ୟାସୀମାନଙ୍କୁ ବସ୍ତ୍ର ଦାନ କରିଥିଲେ । ନିଜେ ଶ୍ୱେତାମ୍ବର ଜୈନ ହୋଇ ସୁଦ୍ଧା ବ୍ରାହ୍ମଣ ଧର୍ମ, ବୌଦ୍ଧ ଧର୍ମ, ଜୈନ୍ ଧର୍ମ ଆଦି ଉକ୍ତମାନଙ୍କୁ ସମାନ ପ୍ରଦର୍ଶନ କରିଥିଲେ ।

ପ୍ରଥମରୁ ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ ବୌଦ୍ଧ ଧର୍ମ ଓ ଶୈବଧର୍ମର ଉତ୍ଥାନ ହେତୁ ଏହି ଧର୍ମ ରାଜପୃଷ୍ଠପୋଷକତା ହରାଇଲା । ମାତ୍ର ସର୍ବସାଧାରଣଙ୍କ ଆଗ୍ରହ ହେତୁ କଳିଙ୍ଗରେ ତାହା ତିଷ୍ଠି ରହିପାରିଥିଲା । ଦ୍ୱିତୀୟ ଓ ତୃତୀୟ ଶତାବ୍ଦୀରେ ଧର୍ମ ଦାମୋଦର ନାମକ ମୁରଣ୍ଡ ରାଜା ଓଡ଼ିଶା ଓ ବିହାରର କେତେକ ଅଞ୍ଚଳରେ ଶାସନ କରୁଥିବା ବେଳେ ଜୈନଧର୍ମ ପ୍ରତି ଆନୁଗତ୍ୟ ପ୍ରକାଶ କରିଥିଲେ । ରାଜା ଗୁହଶିବ ତୃତୀୟ ଶତାବ୍ଦୀରେ ନିର୍ଗ୍ରନ୍ଥ ଜୈନମାନଙ୍କୁ ପୂଜା କରୁଥିଲେ । ସେହି ସମୟରେ ନାଗ ଓ ଗୁପ୍ତମାନଙ୍କର ଶାସନ ଚାଲିଥିଲା । ନାଗବଂଶର ଅନ୍ୟତମ ରାଜା ଶତ୍ରୁଭଞ୍ଜ ବା ଶତ୍ରୁଞ୍ଜୟ ବ୍ରାହ୍ମଣଧର୍ମୀ ଥିଲେ ମଧ୍ୟ ଜୈନଭିକ୍ଷୁମାନଙ୍କୁ (ନିର୍ଗ୍ରନ୍ଥ) ପ୍ରଚୁରଭାବେ ଦାନ କରିଥିବା କଥା ବର୍ତ୍ତମାନର କେନ୍ଦୁଝରର ଅସନପାଟରୁ ପ୍ରାପ୍ତ ପ୍ରାଚୀନମୂର୍ତ୍ତି ସହ ଶିଳାଲିପିରୁ ଜଣାଯାଉଛି ।

ପ୍ରସଙ୍ଗକ୍ରମେ ନାଗବଂଶୀମାନେ ଯେଉଁ ସମୟରେ ରାଜତ୍ୱ କରିଥିଲେ, ସେହି ସମୟରେ ତାଙ୍କ ସାମ୍ରାଜ୍ୟ ବିନ୍ଧ୍ୟାଟବୀ ରାଜ୍ୟନାମରେ ଥିବା କଥା ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ରଚନାରୁ ଜଣାଯାଉଛି । ସେ ଶୈବ ଥିଲେ ଓ ନଟରାଜଙ୍କୁ ପୂଜା କରୁଥିବା ପ୍ରସ୍ତରମୂର୍ତ୍ତି ତାହା ପ୍ରମାଣିତ କରିଛି । କିନ୍ତୁ ଜୈନମାନଙ୍କୁ ଦାନ କରିବା ସମ୍ପର୍କରେ ସେହି ପ୍ରସ୍ତରମୂର୍ତ୍ତି ସହିତ ଥିବା ଲିପିରୁ ଜଣାଯାଉଛି ।

ସପ୍ତମ ଶତାବ୍ଦୀରେ ଚୀନ୍ ପରିବ୍ରାଜକ ହ୍ୟୁଏନ୍‌ସାଙ୍ଗ ଭ୍ରମଣ କାହାଣୀରୁ ଜଣାଯାଉଛି ଯେ, ଜୈନଧର୍ମ ସେହି ସମୟ ପର୍ଯ୍ୟନ୍ତ ଏକ ସମ୍ମାନଜନକ ଧର୍ମ ହିସାବରେ ଗୃହୀତ ହୋଇଥିଲା । ସେତେବେଳେ ବର୍ତ୍ତମାନର ଓଡ଼ିଶା ତିନୋଟି ରାଜନୈତିକ ବିଭାଗରେ ବିଭକ୍ତ ହୋଇ ଓଡ୍ର, କଙ୍ଗୋଦ ଓ କଳିଙ୍ଗ ନାମରେ ନାମିତ ଥିଲା । ସେହିକାଳରେ ଓଡ୍ରଦେଶରେ ୫୦ଟି ଦେବ ମନ୍ଦିର, କଙ୍ଗୋଦରେ ୧୦୦ଟି ମନ୍ଦିର ଓ ଦଶହଜାର ତୀର୍ଥିକା ଥିଲା । ମାତ୍ର କଳିଙ୍ଗରେ ସର୍ବାଧିକ ନିର୍ଗ୍ରନ୍ଥ ଜୈନପୀଠ ଥିଲା । ସେତେବେଳେ ବ୍ରାହ୍ମଣ୍ୟଧର୍ମ ବିଶେଷଭାବରେ ପ୍ରତିଷ୍ଠା ଲାଭ କରିଥିଲେ ସୁଦ୍ଧା ଜୈନଧର୍ମ ମଧ୍ୟ ପ୍ରସାର ଲାଭ କରିଥିଲା ।

ଅଷ୍ଟମ ଖ୍ରୀଷ୍ଟାବ୍ଦରେ ଶୈଳୋଦ୍ଭବ ଶାସନ କାଳରେ ଧର୍ମରାଜ ମାନଭିତ କଙ୍ଗୋଦର ଗ୍ରାମକୁ ଜମିଦାନ କରିଥିଲେ । ସେଥିପାଇଁ ବାଣପୁରଠାରେ ଏକ ବୃହତ ଜୈନପୀଠ ଗଢ଼ି ଉଠିଥିଲା । ସେଠାରୁ ୧୦ଟି ଜୈନ ବ୍ରୋଞ୍ଜ ଓ ବହୁଳଭାବରେ ଜୈନମୂର୍ତ୍ତିମାନ ଆବିଷ୍କୃତି ହୋଇଛି । ଏହି ମୂର୍ତ୍ତିଗୁଡ଼ିକ ବିଶେଷକରି ଦକ୍ଷ ପ୍ରଜାପତି ମନ୍ଦିର ନିକଟରେ ପୋତିହୋଇଥିଲା । ସେଠାରୁ ଜୈନ ବ୍ରୋଞ୍ଜଗୁଡ଼ିକ ୮ମରୁ ୧୦ମ ଶତାବ୍ଦୀ ମଧ୍ୟରେ ହୋଇଥିବାର କୁହାଯାଉଛି । କେନ୍ଦୁଝରର ପୋଡ଼ାସିଙ୍ଗିଡ଼ି ଜୈନମାନଙ୍କର ଏକ ଉନ୍ନତ ପୀଠଥିବା କଥା ମଧ୍ୟ ପ୍ରମାଣିତ ହୋଇଛି । ସେଠାରୁ ଜୈନଧର୍ମର ପ୍ରତିଷ୍ଠାତା ଋଷଭନାଥ, ପାର୍ଶ୍ୱନାଥ ଓ ମହାବୀରଙ୍କର ମୂର୍ତ୍ତିମାନ ମଧ୍ୟ ଆବିଷ୍କୃତ ହୋଇଛି । ସପ୍ତମ ଶତାବ୍ଦୀରେ ସ୍ୱପୁରମ ମନ୍ଦିରରେ ଚବିଶ ତୀର୍ଥଙ୍କର ଖୋଦିତ ମୂର୍ତ୍ତି ଆବିଷ୍କୃତ ହୋଇଛି । ସେଠାରେ ଋଷଭନାଥଙ୍କୁ ଅନ୍ୟ ତୀର୍ଥଙ୍କରମାନେ ବେଢ଼ିରହିଥିବାର ଦର୍ଶାଯାଇଛି । ପ୍ରାଚୀ ଉପତ୍ୟକାରେ ଶୈବଧର୍ମ ସହିତ ଜୈନଧର୍ମ, ଶାକ୍ତ ଓ ବୈଷ୍ଣବ ଧର୍ମ ମଧ୍ୟ ପ୍ରସାରଲାଭ କରିଥିଲା ୭ମ ଓ ୯ମ ଶତାବ୍ଦୀରେ ।

୧୦ମ ଓ ୧୧ଶ ଶତାବ୍ଦୀରେ ସୋମବଂଶୀ ରାଜାମାନେ ଜୈନଧର୍ମର ପୃଷ୍ଠପୋଷକ ଥିଲେ । ଶୈବ ସୋମବଂଶୀ ରାଜା ଉଦ୍ୟତ କେଶରୀ କେତେକ ଜୈନଗୁମ୍ଫା ଖନନ କରିଥିଲେ । ଲଲାଟେନ୍ଦୁକେଶରୀ କୁମାରୀ ପର୍ବତ ବା ଖଣ୍ଡଗିରି-ଉଦୟଗିରି ଠାରେ ତୀର୍ଥଙ୍କରମାନଙ୍କର ମୂର୍ତ୍ତି ପ୍ରତିଷ୍ଠା କରିଥିଲେ ।

ଗଙ୍ଗ ଓ ଗଜପତି ରାଜାମାନେ ଜୈନମାନଙ୍କର ମଧ୍ୟ ପୃଷ୍ଠପୋଷକ ଥିଲେ । ଅନନ୍ତବର୍ମନ ଜୈନ ଉପାସକ ଥିଲେ । ପଞ୍ଚଦଶ ଖ୍ରୀଷ୍ଟାବ୍ଦ ଓ ତତ୍‌ପରବର୍ତ୍ତୀ କାଳରେ ବ୍ରାହ୍ମଣ୍ୟ ଧର୍ମର ପ୍ରଭାବ ହେତୁ ଜୈନଧର୍ମ କ୍ରମେ କ୍ଷୟ ପାଇବାକୁ ଲାଗିଲା ।

ସେ ଯାହା ହେଉନା କାହିଁକି ବ୍ରାହ୍ମଣମାନେ ଜୈନ ବିରୋଧୀ ନଥିବାରୁ ସେମାନେ ତାଙ୍କ ମୂର୍ତ୍ତିକୁ ଆଣି ବିଭିନ୍ନ ମନ୍ଦିରରେ ସ୍ଥାପନ କରି ପୂଜା କରିଥିଲେ । ମୟୂରଭଞ୍ଜର ଖିଚିଂ, ବାଲେଶ୍ୱରର ଅଯୋଧ୍ୟା, ଭଦ୍ରକର ଚରମ୍ପା, କେନ୍ଦୁଝରର ପୋଡ଼ାସିଙ୍ଗିଡ଼ି ବ୍ୟତୀତ କଟକ, ପୁରୀ, କୋରାପୁଟରେ ବହୁଳଭାବରେ ଜୈନମୂର୍ତ୍ତିମାନ ଆବିଷ୍କୃତ ହେବା ସଙ୍ଗେ ସଙ୍ଗେ ସେ ସମସ୍ତ ସ୍ଥାନର ହିନ୍ଦୁ ମନ୍ଦିରରେ ପୂଜା ହେବାର ଦୃଷ୍ଟାନ୍ତ ରହିଛି । ମୁକ୍ତେଶ୍ୱର ଶୈବ ମନ୍ଦିରରେ ଖୋଦିତ ଭଗବାନ ମହାବୀରଙ୍କର ଜୈନପ୍ରତିମା ତା'ର ଜ୍ୱଳନ୍ତ ଦୃଷ୍ଟାନ୍ତ । ସେହିପରି ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ମହାପ୍ରଭୁ, ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ଚବିଶ ତୀର୍ଥଙ୍କର ପ୍ରସ୍ତରର ପ୍ରତିମୂର୍ତ୍ତି ଏଯାବତ୍ ଅନ୍ୟାନ୍ୟ ପାର୍ଶ୍ୱଦେବତାଙ୍କ ମଧ୍ୟରେ ପୂଜା ପାଉଛନ୍ତି ।

ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ମହାପ୍ରଭୁଙ୍କ ନାଟ ମନ୍ଦିର ଭିତର କାନ୍ଥର ଉପରି ଭାଗରେ ଭାଗବତ, ରାମାୟଣର ଲୀଳାମାନ ପାରମ୍ପରିକ ଶୈଳୀରେ ଚିତ୍ରିତ ହୋଇଛି । ଅନନ୍ତଶୟନ ବିଷ୍ଣୁ, ଦଶଅବତାର ନାଟମନ୍ଦିରରୁ ଭୋଗ ମଣ୍ଡପକୁ ଯିବା ଦ୍ୱାର ଉପରେ ଅଙ୍କିତ ହୋଇଥିବାବେଳେ, ପ୍ରବେଶ ପଥର ଡାହାଣ ପାଖରେ ଭଗବାନ ବୁଦ୍ଧ, ଚବିଶ ତୀର୍ଥଙ୍କର ପ୍ରସ୍ତର ମୂର୍ତ୍ତିମାନ ସ୍ଥାପିତ ହୋଇଛି । ବାମପାଖରେ ଗଣେଶ ଓ ଏକାଦଶାବତାରଙ୍କ ମୂର୍ତ୍ତି ପୂଜା ପାଉଛନ୍ତି । ସେଠାରେ ଚବିଶ ତୀର୍ଥଙ୍କର ମୂର୍ତ୍ତି ଅତି ବଡ଼ ଆୟତନର ନହେଲେବି, କାରୁକାର୍ଯ୍ୟ ଓ ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ପ୍ରସ୍ତରଟିର ଓସାର ପ୍ରାୟ ୧୦ ଇଞ୍ଚ ଓ ଲମ୍ବ ୧୬ ଇଞ୍ଚ ହେବ । କେନ୍ଦ୍ରରେ ଋଷଭନାଥ ଦିଗମ୍ବର ରୂପରେ ଦଣ୍ଡାୟମାନ । ତାଙ୍କର ଚତୁର୍ଦ୍ଦିଗରେ ଅନ୍ୟ ତୀର୍ଥଙ୍କରମାନ ଧ୍ୟାନରତ । କଳାମୁଗୁନି ପଥରର ଏହି ନିଖୁଣ ମୂର୍ତ୍ତିର କାରୁକାର୍ଯ୍ୟ ଖିଚିଂର ସମସାମୟିକ ହୋଇପାରେ । କାରଣ, ମୟୂରଭଞ୍ଜର ଖିଚିଂ ଓ ଅବିଭକ୍ତ ମୟୂରଭଞ୍ଜ, ବର୍ତ୍ତମାନ କେନ୍ଦୁଝରର ପୋଡ଼ାସିଙ୍ଗିଡ଼ି ପ୍ରଭୃତି କେତେକ ଅଞ୍ଚଳରେ ଯେଉଁ ସମୟରେ ଜୈନଧର୍ମର ବହୁଳ ପ୍ରସାର ଥିଲା, ସେହି ସମୟରେ ଏହି ପ୍ରତିମା ଖୋଦିତ ହୋଇଥିବା ଅନୁମେୟ । ୧୫୭୫ ଖ୍ରୀଷ୍ଟାବ୍ଦରେ ବାରିପଦାରେ ଶ୍ରୀ ଶ୍ରୀ ହରିବଳଦେବ ମହାପ୍ରଭୁଙ୍କ ମନ୍ଦିର ମୟୂରଭଞ୍ଜର ରାଜା ବୈଦ୍ୟନାଥ ଭଞ୍ଜ ନିର୍ମାଣ କରିବା ପରେ ସେହି ବଂଶର ଅନ୍ୟ ଏକ ଉଦାର ରାଜା ପରବର୍ତ୍ତୀ କାଳରେ ଏହି ଜୈନମୂର୍ତ୍ତିକୁ ଆଣି ଶ୍ରୀଜଗନ୍ନାଥ ମନ୍ଦିରରେ ସ୍ଥାପନ କରିବା ସହ ପୂଜା ଉପାସନା କରିଥିବାର ଅନୁମେୟ । ନାଟ ମନ୍ଦିରଟି ଆଗରୁ କାଠରେ ଥିବାର ମତବ୍ୟକ୍ତ କରାଯାଉଛି । କୌଣସି ଅଘଟଣରେ ତାହା ଅଗ୍ନିଦ୍ୱାରା ଦଗ୍ଧୀଭୂତ ହେବାପରେ ପକ୍କା ନାଟମନ୍ଦିର ନିର୍ମିତ ହୋଇଥିଲା । ସେହି ସମୟରେ ବିଭିନ୍ନ ଦେବତାଙ୍କର ମୂର୍ତ୍ତି ସ୍ଥାପନ କରିବାବେଳେ ଚବିଶ ତୀର୍ଥଙ୍କର ଜୈନମୂର୍ତ୍ତିକୁ ସ୍ଥାପନ କରାଯାଇଛି । ରାଜ ପୃଷ୍ଠପୋଷକତାର ସହାୟତାରେ ଶ୍ରୀ ଶ୍ରୀ ହରିବଳଦେବ ମହାପ୍ରଭୁଙ୍କ ମନ୍ଦିରରେ ଶ୍ରୀଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ଏବଂ ପାର୍ଶ୍ୱଦେବତା ଯଥା ନୃସିଂହ, ବରାହ ଓ ଅନ୍ୟାନ୍ୟ ଦେବତାମାନଙ୍କ ସହିତ ଏହି ଜୈନମୂର୍ତ୍ତି ସମଭାବରେ ପୂଜା ପାଇ ଆସୁଅଛନ୍ତି । ବିଭିନ୍ନ ପର୍ବ ପର୍ବାଣୀରେ ଏହି ପାଇଁ ସ୍ୱତନ୍ତ୍ର ପୂଜା ଆରାଧନାର କାର୍ଯ୍ୟକ୍ରମ ରହୁଛି ।

ବାରିପଦା ଶ୍ରୀଜଗନ୍ନାଥ ମନ୍ଦିର ମଧ୍ୟରେ ପୂଜା ପାଉଥିବା ଜୈନ ପ୍ରତିମା ବ୍ୟତୀତ ମୟୂରଭଞ୍ଜରେ ଅନ୍ୟକୌଣସି ଠାରେ ଜୈନଧର୍ମର ସ୍ୱତନ୍ତ୍ର ମନ୍ଦିରରେ ମହାବୀର ବା ଅନ୍ୟକୌଣସି ତୀର୍ଥଙ୍କର ପୂଜା ହେଉଥିବା ଜଣାଯାଇନାହିଁ । ବୋଧହୁଏ, ଉନବିଂଶ ଶତାବ୍ଦୀରେ ଖଣ୍ଡଗିରିର ଜୈନମନ୍ଦିର ପ୍ରତିଷ୍ଠା କାଳରେ ଅଥବା ପରବର୍ତ୍ତୀକାଳରେ କଟକ ଚୌଧୁରୀ ବଜାରରେ ଜୈନମନ୍ଦିର ପ୍ରତିଷ୍ଠା ଓ ଉପାସନା ହେବା ବେଳେ ବାରିପଦାଠାରେ ଚବିଶ ତୀର୍ଥଙ୍କର ମୂର୍ତ୍ତି ଶ୍ରୀଜଗନ୍ନାଥ ମନ୍ଦିରରେ ସ୍ଥାପିତ ହୋଇଥିବା ଅନୁମେୟ । ବାରିପଦାକୁ ଶ୍ୱେତାମ୍ବର ଜୈନସନ୍ନ୍ୟାସୀମାନେ ଆସିଲେ ଖୁମ୍ଭି ଦୟାଭାଇଙ୍କ ଘରେ ଅବସ୍ଥାନ କରନ୍ତି । ସନ୍ନ୍ୟାସୀମାନେ ନାକକୁ ବସ୍ତ୍ର ଦ୍ୱାରା ଆବୃତ୍ତ କରିଥାଆନ୍ତି । ପରିସଂଖ୍ୟାନରୁ ଜଣାଯାଏ ଯେ, ୧୯୬୧ରେ ଜୈନମାନଙ୍କର ସଂଖ୍ୟା ୩ ଥିଲାବେଳେ ୧୯୭୧ ମସିହାରେ ୮୮୦ କୁ ବୃଦ୍ଧି ପାଇଥିଲା ।

*ଗବେଷକ ଇଣ୍ଡିଆ ଫାଉଣ୍ଡେସନ ଫର୍ ଦି ଆର୍ଟ୍ସ, ବେଙ୍ଗାଲୋର, କର୍ଣ୍ଣାଟକ, ମୟୂରଭଞ୍ଜ*


**ସହାୟକ ସୂଚୀ :**

(୧) ସାଇଡ୍ ଲାଇଟ ଅନ୍ ହିଷ୍ଟ୍ରି ଏଣ୍ଡ କଲଚର୍ ଓଡ଼ିଶା- ଜୈନଧର୍ମ ଓଡ଼ିଶା, ପ୍ରଫେସର ଜଗନ୍ନାଥ ପଟ୍ଟନାୟକ- ପୃ- ୩୦

(୨) ଭଞ୍ଜଭୂମି କେନ୍ଦୁଝରୀ ଶ୍ରୀ ବିପିନ ବିହାରୀ ଦାସ - ପୃ- ୬୬

(୩) ଓଡ଼ିଶା ହିଷ୍ଟୋରିକାଲ ରିସର୍ଚ୍ଚ ଜର୍ଣ୍ଣାଲ

(୪) ମୟୂରଭଞ୍ଜ ଇତିହାସ - ଡ: ଭାଗବତ ପ୍ରସାଦ ଜେନା - ପୃ- ୧୩୫

(୫) ଶ୍ରୀ ବୀର ବିକ୍ରମ ଯାଦବ- ଉପଜିଲ୍ଲାପାଳ, ବାରିପଦା ଓ ଶ୍ରୀ ହରିବଳଦେବ ମହାପ୍ରଭୁ ମନ୍ଦିର ପ୍ରଶାସକଙ୍କ ସହ ସାକ୍ଷାତକାର ।


• • •

# ବିଜ୍ଞାନ ଅଭିଶାପ କି ଆଶୀର୍ବାଦ

• ଶ୍ରୀ ପୂର୍ଣ୍ଣଚନ୍ଦ୍ର ଶୂରଦେଓ

ପ୍ରାଗୈତିହାସିକ ଯୁଗର ନିରନ୍ଧ୍ର ଅନ୍ଧକାରକୁ ବିଦୂରିତ କରି ଏବଂ ପୌରାଣିକ ଯୁଗର ପାର୍ଥିବ ରହସ୍ୟର ଅନ୍ଧ ଗୁଣ୍ଠନକୁ ଉନ୍ମୋଚନ କରି ଜନ୍ମ ନେଇଛି ଆଧୁନିକ ବିଜ୍ଞାନ । ଆଜି ଆମର ପ୍ରାତ୍ୟହିକ ଜୀବନ ଯାତ୍ରା ବହୁ ଭାବରେ ନିୟନ୍ତ୍ରିତ ଏବଂ ସଭ୍ୟତାର ସକଳ ସ୍ତରରେ ବିଜ୍ଞାନର ଅଖଣ୍ଡ ଆଧିପତ୍ୟ ପରିବ୍ୟାପ୍ତ । ଅଭାବର ବିରାଟ ମୁଖ ଗହ୍ୱର ମଧ୍ୟରୁ ହିଁ ଆବିଷ୍କାର ବା ଉଦ୍‌ଭାବନର ସୃଷ୍ଟି । ମନୁଷ୍ୟ ଯୁଗ ଯୁଗ ଧରି ତାର ଏକନିଷ୍ଠ ଅତନ୍ଦ୍ର ସାଧନାରେ ଅଭିନିବିଷ୍ଟ ହୋଇଛି ମାନବ ପ୍ରାଣର ଦୁଃଖ, କ୍ଳେଶ, ଯାତନାକୁ ଦୂରୀଭୂତ କରି ତାହାକୁ ସରସ ସୁନ୍ଦର କରି ଗଢ଼ିବାକୁ ।

କିନ୍ତୁ ସଭ୍ୟତାର ପାଦପୀଠରେ ଏହି ବିଜ୍ଞାନ ବିଧାତାର ଏକ ଆଶୀର୍ବାଦ କି ଅଭିଶାପ, ତାହା ଏ ପର୍ଯ୍ୟନ୍ତ ବିଚାରସିଦ୍ଧ ହୋଇପାରିନାହିଁ । ଗବେଷଣାଗାରରୁ ଅଭ୍ୟୁଦିତ ସତ୍ୟ ଉପରେ ସମସ୍ତଙ୍କର ସମାନ ଅଧିକାର ଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ତାର ଉଦାର ସେବା ସୁଖର ଉପଯୋଗ କରିବାରୁ ଆମେ ବଞ୍ଚିତ । ଯେଉଁମାନଙ୍କ ହାତରେ ସାମାଜିକ ଓ ରାଷ୍ଟ୍ରୀୟ ଜୀବନର ନିୟନ୍ତ୍ରଣ ଦାୟିତ୍ୱ ନିହିତ, ସେହିମାନେ ଆଜି ବିଜ୍ଞାନକୁ ନିଜର କ୍ରୀତଦାସ କରି ବାସନା ତୃପ୍ତିର ଏକ ସୁଲଭ ଉପକରଣ ରୂପେ ବ୍ୟବହାର କରୁଛନ୍ତି । ତେଣୁ ଆମେ ଦେଖିବାକୁ ପାଉ ବିଜ୍ଞାନର ଦୁଇଟି ରୂପ । ଗୋଟିଏ ହେଉଛି ମହାତାଣ୍ଡବର ଲୀଳାଧିକାରୀ ନଟରାଜ ଧୂର୍ଜଟୀ, ଅପରଟି ହେଉଛି ସତ୍ୟ, ଶିବ, ସୁନ୍ଦରର ମାନବ କଲ୍ୟାଣର ଏକ କମନୀୟ ଛବି ।

ଆଶୀର୍ବାଦ ରୂପରେ କୃଷି, ଶିଳ୍ପ, ଚିକିତ୍ସା, ପରିବହନ, ଯୋଗାଯୋଗ, ସିନେମା, ରେଡ଼ିଓ ଏବଂ ଟେଲିଭିଜନ ଇତ୍ୟାଦି ଉନ୍ନତତର ଚିତ୍ତବିନୋଦନ ଉପକରଣ ମଧ୍ୟରେ ବିଜ୍ଞାନ ଯୁଗାନ୍ତର ସୃଷ୍ଟି କରିଛି । ଆଜିକାଲି ଯେଉଁ କମ୍ପ୍ୟୁଟର ଯନ୍ତ୍ର ବା ବିଦ୍ୟୁତ ମସ୍ତିଷ୍କ ନିର୍ମାଣ କରାଯାଉଛି, ତାହା ମନୁଷ୍ୟ ଭଳି ଅତ୍ୟନ୍ତ ନିର୍ଭୁଲ ଭାବରେ କାର୍ଯ୍ୟ କରିପାରୁଛି । ବରଦାନ ରୂପରେ ବିଜ୍ଞାନ ମାନବ ଜାତିର ଯେଉଁ ମହନୀୟ ସେବାକାର୍ଯ୍ୟ କରୁଅଛି, ତାକୁ ସହଜରେ କେହି ଅସ୍ୱୀକାର କରିପାରିବେ ନାହିଁ । ପ୍ରକୃତିର ପ୍ରଚଣ୍ଡ ଶକ୍ତି ବିରୁଦ୍ଧରେ ସଂଗ୍ରାମ କରି ଆଜି ଜଳ, ସ୍ଥଳ, ଆକାଶ ସର୍ବତ୍ର ମନୁଷ୍ୟ ନିଜର ଅଖଣ୍ଡ ଆଧିପତ୍ୟ ବିସ୍ତାର କରିଛି । ମତ୍ସ୍ୟ ରୂପରେ ଜଳଧିର ବକ୍ଷ ଚିରି, ପୁଣି ପକ୍ଷୀ ରୂପରେ ଆକାଶକୁ ବିଦୀର୍ଣ୍ଣ କରି ସେ ଚଳାଇଛି ତାର ଦୁରନ୍ତ ଅଭିଯାନ । ଏକ ନବ ଜୀବନର ଅନାସ୍ୱାଦିତ ଆନନ୍ଦରେ ବିହ୍ୱଳ ହୋଇ ମାନବ ଆଜି ସୁଦୂର ମହାକାଶ ମଧ୍ୟରେ ଚନ୍ଦ୍ର, ମଙ୍ଗଳ ଓ ଶୁକ୍ର ଗ୍ରହ ଇତ୍ୟାଦି ଆଡ଼କୁ ନିଜର ଦୃଷ୍ଟି ନିକ୍ଷେପ କରିଛି । ଚନ୍ଦ୍ର ଓ ମଙ୍ଗଳ ଠାରେ ବସତି ସ୍ଥାପନ କରିବାକୁ ମନୁଷ୍ୟ ଯେଉଁ ଦୁଃସାହସିକ ଉଦ୍ୟମ ଚଳାଇଛି, ତାହା ହେଉଛି ବିଜ୍ଞାନର ପ୍ରେରଣା । ବିଶ୍ୱର ଏକ ଦୁଷ୍ଟ ଶିଶୁ ରୂପରେ ମନୁଷ୍ୟ ଚାଲିଛି ।

ସେହି କଳ୍ପିତ ଅମରାବତୀର ସୁଖ ସମ୍ପଦକୁ ଭୂଲୁଣ୍ଠିତ କରିବାକୁ ଖାଦ୍ୟ ପ୍ରସ୍ତୁତିଠାରୁ ଆରମ୍ଭ କରି ପଙ୍ଖା, ରେଳଗାଡ଼ି ଓ ଟ୍ରାମଗାଡ଼ି ଚଳାଇବା ଏବଂ ବିରାଟ ବିରାଟ ଶିଳ୍ପ ସଂସ୍ଥାମାନଙ୍କରେ ଭୀଷଣକାୟ କଳକବ୍‌ଜାମାନଙ୍କୁ ଉତ୍ତାପ ଯୋଗାଇ ସେଗୁଡ଼ିକ କ୍ରିୟାଶୀଳ କରାଇବା ପ୍ରଭୃତିରେ ବିଦ୍ୟୁତର ଅବଦାନ ଚମକପ୍ରଦ ।

ବେତାର ଓ ଟେଲିଭିଜନ ଯନ୍ତ୍ର ଆଜି ପୃଥିବୀର ପରିଧିକୁ ଅତିମାତ୍ରାରେ ସଙ୍କୁଚିତ କରି ସମଗ୍ର ସୌର ଜଗତକୁ ଗୋଟିଏ ପରିବାରରେ ପରିଣତ କରିବାକୁ ସକ୍ଷମ ହୋଇଛି । ଏପରିକି ମହାକାଶର ଯାତ୍ରୀମାନେ ଚନ୍ଦ୍ରଲୋକରୁ ବେତାର ଜରିଆରେ ବାର୍ତ୍ତା ଓ ଟେଲିଭିଜନ ଜରିଆରେ ଚିତ୍ର ପୃଥିବୀକୁ ପଠାଇ ପାରୁଛି । ଚଳଚ୍ଚିତ୍ରର ରୂପେଲି ପର୍ଦ୍ଦା ଉପରେ ସୁଲଳିତ କଣ୍ଠସ୍ୱର ବା ସଙ୍ଗୀତ ସହ ମନୋରମ ଦୃଶ୍ୟପଟକୁ ଦେଖି ମନୁଷ୍ୟ ଗୌରବରେ ନିଜେ ବିସ୍ମିତ ହେଉଛି । ମୁଦ୍ରଣ ଯନ୍ତ୍ରର ଉଦ୍‌ଭାବନ ଫଳରେ ଅତୀତର ତାଳପତ୍ର ପୋଥି ଓ ଲେଖନୀକୁ ଅନ୍ଧକାରରେ ନିକ୍ଷେପ କରି ମୁହୂର୍ତ୍ତକ ମଧ୍ୟରେ ସହସ୍ର ସହସ୍ର ପୁସ୍ତକ ଓ ସମ୍ବାଦପତ୍ର ଇତ୍ୟାଦି ମୁଦ୍ରିତ ହେଉଛି । ଶିକ୍ଷା, ଶିଳ୍ପ ଓ ସଂସ୍କୃତି ସହିତ ସଭ୍ୟତାର ଜୟଯାତ୍ରାରେ ବିଜ୍ଞାନର ଅବଦାନ ଅସାମାନ୍ୟ ।

ଶରୀରତତ୍ତ୍ୱ, ରୋଗର ନିଦାନ ନିର୍ଣ୍ଣୟ ଓ ଚିକିତ୍ସା କ୍ଷେତ୍ରରେ ବିଜ୍ଞାନ ଆଶାତୀତ ସଫଳତା ହାସଲ କରିଛି । ତଦ୍ଦ୍ୱାରା ମନୁଷ୍ୟର ଆତ୍ମବିଶ୍ୱାସ ଓ ଆତ୍ମଗର୍ବ ସୀମାତୀତ ଭାବେ ବୃଦ୍ଧି ପାଇଛି । କ୍ଲୋରମାଇସିଟିନ୍, ପେନ୍‌ସିଲିନ୍, ରେଡିୟମ ଓ ରଞ୍ଜନ ରଶ୍ମି ଇତ୍ୟାଦିର ଉଦ୍‌ଭାବନ ଫଳରେ ଚିକିତ୍ସା କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ସଂଘଟିତ ହୋଇଛି । ବର୍ତ୍ତମାନ ବାର୍ଦ୍ଧକ୍ୟ ଏବଂ ମୃତ୍ୟୁ ବିରୁଦ୍ଧରେ ବିଜ୍ଞାନ ଯେଉଁ ଅଭିଯାନ ଚଳାଇଛି, ତାହା ଯଦି ଦିନେ ସଫଳ ହୁଏ, ତେବେ ଏହି ମନୁଷ୍ୟ ହେବ ମୃତ୍ୟୁଞ୍ଜୟୀ ବା ଚିର ଅମର ।

କୃଷି କ୍ଷେତ୍ରରେ ମଧ୍ୟ ବିଜ୍ଞାନର ଅବଦାନ ନ୍ୟୁନ ନୁହେଁ । ମନୁଷ୍ୟର ଶ୍ରମକୁ ଲାଘବ କରି ଜମି କର୍ଷଣ ଠାରୁ ଆରମ୍ଭ କରି ବୀଜବପନ, ଜଳସେଚନ, ଶସ୍ୟ ଅମଳ ପର୍ଯ୍ୟନ୍ତ ସବୁ କାର୍ଯ୍ୟ ଯନ୍ତ୍ର କରିପାରୁଛି । ଆମର ପ୍ରାତ୍ୟହିକ ଜୀବନ ଯାତ୍ରାକୁ ସ୍ୱଚ୍ଛନ୍ଦ କରିବା ଉଦ୍ଦେଶ୍ୟରେ ପରିବହନ ଓ ଯୋଗାଯୋଗ କ୍ଷେତ୍ରରେ ବିଜ୍ଞାନ ଅଶାନୁରୂପ ସମୃଦ୍ଧି ଆଣି ଦେଇଛି । ପୁରାଣ ଯୁଗର ଅଲୌକିକ କାହାଣୀ ଆଜି ବାସ୍ତବତାରେ ରୂପାନ୍ତରିତ ହୋଇଛି । କିନ୍ତୁ ତଦ୍ଦ୍ୱାରା ମନପବନ ବା ପୁଷ୍ପକ ଯାନର ଗତିକୁ ଶାହେ ଗୁଣରେ ବଳି ଦିଗ୍‌ବିଜୟୀ ଆକାଶଯାନ ଜନ୍ମ ନେଇଛି । ମାତ୍ର ତିନିଦିନ ମଧ୍ୟରେ ପୃଥିବୀର ଲୋକ ଚନ୍ଦ୍ର ନିକଟରେ ପହଞ୍ଚିବା ସମ୍ଭବପର ହୋଇଛି । ଲକ୍ଷ ଲକ୍ଷ କିଲୋମିଟର ଦୂରରୁ ପ୍ରିୟ ଜନ ସହିତ ସାକ୍ଷାତ ଓ ଆଳାପ ସହଜ ହୋଇଛି । ଆଜି ଆଉ ଦୁର୍ଭେଦ ଆଫ୍ରିକା ମହାଦେଶର ନିବିଡ଼ ତମସା ନାହିଁ, ହିମାଳୟର ଦୁର୍ଜ୍ଜୟ ଗିରିଶୃଙ୍ଗର ଆତ୍ମଗରିମା ନାହିଁ କିମ୍ବା

ଅତଳ ତଳ୍ପରେ ଉହଣ୍ଡୀ ଅନ୍ତର୍ଗୁଣ୍ଠିତ ହୋଇ ରହିନାହିଁ । ସବୁ ହେଉଛି ଅନିର୍ବଚିତ୍ସୁ, ଜ୍ଞାନପିପାସୁ ମାନବ ଶିଶୁର ନିରଳସ ସାଧନାର ଫଳ ।

ଆଜି କିନ୍ତୁ କୁଟିଳ ଏବଂ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିମାନଙ୍କର କଳୁଷିତ ମନୋଭାବ ଯୋଗୁଁ ଏହି ବରଦାନ ଅଭିଶାପରେ ପରିଣତ ହୋଇଛି । ଯେଉଁ ବିଜ୍ଞାନ ମାନବ ଜୀବନର ସୁଖ, ଶାନ୍ତି ସମୃଦ୍ଧି ନିମନ୍ତେ ଉଦ୍ଭବ ହୋଇଥିଲା, ତାହା ପୁଣି ବିଶ୍ୱର ମହାନ ସଭ୍ୟତା ଓ ସଂସ୍କୃତିକୁ ଭସ୍ମସାତ କରି ଦେବାକୁ ଉଦ୍ୟତ । ହିରୋସିମା ତଥା ନାଗାସାକୀର ଧ୍ୱଂସ ସ୍ତୂପ ତଳୁ ସଂଖ୍ୟାଧିକ ନିରୀହ ଶିଶୁ ବୃଦ୍ଧ ନରନାରୀଙ୍କ ଆତ୍ମା ଯୁଗ ଯୁଗ ଅଭିଶମ୍ପାତ ବର୍ଷଣ କରୁଥିବ । ମାନବ କଲ୍ୟାଣକର ସତ୍ୟ, ଶିବ ସୁନ୍ଦରର ପଥରୁ ବହୁ ଦୂରରେ ତ୍ୟାଗ କରି ଭୁଆଲା ମଣିଷ ଆଜି ଆତ୍ମହତ୍ୟାର ପଥ ଅନ୍ୱେଷଣରେ ବ୍ୟସ୍ତ । ସେ ସମସ୍ତ ଶକ୍ତିକୁ ନିୟୋଜିତ କରି ଦୁର୍ଜୟ ମାରଣାସ୍ତ୍ର ନିର୍ମାଣରେ ବ୍ରତୀ । ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଭୟଙ୍କର ଶକ୍ତି ପରୀକ୍ଷା ଏବଂ ପରମାଣବିକ ପ୍ରଚେଷ୍ଟା ଫଳରେ ଏହି ସବୁଜ ସୃଷ୍ଟି ଏକ ଅଜ୍ଞାତ ଆଶଙ୍କା ଏବଂ ଅସ୍ଥିର ଉଦ୍‌ବେଗରେ ରୋଦନ କରୁଅଛି । ବିଜ୍ଞାନର ପ୍ରଗତି ସଙ୍ଗେ ସଙ୍ଗେ ମନୁଷ୍ୟ ଏକ ସମ୍ବେଦନହୀନ, ସ୍ନେହ, ପ୍ରୀତି, ଦୟା ଓ ଦାକ୍ଷିଣ୍ୟ ବିରହିତ ରୁକ୍ଷ ନିଷ୍ଠୁର କର୍କଶ ପ୍ରାଣୀରେ ରୂପାନ୍ତରିତ ହୋଇଛି । ସେହି ବିଶ୍ୱ ପ୍ରଭୁଙ୍କର ଅଂଶଧାରୀ, ସୃଷ୍ଟିର ଶ୍ରେଷ୍ଠ ଜୀବ ମାନବ ଶିଶୁର ହୃଦୟରୁ ସ୍ୱର୍ଗୀୟ ମାନବିକ ଚିନ୍ତା ବିଦୂରିତ ହୋଇ, ତାହା ସ୍ଥାନରେ ଧ୍ୱଂସର ନାରକୀୟ ବେଶରେ ଏକ ପୈଶାଚିକ ପ୍ରବୃତ୍ତି ଆସନ ଅଧିକାର କରିଛି । ପୁନଶ୍ଚ ପରମାଣୁ ପରୀକ୍ଷା ଯୋଗୁଁ ପ୍ରକୃତିର ନିୟମର ବିପର୍ଯ୍ୟୟ, ଋତୁଚକ୍ରର ଅନିୟମିତତା, ପାଣିପାଗ ଓ ଜଳବାୟୁର ଅସ୍ଥିରତା, ନାନାବିଧ ଦୁଃସାଧ୍ୟ ଅଜ୍ଞାତ ରୋଗର ଉଦ୍‌ଭବ ଇତ୍ୟାଦି ବିଧାତାର ଏକ କ୍ରୁର ଅଭିସମ୍ପାତ ବ୍ୟତୀତ ଅନ୍ୟ କିଛି ନୁହେଁ ।

ତେଣୁ ବିଶ୍ୱର ଅଗଣିତ ନରନାରୀ ପ୍ରତ୍ୟେକଙ୍କ ସମ୍ମୁଖରେ ଆଜି ଗୋଟିଏ ସମସ୍ୟା ଉପସ୍ଥିତ ହୋଇଛି । ତାହା ହେଉଛି ଯୁଗ ଯୁଗର କୋଟିକଳ୍ପ ଉନ୍ନତ ମାନବ ସଭ୍ୟତାର ସ୍ଥିତି ସୁରକ୍ଷା । ଆଧୁନିକ ବୈଜ୍ଞାନିକର ଦୃଷ୍ଟିଭଙ୍ଗୀରେ ଆମୂଳ ପରିବର୍ତ୍ତନ ନଘଟିଲେ ଏହି ଶୋଚନୀୟ ଆତ୍ମହତ୍ୟାର ଭୟାବହ ପଥରୁ ତାକୁ କେହି ବର୍ତ୍ତାଇ ପାରିବେ ନାହିଁ । ବିଜ୍ଞାନକୁ ବିଧାତାର ବରଦାନ ରୂପେ ଗ୍ରହଣ କରି ତାହାର ମଙ୍ଗଳକର ଶକ୍ତିକୁ ମାନବ ସମାଜର ସେବାରେ ନିୟୋଜିତ କଲେ, ମନୁଷ୍ୟ ଦିନେ ଅମରତ୍ୱ ଲାଭ କରିପାରିବ ।

ସୁରେଶଚନ୍ଦ୍ର ଜେନା, ଓଲତ୍ ଟାଉନ୍, କଟକ

• • •

## ଘରଡିହ ପାଇ ନଥିବା ବାସହୀନ ବ୍ୟକ୍ତିଙ୍କୁ ଖୁବଶୀଘ୍ର ଜମି ଯୋଗାଇ ଦେବାକୁ ରାଜସ୍ୱମନ୍ତ୍ରୀଙ୍କ ନିର୍ଦ୍ଦେଶ

ବର୍ତ୍ତମାନ ସୁଦ୍ଧା ଘରଡିହ ପାଇ ନଥିବା ବାସହୀନ ବ୍ୟକ୍ତିଙ୍କୁ ଖୁବ୍‌ଶୀଘ୍ର ଜମି ଯୋଗାଇ ଦେବାକୁ ରାଜସ୍ୱ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ପଟ୍ଟନାୟକ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ୧୯୮୦ ମସିହା ପୂର୍ବରୁ ବିଭିନ୍ନ ସ୍ଥାନରେ ଜଙ୍ଗଲ କିସମ ଜମିରେ ଯେଉଁମାନେ ଘର କରି ରହିଯାଇଛନ୍ତି, ସେମାନଙ୍କର ଥଇଥାନ ପାଇଁ ରାଜସ୍ୱ ଓ ଜଙ୍ଗଲ ବିଭାଗ ତଦନ୍ତ ରିପୋର୍ଟ ଦେବା ପରେ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରି ତାହାର ସମାଧାନ କରାଯିବ ଓ ଏଥିପାଇଁ ଆବଶ୍ୟକୀୟ ପ୍ରସ୍ତୁତି ଚାଲିଛି ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ସହରାଞ୍ଚଳରେ ବାସ କରୁଥିବା ଗରିବ ଲୋକଙ୍କୁ ଥଇଥାନ କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିବା ବିଷୟ ଶ୍ରୀ ପଟ୍ଟନାୟକ ପ୍ରକାଶ କରିଥିଲେ ।

କେ.ବି.କେ ଯୋଜନାର ବାସ୍ତବ କାର୍ଯ୍ୟକାରିତା ଏବଂ ଏଥିପ୍ରତି କେନ୍ଦ୍ର ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆବଶ୍ୟକୀୟ ସାହାଯ୍ୟ ଯୋଗାଇ ନଥିବାରୁ ଏବଂ ଏ ଦିଗରେ ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରୁନଥିବାରୁ ରାଜସ୍ୱ ମନ୍ତ୍ରୀ କ୍ଷୋଭ ପ୍ରକାଶ କରିବା ସହିତ କେନ୍ଦ୍ର ସରକାରଙ୍କ ନିକଟରେ ଏ ସମ୍ବନ୍ଧରେ ଦୃଢ଼ ଦାବି କରାଯିବ ବୋଲି ସୂଚନା ଦେଇଥିଲେ । ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଯୋଜନା କମିଶନ ଉପାଧ୍ୟକ୍ଷ ଏବଂ ସମ୍ପୃକ୍ତ ବିଭାଗ ମାନଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି ।

ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଜଳସେଚନ ପ୍ରକଳ୍ପ ତଥା ଲୋୟାର ଇନ୍ଦ୍ର କାର୍ଯ୍ୟ ଖୁବ୍ ଶୀଘ୍ର ଶେଷ କରାଯିବା ସହିତ ଉକ୍ତ ଯୋଜନାକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଏଠାରୁ ଗୋଲାମୁଣ୍ଡା ବ୍ଲକ ପର୍ଯ୍ୟନ୍ତ କେନାଲ ଜରିଆରେ ଏବଂ 'କୋକସରା' ବ୍ଲକକୁ ଲିଫ୍ଟ ଜରିଆରେ ପାଣି ଯୋଗାଇ ଦେବା ତଥା ରାହୁଲ, ଲେତ ଓ ଉଦନ୍ତୀ ଯୋଜନାକୁ ଅଗ୍ରାଧିକାର ଦେବା ପାଇଁ ଗୁରୁତ୍ୱର ସହ ବିଚାର କରାଯାଉଅଛି ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି । ବଲାଙ୍ଗୀର-ଟିଟିଲାଗଡ଼ ସହରରେ ପାନୀୟ ଜଳ ସଙ୍କଟର ସ୍ଥାୟୀ ସମାଧାନ ଉପରେ ମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଥିଲେ ।

ସମ୍ପ୍ରତି ରାଜସ୍ୱ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ପଟ୍ଟନାୟକ ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲା ଗସ୍ତ କରି ଏହି ଅଞ୍ଚଳମାନଙ୍କରେ ପାନୀୟ ଜଳ ସମସ୍ୟା, ଶ୍ରମନିବିଡ଼ କାର୍ଯ୍ୟ, ଉଠା ଜଳସେଚନ ପଏଣ୍ଟର କାର୍ଯ୍ୟକାରିତା ତଥା ବିଭିନ୍ନ ବିଭାଗ ପକ୍ଷରୁ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ ଏ ବାବଦରେ ଦିଆଯାଉଥିବା ଅର୍ଥ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ତଥା ନିର୍ଦ୍ଦେଶନାମା ଏବଂ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଗଠିତ ବ୍ଲକ କମିଟିର ନିଷ୍ପତ୍ତିର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ ।

# ଭାରତୀୟ ମୂର୍ତ୍ତି ପରିକଳ୍ପନାରେ ପ୍ରତୀକବାଦ

• ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର

ହିନ୍ଦୁ ଧର୍ମରେ ଯେତେସବୁ ଦେବମୂର୍ତ୍ତିର ପରିକଳ୍ପନା କରାଯାଇଛି, ସେଗୁଡ଼ିକୁ ସାକାର ବିଗ୍ରହ ପ୍ରଦାନ କରାଯାଇଛି । ପ୍ରତ୍ୟେକ ଦେବ-ଦେବୀ ଓ ସେମାନଙ୍କର ବାହନମାନଙ୍କର ପରିକଳ୍ପନାରେ କିଛି ନା କିଛି ଗୂଢ଼ ରହସ୍ୟ ରହିଅଛି । ସାଧାରଣ ଜନତା ଗତାନୁଗତିକ ପଦ୍ଧତିରେ ପରମ୍ପରାନୁକ୍ରମେ ସେହି ଦେବ-ଦେବୀଙ୍କର ପୂଜା ଅର୍ଚ୍ଚନା କରି ଆସୁଥିବାରୁ ତହିଁରେ ନିହିତ ଥିବା ଗୂଢ଼ତତ୍ତ୍ୱ ବା ପ୍ରତୀକବାଦର ଅନ୍ୱେଷଣ ବା ବିଶ୍ଳେଷଣ କରି ନଥାଏ । ସେହି ପ୍ରତୀକଗୁଡ଼ିକୁ ବିଶ୍ଳେଷଣ କରିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ ।

ଅଗ୍ରପୂଜ୍ୟ ଦେବତା ଗଣେଶଙ୍କ ମୂର୍ତ୍ତିକୁ ପ୍ରଥମେ ବିଚାରକୁ ନିଆଯାଉ । ଗଣେଶଙ୍କ ମୂର୍ତ୍ତିର ମସ୍ତକ ହସ୍ତୀର । ହସ୍ତୀର ମସ୍ତକ ବିଶାଳ । ଏହି ବିଶାଳ ମସ୍ତକ ବିଶାଳ ବୁଦ୍ଧି, ଜ୍ଞାନ ଓ ବିବେକକୁ ପ୍ରତୀକିତ କରିଥାଏ । ହସ୍ତୀ ଅତି ବିରାଟ ଜୀବ ହେଲେ ମଧ ତା'ର ବିବେକ ବୁଦ୍ଧି ଥିବାରୁ କ୍ଷୁଦ୍ର କ୍ଷୁଦ୍ର ପ୍ରାଣୀମାନଙ୍କର ମଧ ଅନିଷ୍ଟ କରିନଥାଏ । ସେହିପରି ଜ୍ଞାନୀବ୍ୟକ୍ତିମାନେ ଅପରର ଅପକାର କରିବାକୁ ଚାହିଁନଥାନ୍ତି । ହସ୍ତୀର କର୍ଣ୍ଣ ଅତି ବିରାଟକାୟ ଏବଂ ଏହାର ମୁଖ ସର୍ବଦା ବନ୍ଦ ଥାଏ । ମାତ୍ର ନିଜେ ମୂକବତ୍ ନୀରବ ଥାଏ । ସେହିପରି ଜ୍ଞାନୀ ବ୍ୟକ୍ତି ଅନ୍ୟର କଥା ବହୁଭାବରେ ଶୁଣିବାକୁ ଧ୍ୟାନ ଦିଏ ମାତ୍ର ନିଜେ ଅଳ୍ପ କଥା କହିଥାଏ । ଆବଶ୍ୟକତା ନହିଲେ ବହୁଭାଷୀ ପରି ଗୁଡ଼ାଏ କହେନାହିଁ । ହାତୀର ଶୁଣ୍ଢ ଯଶ ଓ ପ୍ରତିଷ୍ଠାର ପ୍ରତୀକ । ଏହି ଶୁଣ୍ଢ ସାହାଯ୍ୟରେ ହାତୀ ଗନ୍ଧ ବାରି ସଠିକ୍ ରାସ୍ତା ଜାଣିପାରେ । ସେହିପରି ଆଭିଜାତ୍ୟସମ୍ପନ୍ନ ବ୍ୟକ୍ତିମାନେ ନିଜେ କୌଣସି କାର୍ଯ୍ୟ କରିବା ପୂର୍ବରୁ ହାତୀ ଶୁଣ୍ଢ ଗନ୍ଧ ବାରିବା ପରି ପ୍ରଥମେ ଅନୁମାନ କରିବା ଆବଶ୍ୟକ ଏହି କାର୍ଯ୍ୟ କରିବା ଦ୍ୱାରା ତା'ର ବଂଶ ମର୍ଯ୍ୟାଦା ବା ବଂଶ ଆଭିଜାତ୍ୟର କୌଣସି ଆଞ୍ଚ ଆସିବ କି ନାହିଁ ? ହାତୀର ଚକ୍ଷୁ ମଧ ଅତି ବିଚିତ୍ର । ସେ ଏହା ସାହାଯ୍ୟରେ ଛୋଟ ଛୋଟ ଜିନିଷକୁ ବଡ଼ ଆକାରରେ ଦେଖିପାରିଥାଏ । ସେହିପରି ଲୋକମାନେ ଛୋଟ ଛୋଟ ଜିନିଷ ଓ ଜୀବମାନଙ୍କୁ ହେୟ ଜ୍ଞାନ ନକରି ତାଙ୍କରି ଭିତରେ ବିରାଟତା ପରିଲକ୍ଷିତ କରିବା ଆବଶ୍ୟକ ।

ଗଣେଶଙ୍କ ବାହନ ମୂଷା । ମୂଷା ନିଜର କ୍ଷୁଦ୍ର କ୍ଷୁଦ୍ର ଦାନ୍ତ ଦ୍ୱାରା ପର୍ବତ ପରି ବିରାଟ ବସ୍ତୁକୁ ମଧ ଖୋଳି ଦେଇପାରେ । ସେହିପରି ଜ୍ଞାନୀ ଲୋକମାନେ ନିଜର ଅନୁସନ୍ଧିତ୍ସା ଓ ତର୍କ ବୁଦ୍ଧି ଦ୍ୱାରା ପର୍ବତ ପ୍ରମାଣେ ଥିବା ସନ୍ଦେହକୁ ମଧ କାଟି ଦେବାକୁ ସମର୍ଥ ହେବା ବିଧେୟ । ମନୁଷ୍ୟର ମନ ମୂଷା ପରି ଚଳଚଞ୍ଚଳ ଓ ଗତିଶୀଳ । ତାକୁ ଆୟତ୍ତ କରିବା କଠିନ । ମାତ୍ର ଗଣେଶ ଏହି ମୂଷିକକୁ ଆୟତ୍ତ କରି ନିଜ ବାହନରେ ପରିଣତ କରିଛନ୍ତି । ଏଥିରୁ ଜଣାଯାଏ ମନୁଷ୍ୟ ତାର ଏହି ଚଞ୍ଚଳ ଓ ଅମାନିଆ ମନକୁ ଆୟତ୍ତ କରିପାରିଲେ ପ୍ରକୃତ ଜ୍ଞାନୀ ହୋଇପାରିବ ଏବଂ ସର୍ବସିଦ୍ଧି ଲାଭ କରିବା ସମ୍ଭବ ହେବ ।

ସେହିପରି ଶକ୍ତିର ପ୍ରତୀକ ଦେବୀଦୁର୍ଗା ଅଷ୍ଟଭୁଜା ରୂପରେ ପରିକଳ୍ପିତା । ଦୁର୍ଗାଙ୍କର ଅଷ୍ଟଭୁଜ ଚାରିଜଣ ବ୍ୟକ୍ତିଙ୍କର ସମ୍ମିଳିତ ଶକ୍ତିକୁ ସୂଚାଇଥାଏ । ଦୁର୍ଗା କ୍ଷତ୍ରିୟମାନଙ୍କର ମୁଖ୍ୟ ଆରାଧ୍ୟା ଦେବୀ ହୋଇଥିବାରୁ କ୍ଷତ୍ରିୟମାନେ ବ୍ୟବହାର କରୁଥିବା ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ତାଙ୍କର ଆଠହାତରେ ଶୋଭାପାଏ । ଯଥା:- ଢାଲ, କୁଠାର, ତରବାରୀ, ଧନୁଶର, ଗଦା, ଚକ୍ର ଇତ୍ୟାଦି । ଦେବୀଙ୍କର ଏହି ମୂର୍ତ୍ତି ଦେଖିଲେ କ୍ଷତ୍ରିୟମାନଙ୍କ ମନରେ ଥିବା ସୁପ୍ତ ବୀରତ୍ୱ ଶକ୍ତି ଜାଗ୍ରତ ହୋଇଥାଏ । ପଶୁରାଜ ସିଂହକୁ ଦୁର୍ଗାଙ୍କର ବାହନ ରୂପରେ ପରିକଳ୍ପନା କରାଯାଇଛି । ସିଂହ ପଶୁମାନଙ୍କ ଭିତରେ ଭୟଙ୍କର, ଶକ୍ତିଶାଳୀ ଓ ବୁଦ୍ଧିମାନ । ସିଂହ ନିର୍ଭୀକ ଓ ଅଜେୟ । ତେଣୁ ଦୁର୍ଗାଙ୍କ ବାହନ ଭାବରେ ପୂଜିତ ସିଂହକୁ ଦେଖିଲେ ବୀର ହୃଦୟରେ ଶକ୍ତି, ସାମର୍ଥ୍ୟ, ତେଜ ଓ ଶୌର୍ଯ୍ୟ ଜାଗ୍ରତ ହୋଇଥାଏ ।

ବିଦ୍ୟା, ଜ୍ଞାନ, ସଙ୍ଗୀତ ଓ ସାହିତ୍ୟର ଦେବୀ ସରସ୍ୱତୀ । ଗୋଟିଏ ହସ୍ତରେ ପୁସ୍ତକ ଓ ଅନ୍ୟ ହସ୍ତରେ ବୀଣା ଧାରଣ କରିଥାନ୍ତି । ପୁସ୍ତକ ହେଉଛି ବିଦ୍ୟା ଓ ଜ୍ଞାନର ଏବଂ ବୀଣା ହେଉଛି ସଙ୍ଗୀତର ପ୍ରତୀକ । ସରସ୍ୱତୀଙ୍କର ବୀଣା, ପୁସ୍ତକ ଶୁଭ୍ରବର୍ଣ୍ଣ, ବସ୍ତ୍ର ଶୁଭ୍ରବର୍ଣ୍ଣ ଓ ତାଙ୍କର ବାହନ ହଂସ ମଧ ଶୁଭ୍ରବର୍ଣ୍ଣ । ଏହି ଶୁଭ୍ରତା ଶୁଦ୍ଧତା ଓ ପବିତ୍ରତାର ପ୍ରତୀକ ।

ସରସ୍ୱତୀଙ୍କର ବାହନ ହଂସ ମଧ ଗୋଟିଏ ବିଶେଷ ଗୁଣକୁ ପ୍ରତୀକିତ କରିଥାଏ । କ୍ଷୀର ଓ ନୀର ମିଶ୍ରିତ ଅବସ୍ଥାରେ ଥିଲେ ମଧ ହଂସ ତନ୍ମଧ୍ୟରୁ ନିଜର ଖାଦ୍ୟ କ୍ଷୀରକୁ ନିଜର ଚଞ୍ଚୁ ସାହାଯ୍ୟରେ ଅଲଗା କରି ଭକ୍ଷଣ କରିଥାଏ ଏବଂ ନୀରକୁ ପରିତ୍ୟାଗ କରିଥାଏ । ସେହିପରି ବିଦ୍ୟାର୍ଥୀ ଓ ଶିକ୍ଷାର୍ଥୀ ସର୍ବଦା ନିଜର ବିଚାର ବୁଦ୍ଧି ସାହାଯ୍ୟରେ ସଂସାରରେ ଥିବା ଅସାର ବସ୍ତୁକୁ ପରିତ୍ୟାଗ କରି ସାର ବସ୍ତୁକୁ ଗ୍ରହଣ କରିବା ଆବଶ୍ୟକ । ସଂସାରରେ ସୁଚାରୁ ରୂପେ ଜୀବନ ଧାରଣ କରିବାକୁ ହେଲେ ନ୍ୟାୟ-ଅନ୍ୟାୟ, ସତ୍-ଅସତ୍ ଓ ଜ୍ଞାନ-ଅଜ୍ଞାନ ଭିତରୁ ସତ୍ ମାର୍ଗକୁ ଅନୁସରଣ କରିବା ପାଇଁ ଏହି ଜ୍ଞାନ ଅତ୍ୟନ୍ତ ଆବଶ୍ୟକ ।

ମହାଦେବଙ୍କ ମୂର୍ତ୍ତିକୁ ଲକ୍ଷ୍ୟକଲେ ଜଣାଯାଏ ସେ ତ୍ରିଲୋଚନ । ତାଙ୍କର ମସ୍ତକ ଦେଶରେ ଏକ ଅତିରିକ୍ତ ଚକ୍ଷୁଥାଏ । ତାହା ହେଉଛି ଜ୍ଞାନ ନେତ୍ର । ସେଥିରୁ ଜଣାଯାଏ ସାଧାରଣ ବ୍ୟକ୍ତିମାନଙ୍କର କେବଳ ଦୁଇଟି ଚର୍ମଚକ୍ଷୁ ଥାଏ । ତେଣୁ ସାଧାରଣ ଦୃଷ୍ଟିକୋଣରେ ସେମାନେ ସଂସାରରେ ଜୀବନ ନିର୍ବାହ କରିଥାନ୍ତି । ମାତ୍ର ଜ୍ଞାନୀ ଲୋକମାନଙ୍କର ଏହି ତୃତୀୟ ଚକ୍ଷୁ ବା ଜ୍ଞାନ ନେତ୍ର ଥାଏ । ଏହି ନେତ୍ରରେ ସେ ସଂସାରରେ ପ୍ରକୃତ ବସ୍ତୁକୁ ନିରୀକ୍ଷଣ କରିବାରେ ସମର୍ଥ ହୋଇଥାଏ ।

ମହାଦେବ ସମୁଦ୍ର ମନ୍ଥନରୁ ଜାତ ହଳାହଳ ବିଷ ପାନ କରି ନୀଳକଣ୍ଠ ହୋଇଛନ୍ତି । ସେହିପରି ଜ୍ଞାନୀ ଲୋକମାନେ ସଂସାରରୁ ଜାତ ବିଷୟ୍ୟବିଷକୁ ପାନ କରି ତାକୁ ହଜମ କରି ଦେଇପାରନ୍ତି । ଶିବ ଗଳାରେ ବିଷଧର ସର୍ପକୁ ଗୁଡ଼ାଇ ଥାଆନ୍ତି । ଏହା ସୂଚାଇଥାଏ, ସର୍ପ ପରି ଦୁଷ୍ଟ ଓ ଭୟଙ୍କର ଜୀବକୁ ମଧ ଜ୍ଞାନୀ ଲୋକ ନିଜର ସହନଶୀଳତା ଓ ଅହିଂସା ବଳରେ ଆପଣାର କରିପାରେ ।

ଶିବଙ୍କର ବାହନ ହେଉଛି ବୃଷଭ । ଗୋଧନ ବୃଦ୍ଧିଦ୍ୱାରା ଦୁଗ୍ଧ ଓ ଦୁଗ୍ଧଜାତ ଖାଦ୍ୟ ଦ୍ରବ୍ୟ ବୃଦ୍ଧି ହୁଏ ଓ କୃଷି କାର୍ଯ୍ୟ ହେବା ସହଜ ହୁଏ । ବୃଷଭ ଗୋଧନ ବୃଦ୍ଧିରେ ସାହାଯ୍ୟ କରୁଥିବାରୁ ସେ ଉପକାରୀ ପ୍ରାଣୀ ରୂପେ ପୂଜିତ ହୁଏ । ବୃଷଭ ମଧ ଧର୍ମର ପ୍ରତୀକ । ଶିବଙ୍କ ମନ୍ଦିରରେ ସମ୍ମୁଖ ଭାଗରେ ଏହି ବୃଷଭକୁ ସ୍ଥାପନା କରାଯାଇଥାଏ ।

ସୂର୍ଯ୍ୟ ତାଙ୍କର ନିର୍ଦ୍ଧାରିତ ପଥରେ ଗତିକୁ କଦାପି ପରିତ୍ୟାଗ କରି ନଥାନ୍ତି । ଖରା, ବର୍ଷା, ଶୀତ, କାକର ବା ଶିଶିରପାତ ତାଙ୍କୁ ବାଧ୍ୟ ନଥାଏ । ସେହିପରି ପରିବେଶ, ପରିସ୍ଥିତି ଓ ପାରିପାର୍ଶ୍ୱକୁ ଖାତିର ନକରି ନିଜର କର୍ତ୍ତବ୍ୟ ପଥରୁ ବିଚ୍ୟୁତ ନହେବା ପାଇଁ ସୂର୍ଯ୍ୟ ଆମକୁ ସୂଚନା ଦେଇଥାନ୍ତି । ସୂର୍ଯ୍ୟଙ୍କ ବାହନ ରୂପେ ପରିକଳ୍ପିତ ସପ୍ତାଶ୍ୱ ଗତିଶୀଳତାର ପ୍ରତୀକ । ତେଣୁ କର୍ତ୍ତବ୍ୟନିଷ୍ଠ ବ୍ୟକ୍ତିମାନେ ଅଶ୍ୱପରି ଗତିଶୀଳ, ବେଗଗାମୀ ଓ ଅଗ୍ରଗାମୀ ହେବା ବିଧେୟ । ସେମାନେ ଅସଫଳତାରେ ଭାଙ୍ଗିପଡ଼ି କର୍ତ୍ତବ୍ୟପଥରୁ ଓହରି ଯିବା ବା ଗତିବେଗକୁ ମନ୍ଦ କରିବା ଉଚିତ ନୁହେଁ ।

ଭଗବାନ୍ ବିଷ୍ଣୁଙ୍କର ବାହନ ଭାବରେ ଗରୁଡ଼କୁ ପରିକଳ୍ପନା କରାଯାଇଛି । ତେଣୁ ବିଶ୍ୱବ୍ରହ୍ମାଣ୍ଡର ପାଳନକର୍ତ୍ତା ହୋଇଥିବାରୁ ସେ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ, ଜଳ, ସ୍ଥଳ ଓ ଆକାଶ ସର୍ବତ୍ର ଗତି କରିବା ଆବଶ୍ୟକ । ଗରୁଡ଼ ଦ୍ରୁତଗାମୀ, ଶକ୍ତିଶାଳୀ ଓ ବୀର ପକ୍ଷୀ ହୋଇଥିବାରୁ ସର୍ବଦା ସର୍ବତ୍ର ଗତି କରିପାରେ । ସେ ନିର୍ଭୀକ ଓ ପରୋପକାରୀ ହୋଇଥାଏ । ସେଥିପାଇଁ ଗରୁଡ଼କୁ ବିଷ୍ଣୁଙ୍କର ବାହନ ରୂପେ ପରିକଳ୍ପନା କରାଯାଇଥାଏ ।

ମୟୂରକୁ କାର୍ତ୍ତିକେୟଙ୍କ ବାହନ ରୂପେ ପରିକଳ୍ପନା କରାଯାଇଛି । ମୟୂର ସଂଯମର ପ୍ରତୀକ । କାର୍ତ୍ତିକେୟ ଆଜନ୍ମ ବ୍ରହ୍ମଚାରୀ ହୋଇଥିବାରୁ ଅପରାଜେୟ ଓ ଦେବ ସେନାପତି ହୋଇଛନ୍ତି । ସେହିପରି ମୟୂର ମୟୂରୀ ସହିତ ଯୌନ ସମ୍ପର୍କ କରୁନଥିବାରୁ ସେ ଅକ୍ଷତ ବୀର୍ଯ୍ୟ ଓ ବୀର ପକ୍ଷୀ ହୋଇପାରିଛି । ମୟୂର ସର୍ପକୁ ମାରିଥାଏ । ସର୍ପର ଅନ୍ୟନାମ ଅହି । 'ଅହି'ର ଅର୍ଥ ଅନ୍ୟ ପ୍ରତି ବିଶ୍ୱାସଘାତକତା କରୁଥିବା ବ୍ୟକ୍ତି । ବିଶ୍ୱାସଘାତକ ବ୍ୟକ୍ତି ଶତ୍ରୁ ପକ୍ଷ ସହିତ ମିଶି ମିତ୍ର ପକ୍ଷର ଗୋପନ କଥା ବତାଇ ଦେଇଥାଏ । ତେଣୁ ଆତ୍ମପକ୍ଷର ପରାଜୟ ଘଟିଥାଏ । ତେଣୁ ବିଶ୍ୱାସଘାତକ ବ୍ୟକ୍ତିକୁ ମାରିଦେବା ସବୁଠାରୁ ଭଲ । ମୟୂର ଏହି ଅହି ବା ସର୍ପକୁ ବିନାଶ କରୁଥିବାରୁ ଦେବସେନା ଅପରାଜେୟ ହୋଇଥିଲେ । ଏହା ପ୍ରତ୍ୟେକ ସେନାପତିଙ୍କର ଅନୁସରଣୀୟ ଆଦର୍ଶ ହୋଇ ଶତ୍ରୁପକ୍ଷ ଓ ବିଶ୍ୱାସଘାତକ ପ୍ରତି ସାବଧାନ ହେବା ବିଧେୟ ।

ଏହିପରି ଭାରତୀୟ ହିନ୍ଦୁଧର୍ମର ଦେବ-ଦେବୀ ଓ ସେମାନଙ୍କର ବାହନମାନଙ୍କର ପରିକଳ୍ପନାରେ ଅନେକ ଗୂଢ଼ ରହସ୍ୟ ରହିଛି । ସେମାନଙ୍କର ବାହନ, ବେଶଭୂଷା, ଆୟୁଧ ଓ ଆକାରର ବିବିଧତା ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ତତ୍ତ୍ୱକୁ ପ୍ରତୀକିତ କରିଥାଏ । ସେହି ଦୃଷ୍ଟିରୁ ବିଶ୍ଳେଷଣ, ଅନୁଶୀଳନ କରାଗଲେ ପ୍ରତ୍ୟେକ ହିନ୍ଦୁ ସେ ବିଷୟରେ ସଚେତନ ହୋଇ ଦୈନନ୍ଦିନ ଜୀବନରେ ତାହାକୁ ପ୍ରୟୋଗ କରି ପାରନ୍ତେ ।

*ଅଧ୍ୟାପକ, ଓଡ଼ିଆ ବିଭାଗ, ଚମ୍ପୁଆ କଲେଜ, ଚମ୍ପୁଆ, କେନ୍ଦୁଝର*

• • •

## ମାର୍ଚ୍ଚ ସୁଦ୍ଧା ୬୮୫୮ଟି ଗ୍ରାମକୁ ପାନୀୟ ଜଳ ଯୋଗାଣ

ଗତ ଆର୍ଥିକ ବର୍ଷ (୧୯୯୮-୯୯)ରେ ମାର୍ଚ୍ଚ ମାସ ସୁଦ୍ଧା ରାଜ୍ୟର ପାନୀୟ ଜଳାଭାବ ଥିବା ୬୮୫୮ଟି ଗ୍ରାମକୁ ପାନୀୟ ଜଳ ଯୋଗାଇ ଦିଆଯାଇଛି । ଏହା ଫଳରେ ଏକ ଲକ୍ଷ ୩୦୦ ହଜାର ୧୦୦ ଜଣ ହରିଜନ ଓ ଏକଲକ୍ଷ ୧୯ ହଜାର ୫୦୦ ଜଣ ଆଦିବାସୀ ସମ୍ପ୍ରଦାୟର ଲୋକ ଉପକୃତ ହୋଇପାରିଛନ୍ତି ବୋଲି ରାଜ୍ୟ ଯୋଜନା ଓ ସମନ୍ୱୟ ବିଭାଗରୁ ପ୍ରକାଶିତ ବିଂଶସୂତ୍ରୀ କାର୍ଯ୍ୟକ୍ରମର ମାସିକ ଅଗ୍ରଗତି ବିବରଣୀରୁ ଜଣାପଡ଼ିଛି ।

କେବଳ ଗତ ମାର୍ଚ୍ଚ ମାସରେ ୧୬୩୩ଟି ଗ୍ରାମକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇ ୨୬,୨୦୦ ଜଣ ହରିଜନ ଓ ୩୮,୩୦୦ ଜଣ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତିମାନଙ୍କୁ ଉପକୃତ କରାଯାଇ ପାରିଛି ବୋଲି ଉକ୍ତ ସୂତ୍ରରୁ ପ୍ରକାଶ ।

ଗତ ଆର୍ଥିକ ବର୍ଷରେ ରାଜ୍ୟରେ ୮୧୩୬ଟି ଗ୍ରାମକୁ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ୬୮୫୮ ଟି ଗ୍ରାମକୁ ଏହି ସୁବିଧା ଯୋଗାଇ ଦିଆଯାଇ ୮୪.୨୯ ପ୍ରତିଶତ ସଫଳତା ହାସଲ କରାଯାଇଛି ।

# ଆଦିବାସୀ ସଂସ୍କୃତିରେ ବଣ୍ଡା ଜାତିର ଭୂମିକା

• ଶ୍ରୀ ସୁଭାଷ ଚନ୍ଦ୍ର ତ୍ରିପାଠୀ



ଓଡ଼ିଶାରେ ବସବାସ କରୁଥିବା ସମୁଦାୟ ୬୨ ଶ୍ରେଣୀର ଆଦିବାସୀଙ୍କ ଭିତରୁ ବଣ୍ଡା, କୋୟା, କନ୍ଧ, ସଉରା, ପରଜା, ଗାଦବା, ଗଣ୍ଡ, ସାନ୍ତାଳ, କୋହ୍ଲ, ଜୁଆଙ୍ଗ, ଓରାନ୍, ହୋ, ଭୂୟାଁ, ବିଝାଳ, ବାଥୁଡ଼ି ପ୍ରଭୃତି ଉଲ୍ଲେଖଯୋଗ୍ୟ । ପ୍ରତ୍ୟେକ ଜାତିର ସଂସ୍କୃତି ତଥା ପରମ୍ପରା ପରସ୍ପର ଠାରୁ ପୃଥକ୍ ରୂପେ ବିବେଚିତ । ପ୍ରାକ୍କାଳରୁ ସେମାନେ ମାଟିର ସନ୍ତାନ ତଥା ପ୍ରକୃତିର ସନ୍ତାନରୂପେ ନିଜକୁ ହଜାଇ ଦେଇଛନ୍ତି– ସବୁଜ ଅରଣ୍ୟ କାନନିମା ବକ୍ଷରେ । ଗିରିନିର୍ଝରର ଝୁରୁଝୁରୁ ନାଦ ସଙ୍ଗେ ପାଦକୁ ପାଦରେ ତାଳ ଦେଇ ନୃତ୍ୟ ଗୀତରେ ଆତ୍ମହରା ହୋଇ ସୃଷ୍ଟି କରିଯାନ୍ତି ଚରମ ମାଦକତା ଓ ତୋଳି ଦିଅନ୍ତି ସଂଗୀତର ଝଙ୍କାର ଯାହା ଗିରିଶିଖର ଘୂର୍ଣ୍ଣ କରି ଭାସିଯାଏ ଦୂରକୁ... ଦୂରକୁ... ବହୁଦୂରକୁ ।

ସମୀକ୍ଷାରୁ ଜଣାଯାଏ ଯେ "ବଣ୍ଡା ଜାତିର ସଂସ୍କୃତି" ସୃଷ୍ଟି କରିଛି ଏକ ନୂତନ ପରମ୍ପରା । କୋରାପୁଟ (ଅବିଭକ୍ତ) ଜିଲ୍ଲାର ମାଛକୁଣ୍ଡ ନଦୀର ଉତ୍ତର ପଶ୍ଚିମରେ ଅବସ୍ଥିତ ଉଚ୍ଚ ପାର୍ବତ୍ୟ ଅଞ୍ଚଳ "ବଣ୍ଡାହିଲ୍" ରୂପେ ପରିଚିତ । ଏହି ଦୁର୍ଗମ ପାହାଡ଼ିଆ ଅଞ୍ଚଳ ଘନ ଜଙ୍ଗଲ ପରିପୂର୍ଣ୍ଣ ମାଳଭୂମି । ନବଗଠିତ ମାଲକାନଗିରି ଜିଲ୍ଲାର ମୁଦୁଲିପଡ଼ା ଥାନା ଅନ୍ତର୍ଗତ ଅଟେ । ଏହା "ବଣ୍ଡାଘାଟି" ନାମରେ ପରିଚିତ । ଏହା ଖଇରପୁଟ ବ୍ଲକ ଠାରୁ ପ୍ରାୟ ୧୫ କି.ମି. ଦୂରରେ ଅବସ୍ଥିତ ଏବଂ "ଅପରବଣ୍ଡା ହିଲ୍" ଓ "ଲୋୟର ବଣ୍ଡାହିଲ୍" ରୂପେ ଦୁଇ ଭାଗରେ ବିଭକ୍ତ । ଉକ୍ତ ଅଞ୍ଚଳରେ ସମୁଦାୟ ୩୧ଗୋଟି ବଣ୍ଡା ଗ୍ରାମ ଅବସ୍ଥିତ । ୧୯୬୧ ଜନଗଣନାରୁ ଜଣାଯାଏ ଯେ ସେମାନଙ୍କ ଜନସଂଖ୍ୟା ମାତ୍ର ୫୨୮୫ । ୧୯୭୧ ଜନଗଣନା ବେଳେ ସେମାନଙ୍କ ଜନସଂଖ୍ୟା ଥିଲା ୫୬୭୫ । ପ୍ରବାଦ ଅଛି ଯେ ସେମାନେ ପ୍ରଥମେ ଜୟପୁରର ପାର୍ବତ୍ୟ ଅଞ୍ଚଳ ତଥା ଗିରିଶିଖରରେ ବସବାସ କରୁଥିଲେ ଏବଂ କାଳକ୍ରମେ ଉକ୍ତ ଅଞ୍ଚଳ ତ୍ୟାଗ କରି ବଣ୍ଡା ହିଲ୍‌କୁ ଆଶ୍ରୟସ୍ଥଳୀ ରୂପେ ବାଛି ନେଲେ । ଏଇ ଜାତିର ବାରଜଣ ଭାଇ ପ୍ରଥମେ ଜୟପୁରର ପାର୍ବତ୍ୟ ଅଞ୍ଚଳ ତ୍ୟାଗ କରି ବଣ୍ଡାହିଲ୍‌କୁ ଯାଇଥିଲେ ଏବଂ ସେଠାରେ ସେମାନେ ପୃଥକ୍ ପୃଥକ୍ ଭାବେ ବାରଗୋଟି ସ୍ଥାନରେ ବାସ କରି ବାରଗୋଟି ପଡ଼ା ବସାଉଥିଲେ । ସାମା ମୁଦୁଲି ସେମାନଙ୍କ ମଧ୍ୟରେ ମୁଖିଆ ଥିଲା ଓ ଏହି ଅଞ୍ଚଳକୁ ମୁଦୁଲିପଡ଼ା ରୂପେ ନାମିତ କରିଥିଲା ।

ବର୍ତ୍ତମାନ ସୁଦ୍ଧା ସେମାନେ ଆଧୁନିକ ସଭ୍ୟତାର ବହୁ ଦୂରରେ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆଜି ପର୍ଯ୍ୟନ୍ତ ଶିକ୍ଷାର ବିଶେଷ ପ୍ରଭାବ ପଡ଼ି ନଥିବାରୁ ସେମାନଙ୍କ ମଧ୍ୟରେ ସାକ୍ଷରତା ସଂଖ୍ୟା ଖୁବ୍ ନଗଣ୍ୟ । ପ୍ରକୃତିର ଦୁର୍ଗମ୍ୟ ପାହାଡ଼ ଜଙ୍ଗଲର ଅନ୍ତରାଳରେ ଲୁଚି ରହି ଏକାନ୍ତ ଆଦିମ ରୂପେ ହଜାଇ ଦେଇଛନ୍ତି ପ୍ରକୃତି କୋଳରେ । ସେମାନେ ନିଜକୁ "ରେମ" ବୋଲି ବିବେଚିତ କରନ୍ତି । ବଣ୍ଡା ପୁରୁଷମାନେ ମୁଣ୍ଡରେ ଲମ୍ବାବାଳ ରଖି ଗୋଟିଏ ପାନିଆ ମୁଣ୍ଡ ବାଳରେ ଖୋସିଥାଆନ୍ତି । ଏହା କେହି ବ୍ୟତିକ୍ରମ କଲେ ତାକୁ କୌଣସି କନ୍ୟା ମିଳିବା କଷ୍ଟକର ଏବଂ କନ୍ୟା ସମର୍ପଣ କରିବାକୁ କେହି ଆଗଭର ହୁଅନ୍ତି ନାହିଁ । ତେଣୁ କୌଣସି ବିଧବା ନାରୀ କିମ୍ବା ସମାଜରୁ ବହିଷ୍କୃତ ହୋଇଥିବା ମହିଳାକୁ ଗ୍ରହଣ କରିବା ବ୍ୟତୀତ ତାର ଅନ୍ୟ କୌଣସି ପନ୍ଥା ନଥାଏ । ପୁରୁଷମାନେ ଖଣ୍ଡିଏ ଛୋଟ କନା ଲେଙ୍ଗୁଟି ବା କୌପୁନି ମାରି ପିନ୍ଧିଥାନ୍ତି । ଅପର ବଣ୍ଡା ହିଲ୍‌ର ଅଭ୍ୟନ୍ତରରେ ବାସକରୁଥିବା ଉଭୟ ସ୍ତ୍ରୀ ଓ ପୁରୁଷ ସମ୍ପୂର୍ଣ୍ଣଭାବେ ଉଲଗ୍ନ କିମ୍ବା ଅର୍ଦ୍ଧନଗ୍ନ ଅବସ୍ଥାରେ ମଧ୍ୟ ଦୃଷ୍ଟିଗୋଚର ହୁଅନ୍ତି ।

ବଣ୍ଡାରମଣୀ କେଶବିମୁକ୍ତ ଅର୍ଥାତ୍ "ଲଣ୍ଡାମୁଣ୍ଡିଆ" ହୋଇ କେବଳ କଟୀ ଦେଶରେ ଛୋଟ କେରଙ୍ଗ ଲୁଗା, ଯାହାର ଆକାର କେବଳ ୬୦ ସି.ଏମ୍ X ୨୫ ସି.ଏମ୍ ହେବ ପିନ୍ଧିଥାନ୍ତି । ଏହି କେରଙ୍ଗ ଲୁଗାଗୁଡ଼ିକର ଗୋଟିଏ ପଟ ସୂତା ଓ ଅନ୍ୟପଟେ କେରଙ୍ଗ ଲତାରେ ବୁଣା ହୋଇଥାଏ । ବେକରେ ବିଭିନ୍ନ ରଙ୍ଗର କାଚମାଳି, କାଠମାଳି (ମୁତୟା), ଗଉବନା (ଗିଣ୍ଡୁଙ୍ଗ) ଇତ୍ୟାଦି ପିନ୍ଧି ଅନାବୃତ୍ତ ବକ୍ଷ ଦେଶକୁ ଆବୃତ୍ତ କରିଥାଆନ୍ତି । କାନରେ ବହୁ ସଂଖ୍ୟାର ପିତଳ ଓ ଗଉବନା (ଲୁନ୍ଦୁଲ ଓ ଲିମ୍ବିନ୍ସୁ), ହାତରେ କଟିଠାରୁ କହୁଣୀ ଯାଏ ଗଉଖାଡ଼ୁ (ସୁଙ୍ଗୁରାଏ) ବ୍ୟବହାର କରିଥାଆନ୍ତି । ଅବିବାହିତା ରମଣୀମାନେ ଲଣ୍ଡିତ ମସ୍ତକର ଚତୁର୍ଦ୍ଦିଗରେ ଖଣ୍ଡିଏ ତାଳପତ୍ର (ରେଓର) ମୁଣ୍ଡରେ ପିନ୍ଧାଇ ଅବିବାହିତାର ସଙ୍କେତ ପ୍ରଦାନ କରନ୍ତି । ପ୍ରବାଦ ଅଛି ଯେ "ସୀତା" ବନବାସ ସମୟରେ ସ୍ନାନରତ ଥିବା ବେଳେ ଏକଦା କୌଣସି ବଣ୍ଡା ରମଣୀ ତାଙ୍କୁ ଲକ୍ଷ୍ୟ କରି ହସି ଓ ପରିହାସ କରି ଅପମାନିତ କରିଥିବାରୁ ସେ କ୍ରୋଧାନ୍ୱିତ ହୋଇ ଉକ୍ତ ବଣ୍ଡା ରମଣୀକୁ ଅଭିଶାପ ଦେଇଥିଲେ । ତେଣୁ ଉକ୍ତ ପରମ୍ପରା ରକ୍ଷା କରି ସେମାନେ "ଲଣ୍ଡିତ ମସ୍ତକ" ହୋଇଥାଆନ୍ତି । ସୀତା ସ୍ନାନ କରୁଥିବା ସ୍ଥାନଟି ବର୍ତ୍ତମାନ ସୁଦ୍ଧା "ସୀତାକୁଣ୍ଡ" ରୂପେ ଦର୍ଶକମାନଙ୍କ ଦୃଷ୍ଟି ଆକର୍ଷଣ କରେ ।

ସେମାନଙ୍କ ସାମାଜିକ ତଥା ବୈବାହିକ ଜୀବନରେ ମଧ୍ୟ ବିଶେଷ ସ୍ୱତନ୍ତ୍ରତା ପରିଲକ୍ଷିତ ହୁଏ । ପ୍ରତ୍ୟେକ ଗ୍ରାମରେ ଅବିବାହିତ ପୁଅ ଝିଅଙ୍କ

ସକାଶେ ସ୍ୱତନ୍ତ୍ର ସ୍ୱତନ୍ତ୍ର ଗୃହ ଅର୍ଥାତ "ଧାଙ୍ଗଡ଼ା ଧାଙ୍ଗଡ଼ି ଗୃହ" ( ପେଲାଙ୍ଗ ତିଙ୍ଗୋ) ଅଛି ଓ ଗ୍ରାମର ସମସ୍ତ ଧାଙ୍ଗଡ଼ା ଧାଙ୍ଗଡ଼ି ସେଠାରେ ନିତ ପାରମ୍ପରିକ ରାତିରେ ନୃତ୍ୟଗୀତରତ ରହି ଆମୋଦପ୍ରମୋଦ କରି ରାତ୍ରିଯାପନ କରନ୍ତି । ଗ୍ରାମର ଅବିବାହିତ ପୁଅମାନେ ଭିନ ଭିନ ଗ୍ରାମକୁ ଯାଇ ଅବିବାହିତା ଝିଅମାନଙ୍କ ସଂଗରେ ଆମୋଦ ପ୍ରମୋଦ କରି ଆତ୍ମୀୟତା ସୃଷ୍ଟି କରନ୍ତି ଓ ନିଜ ରୁଚି ଅନୁଯାୟୀ ଉକ୍ତ ଝିଅର ହାତରେ ବଳପୂର୍ବକ ଚୁଡ଼ି ପିନ୍ଧାଇ ନିଜ ଅର୍ଦ୍ଧାଙ୍ଗିନୀ ବୋଲି ଦାବୀ କରି ବୈବାହିକ ସମ୍ବନ୍ଧ ସ୍ଥାପନ କରନ୍ତି । ବିବାହିତା ବଣ୍ଡା ରମଣୀକୁ କେହି ଅଭଦ୍ର ବ୍ୟବହାର କିମ୍ବା ଅଶ୍ଳୀଳ ସଂକେତ ପ୍ରଦାନ କଲେ କିମ୍ବା ପ୍ରଣୟାଭିଳାଷୀ ହୋଇ ଚାହିଁଲେ ବା ବଳାତ୍କାର କଲେ ତାର ସ୍ୱାମୀ ତାହା ବରଦାସ୍ତ କରିପାରେ ନାହିଁ । ସଂଗେ ସଂଗେ ଉତ୍ତେଜିତ ହୋଇ ତାକୁ ହତ୍ୟା କରିବାକୁ ଉଦ୍ୟମ କରେ ଏବଂ ହିଂସ୍ର ହୋଇ ଉଠେ । ସେମାନଙ୍କ ସ୍ତ୍ରୀମାନେ ପୁରୁଷମାନଙ୍କ ଅପେକ୍ଷା ଦଶପନ୍ଦର ବର୍ଷ ବଡ଼ । କାରଣ ବୃଦ୍ଧାବସ୍ଥାରେ ସ୍ୱାମୀର ବୟସ କମ୍ ଥିଲେ ତାର ସେବା ଶୁଶ୍ରୁଷା କରିପାରିବ । ଗର୍ଭବତୀ ମହିଳା ସନ୍ତାନ ପ୍ରସବ କଲାବେଳେ ତାକୁ ଦୁଇଜଣ ସ୍ତ୍ରୀ ଉଭୟ ପାର୍ଶ୍ୱରୁ ଧରି ଆଣ୍ଠୁମାଡ଼ି ବସାଇ ଖୁବ୍ ଜୋର୍‌ରେ କାଶିବାକୁ କହନ୍ତି । ସେ ଏହିପରି କାଶିବା ଦ୍ୱାରା ସନ୍ତାନ ଭୂମିଷ୍ଠ ହୁଏ । ପୁତ୍ର ସନ୍ତାନ ଜନ୍ମହେଲେ ଗୋଟିଏ " ଦାଆ" ଦ୍ୱାରା ଏବଂ କନ୍ୟା ସନ୍ତାନ ଜାତ ହେଲେ ଗୋଟିଏ "ତୀର" ଦ୍ୱାରା (ଅଫେରାଓମ୍) ଦ୍ୱାରା ନାଭି କର୍ତ୍ତନ କରନ୍ତି ଓ ପଂଚୁଡିର ରକ୍ତ, ମାଂସ ପିଣ୍ଡୁଳା ଇତ୍ୟାଦି ଗୃହ ଭିତରେ ହିଁ ଗାତ ଖୋଳି ପୋତି ଦିଅନ୍ତି । କୌଣସି ଗର୍ଭିଣୀ ସ୍ତ୍ରୀର ପ୍ରାଣହାନି ଘଟିଲେ ଉକ୍ତ ଶବକୁ ପୋତି ଦିଅନ୍ତି ଓ ଅନ୍ୟମାନଙ୍କ ଶବକୁ ଜୁଇରେ ପୋଡ଼ି ସତ୍କାର କରନ୍ତି । ସନ୍ତାନ ଜନ୍ମଲାଭ ହେବାର ଛଅଦିନ ପର୍ଯ୍ୟନ୍ତ ସନ୍ତାନର ପିତା ଗୃହରେ ସନ୍ତାନକୁ ଜଗି ତା'ର ଯତ୍ନ ନିଏ ନଚେତ୍ ସମାଜ ତାକୁ ଉକ୍ତ ସନ୍ତାନର ପ୍ରକୃତ ପିତା ରୂପେ ଗ୍ରହଣ କରେ ନାହିଁ ଏବଂ ତା'ର ପିତା ଅନ୍ୟ କେହି ବୋଲି ସେମାନଙ୍କ ମନରେ ସନ୍ଦେହ ଜନ୍ମେ । କୌଣସି ସାଧାରଣ ବିଷୟରେ ମତଭେଦ ହେଲେ ସଂଗେ ସଂଗେ ଉତ୍ତେଜିତ ହୋଇ ହତ୍ୟା କରିବା ମନୋଭାବ ପ୍ରକାଶ ପାଇଥାଏ ଏବଂ ହତ୍ୟା କରିବାଟା ଏକ ଗୁରୁତର ଅପରାଧ ବୋଲି କେବେ ଚିନ୍ତା କରନ୍ତି ନାହିଁ । ପୁରୁଷମାନେ ମାତାଲ ଅବସ୍ଥାରେ ଥିବା ସମୟରେ ଉତ୍ତେଜିତ ହୋଇ ଯାହାକୁ ହତ୍ୟା କରିଦେଇ ପାରେ ଭାବି ସେମାନଙ୍କ ସ୍ତ୍ରୀମାନେ ସେମାନଙ୍କୁ ଜଗିଥାନ୍ତି । ସେମାନେ ସର୍ବଦା ନିର୍ଭୀକ ଓ ଶିକାରପ୍ରିୟ ଅଟନ୍ତି । ବିପଦ ସଙ୍କୁଳ ଦୁର୍ଗମ ଗିରିପଥରେ ନିର୍ଭୟରେ ଏକାକୀ ବିଚରଣ କରନ୍ତି । ଧନୁଶର, ଟାଙ୍ଗିଆ, ଛୁରା (କାଟରା) ଇତ୍ୟାଦି ଅସ୍ତ୍ର ବ୍ୟବହାର କରନ୍ତି । ତୀର ଚାଳନାରେ ସେମାନଙ୍କ ଲକ୍ଷ୍ୟ ଅବ୍ୟର୍ଥ- ଏଣୁ ପ୍ରବାଦ ଅଛି – "ପଡ଼ିଆ ବଣ୍ଡା, ହାତରୁ ଖସିଲେ ମାରନ୍ତି ଖଣ୍ଡା" ।

ସେମାନେ ପରସ୍ପର ମଧ୍ୟରେ ବଣ୍ଡା ଭାଷାରେ କଥାବାର୍ତ୍ତା କରନ୍ତି ଓ ଅନ୍ୟମାନେ ତାହା ବୁଝିବା ସମ୍ଭବ ନୁହେଁ । କେହି କେହି ସାମାନ୍ୟ ଓଡ଼ିଆ ଭାଷା ବୁଝି ପାରନ୍ତି । ସେମାନଙ୍କ ସଂଗେ କଥାବାର୍ତ୍ତା ହେବା ଆବଶ୍ୟକ ପଡ଼ିଲେ ବଣ୍ଡା ଭାଷା ଜାଣିଥିବା ବ୍ୟକ୍ତିଙ୍କ ଜରିଆରେ ଭାଷାନ୍ତର କରିବାକୁ ହୁଏ । ଉକ୍ତ ଭାଷାନ୍ତର କରିବା ବ୍ୟକ୍ତିକୁ ସେମାନେ ଯଥେଷ୍ଟ ସମ୍ମାନ କରନ୍ତି ।

ସଲପ ଗଛର ରସକୁ "ସଲପମଦ" (ସାପୁଙ୍ଗ) କହନ୍ତି ଓ ଏହା ସେମାନଙ୍କର ଅତି ପ୍ରିୟ । ତେଣୁ ସଲପଗଛ ସେମାନଙ୍କ ଦୃଷ୍ଟିରେ ଅତି ମୂଲ୍ୟବାନ ସମ୍ପତ୍ତି । ସଲପମଦ(ସାପୁଙ୍ଗ) ଓ ମଣ୍ଡିଆ ମଦ (ପେହେମ୍) ଓ ଅନ୍ୟ ଯେକୌଣସି ମଦ (ଗାସ୍ତ୍ରର) ଆବାଲବୃଦ୍ଧ ବନିତା ସମସ୍ତେ ପାନ କରନ୍ତି ଓ ଅଧିକାଂଶ ସମୟ ମାତାଲ ଅବସ୍ଥାରେ ରହନ୍ତି । ଶୁଖିଲା ସରସି(ଶାଗ) ପତ୍ରକୁ ପୋଡ଼ି ପେଟ୍ରରେ ଧୂଆଁପତ୍ର ଭରି ଚାହାଳି ପ୍ରସ୍ତୁତ କରି ଧୂମପାନ କରନ୍ତି । ଝିଅମାନେ ବେକରେ ମୁଣ୍ଡରୁ ପିଠି ଆଡ଼କୁ ଅଣ୍ଟା ପର୍ଯ୍ୟନ୍ତ ଲମ୍ବି ବର୍ଣ୍ଣାଦିରେ ବ୍ୟବହାର କରନ୍ତି । ଆଲୁମିନିୟମ ବାସନକୁସନ, ମାଟିପାତ୍ର, ବାଉଁଶ ଟୋକେଇ, ପେଡ଼ି, ଲାଉତୁମ୍ବା, ପତ୍ରଠୁଙ୍ଗା ଇତ୍ୟାଦି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ବ୍ୟବହାର କରନ୍ତି । ପୁରୁଷମାନେ ବିଭିନ୍ନ ପ୍ରକାର ମାଳି ନିଜ ପାଇଁ ଓ ପରିବାରର ଅନ୍ୟମାନଙ୍କ ପାଇଁ ତିଆରି କରନ୍ତି । ପାହାଡ଼ରେ ପୋଡୁ ଚାଷ କରନ୍ତି ।

ସେମାନେ ସାଧାରଣତଃ ଜଙ୍ଗଲରେ ଜୀବଜନ୍ତୁ ଶିକାର କରି, ଫଳମୂଳ ତଥା ଟେଲୁକି, ପଣସ, ଆମ୍ବ, ବାଉଁଶ କରଡ଼ି, ବିଭିନ୍ନ ପ୍ରକାର ଶାଗ, ଫୁଲଝାଡ଼ୁ, ଝୁଣା, ମହୁଲ ଇତ୍ୟାଦି ସଂଗ୍ରହ କରି ଓ ଧାନ, ମାଣ୍ଡିଆ, କାଙ୍ଗୁ, ସୁଆଁ, ଜହ୍ନା, ହରଡ଼, ଧୂଆଁପତ୍ର ଇତ୍ୟାଦି ଚାଷ କରି ଜୀବିକା ନିର୍ବାହ କରନ୍ତି । ଗୃହପାଳିତ ପଶୁମାନଙ୍କ ମଧ୍ୟରେ ଗାଈ, ଗୋରୁ, ଛେଳି, ମେଣ୍ଢା, ପୋଢ଼, ମଇଁଷି, ଘୁଷୁରି, କୁକୁଡ଼ା ଇତ୍ୟାଦି ପ୍ରଧାନ । ସେମାନେ ଗାଈ କିମ୍ବା ଛେଳି ଦୁହନ୍ତି ନାହିଁ । ତାହା ପଶୁମାନଙ୍କ ପୂଜ ଓ ରକ୍ତର ମିଶ୍ରଣ ଓ ଖାଇବା ଅନୁପଯୁକ୍ତ ମନେ କରନ୍ତି ।

ବର୍ଷର ବିଭିନ୍ନ ସମୟରେ ସେମାନେ ବିଭିନ୍ନ ପର୍ବପର୍ବାଣି ପାଳନ କରନ୍ତି । ଗଛମୂଳେ ଗୋଟିଏ ଖଣ୍ଡା ରଖି "ପାଟଖଣ୍ଡା ଦେବତା" ରୂପରେ ଆରାଧନା କରନ୍ତି । "ପାଟଖଣ୍ଡା" ବଣ୍ଡାମାନଙ୍କର ଇଷ୍ଟ ଦେବତା । ଏହା ବ୍ୟତୀତ ସୂର୍ଯ୍ୟ ଓ ଚନ୍ଦ୍ରଙ୍କୁ ମଧ୍ୟ ଦେବତା ରୂପେ ପୂଜା କରନ୍ତି । ପ୍ରତିବର୍ଷ ଚୈତ୍ର ପର୍ବ, ମାଘ ପୂର୍ଣ୍ଣିମା ପର୍ବ (ସୁସୁଗିଗେ), ବୈଶାଖମାସରେ ପତର ବିକଳ ପର୍ବ (ଗିଆଗରିଗେ) ଓ ପୌଷ ପୂର୍ଣ୍ଣିମା ପର୍ବ (ସୁମେଗେଲିଗେ ପର୍ବ) ପାଳନ କରନ୍ତି । ଗ୍ରାମର ପୂଜକ "ସାସା" (ଯାହାକୁ ଦେବତା ଲାଗେ), "ସିସା" (ଯିଏ ପୂଜା କରିଥାଏ) ଓ ପାଙ୍ଗଣ" (ଗୁଣିଆ) ସମସ୍ତେ ପୂଜାରେ ଅଂଶଗ୍ରହଣ କରନ୍ତି । କୌଣସି ଆପଦ ବିପଦ ପଡ଼ିଲେ, ପରିବାରର କେହି ଅସୁସ୍ଥ ହେଲେ ସେମାନଙ୍କ କିମ୍ବା ଗାଈଗୋରୁଙ୍କ ଫାଟୁଆ ରୋଗ ବ୍ୟାପିଲେ ଦେବାଦେବୀଙ୍କ ପୂଜା କରି ପୋଢ଼, ମଇଁଷି, ଗାଈ, ଗୋରୁ, ଛେଳି, ଘୁଷୁରି, କୁକୁଡ଼ା ଆଦି ପଶୁପକ୍ଷୀଙ୍କୁ ବଳି ଦିଅନ୍ତି । ଟାଙ୍ଗିଆରେ (କୁରାଡ଼ୀରେ) ପଶୁପକ୍ଷୀଙ୍କୁ ଜୀବନ୍ତ ଅବସ୍ଥାରେ ଗାଈ ଗୋରୁ, ପୋଢ଼, ମଇଁଷି, ଘୁଷୁରୀଙ୍କ ଦେହରୁ ମାଂସ ଟିକି ଟିକି କରି କାଟି ନିଅନ୍ତି । ପୁଷପୁନି ପର୍ବରେ (ସୁମେଗେଲିଗେ ପର୍ବ) ସଲପମଦ (ସାପୁଙ୍ଗ), ମହୁଲୀ ମଦ (ଗାସ୍ତ୍ରର) ଓ ମଣ୍ଡିଆ ମଦ (ପେହେମ୍) ଇତ୍ୟାଦି ଓ ପିଠା ମାଂସ ଖାଇ ମାତାଲ ଅବସ୍ଥାରେ ସ୍ତ୍ରୀପୁରୁଷ ଏକାଠି ହୋଇ ରାତିରେ ନୃତ୍ୟଗୀତ କରି ମିଳିତ ସ୍ୱରରେ "ରାମୁରିଲୋ... ଲେ... ଲେ..ଲୋ... ଲୋ...." ଇତ୍ୟାଦି ଗୀତ ଗାଆନ୍ତି । ପୁରୁଷମାନେ ମୟୂରଚୂଳ, ଫୁଲ ମୁଣ୍ଡରେ ଖୋସି ଅଣ୍ଟାରେ "ଉଲଙ୍ଗ୍" (ଗାମୁଛା) ପରି ବାଡ଼ି, ଧନୁତୀର, କାଟରା, ଛୁରା, ଟାଙ୍ଗି ଇତ୍ୟାଦି ଅସ୍ତ୍ର ଧରି ନାଚନ୍ତି ।

ସେମାନେ ଛୋଟ ଛୋଟ କୁଡ଼ିଆ କରି ବସବାସ କରନ୍ତି ଓ ଯୌଥ ପରିବାର ରଖନ୍ତି । ଗାଁ ମଝିରେ କୌଣସି ବଡ଼ ଗଛମୂଳେ ବଡ଼ ବଡ଼ ପଥର ଉପରେ ପଥର ରଖି ଚଉତରା ଭଳି "ସିନ୍ଦ୍‌ବୋର୍" କରି ସେଠାରେ ବସି କରି ସମୟ କାଟନ୍ତି ।

ନିବିଡ଼ ପାହାଡ଼ ଜଙ୍ଗଲ ଭିତରେ ଗମନାଗମନ ପଥ ସୁଗମ ନ ଥିବାରୁ ସେମାନଙ୍କ ଉପରେ ଆଧୁନିକ ସଭ୍ୟତାର ପ୍ରଭାବ ବିସ୍ତାର କରିପାରିନାହିଁ । ତେଣୁ ସେମାନଙ୍କ ଉନ୍ନତି ସକାଶେ ସରକାର ବିଭିନ୍ନ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକ୍ରମ ପ୍ରସ୍ତୁତକରି ପଦକ୍ଷେପ ଗ୍ରହଣ କରୁଛନ୍ତି ।

*ଅବସରପ୍ରାପ୍ତ ଉପ ଶାସନ ସଚିବ*
*ଉଲକଟୀ ଗଳି, କୋର୍ଟ, କଟକ*

# ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କାର୍ଯ୍ୟକ୍ରମରେ ସଫଳତା

ରାଜ୍ୟରେ ୧୯୯୫ ମସିହା ଠାରୁ ଜାତୀୟ ପୋଲିଓ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ବର୍ତ୍ତମାନ ସୁଦ୍ଧା ଶତକଡ଼ା ୯୮ ଭାଗ ଶିଶୁଙ୍କୁ ଟୀକାଦାନ କରାଯାଇଛି ।

ଲୁକ୍କାୟିତ ଅବସ୍ଥାରେ ଥିବା ବହୁ ସଂଖ୍ୟକ କୁଷ୍ଠରୋଗୀଙ୍କୁ ଚିହ୍ନଟ କରାଯାଇଛି ।

ରାଜ୍ୟରୁ ବାତଜ୍ୱର ନିରାକରଣ ନିମନ୍ତେ ୧୯୯୭ ମସିହାରେ ଏକ ତ୍ୱରିତ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା ।

ଡି.ଏଫ୍.ଆଇ.ଡି. ର ସହାୟତାରେ ଡାକ୍ତରଖାନା ଗୃହଗୁଡ଼ିକୁ ମରାମତି କରାଯାଉଛି ।

ଇତି ମଧ୍ୟରେ ୨୨,୮,୮୧୮ ଜଣ ଚକ୍ଷୁରୋଗୀଙ୍କର ଚକ୍ଷୁ ପରୀକ୍ଷା କରାଯାଇଛି । ଦୃଷ୍ଟିହୀନ ବ୍ୟକ୍ତିଙ୍କ ସଂଖ୍ୟା କମାଇବା ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯାଇଛି ।

ବିଶ୍ୱବ୍ୟାଙ୍କ ସହାୟତାରେ ମ୍ୟାଲେରିଆ ନିରାକରଣ ନିମନ୍ତେ ଏକ ପଞ୍ଚବର୍ଷିୟ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି ।

ତିନୋଟି ମେଡ଼ିକାଲ କଲେଜର ଡାକ୍ତରଖାନା, ଜିଲ୍ଲା ସଦର ମହକୁମା ଡାକ୍ତରଖାନା, ରାଜଧାନୀ ମୁଖ୍ୟ ଡାକ୍ତରଖାନା ଏବଂ ଅନ୍ୟାନ୍ୟ ଏହି ଧରଣର ଡାକ୍ତରଖାନାଗୁଡ଼ିକରେ ରୋଗୀମାନଙ୍କଠାରୁ ପ୍ରଚଳିତ ସେବା ଦେୟ ଆଦାୟ କରାଯାଇ ତାହା ଉକ୍ତ ଡାକ୍ତରଖାନାଗୁଡ଼ିକର ଉନ୍ନତି କଳ୍ପେ ଉପଯୋଗ କରାଯାଉଛି ।

ରାଜ୍ୟରେ ୧୯୯୫ ମସିହାଠାରୁ ଏ ପର୍ଯ୍ୟନ୍ତ ୧୦୪ଟି ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ୧୯ଟି ଆୟୁର୍ବେଦିକ ଚିକିତ୍ସାଳୟ ଏବଂ ୧୯ଟି ହୋମିଓପାଥିକ୍ ଚିକିତ୍ସାଳୟ ପ୍ରତିଷ୍ଠା କରାଯାଇଛି ।

ଅବିଭକ୍ତ କଳାହାଣ୍ଡି, ବଲାଙ୍ଗୀର ଏବଂ କୋରାପୁଟ ଜିଲ୍ଲାରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ଏଲ.ଟି.ଏ.ପି କାର୍ଯ୍ୟକ୍ରମରେ ୫୪ ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ୟୁନିଟ୍ ସ୍ଥାପନ କରାଯାଇଛି ।

ଭୁବନେଶ୍ୱରସ୍ଥ ମୁଖ୍ୟ ଚିକିତ୍ସାଳୟ, କଟକସ୍ଥ ଶ୍ରୀ ରାମଚନ୍ଦ୍ର ଭଞ୍ଜ ଭେଷଜ ଚିକିତ୍ସା ମହାବିଦ୍ୟାଳୟ ଏବଂ ଡାକ୍ତରଖାନା, ବ୍ରହ୍ମପୁରସ୍ଥ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ଚିକିତ୍ସା ମହାବିଦ୍ୟାଳୟ ଏବଂ ଡାକ୍ତରଖାନା, ଢେଙ୍କାନାଳ ଏବଂ ଭଦ୍ରଖ ଜିଲ୍ଲା ସଦର ମହକୁମା ଡାକ୍ତରଖାନାଗୁଡ଼ିକରେ ସଫେଇ କାର୍ଯ୍ୟକୁ ତା ୨୭.୨.୯୯ ଏବଂ ତା ୧୦.୩.୯୯ ଠାରୁ ଘରୋଇକରଣ କରାଯାଇଛି । ଅନୁଗୁଳ ଏବଂ ବାଲେଶ୍ୱର ଜିଲ୍ଲା ସଦର ମହକୁମା ଡାକ୍ତରଖାନାଗୁଡ଼ିକୁ ଏହି କାର୍ଯ୍ୟ ସଂପ୍ରସାରିତ କରାଯିବ ।

ଔଷଧ କ୍ରୟ ବ୍ୟବସ୍ଥାକୁ କେନ୍ଦ୍ରୀଭୂତ କରାଯାଇଛି । ଏହା ଫଳରେ ବିଭିନ୍ନ ପ୍ରକାର ଉନ୍ନତ ମାନର ଏବଂ ଯଥେଷ୍ଟ ପରିମାଣର ଔଷଧ ସର୍ବସାଧାରଣଙ୍କ ନିମନ୍ତେ ଉପଲବ୍ଧ ହୋଇପାରିବ । ଔଷଧଗୁଡ଼ିକ ଷ୍ଟ୍ରିପ୍ ଆକାରରେ ତଥା ବ୍ଲିଷ୍ଟର ପ୍ୟାକେଟ୍ ଜରିଆରେ ମିଳୁଥିବାରୁ ଜନସାଧାରଣଙ୍କର ସରକାରୀ ଔଷଧ ଯୋଗାଣ ଉପରେ କ୍ରମଶଃ ଆସ୍ଥା ବୃଦ୍ଧି ପାଉଛି ।

ଯକ୍ଷ୍ମା ରୋଗ ନିୟନ୍ତ୍ରଣ ପାଇଁ ଡାନିଡ଼ା ସହାୟତାରେ ଓଡ଼ିଶାର ୩ଟି ଜିଲ୍ଲା ଯଥା- ସୁନ୍ଦରଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାରେ ସଂଶୋଧିତ ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଯକ୍ଷ୍ମା ରୋଗମୁକ୍ତ ହେବା ନିମନ୍ତେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱଳ୍ପ ମିଆଦି ଚିକିତ୍ସା ପଦ୍ଧତିକୁ ଅବଲମ୍ବନ କରାଯାଉଛି ।

ରାଜ୍ୟର ୩ଟି ମେଡ଼ିକାଲ କଲେଜ ସମେତ କଟକସ୍ଥ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ସ୍ନାତକୋତ୍ତର ଶିଶୁରୋଗ ପ୍ରତିଷ୍ଠାନ ଏବଂ କଟକସ୍ଥ କ୍ୟାନସର ପ୍ରତିଷ୍ଠାନରେ କାର୍ଯ୍ୟକରୁଥିବା ଅଧ୍ୟାପକମାନଙ୍କର ଘରୋଇ ଚିକିତ୍ସାକୁ ଉଚ୍ଛେଦ କରାଯାଇଛି ।

ରାଜ୍ୟବାସୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ନିମନ୍ତେ ରାଜ୍ୟର ୩ଗୋଟି ମେଡ଼ିକାଲ କଲେଜ ହସ୍ପିଟାଲରେ ଉନ୍ନତ ମାନର ତଥା ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି ସ୍ଥାପନ କରାଯାଇଛି । ସେଗୁଡ଼ିକ ହେଲା :- ହୃଦରୋଗୀମାନଙ୍କ ଚିକିତ୍ସା ନିମନ୍ତେ କଟକସ୍ଥିତ ଏସ.ସି.ବି. ମେଡ଼ିକାଲ କଲେଜ ହାସ୍‌ପାତାଳରେ ""କାର୍ଡ଼ିଆକ୍ କାଥେଟେରାଇଜେସନ୍ ଲାବରୋଟୋରୀ'', କ୍ୟାନସର ରୋଗୀଙ୍କ ଚିକିତ୍ସା ନିମନ୍ତେ ବ୍ରହ୍ମପୁରସ୍ଥ ଏମ.କେ.ସି.ଜି. ମେଡ଼ିକାଲ କଲେଜ ହାସ୍‌ପାତାଳରେ ''ଟେଲିକୋବାଲ୍ଟ ମେସିନ'' ଏବଂ ବୁର୍ଲାସ୍ଥିତ ଭି.ଏସ.ଏସ୍. ମେଡ଼ିକାଲ କଲେଜ ହସ୍‌ପାତାଳଠାରେ ""ସିଟି ସ୍କାନ ମେସିନ୍'' ।

ସମ୍ପ୍ରତି ହୋମିଓପାଥିରେ ଗୋଟିଏ ବିଷୟରେ ସ୍ନାତକୋତ୍ତର ଶ୍ରେଣୀ ରହିଥିଲେ ମଧ୍ୟ ଅନ୍ୟ ଦୁଇଟି ବିଷୟରେ ସ୍ନାତକୋତ୍ତର ଶ୍ରେଣୀ ଖୋଲାଯାଉଛି । ସେହିପରି ଭାରତୀୟ ଭେଷଜ ପ୍ରଣାଳୀର ବିକାଶ ନିମନ୍ତେ ସମ୍ପ୍ରତି ଆୟୁର୍ବେଦିକ ବିଷୟରେ ଏକ ସ୍ନାତକୋତ୍ତର ପାଠ୍ୟକ୍ରମ ରହିଥିଲେ ମଧ୍ୟ ଆଉ ୪ଗୋଟି ବିଷୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ପ୍ରଚଳନ କରାଯାଉଛି ।

ଜାତୀୟ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମକୁ ତା୧୪.୩.୯୯ ଠାରୁ ଆରମ୍ଭ କରାଯାଇଛି ।

ତା.୭.୩.୯୯ ରେ ଭିଟାମିନ - ଏ ଅଭିଯାନ ୟୁନିସେଫ୍ ଦ୍ୱାରା ଅନୁଷ୍ଠିତ ହୋଇଥିଲା ।

୧୯୯୯ ମାର୍ଚ୍ଚ ମାସ ମଧ୍ୟରେ କେ.ବି.କେ. ଜିଲ୍ଲାଗୁଡ଼ିକରେ ୧୩୨ ଜଣ ସହକାରୀ ଡାକ୍ତରଙ୍କୁ ଅସ୍ଥାୟୀ ଭିତ୍ତିରେ ନିଯୁକ୍ତି ଦିଆଯାଇଛି । ଏହି ଜିଲ୍ଲାମାନଙ୍କରେ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବା ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ୧୯୯୯-ଏପ୍ରିଲ ମାସ ସୁଦ୍ଧା ଅଧିକ ୩୦ ଜଣ ସହକାରୀ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି ।

# ଓଡ଼ିଶାରେ ମରୁଡ଼ି ପରିସ୍ଥିତିର ମୁକାବିଲା

୧୯୯୮ ମସିହା ଜୁନ୍‌ଠାରୁ ଅକ୍ଟୋବର ମାସ ମଧ୍ୟରେ ସ୍ୱଳ୍ପ ଏବଂ ଅନିୟମିତ ବର୍ଷା ଯୋଗୁଁ ରାଜ୍ୟର ୨୩ଟି ଜିଲ୍ଲାର କୃଷିକାର୍ଯ୍ୟ ବିଶେଷ କ୍ଷତିଗ୍ରସ୍ତ ହୋଇଛି । ଏହା ଫଳରେ ବର୍ଷା ଉପରେ ନିର୍ଭର କରୁଥିବା ଫସଲ ଉତ୍ପାଦନ ପରିସ୍ଥିତିର ସମ୍ମୁଖୀନ ହୋଇଥିଲା । ବ୍ୟାପକ ଅଞ୍ଚଳରେ କୃଷିକାର୍ଯ୍ୟ ବ୍ୟାହତ ହେବା ସହ କୃଷିର ଉତ୍ପାଦନ ହ୍ରାସ ପାଇଛି । ୨୩ଟି ଜିଲ୍ଲାର ୧୦,୩୫୩ ଟି ଗ୍ରାମ ଓ ପୌରାଞ୍ଚଳର ୩୨ଟି ଓ୍ୱାର୍ଡକୁ ମରୁଡ଼ି ପ୍ରବଣ ଅଞ୍ଚଳ ରୂପେ ଘୋଷଣା କରାଯାଇଛି । ଏହି ସବୁ ଅଞ୍ଚଳରେ ୫୦ ପ୍ରତିଶତ ଫସଲ ହାନି ଘଟିଛି । ପୁନଃ ସମୀକ୍ଷା ପରେ ଆଉ ୬୩୧ଟି ଗ୍ରାମକୁ ସାମିଲ କରାଯାଇଛି ।

ରାଜ୍ୟ ସରକାର ମରୁଡ଼ିକୁ ପ୍ରତିହତ କରିବା ତଥା କ୍ଷତିଗ୍ରସ୍ତ କୃଷିଜୀବୀଙ୍କ ଦୁଃଖ ଦୁର୍ଦ୍ଦଶା ଦୂର କରିବା ନିମନ୍ତେ ନିମ୍ନୋକ୍ତ ମଞ୍ଜୁରୀ ଭିତ୍ତିକ ପଦକ୍ଷେପଗୁଡ଼ିକ ଗ୍ରହଣ କରିଛନ୍ତି ।

(କ) ଶତକଡ଼ା ୫୦ଭାଗରୁ ୭୪ ଭାଗ ଫସଲ ହାନି ହୋଇଥିବା ଗ୍ରାମଗୁଡ଼ିକରୁ ଭୂରାଜସ୍ୱ ଆଦାୟ ସ୍ଥଗିତ ରଖାଯାଇଛି ଏବଂ ଶତକଡ଼ା ୭୫ ଭାଗ ଫସଲ ହାନି ଘଟିଥିବା ଗ୍ରାମଗୁଡ଼ିକ ପାଇଁ ଭୂରାଜସ୍ୱ ଆଦାୟ ଛାଡ଼ କରାଯାଇଛି ।

(ଖ) ସମବାୟ ବ୍ୟାଙ୍କ ଏବଂ ବାଣିଜ୍ୟିକ ବ୍ୟାଙ୍କ ଜରିଆରେ ଦିଆଯାଇଥିବା ସ୍ୱଳ୍ପ ମିଆଦୀ କୃଷିଋଣକୁ ମଧ୍ୟମ ମିଆଦୀ ଋଣରେ ପରିଣତ କରିବା ଲାଗି ପଦକ୍ଷେପ ନିଆଯାଇଛି ।

(ଗ) ମରୁଡ଼ିପ୍ରବଣ ଗ୍ରାମଗୁଡ଼ିକରେ ଓଡ଼ିଶା ଉଠାଜଳସେଚନ ନିଗମ ପକ୍ଷରୁ ରବି ଋତୁରେ ୫୦ ପ୍ରତିଶତ ଜଳକର ରିହାତି ଦିଆଯାଇଛି ।

(ଘ) ୧୦,୪୬୪ ଟି ଉଠାଜଳସେଚନ ପଏଣ୍ଟକୁ ଚାଲୁରଖି ଫସଲ ରକ୍ଷା କରିବା ପାଇଁ ଓଡ଼ିଶା ଉଠା ଜଳସେଚନ ନିଗମକୁ ୨.୫୦ କୋଟି ଟଙ୍କା ଦିଆଯାଇଛି ।

(ଙ) ପ୍ରାୟ ୧୮୯ ଟି ନୂତନ ଉଠାଜଳସେଚନ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ପାଇଁ ବିପର୍ଯ୍ୟୟ ସାହାଯ୍ୟ ପାଣ୍ଠିରୁ ୧.୧୮ କୋଟି ଟଙ୍କା ମଞ୍ଜୁର କରାଯାଇଛି ।

(ଚ) କୃଷକମାନଙ୍କୁ ରିହାତି ଦରରେ ଡିଜେଲ ପମ୍ପସେଟ ଯୋଗାଇ ଦେବା ପାଇଁ କୃଷି ବିଭାଗକୁ ୧.୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି ।

(ଛ) ଖରିଫ ଫସଲର ସୁରକ୍ଷା ଓ ଜଳସେଚନ ନିମନ୍ତେ ଖର୍ଚ୍ଚ କରିବା ଲାଗି ଜିଲ୍ଲାପାଳମାନଙ୍କୁ ୧.୩୯ କୋଟି ଟଙ୍କା ଦିଆଯାଇଛି ।

(ଜ) ରବି ଫସଲ ବୃଦ୍ଧି କରିବା ପାଇଁ ୨୫,୦୦୦ ହଜାର ଓ ଅଗଭୀର ନଳକୂପ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଇଛି ।

(ଝ) କୃଷି ବିଭାଗ ପକ୍ଷରୁ ରିହାତି ଦରରେ ବିହନ ଯୋଗାଇଦେବା ପାଇଁ ବିପର୍ଯ୍ୟୟ ସାହାଯ୍ୟ ପାଣ୍ଠିରୁ ୫.୩୯ କୋଟି ଟଙ୍କା ମଞ୍ଜୁର କରାଯାଇଛି ।

(ଞ) ନିଯୁକ୍ତି ଭିତ୍ତିକ କାର୍ଯ୍ୟ ନିମନ୍ତେ ବିପର୍ଯ୍ୟୟ ସହାୟତାରୁ ୧୩୯୮.୨୪ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ଜିଲ୍ଲାପାଳମାନଙ୍କୁ ଯୋଗାଇ ଦିଆଯାଇଛି ।

(ଟ) ପାଣିଟାଙ୍କି/ଟ୍ରକ ସହ ସଂଯୋଜିତ ଡି.ଆର.ଡବ୍ଲ୍ୟୁ ବାବଦରେ ୩୮ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ଜିଲ୍ଲାପାଳମାନଙ୍କୁ ଦିଆଯାଇଛି ।

(ଠ) ୨୩ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ଟ୍ରକ ଓ ଟାଙ୍କି ମାଧ୍ୟମରେ ପାନୀୟ ଜଳଯୋଗାଣ ନିମନ୍ତେ ୨୩ଟି ମରୁଡ଼ିପ୍ରବଣ ଜିଲ୍ଲାକୁ ୧.୦୦ ଲକ୍ଷ ଟଙ୍କା ହିସାବରେ ଆବଣ୍ଟନ କରାଯାଇଛି ।

(ଡ) ୧୯୯୮-୯୯ ମସିହାରେ ବିପର୍ଯ୍ୟୟ ସହାୟତାରୁ ସମୁଦାୟ ୪୬୫୫.୬୩୫ ଲକ୍ଷ ଟଙ୍କା ଏବଂ ତାହାଠାରୁ ବିପର୍ଯ୍ୟୟ ସାହାଯ୍ୟ ପାଣ୍ଠିରୁ ୩୧୫.୨୪ ଲକ୍ଷ ଟଙ୍କା ମରୁଡ଼ିର ମୁକାବିଲା ପାଇଁ ମଞ୍ଜୁର କରାଯାଇଛି ।

୧୯୯୯-୨୦୦୦ ମସିହା ନିମନ୍ତେ କେନ୍ଦ୍ରୀୟ ବିପର୍ଯ୍ୟୟ ସହା ପାଣ୍ଠିରୁ ୫୧୫.୦୬ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ।

## ଗ୍ରାମ୍ୟ ପାନୀୟ ଜଳଯୋଗାଣ

୧୯୯୯ ଅପ୍ରେଲ ମାସଠାରୁ ଜୁନ୍ ମାସ ମଧ୍ୟରେ ଗ୍ରାମାଞ୍ଚଳରେ ପାନୀୟ ଜଳ ଅଭାବ ଦୂର କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨୯.୦୦ କୋଟି ଟଙ୍କାର ଏକ ଯୋଜନା ଅନ୍ତର୍ଗତ ନିମ୍ନୋକ୍ତ କାର୍ଯ୍ୟ ଆଉ ପ୍ରସ୍ତୁତ କରାଯାଇଛି ।

(ଲକ୍ଷ ଟଙ୍କା ହିସାବରେ)

| | |
|---|---|
| (i) ୫୦୦୫ ଟି ନୂତନ ନଳକୂପ ସ୍ଥାପନ - | ୧୯୨୨.୯୯ |
| (ii) ୧୬୦୨ ଟି ଅଚଳ ନଳକୂପକୁ ଚଳାଇବା- | ୬୮୦.୧୦ |
| (iii) ପ୍ରତି ବ୍ଲକକୁ ଗୋଟିଏ ଲେଖାଏଁ ଭ୍ରାମ୍ୟମାଣ ଗାଡ଼ି ଭଡ଼ାରେ ଯୋଗାଇବା- | ୧୦୨.୦୦ |
| (iv) ଜଳ ଆହରଣ ନିମନ୍ତେ ସଂପ୍ରସାରିତ ପାଇପ୍- | ୧୩୨.୩୦ |
| (v) ହାଇଡ୍ରୋ ଫ୍ରାକଚରିଂ ଏବଂ କମ୍ପ୍ରେସର ସଫା କରିବା ନଳକୂପ- | ୫୦.୫୦ |
| (vi) ପାଣିଟାଙ୍କି ନିୟୋଜିତ କରିବା- | ୧୫.୦୦ |
| ମୋଟ | ୨୯୦୦.୧୯ |

ଆବଶ୍ୟକ ହେଉଥିବା ଉପରୋକ୍ତ ପାଣ୍ଠି ମଧ୍ୟରୁ ୧୬୬୧.୬୩ ଲକ୍ଷ ଟଙ୍କା ରାଜ୍ୟ/କେନ୍ଦ୍ରୀୟ ଯୋଜନାରୁ ଭରଣା କରାଯିବା ସଙ୍ଗେ ସଙ୍ଗେ

ଅର୍ଥାତ୍ ୧୨୭୮.୬୬ ଲକ୍ଷ ଟଙ୍କା ବିପର୍ଯ୍ୟୟ ସାହାଯ୍ୟ ପାଣ୍ଠିରୁ ଭରଣା କରାଯିବ ।

**ସହରାଞ୍ଚଳ ପାନୀୟ ଜଳ ଯୋଗାଣ**

ମରୁଡ଼ି ପ୍ରଭାବିତ ସହରାଞ୍ଚଳ ପୌରପାଳିକାଗୁଡ଼ିକରେ ୧୦୦ ଟି ନଳକୂପ ଖନନ ନିମନ୍ତେ ୦.୪୦ କୋଟି ଟଙ୍କା ମଞ୍ଜୁର କରାଯାଇଛି ।

**ଗ୍ରୀଷ୍ମ ପ୍ରବାହ ପରିସ୍ଥିତିର ପ୍ରତିକାର ବ୍ୟବସ୍ଥା**

ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ମିଳିଥିବା ସର୍ବୋଚ୍ଚ ଉତ୍ତାପ ରିପୋର୍ଟ ଅନୁଯାୟୀ ବିଗତ ୬ ବର୍ଷ ମଧ୍ୟରେ ଅନୁଭୂତ ହୋଇଥିବା ସାଧାରଣ ସର୍ବୋଚ୍ଚ ଉତ୍ତାପ ଅପେକ୍ଷା ଗତ ମାର୍ଚ୍ଚ ୧୯୯୯ରେ ରେକର୍ଡ଼ କରାଯାଇଥିବା ସର୍ବୋଚ୍ଚ ଉତ୍ତାପର ପରିମାଣ ସର୍ବାଧିକ ପ୍ରାୟ ୪ରୁ ୬ ଡିଗ୍ରୀ ଅଧିକ ହୋଇଛି । ମାର୍ଚ୍ଚ ମାସରେ ଅସ୍ୱାଭାବିକ ତାପମାତ୍ରା ବୃଦ୍ଧି ପାଇଥିବା ସ୍ଥଳେ ମାସ ଶେଷରେ ତାପମାତ୍ରା ସାମାନ୍ୟ ହ୍ରାସ ପାଇଥିଲା ଏବଂ ଅପ୍ରେଲ ମାସ ଦ୍ୱିତୀୟ ସପ୍ତାହରେ ତାପମାତ୍ରା ପୁନଶ୍ଚ ବୃଦ୍ଧି ପାଇଥିଲା । ଫଳରେ ରାଜ୍ୟରେ ଉତ୍ତାପ ଅନୁଭୂତ ହୋଇଥିଲା ।

ସମ୍ବାଦପତ୍ର ଓ ଇଲେକ୍‌ଟ୍ରୋନିକ୍ସ ମିଡ଼ିଆ ଜରିଆରେ ଯଥା ସମୟରେ ଉତ୍ତାପ ପରିସ୍ଥିତି ସମ୍ପର୍କରେ ସାବଧାନ କରାଇବା ନିମନ୍ତେ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଏଥିଯୋଗୁଁ ଅଂଶୁଘାତଜନିତ ମୃତ୍ୟୁକୁ ଅନେକାଂଶରେ ରୋକାଯାଇ ପାରିଛି । ଗତବର୍ଷ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟା ୨୦୦୦ ହୋଇଥିବା ସ୍ଥଳେ ଏବର୍ଷ ମଇ ମାସ ୧୦ ତାରିଖ ସୁଦ୍ଧା ଏହି ସଂଖ୍ୟା ୬୦ମଧ୍ୟରେ ସୀମିତ ରହିଛି । ତଥାପି ଏହି ସଂଖ୍ୟା ଅତି ଉଦ୍‌ବେଗଜନକ । କାରଣ ଏହି ମୃତ୍ୟୁହାର ଦେଶର ମୃତ୍ୟୁ ହାର ଶତକଡ଼ା ୨୫ ଭାଗରୁ ଅଧିକ ।

ରାଜ୍ୟର ଉତ୍ତାପ ପରିସ୍ଥିତିର ମୁକାବିଲା ପାଇଁ ନିମ୍ନଲିଖିତ ରିଲିଫ୍ ପଦକ୍ଷେପଗୁଡ଼ିକ ହାତକୁ ନିଆଯାଇଥିଲା ।

**ଡାକ୍ତରୀ ଚିକିତ୍ସା ବ୍ୟବସ୍ଥା**

ରାଜ୍ୟରେ ପ୍ରତ୍ୟେକ ଜିଲ୍ଲା ତଥା ତିନୋଟି ମେଡ଼ିକାଲ କଲେଜ ଏବଂ ରାଜଧାନୀ ଚିକିତ୍ସାଳୟ ପାଇଁ ପ୍ରତ୍ୟେକଙ୍କୁ ଏକଲକ୍ଷ ଟଙ୍କା ହିସାବରେ ବିପର୍ଯ୍ୟୟ ସାହାଯ୍ୟ ପାଣ୍ଠିରୁ ୩୪ ଲକ୍ଷ ଟଙ୍କାର ପର୍ଯ୍ୟାପ୍ତ ପରିମାଣର ଔଷଧପତ୍ର, ସାଲାଇନ୍, ବରଫ ପ୍ରଭୃତି କିଣାଯାଇଛି ।

**ଶ୍ରମ ଓ କର୍ମନିଯୁକ୍ତି**

(i) କାର୍ଯ୍ୟ ସମୟର ପରିବର୍ତ୍ତନ ବ୍ୟବସ୍ଥା

(ii) କର୍ମ ସ୍ଥଳରେ ଜରୁରୀ ଚିକିତ୍ସା/ପାନୀୟ ଜଳର ବ୍ୟବସ୍ଥା

**ଶିକ୍ଷା**

ଅପ୍ରେଲ ମାସ ଶେଷ ସୁଦ୍ଧା ସ୍କୁଲ ଓ କଲେଜଗୁଡ଼ିକର ପରୀକ୍ଷା ଶେଷ କରିବା ।

**ଗ୍ରାମାଞ୍ଚଳ / ସହରାଞ୍ଚଳରେ ପାନୀୟ ଜଳ ଯୋଗାଣ**

(i) ପାନୀୟ ଜଳଯୋଗାଣକୁ ତ୍ୱରାନ୍ୱିତ କରିବା ସଙ୍ଗେ ସଙ୍ଗେ ଯୁଦ୍ଧକାଳୀନ ଭିତ୍ତିରେ ଜଳଯୋଗାଣ ବ୍ୟବସ୍ଥାକୁ ସୁଧାରିବା ପାଇଁ ପଦକ୍ଷେପ ନେବା ।

(ii) ସ୍ୱାୟତ୍ତ ଶାସନ ସଂସ୍ଥା/ପଞ୍ଚାୟତ/ବେସରକାରୀ ଅନୁଷ୍ଠାନଗୁଡ଼ିକ ଦ୍ୱାରା ସର୍ବସାଧାରଣ ଜାଗାଗୁଡ଼ିକରେ ପାନୀୟଜଳ ଯୋଗାଇ ଦେବା ପାଇଁ ସ୍ଥଳ ଖୋଲିବା ।

**ପ୍ରଚାର ଅଭିଯାନ**

ଅଂଶୁଘାତକୁ ଏଡ଼ାଇବା ପାଇଁ ସମ୍ବାଦପତ୍ର ଏବଂ ଇଲେକ୍‌ଟ୍ରୋନିକ୍ସ ଗଣମାଧ୍ୟମ ଜରିଆରେ ନିୟମିତ ସମୟ ବ୍ୟବଧାନରେ ଜନସାଧାରଣଙ୍କୁ ଉତ୍ତାପବୃଦ୍ଧି ସମ୍ବନ୍ଧରେ ସାବଧାନ କରାଇବା ଏବଂ ପ୍ରତିରୋଧମୂଳକ ପଦକ୍ଷେପ ନେବା ଦିଗରେ ସୂଚନା ପ୍ରଦାନ କରିବା ।

• • •

## ମହିଳା ପଲିଟେକ୍‌ନିକ୍ ଉଦ୍‌ଘାଟିତ

ଗତ ଏପ୍ରିଲ ୮ ତାରିଖରେ ଚନ୍ଦ୍ରଶେଖରପୁରଠାରେ ଏକ ନୂତନ ମହିଳା ପଲିଟେକ୍‌ନିକ୍ ଉଦ୍‌ଘାଟିତ ହୋଇଯାଇଛି । ଏହି ନୂତନ ମହିଳା ପଲିଟେକ୍‌ନିକ୍ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ କହିଲେ ଯେ ଓଡ଼ିଶାରେ ଏଭଳି ପ୍ରତିଷ୍ଠାନର ଆବଶ୍ୟକତା ରହିଛି । ଏହାଦ୍ୱାରା ମହିଳାମାନେ ସମାଜରେ ନିଜକୁ ପ୍ରତିଷ୍ଠିତ କରିପାରିବା ସଙ୍ଗେ ସଙ୍ଗେ ସମାଜରେ ଅନ୍ୟମାନଙ୍କ ସହ ସମକକ୍ଷ ହୋଇପାରିବେ । ନାରୀର ପ୍ରଗତି ବିନା ରାଜ୍ୟ ବା ଦେଶର ପ୍ରଗତି ସମ୍ଭବ ନୁହେଁ । ସଂପ୍ରତି ବିଜ୍ଞାନର ଉପାଦେୟତା ଏବଂ ଅଗ୍ରଗତି ସହ ତାଳଦେଇ ନାରୀ ଶିକ୍ଷାର ଉନ୍ନତି ଏକାନ୍ତ ଅପରିହାର୍ଯ୍ୟ । ବୈଷୟିକ ଶିକ୍ଷା ଏବଂ ତାଲିମ ଦେଇ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ସୁଯୋଗ ଦେବାକୁ ଆହ୍ୱାନ ଜଣାଇବା ସଙ୍ଗେ ସଙ୍ଗେ ଡଃ ଗିରିଧର ଗମାଙ୍ଗ ମହିଳା ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଡଃ ଦେବେନ୍ଦ୍ର କୁମାର ମାନସିଂ, ଭୁବନେଶ୍ୱର ମହାନଗରପାଳ ଡଃ ଜଗନ୍ନାଥ ମହାପାତ୍ର, ଶିଳ୍ପ ବିଭାଗର ନିର୍ଦ୍ଦେଶକ ପ୍ରମୁଖ ଉଦ୍‌ବୋଧନ ଦେଇ ଏହି ମହିଳା ପଲିଟେକ୍‌ନିକ୍ ମହିଳାମାନଙ୍କ ଉତ୍ଥାନ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ବୋଲି ମତ ପ୍ରକାଶ କରିଥିଲେ ।

# ଶକ୍ତି କ୍ଷେତ୍ରରେ ସଂସ୍କାର

ଆମ ଦେଶରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ ଯେ କି ଶକ୍ତି କ୍ଷେତ୍ରରେ ନୂତନ ସଂସ୍କାର ତଥା ନୂତନ ରୂପରେଖ ଦେଇପାରିଛି ।

ଏହି ନୂତନ ସଂସ୍କାରର ମୂଳଲକ୍ଷ୍ୟ ହେଉଛି, ଅଳ୍ପ ଖର୍ଚ୍ଚରେ ଉନ୍ନତ ମାନର ଯଥେଷ୍ଟ ଶକ୍ତି ହାସଲ ଏବଂ ବିକାଶଶୀଳ ଅର୍ଥନୀତିରେ ଆବଶ୍ୟକୀୟ ଚାହିଦା ପୂରଣ କରିବା ସହିତ ଶକ୍ତି କ୍ଷେତ୍ରରେ ଘରୋଇ ପୁଞ୍ଜି ଲଗାଣକୁ ପ୍ରୋତ୍ସାହନ, ଯାହା ଫଳରେ ସରକାରଙ୍କୁ ଶକ୍ତି କ୍ଷେତ୍ରରେ ଆଉ ପୁଞ୍ଜି ବିନିଯୋଗ କରିବାକୁ ପଡ଼ିବ ନାହିଁ । ଶକ୍ତି କ୍ଷେତ୍ରକୁ ସଞ୍ଚିତ ଅର୍ଥ ଅନ୍ୟ ଉଦ୍ୟୋଗରେ ବିନିଯୋଗ କରାଯାଇ ପାରିବ । ଖାଉଟିମାନଙ୍କର ଚାହିଦା ପୂରଣ କରିବା ଲାଗି ଏକ ସ୍ୱତନ୍ତ୍ର ପରିଚାଳନା କର୍ତ୍ତୃପକ୍ଷ ଆବଶ୍ୟକ । ୧.୪.୯୬ ରେ ଲାଗୁ ହୋଇଥିବା ଓଡ଼ିଶା ବିଦ୍ୟୁତ୍ ସଂସ୍କାର ଆଇନ ୧୯୯୫ ଅଧିନିୟମ ଫଳରେ ଏହି ପ୍ରକ୍ରିୟା କାର୍ଯ୍ୟକାରୀ ହେଉଛି । ପୂର୍ବତନ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ଼ ଦୁଇଟି କର୍ପୋରେସନରେ ବିଭକ୍ତ ହୋଇଛି ।

(୧) ଓଡ଼ିଶା ଜଳ ବିଦ୍ୟୁତ୍ କର୍ପୋରେସନ-ଜଳରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବା ଲାଗି ଉଦ୍ଦିଷ୍ଟ ।

(୨) ଗ୍ରୀଡ୍କୋ - ବିଦ୍ୟୁତ୍ ସରବରାହ ତଥା ବଣ୍ଟନ ଲାଗି ଉଦ୍ଦିଷ୍ଟ । ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ଼ର ସମସ୍ତ ସମ୍ପତ୍ତି ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତର ହୋଇଥିଲା । ତା'ପରେ ଏହା ଗ୍ରୀଡ୍କୋ ଓ ଓ.ଏଚ୍.ପିସି. କୁ ହସ୍ତାନ୍ତର କରାଗଲା । ଏହା ପୂର୍ବରୁ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ନାମରେ ଅନ୍ୟ ଏକ ନିଗମ ୧୯୮୪ ନଭେମ୍ବର ୧୪ ତାରିଖରେ ସ୍ଥାପନ କରାଯାଇଥିଲା । ଏହି ନିଗମ ରାଜ୍ୟରେ ଇବ୍‌ଉପତ୍ୟକା ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ କରିବା ଲାଗି ସୃଷ୍ଟି କରାଯାଇଥିଲା । ଇବ୍ ଉପତ୍ୟକାଠାରେ ଥିବା ପ୍ରକଳ୍ପଟିରେ ୨୧୦ ମେଗାୱାଟ ସମ୍ବଳିତ ଦୁଇଟି ୟୁନିଟ୍ ସ୍ଥାପନ କରାଯାଇଥିଲା । ଏହି ପ୍ଲାଣ୍ଟଟି କାର୍ଯ୍ୟକ୍ଷମ ଅଛି ଏବଂ ଏହାର ବାର୍ଷିକ ପି.ଏଲ୍.ଏଫ୍. ପ୍ରାୟ ଶତକଡ଼ା ୭୫ ଭାଗ ।

ଏହି ସଂସ୍କାର ଆଣିବା ଦ୍ୱାରା ବିଦ୍ୟୁତ୍ ଶକ୍ତି ଉତ୍ପାଦନ, ସରବରାହ ଏବଂ ବଣ୍ଟନ କାର୍ଯ୍ୟଗୁଡ଼ିକ ୩ଟି ସ୍ୱତନ୍ତ୍ର କାର୍ଯ୍ୟକ୍ଷମ ୟୁନିଟ୍‌ରେ ଅଲଗା କରାଯାଇ ବ୍ୟବସାୟିକ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ଲକ୍ଷ୍ୟ କରାଯାଇଛି ଯେ ଓଡ଼ିଶା ବିଦ୍ୟୁତ୍ ଶକ୍ତି ଉତ୍ପାଦନ ନିଗମ, ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଏବଂ ଗ୍ରୀଡ୍କୋ ଯଥାକ୍ରମେ ଏହି ଉତ୍ପାଦନ, ସରବରାହ ଓ ବଣ୍ଟନ କାର୍ଯ୍ୟକୁ ସମୁଚିତ ଭାବେ ବିନା ଅଂଶଧନ ବିନିଯୋଗରେ କାର୍ଯ୍ୟକାରୀ କରୁଛନ୍ତି । ସଂପ୍ରତି ଓଡ଼ିଶା ଶକ୍ତି ଉତ୍ପାଦନ ନିଗମର ୨୪୯ କୋଟି ଟଙ୍କା ମୂଲ୍ୟର ଅଂଶଧନରୁ ଶତକଡ଼ା ୪୯ ଭାଗ ପ୍ରତ୍ୟାହାର କରି ୬୦୩ କୋଟି ଟଙ୍କା ପାଉଛନ୍ତି । ବଣ୍ଟନ କାର୍ଯ୍ୟ କରୁଥିବା କମ୍ପାନୀଗୁଡ଼ିକୁ ଘରୋଇକରଣ ଲାଗି ଟେଣ୍ଡର ଗ୍ରହଣ କରାଯାଉଛି । ସେଥିରେ ସେମାନଙ୍କର ପଦକ୍ଷେପ ଉତ୍ସାହପ୍ରଦ । ରାଜ୍ୟ ସରକାରଙ୍କର ଏ କ୍ଷେତ୍ରରେ ସଂସ୍କାର ଆଣିବା ଉଦ୍ୟମକୁ ଗ୍ରହଣ କରି ଗ୍ରୀଡ୍କୋର ସବ ସରବରାହ ଏବଂ ବଣ୍ଟନ କାର୍ଯ୍ୟକୁ ଉନ୍ନତ କରିବା ଲାଗି ବିଶ୍ୱବ୍ୟାଙ୍କ ୩୫୦ ନିୟୁତ ଡଲାର ଋଣ ମଞ୍ଜୁର କରିଛନ୍ତି । ଡି.ଏଫ୍.ଆଇ.ଡି.(ୟୁ) ପରାମର୍ଶ ସହାୟତା ଏବଂ ପରିବାହୀଗୁଡ଼ିକର ଆବଶ୍ୟକୀୟ ଯନ୍ତ୍ରପାତି ତଥା ବିଦ୍ୟୁତ୍ ପରିବହନ ରାସ୍ତା ନିର୍ମାଣ କରିବା ଲାଗି ୬୫ ପାଉଣ୍ଡ ଋଣ ମଞ୍ଜୁର କରିଛନ୍ତି ।

ଗ୍ରୀଡ୍କୋ ତା'ର ବିଦ୍ୟୁତ୍ ବଣ୍ଟନ କାର୍ଯ୍ୟକୁ ଘରୋଇକରଣ କରିସାରିଛି । ପୂର୍ବରୁ ଯେଉଁ ୪ଗୋଟି କମ୍ପାନୀକୁ ଶକ୍ତି ବଣ୍ଟନ କାର୍ଯ୍ୟ ସଂପୂର୍ଣ୍ଣ ଭାବେ ନ୍ୟସ୍ତ କରାଯାଇଥିଲା, ସେମାନଙ୍କଠାରୁ ୧୯୯୯ ମସିହା ଅପ୍ରେଲ ପହିଲାଠାରୁ ଶତକଡ଼ା ୫୧ଭାଗ ଅଂଶଧନ ପ୍ରତ୍ୟାହାର କରି ନିଆଯାଇଛି । ୧୫୮.୦୦ କୋଟି ଟଙ୍କା ମିଳିବା ଦ୍ୱାରା ଲାଭହେଉଛି ।

## ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ର ୧ ଓ ୨ (୨()୨୧୦) ମେଗାୱାଟ୍ ସ୍ଥାପନ

ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ରର ପ୍ରଥମ ଓ ଦ୍ୱିତୀୟ ୟୁନିଟ୍ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ଦ୍ୱାରା ସଂପୂର୍ଣ୍ଣ କରାଯାଇଛି । ଏହି ଶକ୍ତି ଉତ୍ପାଦନ ନିଗମ ସରକାରଙ୍କ ଅଧୀନସ୍ଥ ଏକ ସଂସ୍ଥା । ଇବ୍ ଥର୍ମାଲ ତାପଜ ବିଦ୍ୟୁତ୍ କେନ୍ଦ୍ରର ପ୍ରଥମ ଓ ଦ୍ୱିତୀୟ ୟୁନିଟ୍ ଯଥାକ୍ରମେ ୨୧, ୧୨, ୯୪ ଓ ୨୦.୬.୯୬ ଠାରୁ କାର୍ଯ୍ୟକାରୀ କରୁଛନ୍ତି ।

୧୯୯୫-୯୬ ବର୍ଷଠାରୁ ଏହି ପ୍ରଥମ ଓ ଦ୍ୱିତୀୟ ୟୁନିଟର ବାର୍ଷିକ ଶକ୍ତି ଉତ୍ପାଦନ କ୍ଷମତା ନିମ୍ନରେ ଦିଆଗଲା ।

| ଆର୍ଥିକ ବର୍ଷ | ଶକ୍ତି ଉତ୍ପାଦନ (ମେଗାୱାଟ) | କାରଖାନାଲୋଡ଼ ଫ୍ୟାକ୍ଟର (ଶତକଡ଼ା) |
|---|---|---|
| ୧୯୯୫-୯୬ | ୧୨୧୫.୧୮୮ | ୬୫.୮୮ |
| ୧୯୯୬-୯୭ | ୨୦୨୮.୬୮ | ୭୨.୦୨ |
| ୧୯୯୭-୯୮ | ୨୩୩୩.୫୧ | ୬୩.୪୨ |
| ୧୯୯୮-୯୯ | ୨୮୦୩.୯୩୦ (୧୯୯୯ ମାର୍ଚ୍ଚ ପର୍ଯ୍ୟନ୍ତ) | ୭୬.୨୧ |

## ଓଡ଼ିଶା ଶକ୍ତି ଉତ୍ପାଦନ ନିଗମରେ ସମୀକ୍ଷା ଅଂଶଧନ ବିନିଯୋଗ ପ୍ରତ୍ୟାହାର

ରାଜ୍ୟ ସରକାର ଓଡ଼ିଶା ଶକ୍ତି ଉତ୍ପାଦନ ନିଗମର ଶତକଡ଼ା ୪୯ ଅଂଶଧନ ୨୪୦ କୋଟି ଟଙ୍କାକୁ ଏକ ଆନ୍ତର୍ଜାତୀୟ ଟେଣ୍ଡର ମାଧ୍ୟମରେ ନିମ୍ନଲିଖିତ କାରଣ ଲାଗି ପ୍ରତ୍ୟାହାର କରିଛନ୍ତି ।

(୧) ରାଜ୍ୟ ସରକାରଙ୍କୁ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ଦ୍ୱାରା ଇବ୍ ଉପତ୍ୟକା ବିଦ୍ୟୁତ୍ କେନ୍ଦ୍ରର ତୃତୀୟ ଓ ଚତୁର୍ଥ ୟୁନିଟ୍ ନିର୍ମାଣ ଲାଗି ପ୍ରଚେଷ୍ଟ ପୁଞ୍ଜି ଯୋଗାଣ କରିବା ଆବଶ୍ୟକ ।

(୨) ନିଗମ ଗୁଡ଼ିକରେ ବେସରକାରୀ ସଂସ୍ଥାଗୁଡ଼ିକ ଅଂଶଗ୍ରହଣ କରି ଉପଯୁକ୍ତ ପରିଚାଳନା କରିବା ବ୍ୟବସ୍ଥାର ପ୍ରବର୍ତ୍ତନ ।

(୩) ଓଡ଼ିଶା ବିଦ୍ୟୁତ୍ ସଂସ୍କାର ଆଇନ ୧୯୯୫ର ମୁଖବନ୍ଧ ଅନୁସାରେ ଶକ୍ତି କ୍ଷେତ୍ରରେ ରାଜ୍ୟ ସରକାର ନିଜକୁ ଓହରାଇ ବିଦ୍ୟୁତ୍ ଶିଳ୍ପ କ୍ଷେତ୍ରରେ ବେସରକାରୀ ଶିଳ୍ପୋଦ୍ୟୋଗୀମାନଙ୍କୁ ଅଧିକ ଉତ୍ସାହ ପ୍ରଦାନ ।

ଏ.ଇ.ଏସ. ସର୍ବାଧିକ ୬୦୩.୩୯ କୋଟି ଟଙ୍କାର ଟେଣ୍ଡର ଦେଇଛନ୍ତି । ରାଜ୍ୟ ସରକାର ମଧ୍ୟ ଏହାକୁ ଗ୍ରହଣ କରିଛନ୍ତି । ଓଡ଼ିଶା ପ୍ରଥମ ରାଜ୍ୟ ଯେ କି ପି.ଏସ୍.ୟୁ ରୁ ପ୍ରଥମ କରି ପୁଞ୍ଜି ପ୍ରତ୍ୟାହାର କରି ଅଧିକ ଲାଭ ଉଠାଇଛନ୍ତି ।

## ଗ୍ରାମ୍ୟ ବିଦ୍ୟୁତ୍ କରଣ

ରାଜ୍ୟରେ ମୋଟ ଗ୍ରାମ ସଂଖ୍ୟା ୪୬୯୦୭ । ତନ୍ମଧ୍ୟରୁ ୩୪,୯୪୬ ଗ୍ରାମକୁ ୧୯୯୯ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ବିଦ୍ୟୁତ୍‌କରଣ କରାଯାଇଛି । ୧୯୯୫ ମାର୍ଚ୍ଚଠାରୁ ୧୯୯୮-୯୯ ମଧ୍ୟରେ ୩୮୩୫ ଗ୍ରାମକୁ ବିଦ୍ୟୁତ୍‌କରଣ କରାଯାଇଛି ।

## ହରିଜନ ବସ୍ତି ବିଦ୍ୟୁତ୍ କରଣ

୧୯୯୫ ମାର୍ଚ୍ଚ ଠାରୁ ୧୯୯୯ ମାର୍ଚ୍ଚ ମାସ ମଧ୍ୟରେ ୪୭୯ ହରିଜନ ବସ୍ତିକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି । ୧୯୯୯ ମାର୍ଚ୍ଚ ୩୧ ଶେଷ ସୁଦ୍ଧା ୬୧୩୭ ଟି ହରିଜନ ବସ୍ତିକୁ ବିଦ୍ୟୁତ୍‌କରଣ କରାଯାଇଛି ।

## ପମ୍ପସେଟ୍‌ରେ ଶକ୍ତି ସଂଯୋଗ

୧୯୯୫ ମାର୍ଚ୍ଚଠାରୁ ୧୯୯୯ ମାର୍ଚ୍ଚ ମଧ୍ୟରେ ୬୪୪୨ଟି ପମ୍ପସେଟ୍‌କୁ ଶକ୍ତି ସଂଯୋଗ କରାଯାଇଛି । ୭୩,୩୫୯ ସଂଖ୍ୟକ ପମ୍ପସେଟକୁ ୩୧.୩.୯୯ ସୁଦ୍ଧା ଶକ୍ତି ସଂଚାର କରାଯାଇଛି । ତନ୍ମଧ୍ୟରୁ ୧୬,୫୫୪ ଟି ଉଠାଜଳସେଚନ ନିଗମର ପଏଣ୍ଟ ଏବଂ ଅନ୍ୟଗୁଡ଼ିକ ବେସରକାରୀ ଉଠାଜଳସେଚନ ପଏଣ୍ଟ ।

## କୁଟୀର ଜ୍ୟୋତି ପରିକଳ୍ପନା

୧୯୯୫ ମାର୍ଚ୍ଚଠାରୁ ୧୯୯୯ ମାର୍ଚ୍ଚ ମାସ ମଧ୍ୟରେ ୬,୩୨୫ଟି କୁଟୀର ଜ୍ୟୋତି ସଂଯୋଗ କରାଯାଇଛି । ୯୮,୩୬୪ଟି ପରିବାରଙ୍କୁ କୁଟୀର ଜ୍ୟୋତି ପରିକଳ୍ପନା ଜରିଆରେ ୧୯୯୯ ମସିହା ମାର୍ଚ୍ଚ ୩୧ ସୁଦ୍ଧା ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯାଇଛି ।

• • •

## ଡଃ ଆମ୍ବେଦକର ଭାରତକୁ ବିଶ୍ୱ ଦରବାରରେ ଏକ ଶ୍ରେଷ୍ଠ ରାଷ୍ଟ୍ର ରୂପେ ପ୍ରତିଷ୍ଠିତ କରିବାକୁ ଉଦ୍ୟମ କରିଥିଲେ : ମୁଖ୍ୟମନ୍ତ୍ରୀ

ସମ୍ବିଧାନ ପ୍ରଣେତା ବାବା ସାହେବ୍ ଡଃ ବି.ଆର୍. ଆମ୍ବେଦକର ସମଗ୍ର ଭାରତବର୍ଷକୁ ବିଶ୍ୱ ଦରବାରରେ ଏକ ଶ୍ରେଷ୍ଠ ରାଷ୍ଟ୍ର ରୂପେ ପ୍ରତିଷ୍ଠିତ କରିବାକୁ ଉଦ୍ୟମ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ପ୍ରକାଶ କରିଛନ୍ତି ।

ଗତ ଏପ୍ରିଲ ୧୪ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ସୂଚନା ଭବନଠାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଡଃ ଆମ୍ବେଦକରଙ୍କ ରାଜ୍ୟସ୍ତରୀୟ ୧୦୮ ତମ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଡଃ ଗମାଙ୍ଗ କହିଲେ ଯେ ଭାରତବାସୀଙ୍କ ପାଇଁ ତାଙ୍କର ଅବଦାନ ଅତୁଳନୀୟ । ଦଳିତ, ପତିତ, ଅବହେଳିତ ଲୋକମାନଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯେଉଁ ସମ୍ବିଧାନ ସେ ପ୍ରଣୟନ କରିଛନ୍ତି, ତା'ର ପଟାନ୍ତର ନାହିଁ । ଏହି ସମ୍ବିଧାନରେ କେବଳ ଯେ ଆଦିବାସୀ, ହରିଜନଙ୍କ ଉତ୍‌ଥାନ ପାଇଁ ଦୃଷ୍ଟି ଦେଇଛନ୍ତି ତା' ନୁହେଁ, ସେ ମଧ୍ୟ ଅନ୍ୟାନ୍ୟ ପଛୁଆବର୍ଗ ଓ ଜାଗାଜାତିର ଉନ୍ନତି ଲାଗି ଯଥାର୍ଥ ବ୍ୟବସ୍ଥା କରିଯାଇଛନ୍ତି । ଦୁର୍ବଳ ଶ୍ରେଣୀ ଲୋକମାନଙ୍କର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ଘଟାଇ ଏକ ସମତାଭିତ୍ତିକ ସମାଜ ଗଠନ ପାଇଁ ତାଙ୍କର ପରିକଳ୍ପନା ଏହି ସମ୍ବିଧାନରେ ପ୍ରତିଫଳିତ ହୋଇଛି ।

ରାଜ୍ୟରେ ଆଦିବାସୀ ଓ ହରିଜନ ଲୋକମାନଙ୍କର ଆତ୍ମ ପରିଚୟ ଓ ଉନ୍ନତି ଦିଗରେ ପ୍ରଥମ ପଦକ୍ଷେପ ସ୍ୱରୂପ କଲ୍ୟାଣ ବିଭାଗକୁ ପରିବର୍ତ୍ତନ କରାଯାଇ ଆଦିବାସୀ ଓ ହରିଜନ ଉନ୍ନୟନ ବିଭାଗ ନାମରେ ନାମିତ କରାଯାଇଛି ବୋଲି ସେ କହିଥିଲେ । ସଂରକ୍ଷଣ ବ୍ୟବସ୍ଥା ଥିବା ସତ୍ତ୍ୱେ ଆଦିବାସୀ ଓ ହରିଜନମାନଙ୍କର ଆଶାନୁରୂପ ଉନ୍ନତି ପାଇଁ ଆବଶ୍ୟକ ସ୍ଥଳେ ସମ୍ବିଧାନ ସଂଶୋଧନ କରାଯାଇ ସଂରକ୍ଷଣ ବ୍ୟବସ୍ଥାକୁ ବଜାୟ ରଖିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ । ସମ୍ବିଧାନ କାର୍ଯ୍ୟକାରୀ ହେବା ପରଠାରୁ ଆଦିବାସୀ, ହରିଜନ ଓ ପଛୁଆବର୍ଗ ଲୋକମାନଙ୍କର ଉନ୍ନତି ପାଇଁ ଯଦି ଅନ୍ୟ ବର୍ଗ ଅନୁକୂଳ ମନୋଭାବ ପ୍ରକାଶ କରିଥାନ୍ତେ, ତେବେ ସେମାନଙ୍କ ପାଇଁ ସ୍ଥାନ ସଂରକ୍ଷଣର ଆବଶ୍ୟକତା ପଡ଼ନ୍ତା ନାହିଁ ।

ଏହି ଉତ୍ସବରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପି.ସି.ସି. ସଭାପତି ଶ୍ରୀ ହେମାନନ୍ଦ ବିଶ୍ୱାଳ ଡଃ ଆମ୍ବେଦକରଙ୍କ ସ୍ମୃତି ଚାରଣ କରି ତାଙ୍କର ବହୁମୁଖୀ ପ୍ରତିଭା, ବଳିଷ୍ଠ ବ୍ୟକ୍ତିତ୍ୱ, ଦର୍ଶନ ସଂପର୍କରେ ଆଲୋଚନା କରିଥିଲେ । ଆମ୍ବେଦକରଙ୍କ ସ୍ମୃତିରକ୍ଷା ପାଇଁ ଭୁବନେଶ୍ୱରରେ ଏକ ପାର୍କକୁ ତାଙ୍କ ନାମରେ ନାମିତ କରିବା ଏବଂ ଭୁବନେଶ୍ୱରଠାରେ ଆମ୍ବେଦକର ଭବନ ନିର୍ମାଣ କରାଯିବା ନିମନ୍ତେ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଏହି ଉତ୍ସବରେ ପୌରୋହିତ୍ୟ କରି ପୂର୍ତ୍ତ, ନଗର ଉନ୍ନୟନ ଓ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ କହିଲେ ଯେ ଡଃ ଆମ୍ବେଦକରଙ୍କ ପ୍ରଗତିଶୀଳ ଚିନ୍ତାଧାରା ତଥା ଦୂରଦୃଷ୍ଟି ଆମ ସମ୍ବିଧାନରେ ପ୍ରତିଫଳିତ ହୋଇଛି । ସେ ଥିଲେ ମାନବବାଦର ଆଦ୍ୟ ପ୍ରବକ୍ତା ।

# ଓଡ଼ିଆ ସାହିତ୍ୟର ନୀରବ ସାଧକ ସରସ୍ୱତୀ ଦାମୋଦର

● ଶ୍ରୀ ଘନଶ୍ୟାମ ଧଳ

ଊନବିଂଶ ଶତାବ୍ଦୀର ଶେଷ ଚରଣ ଓ ବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶନ୍ଧିରେ ଓଡ଼ିଆ ସାହିତ୍ୟର ରଥୀ, ସାରଥି ଓ ସେନାପତି ଫକୀରମୋହନଙ୍କ ଅଧିନାୟକତ୍ୱରେ ଓଡ଼ିଆ ଭାଷାକୁ ବଞ୍ଚାଇବା ପାଇଁ ଯେଉଁ କେତେଜଣ ଯୋଗଜନ୍ମା ସାହିତ୍ୟ ସାଧକ ଲେଖନୀ ଚାଳନା କରି ଜନମାନସରେ ସେମାନଙ୍କର କୃତି ପାଇଁ ଅମର ହୋଇଅଛନ୍ତି, ସେମାନଙ୍କ ମଧ୍ୟରେ ସରସ୍ୱତୀ ଦାମୋଦର ଅନ୍ୟତମ । ସେ ଥିଲେ ଜଣେ ନୀରବ ସାଧକ । ପୁଣ୍ୟତୋୟା ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା, ପରିବେଷ୍ଟିତ ତାଳବନଶ୍ୟାମ ଚିରସବୁଜ କନିକା ରାଜ୍ୟର ଖରସ୍ରୋତା ତଟଦେଶସ୍ଥ ଗିରାୟା ଶାସନରେ କବି ଦାମୋଦର ବ୍ରାହ୍ମଣ କୁଳରେ ଜନ୍ମ ଗ୍ରହଣ କରିଥିଲେ ୧୮୭୨ ମସିହା ରାମ ନବମୀରେ । ଜନଶ୍ରୁତି କହେ, କବି ଦାମୋଦର ସତରବର୍ଷ ବୟସ ପର୍ଯ୍ୟନ୍ତ ପାଠ ପଢ଼ି ନଥିଲେ । ଏପରିକି ଅକ୍ଷର ଶିକ୍ଷା ମଧ୍ୟ ହୋଇନଥିଲା । ଦିନେ ଅପମାନିତ ହୋଇ ନିକଟବର୍ତ୍ତୀ ଗାଁ କାଳିକାପୁରରେ "ମା କାଳୀ"ଙ୍କ ମନ୍ଦିରରେ ମନ ଦୁଃଖରେ ଅଧିଆ ପଡ଼ିଲେ । ମା କାଳୀ ତାଙ୍କୁ ପ୍ରସନ୍ନ ହେଲେ । ବର ଦେଲେ । ପରବର୍ତ୍ତୀ ଅବସ୍ଥାରେ ଏହି ଦୈବୀଶକ୍ତି ସମ୍ପନ୍ନ କବି ସରସ୍ୱତୀ ଦାମୋଦର ମିଶ୍ର, କାବ୍ୟ ବ୍ୟାକରଣ, ପୁରାଣ ସ୍ମୃତି ତୀର୍ଥ କନିକା ରାଜ୍ୟର ମୁଖ୍ୟ ରାଜପଣ୍ଡିତ ଓ ସଭାସଦ୍ ଭାବେ ରାଜସଭା ମଣ୍ଡନ କଲେ ।

କବିଙ୍କର ସଂସ୍କୃତ ଓ ଓଡ଼ିଆ ଭାଷାରେ ଲିଖିତ ଅସଂଖ୍ୟ କାବ୍ୟ, କବିତା, ନାଟକ କବି ଦାମୋଦରଙ୍କୁ କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତବର୍ଷରେ ସୁପରିଚିତ କରାଇଥିଲା । କାଶୀ ବାରାଣସୀର ବିଦ୍ୱନ୍ମଣ୍ଡଳୀ କବି ଦାମୋଦର ମିଶ୍ର ଶର୍ମାଙ୍କୁ ତାଙ୍କର ସଂସ୍କୃତ କାବ୍ୟ କବିତା ପାଇଁ ସରସ୍ୱତୀ ଉପାଧିରେ ଭୂଷିତ କରିଥିଲେ । ପାଟଣା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷାର "ଧ୍ରୁବ ତପସ୍ୟା", ବନାରସ ବିଶ୍ୱବିଦ୍ୟାଳୟରେ କବିଙ୍କର ସଂସ୍କୃତ ମହାକାବ୍ୟ "କନକ ବର୍ଣ୍ଣ ଚରିତମ୍" ଓ ସଂସ୍କୃତ କାବ୍ୟ 'ରାଜେନ୍ଦ୍ରପ୍ରଶସ୍ତି' ପାଠ୍ୟପୁସ୍ତକ ଭାବେ ଗୃହୀତ ହୋଇଥିଲା ।

୧୯୧୫ ମସିହାରେ ଓଡ଼ିଆ ଭାଷାରେ କବିଙ୍କର ଗ୍ରନ୍ଥ "ସଂଗୀତ ରତ୍ନ" ଓ ସଂସ୍କୃତ ଭାଷାରେ "କନକବର୍ଣ୍ଣ ଚରିତମ୍", "ରାଜେନ୍ଦ୍ର ପ୍ରଶସ୍ତି" ଗ୍ରନ୍ଥଗୁଡ଼ିକ ପ୍ରକାଶିତ ହେଲା । ଫକୀରମୋହନ ସେନାପତି ତା ୮.୩.୧୯୧୫ ରିଖରେ ତାଙ୍କର ମଲ୍ଲିକାଶପୁର ବାସଭବନରେ ଏହି ଗ୍ରନ୍ଥ ଉପରେ ତାଙ୍କର ମୁଖବନ୍ଧରେ କବି ଦାମୋଦରଙ୍କୁ ଯେଉଁ ଚିଠି ଲେଖିଥିଲେ, ତାହାର କିୟଦ୍ ଅଂଶ ଏଠାରେ ଉଦ୍ଧୃତ କରାଗଲା ।

"ମହାଶୟ, ମନଯୋଗ ସହିତ ଆପଣଙ୍କ "ସଂଗୀତରତ୍ନ" ପୁସ୍ତକସ୍ଥ ପ୍ରତ୍ୟେକ ସଂଗୀତ ପାଠ କରି ଆନନ୍ଦିତ ହେଲି । ଉତ୍କଳ ସାହିତ୍ୟ ସଂସାରରେ ଏହି ପୁସ୍ତକ ଖଣ୍ଡିକ ଉଚ୍ଚସ୍ଥାନ ଅଧିକାର କରିବ, ଏକଥା ନିଶ୍ଚୟ ରୂପେ ବୋଲାଯାଇପାରେ । +++ ସାହସ ପୂର୍ବକ ବୋଲୁଅଛି ବର୍ତ୍ତମାନ ସକାଶେ ଦେଶସ୍ଥ ଲୋକ ସାଧାରଣଙ୍କ ପକ୍ଷରେ ପୁସ୍ତକ ଖଣ୍ଡିକ ବିଶେଷ ଉପଯୋଗୀ ଅଟେ । ଉତ୍କଳ ଭାଷାର ଶିକ୍ଷଣୀୟ ଅନ୍ୟାନ୍ୟ ବିଷୟ ନିତାନ୍ତ ଅଭାବ ଥିଲେ ମଧ୍ୟ ବହୁ ଶତାବ୍ଦୀ ପୂର୍ବରୁ ଦେଶସ୍ଥ କବିବୃନ୍ଦ ଅନେକଗୁଡ଼ିଏ ପୁରାଣ ଅନୁବାଦ ଓ ସଂଗୀତ ରଚନା ଯୋଗେ ଉତ୍କଳ ସାହିତ୍ୟକୁ ଜାଗ୍ରତ ରଖାଇ ଅଛନ୍ତି । ପ୍ରାଚୀନ ପଦ ବିନ୍ୟାସ, ରଚନା ପାଟବ ଏବଂ ଭାବ ପ୍ରକାଶର କୌଶଳ ପ୍ରଭୃତି ବିଷୟ ଆଲୋଚନା କରି ଦେଖିଲେ ସାହିତ୍ୟ ହିସାବରେ ପ୍ରାଚୀନ ସଂଗୀତମାନ ଅତି ଉଚ୍ଚ ଶ୍ରେଣୀର କବିତା ବୋଲି ସ୍ୱୀକାର କରାଯାଇପାରେ । ମାତ୍ର ଗୋଟିଏ ଉତ୍କଟ ଦୋଷ ସମସ୍ତ ଗୁଣକୁ ବ୍ୟର୍ଥ କରି ଦେଉଅଛି । ଅଧିକାଂଶ ସଂଗୀତ ଆଦିରସ ଘଟିତ ଓ ମୂଳ ଭାବରେ ଅଶ୍ଳୀଳତା ପୂର୍ଣ୍ଣ ଅଟେ । +++ ଆନନ୍ଦପୂର୍ବକ ପ୍ରକାଶ କରୁଅଛୁ ପଣ୍ଡିତ ଦାମୋଦର ମିଶ୍ର ବାଛି ବାଛି ଅନେକଗୁଡ଼ିଏ ସଂଗୀତ ରଚନା କରିଅଛନ୍ତି. ଉତ୍କଳ ଭାଷାର ଗୌରବ ବର୍ଦ୍ଧନ ନିମନ୍ତେ ଏଗୁଡ଼ିକ ଚିରକାଳ ବିଦ୍ୟମାନ ରହିବ ।+++ ବର୍ତ୍ତମାନ ପ୍ରୟୋଜନ ସମୟରେ ଆପଣ ଏହି ପୁସ୍ତକ ଖଣ୍ଡିକ ପ୍ରଣୟନ ଦ୍ୱାରା ଧର୍ମସଂଗୀତ୍ ବାହୁଲ୍ୟ ପ୍ରଚାର ସକାଶେ ବିଶେଷ ସହାୟତା କରିଅଛନ୍ତି । ଉପସ୍ଥିତ "ସଂଗୀତ ରତ୍ନ" ଈଶ୍ୱର ଭକ୍ତି, ଧର୍ମନୀତି, ସୁନୀତି ପରିପୂର୍ଣ୍ଣ ଗୃହ ପଞ୍ଜିକା ପରି ପ୍ରତ୍ୟେକ ଶିକ୍ଷିତ ଲୋକଙ୍କ ଘରେ ଶିକ୍ଷିତା କୁଳଲଳନାମାନଙ୍କ ହସ୍ତରେ ଖଣ୍ଡିଏ ଖଣ୍ଡିଏ ପୁସ୍ତକ ରହିବା ନିତାନ୍ତ ବାଞ୍ଛନୀୟ ଅଟେ । ଇତି" ।

କବି ଦାମୋଦର ଥିଲେ ଗଣକବି । ଓଡ଼ିଶାର ଗାଁ ଗହଳରେ ବାସକରୁଥିବା ଲୋକଙ୍କ ପାଇଁ ଗାଉଁଲି ଭାଷାରେ ସେ ଲେଖନୀ ଚାଳନା କରିଥିଲେ । ନୀତିସମ୍ପନ୍ନ ସାରଗର୍ଭକ ବେଦ, ଉପନିଷଦର ଭାବଧାରାକୁ ସରଳ ବୋଧଗମ୍ୟ ଗାଉଁଲି ଭାଷାରେ ଗୀତ ରଚନା କରି ଜନମାନସର ନୈତିକ ମାନଦଣ୍ଡର ଉନ୍ନତି କରିଥିଲେ । କନିକା ରାଜ୍ୟର ଘରେ ଘରେ କବି ଦାମୋଦରଙ୍କର ସଂଗୀତରାଜି ଏବେବି ଲୋକ ମୁଖରେ ନିତ୍ୟ ହୋଇଥାଏ ।

ସରସ୍ୱତୀ ଦାମୋଦରଙ୍କର ଅଠେଇଶିଟି ଗ୍ରନ୍ଥ ଏପର୍ଯ୍ୟନ୍ତ ମୁଦ୍ରିତ ହୋଇଛି । ଏକଶତ ଦଶଟି ଗ୍ରନ୍ଥର ସନ୍ଧାନ ମିଳିଛି । ପ୍ରକାଶିତ ଓ ଅପ୍ରକାଶିତ ଆହୁରି ବହୁ ଗ୍ରନ୍ଥ ଥିବାର ସୂଚନା ମିଳୁଛି । କବିଙ୍କ ମହାପ୍ରୟାଣ ୧୯୫୫ ମସିହା ଆଶ୍ୱିନ ଶୁକ୍ଳ ଷଷ୍ଠୀରେ । କବି ନିରନ୍ତର ଭାବେ ସୃଷ୍ଟି କରି ଚାଲିଥିଲେ କାବ୍ୟ, କବିତା, ନାଟକ । ନାଟକ ମଧ୍ୟରେ ଓଡ଼ିଆ ଭାଷାରେ ଲିଖିତ 'ଧ୍ରୁବ ତପସ୍ୟା', 'କନିକା ବିଜୟ' ପ୍ରଧାନ । ମୋ ଦୃଷ୍ଟିକୁ କବିଙ୍କର ନିମ୍ନଲିଖିତ ଗ୍ରନ୍ଥଗୁଡ଼ିକ ଆସିଛି ।

୧. କନକ ବର୍ଣ୍ଣ ଚରିତମ୍ (ସଂସ୍କୃତ ଭାଷାରେ ମହାକାବ୍ୟ)

୨. ରାଜେନ୍ଦ୍ର ପ୍ରଶସ୍ତି (ସଂସ୍କୃତ ଭାଷାରେ ଆଳଙ୍କାରିକ କାବ୍ୟ)

୩. ପ୍ରେମ ପସରା

୪. ଛନ୍ଦି କୋଇଲି

୫. ବିଚିତ୍ର ନାଟକ

୬. କନିକା ବିଜୟ

୭. ସୂକ୍ତି ରତ୍ନାକର

୮. ପଞ୍ଚାମୃତ (କାବ୍ୟ)

୯. କିରାତାର୍ଜ୍ଜୁନୀୟ

୧୦. ପ୍ରେମ ପସରା (ଖଣ୍ଡକାବ୍ୟ)

୧୧. ଶ୍ରୀରାମ ଗୀତା

୧୨. ପଞ୍ଚାନନ ମେଳା

୧୩. ମଣି ପରିଚୟ

୧୪. ସତ୍ୟନାରାୟଣ କଥା

୧୫. ଚଣ୍ଡି ଚୌତିଶା

ଶ୍ରୀରାମ ଗୀତା - ସରସ୍ଵତୀ ଦାମୋଦର ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବାକୁ ସଂସ୍କୃତ ଭାଷାରୁ ରତ୍ନରାଜି ଆଣି ଅନୁବାଦ କରି ଓଡ଼ିଆ ସାହିତ୍ୟ ପେଟିକାରେ ସଜାଇ ରଖିଛନ୍ତି । "ଶ୍ରୀରାମ ଗୀତା" ବେଦାନ୍ତର ବିଷୟ । ସରସ୍ଵତୀ ଦାମୋଦର ଏହି ଜଟିଳ ବେଦାନ୍ତ ବାଣୀକୁ ଓଡ଼ିଆରେ ସରଳ ସାବଲୀଳ ଭାଷାରେ ସଂକୀର୍ତ୍ତନ ରାଗିଣୀରେ ଗୀତ ଆକାରରେ ଲେଖିଛନ୍ତି ଓ ସରଳ ଭାଷାରେ ଗଦ୍ୟାକାରରେ ବୁଝାଇଛନ୍ତି ।

ସୂକ୍ତି ରତ୍ନାକର-ଏହି ଗ୍ରନ୍ଥଟି ୧୯୫୨ ମସିହାରେ ପ୍ରକାଶିତ ହୋଇଛି । ଡିମାଇ ସାଇଜ୍‌ରେ ୧୯୬ ପୃଷ୍ଠାର ପୁସ୍ତକ । ଓଡ଼ିଆ ଭାଷାରେ ଏହି ପୁସ୍ତକଟି ଏକ ଅମୂଲ୍ୟ ରତ୍ନ । ବେଦ, ବେଦାନ୍ତ, ପ୍ରାଚୀନ ମୁନି, ଋଷି, କବିମାନଙ୍କର ଲେଖାରୁ ନୀତିବାକ୍ୟ ସଂଗ୍ରହ କରି ଓଡ଼ିଆ ଭାଷାରେ ଅନୁବାଦ କରିଛନ୍ତି । ଏହି ବହିରେ ଅତ୍ରି, ଅଙ୍ଗିରା, ଆପସ୍ତମ୍ଭ, ଉଦ୍‌ଭଟ୍ଟ, କାଳିଦାସ, କାମନ୍ଦକ, ଖଟକର୍ପର, ଚାଣକ୍ୟ, ଚାର୍ବାକ୍, ଜୟଦେବ, ପରାଶର, ପୁଷ୍ପଦନ୍ତ, ବରରୁଚି, ବାଲ୍ମିକୀ, ବାଣଭଟ୍ଟ, ବିକ୍ରମାଦିତ୍ୟ, ବିଷ୍ଣୁଶର୍ମା, ବ୍ୟାସଦେବ, ଭବଭୂତି, ଭର୍ତ୍ତୃହରି, ଭାରବି, ମନୁ, ମାଘ, ଯାଜ୍ଞବଳ୍କ୍ୟ, ଶଙ୍କର, ଶ୍ରୀହର୍ଷ, ସୋମଦେବ ଭଟ୍ଟ ଆଦି ଚଉରାଳିଶି ଜଣ ଋଷିଙ୍କର ନୀତିବାଣୀ ଉଦ୍ଧାର କରାଯାଇଅଛି ।

ପଞ୍ଚାମୃତ– କବି ଦାମୋଦର ନିଜେ କନିକା ରାଜ୍ୟର ରାଜତନ୍ତ୍ର ଶାସନରେ ଥାଇ ମଧ୍ୟ ପ୍ରବଳ ପ୍ରତାପୀ ବ୍ରିଟିଶ ସରକାରଙ୍କର ବାହୁଛାୟା ତଳେ ଥିବା କ୍ଷମତାଶାଳୀ ରାଜାମାନଙ୍କୁ ପ୍ରଜାମାନଙ୍କର ହିତପାଇଁ ସଦା ସର୍ବଦା କାର୍ଯ୍ୟ କରିବାକୁ ଉପଦେଶ ଓ ନୀତିବାଣୀ ଶୁଣାଇଛନ୍ତି ଏହି ଖଣ୍ଡ କାବ୍ୟରେ । କବି ଏହି ଖଣ୍ଡକାବ୍ୟର ସାରମର୍ମ ଗୋଟିଏ ମାତ୍ର ଶ୍ଳୋକରେ ପ୍ରକାଶ କରିଛନ୍ତି କାବ୍ୟର ପ୍ରାନ୍ତ ଭାଗରେ ।

ଶ୍ଳୋକର ଅର୍ଥ ଦିଆଗଲା-

ମାଳୀ ଓପାଡ଼ିଥିବା ଗଛଗୁଡ଼ିକ ରୋଇଦିଏ

ରାଜା ନିର୍ବାସିତ ପ୍ରଜାଙ୍କୁ ପୁନର୍ବାର ସ୍ଥାନ ଦିଅନ୍ତି ।

ମାଳୀ ପୁଷ୍ପିତ ବୃକ୍ଷରୁ ଫୁଲ ତୋଳିନିଏ

ରାଜା ସମୃଦ୍ଧ ପ୍ରଜାଙ୍କଠାରୁ ଅର୍ଥ ସଂଗ୍ରହ କରନ୍ତି ।

ମାଳୀ ଛୋଟ ଛୋଟ ଗଛଗୁଡ଼ିକୁ ଜଳସେଚନ ଦ୍ୱାରା ବଢ଼ାଏ

ରାଜା ଦରିଦ୍ର ପ୍ରଜାମାନଙ୍କୁ ସାହାଯ୍ୟ ଦେଇ ବଢ଼ାନ୍ତି ।

ମାଳୀ ଗଛସବୁ ଅତି ବଡ଼ ବଡ଼ ହେଲେ ନଇଁ ଦିଏ (ନୁଆଁଇ ଦିଏ)

ରାଜା ଉଗ୍ର ଲୋକମାନଙ୍କୁ ନତ କରିଦିଅନ୍ତି ।

ମାଳୀ ଲଇଁ ପଡ଼ିଥିବା ଗଛମାନଙ୍କୁ ଉଠାଇ ଦିଏ

ରାଜା ଅବନତ (ଆଶ୍ରିତ) ପ୍ରଜାଙ୍କୁ ଉନ୍ନତ କରନ୍ତି ।

ମାଳୀ ପାଖକୁ ପାଖ ଲାଗି ଯାଇଥିବା ବୃକ୍ଷଲତା ସକଳକୁ ଭିନ୍ନ ଭିନ୍ନ କରିଦିଏ

ରାଜା ବିଦ୍ରୋହ ନିମନ୍ତେ ମିଳିତ ପ୍ରଜାଙ୍କୁ ପୃଥକ୍ ପୃଥକ୍ କରନ୍ତି ।

ମାଳୀ ଛୋଟ କଣ୍ଟା ଗଛ ସବୁ ଓପାଡ଼ି ବାହାରେ ପକାଇ ଦିଏ

ରାଜା କ୍ଷୁଦ୍ର ଶତ୍ରୁଙ୍କୁ ରାଜ୍ୟରୁ ତଡ଼ିଦିଅନ୍ତି ।

ମାଳୀ ଶୁଖି ଯାଉଥିବା ବୃକ୍ଷ ସକଳରେ ପାଣିଦିଏ

ରାଜା ଅତି ଦୀନ ଲୋକଙ୍କୁ ଅନ୍ନ ବସ୍ତ୍ର ଦେଇ ରକ୍ଷା କରନ୍ତି ।

ଜଣେ ରାଜା ତାହାର ପ୍ରଜାମାନଙ୍କର ସଦାସର୍ବଦା ହିତ ସାଧନରେ ବ୍ରତୀ ହୋଇ ସେମାନଙ୍କର ମଙ୍ଗଳ ପାଇଁ ଯତ୍ନବାନ ହେବା ଉଚିତ ଯେପରିକି ମାଳାକାର ତାହାର ବଗିଚାରେ ଥିବା ଫୁଲ ଫଳ ଗଛମାନଙ୍କର ସଦାସର୍ବଦା ଯତ୍ନ ନେଇଥାଏ ।

ସା/ପୋ : ବାଦବାଲି, ଜି.-କଟକ-୭୫୬୧୩୩

• • •

# ବାଲେଶ୍ୱର ପରିକ୍ରମା

● ପ୍ରଫେସର ଜଗନ୍ନାଥ ମହାନ୍ତି

ଦୀପତଳ ଅନ୍ଧାର ରହିଗଲା ପରି ଅନେକ ସମୟରେ ଆମେ ପାଖପଡ଼ିଶା ନଦେଖି ବିଦେଶ ଭ୍ରମଣ କରିଥାଉ । ଦରକାର ନପଡ଼ିଲେ କେହି କୁଆଡ଼େ ଯିବା ସମ୍ଭବ ହୁଏ ନାହିଁ । ସେମିତି ଆମ ରାଜ୍ୟର ବାଲେଶ୍ୱର ସହର । ତା ଭିତରେ ପଶି କେତେଥର ବାଲିପଦା ଆଦି ଯାଇଛି, ମାତ୍ର ସେଠାରେ ଓହ୍ଲାଇ ମୁଁ ଦିନେ ଅଧେ ରହି କିଛି ଦେଖି ପାରିନଥିଲି ।

ପ୍ରାକ୍ ପ୍ରାଥମିକ ଶିକ୍ଷାର ଏକ ଅନୁଧ୍ୟାନ ପ୍ରସଙ୍ଗରେ ମୋତେ ବାଲେଶ୍ୱର ଜିଲ୍ଲାକୁ ଯିବାକୁ ହେଲା । ଆମେ କଟକ ବସ୍‌ରେ ଯାଇ ସେଠାରୁ ବାଲେଶ୍ୱର ବସ୍‌ରେ ଯାଉଥିଲୁ । ସକାଳ ୬ଟାରୁ ଯାତ୍ରାରମ୍ଭ । ମହାନଦୀ ଓ ବିରୂପା ନଦୀ ଅତିକ୍ରମ କଲୁ ପ୍ରଶସ୍ତ ପୋଲ ଉପରେ । ମଝିରେ ମଝିରେ ବର୍ଷାପାତ ହେଉଥାଏ । ରାସ୍ତାର ଉଭୟ ପାର୍ଶ୍ୱରେ ଧାନ୍ୟକ୍ଷେତ୍ରର ଘନ ସବୁଜିମା । ଏପର୍ଯ୍ୟନ୍ତ ବି କୃଷି କାର୍ଯ୍ୟ ଚାଲିଛି । କେଉଁଠି ଧାନଚଷରୁ ଚହଲୁଚା ତ କେଉଁଠି ସବୁଜିମାର ଲହରୀ ଖେଳିଯାଉଛି ।

ରାସ୍ତା ପାର୍ଶ୍ୱ ନୟନଜୋରିରେ ଚକଚକା, ଅସଂଖ୍ୟ କୁମୁଦର ନିର୍ମଳ ହାସ୍ୟଧାରା । ଶ୍ୱେତକାୟ ବକମାନେ ତା ମଧ୍ୟରେ ସତେ ଯେମିତି ଆତ୍ମଗୋପନ କରିଛନ୍ତି । ଦନ୍ତିଖୋଲ, କୁଆଖିଆ, ପାଣିକୋଇଲି ଆଦି ସ୍ଥାନରେ ପଡ଼ିବା ହାଟ ଖୁବ୍ ଆକର୍ଷଣୀୟ ହୋଇଛି । ତଟକା ସବୁଜ ଜହ୍ନି, ଭେଣ୍ଡି, କଖାରୁ, ଛଚିନ୍ଦ୍ରା, କାକୁଡ଼ି, ବାଇଗଣ ଆଦି କେତେ କ'ଣ ! ଠାଏ ଠାଏ ସେସବୁ ଗଦା ହୋଇଛି ଯେମିତି । ଚାଷୀମାନେ ତୋଳି ଆଣିଛନ୍ତି ନିଜ ନିଜ କ୍ଷେତରୁ, ବ୍ୟବସାୟୀମାନେ କିଣୁଛନ୍ତି । ମୁଲଚାଲ, ଦର କଷାକଷି ଯେମିତି ଚାଲିଛି ଉଭୟଙ୍କ ମଧ୍ୟରେ ।

ବାଲେଶ୍ୱରଠାରେ ଆମେ ପହଞ୍ଚିଲୁ ୧୦ଟାରେ । ଜଳଯୋଗ ସାରି ବାଲେଶ୍ୱରର ସୁପ୍ରତିଷ୍ଠିତ କନ୍‌ଭେଣ୍ଟ ସ୍କୁଲକୁ ଗଲୁ । ଖୁବ୍ ବିରାଟ ତ୍ରିତଳ ପ୍ରାସାଦଟିରେ ସ୍କୁଲକାର୍ଯ୍ୟ ଚାଲିଛି । କେରଳ ବାସିନୀ ଭଦ୍ରମହିଳା ସିଷ୍ଟର ଉତ୍ତର ପ୍ରଦେଶର ଏଟୋୟା ସହରର କନ୍‌ଭେଣ୍ଟ ସ୍କୁଲରୁ ଏଠାକୁ ଆସିଛନ୍ତି । ଖୁବ୍ କର୍ମନିଷ୍ଠା ଓ ଶୃଙ୍ଖଳା ଜ୍ଞାନ । ତାଙ୍କ ବିଦ୍ୟାଳୟରେ କେତୋଟି ପ୍ରାକ୍ ପ୍ରାଥମିକ ଶ୍ରେଣୀ । ହାଇସ୍କୁଲର ଶ୍ରେଣୀମାନ ମଧ୍ୟ ଅଛି । ମୁଁ ମୋର ଅନୁଧ୍ୟାନ ପ୍ରସଙ୍ଗରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହିତ ଆଲୋଚନା କଲି । କେତୋଟି ତଥ୍ୟ ସଂଗୃହୀତ ହେଲା । ସବୁଥିରେ ତାଙ୍କର ସହଯୋଗ ।

ଦିନ ବାରଟା । ଛୋଟ ଛୋଟ ପିଲାଙ୍କର ଛୁଟି ବେଳ । ଦୁର୍ଭାଗ୍ୟକୁ ଠିକ୍ ସେତିକିବେଳେ ଅଜସ୍ର ବର୍ଷା । ମାତ୍ର ପିତାମାତା, ରିକ୍ସାବାଲା ବାହକମାନେ ବର୍ଷାରେ ଓଦା ହୋଇ ମଧ୍ୟ ଧାଇଁଛନ୍ତି । କାରଣ ଛୁଟି ହେଲାପରେ ପିଲାମାନେ ସ୍କୁଲରେ ମିନିଟିଏ ମଧ୍ୟ ରହିବାକୁ ଚାହାଁନ୍ତି ନାହିଁ । ଅଭିଭାବକ ବା ତାଙ୍କର ପ୍ରତିନିଧି କେହି ସେତେବେଳେ ପହଞ୍ଚି ନଥିଲେ, ଆଖିରୁ ଲୁହର ଧାରା । ପିତାମାତା ତେଣୁ ଖୁବ୍ ବ୍ୟସ୍ତ । ପିଲାମାନେ ପ୍ରାୟ ସମସ୍ତେ ବର୍ଷା ଯୋଗୁଁ ବିଷଣ୍ଣ । ସେମାନଙ୍କ ମୁହଁରେ ଆଦୌ ହସ ନାହିଁ । ଘରକୁ ଫେରି ଯିବାକୁ କି ଆତୁରତା ।

ଅଭିଭାବକମାନଙ୍କ ସହିତ ଆଳାପ ଆଲୋଚନା କରିବାକୁ ମୋତେ ସୁଯୋଗ ମିଳିଗଲା । ବର୍ଷା ସମସ୍ତଙ୍କୁ ବାଟରେ ଅଟକାଇ ଦେଇଛି । ସମସ୍ତଙ୍କର ଅଭିଯୋଗ- ପାଠର ବୋଝ ଖୁବ୍ ବେଶୀ, ସେହିପରି ମଧ୍ୟ ଖର୍ଚ୍ଚର ବୋଝ ଅତ୍ୟଧିକ । ଜଣେ କହିଲେ- ପିଲାଙ୍କର ଚାର୍ମ (Charm) ହଜି ଯାଉଛି । ପିଲାଙ୍କ ପାଠପଢ଼ାରେ ପିଲାମାନେ ଯେତିକି ବ୍ୟସ୍ତ, ସେମାନଙ୍କଠାରୁ ଅଧିକ ବ୍ୟସ୍ତ ପିତାମାତା । କାହାକୁ ଟିକିଏ ବିଶ୍ରାମ ନାହିଁ । ଭୋରରୁ ପିଲାମାନଙ୍କୁ ବାଧ୍ୟ କରି ଶେଯରୁ ଉଠାଇ ଜୋରରେ ନିତ୍ୟକର୍ମ ସାରି ସ୍କୁଲକୁ ନେବା ବା ସ୍କୁଲ ଗାଡ଼ି ପାଖରେ ପହଞ୍ଚାଇ ଦେବାଯାଏ କାହାକୁ ନିଃଶ୍ୱାସ ମାରିବାକୁ ତରନାହିଁ । ସତେ ଅବା ଯନ୍ତ୍ର ଭିତିରେ ସବୁ କାର୍ଯ୍ୟ ସମାହିତ ହେଉଛି । ଆନ୍ତରିକତାରେ ବହୁ ଅସୁବିଧା ।

ବର୍ଷା ଥମିଲା । ବିଜୁଳି ବେଗରେ ସମସ୍ତେ ନିଜ ନିଜ ବାଟରେ ଛୁଟିଲେ । ସେଠାରୁ ଆମେ ଗଲୁ ମହର୍ଷି ବିଦ୍ୟାଳୟକୁ । ସେଠାରେ ଜଣେ ଯୁବକ ଅଧ୍ୟକ୍ଷ । ତାଙ୍କଠାରୁ ଆବଶ୍ୟକ ତଥ୍ୟ ସଂଗ୍ରହ କଲି । ଏହା ସୁପରିଚାଳିତ ବିଦ୍ୟାଳୟଟିଏ । ପ୍ରତି ଶ୍ରେଣୀରେ ପିଲାଙ୍କ ସଂଖ୍ୟା ୨୦ ରୁ ୨୫ । ତେଣୁ ଅର୍ଥ ଲୋଭରେ ଶ୍ରେଣୀରେ ବହୁ ଛାତ୍ରଛାତ୍ରୀ ରଖୁନାହାନ୍ତି । କେବଳ ଘର ଭଡ଼ା ୧୦ ହଜାର ଟଙ୍କା । କେନ୍ଦ୍ରୀୟ ସଂସ୍ଥା ରହିଛି । ସେଠାର ନିର୍ଦ୍ଦେଶ ଓ ନୀତି ଅନୁସାରେ ଏଠାରେ ପରିଚାଳନା ଚାଲିଛି । ବିଦ୍ୟାଳୟଟି ପ୍ରାୟ ସ୍ୱାବଲମ୍ବନଶୀଳ ଏଦିଗରେ । ସେଠାରୁ ଆମେ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟକୁ ଯାଇଥିଲୁ ।

ତା ଆରଦିନ ପ୍ରାକ୍ ପ୍ରାଥମିକ ଶିକ୍ଷା ସମ୍ପର୍କରେ ଅନୁଧ୍ୟାନ ପାଇଁ କେତୋଟି ଅନୁଷ୍ଠାନ ପରିଦର୍ଶନ କରିଥିଲି । ଅଙ୍ଗନବାଡ଼ି ଗାଁ ଗହଳି ମଧ୍ୟରେ ଚାଲିଛି । ଅନେକଙ୍କର ନିଜ ଘର ନାହିଁ ଏବଂ ଯେଉଁଠି ଅଛି ତାହା ସଂକୀର୍ଣ୍ଣ । ପିଲାମାନଙ୍କ ବସିବା ଓ କାର୍ଯ୍ୟ କରିବା ପାଇଁ ଯଥେଷ୍ଟ ନୁହେଁ । ଶିକ୍ଷଣ ଉପକରଣ କେତେବର୍ଷ ତଳେ ଯାହା ମିଳିଥିଲା, ସେସବୁ ଚିରିଗଲାଣି । ପକ୍ଷାନ୍ତରରେ ଇଂରେଜୀ ମାଧ୍ୟମ ପ୍ରାକ୍ ପ୍ରାଥମିକ ଶିକ୍ଷା କେନ୍ଦ୍ରରେ ପ୍ରଚୁର ଶିକ୍ଷଣ ସାମଗ୍ରୀ ଓ ଶିକ୍ଷାଦାନ ଉପକରଣ, ମାତ୍ର ସେଗୁଡ଼ିକୁ ସଦୁପଯୋଗ କରିବାକୁ ସମୟ ସୁଯୋଗ ନାହିଁ । ପାଠ୍ୟକ୍ରମ ଖୁବ୍ ଭାରାକ୍ରାନ୍ତ ଏବଂ ଶିକ୍ଷକଶିକ୍ଷିକା ଓ ଛାତ୍ରଛାତ୍ରୀ ସମସ୍ତେ କ୍ଲାନ୍ତ ।

ଗୋଟିଏ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ଦେଖିଲୁ । ଭୁବନେଶ୍ୱର ସପ୍ଲାଇ କର୍ପୋରେସନରୁ ଯେଉଁଥିରୁ ଖାଦ୍ୟ

ସମସ୍ତା ଯାଉଛି, ତାହା ଏଠାରେ ଯଥା ସମୟରେ ମିଳୁନାହିଁ । କାଠକାଠି ସମସ୍ତା ଯାଉଛି, ତାହା ପାଇଁ ଯେତିକି ଅର୍ଥର ବ୍ୟବସ୍ଥା ରହିଛି, ତାହା ପର୍ଯ୍ୟାପ୍ତ ଓ ରନ୍ଧନ ପାତ୍ର ପାଇଁ ଯେତିକି ଅର୍ଥର ବ୍ୟବସ୍ଥା ରହିଛି, ତାହା ପର୍ଯ୍ୟାପ୍ତ ନୁହେଁ । ଖାଦ୍ୟରନ୍ଧନ ଓ ପରିବେଷଣରେ ବହୁ ସମୟ ଅତିବାହିତ ହେଉଛି । ଫଳରେ ଅଧ୍ୟାପନା କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ପୁଣି ବହୁ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ ପରେ ଅନୁପସ୍ଥିତ ରହୁଛନ୍ତି । ଅନେକ ସମୟରେ ଖାଦ୍ୟସାମଗ୍ରୀମାନ ବଜାରରେ ବିକ୍ରି ହେଉଛି ବୋଲି ସମ୍ବାଦପତ୍ରରେ ପ୍ରକାଶ ପାଉଛି । ତେଣୁ ଏ ଦିଗରେ ବିଶେଷ ଚିନ୍ତନ ଓ କାର୍ଯ୍ୟ ଆବଶ୍ୟକ ।

ସେଠାରୁ ଆମେ ରେମୁଣା ଯାଇ ପ୍ରଥମେ କ୍ଷୀରଚୋରା ଗୋପୀନାଥଙ୍କୁ ଦର୍ଶନ କରିଥିଲୁ । ଅତି ପ୍ରାଚୀନ ମନ୍ଦିରଟିଏ । ଅବଶ୍ୟ ରକ୍ଷଣାବେକ୍ଷଣ ସନ୍ତୋଷଜନକ । ଏହି ଦେବତା ଓ ମନ୍ଦିର ସଂପର୍କରେ ଅନେକ ଆଖ୍ୟାୟିକା ରହିଛି । ତ୍ରେତାଯୁଗର କଥା । ରାମଚନ୍ଦ୍ର ସୀତା ଓ ଲକ୍ଷ୍ମଣଙ୍କ ସହ ୧୪ ବର୍ଷ ବନବାସ କରିବା ଭିତରେ ସୁନ୍ଦର ସବୁଜ ଚିତ୍ରକୂଟ ପାହାଡ଼ରେ ବହୁ ସମୟ କଟାଇଥିଲେ । ସେଠାର ଘନ ସବୁଜିମା ଓ ଶୋଭା ସଂପଦରେ ସେମାନେ ମୁଗ୍ଧ । କେତୋଟି ବର୍ଷା ଓ ଗ୍ରୀଷ୍ମ ଋତୁ ଚିତ୍ରକୂଟ ପାହାଡ଼ ଓ ଅରଣ୍ୟରେ ସେମାନେ ଅତିବାହିତ କରିଥିଲେ । ଥରେ ନୀଳାକାଶରେ କୃଷ୍ଣବାଦଲ ଛାଇ ହୋଇଗଲା । ଘନ ଘୋର ବର୍ଷାଧାରା । ପ୍ରବଳ ଝଡ଼ବତାସ ମାଡ଼ି ଆସିଲା । ସୀତାଦେବୀ ଭୟଭୀତ ହେଲେ । ତାଙ୍କୁ ବୈକୁଣ୍ଠର ଶବାୟମାନ ଉତ୍ତାଳ ତରଙ୍ଗମାଳା ମଧ୍ୟରେ ଶୟନ କରୁଥିବା ବିଷୟ ସ୍ମରଣ କରାଇଦେଲେ । ସେ ପଥର ଖଣ୍ଡକରେ ନିଜ ଧନୁର ତୀର ସାହାଯ୍ୟରେ ଶ୍ରୀକୃଷ୍ଣଙ୍କ ବେଣୁବାଦନ କରୁଥିବାର ରୂପ ଅଙ୍କନ କରିଦେଲେ । ସୀତା ଦେବୀ ତାକୁ ଦେଖି ଅତ୍ୟନ୍ତ ମୁଗ୍ଧ ହେଲେ । ମୁରଲୀଧର ମୂର୍ତ୍ତିଟିକୁ ସେ ପୂଜା କରିବାକୁ ମନକଲେ । ତାହା ହେଲା ଦ୍ୱାପର ଯୁଗରେ ତାଙ୍କର ସ୍ୱରୂପ । ସେଇ ଚିତ୍ରକୂଟ ହେଲା ତାଙ୍କର ଗିରି ଗୋବର୍ଦ୍ଧନ । ସେଠାର ବୃକ୍ଷଟି ହେଲା କେଳି କଦମ୍ବ ।

କହୁଛନ୍ତି ଅଛି, ବ୍ରହ୍ମା ମଧ ଏହି ମୂର୍ତ୍ତିକୁ ପୂଜା କରିଥିଲେ । ବନବାସ ପରେ ଉକ୍ତ ମୂର୍ତ୍ତିକୁ ଅଯୋଧ୍ୟାକୁ ନେଇଯାଇ ସେଠାରେ ପୂଜା କରିବାର ବ୍ୟବସ୍ଥା କରିଥିଲେ । ଯେଉଁ ରମଣୀୟ ସ୍ଥାନରେ ଶ୍ରୀରାମଚନ୍ଦ୍ର ଓ ସୀତାଦେବୀ ବିଶ୍ରାମ କରିଥିଲେ, ଉକ୍ତ ସ୍ଥାନ ହୋଇଥିଲା ରେମୁଣା । ରାମଚନ୍ଦ୍ର ସାତୋଟି ଶରମାରି ଏକ ନଦୀ ସୃଷ୍ଟି କରିଥିଲେ, ତାହା ହେଲା ସେଠାର ସପ୍ତଶିରା ନଦୀ । ଯେଉଁ ଶିବମୂର୍ତ୍ତିଙ୍କୁ ସୀତା ପୂଜା କରିଥିଲେ ସ୍ଥାନ ପରେ, ସେ ହେଲା ରାମେଶ୍ୱର । ତାପରେ ସେମାନେ ବନବାସ ପରେ ଅଯୋଧ୍ୟାକୁ ଫେରିଯାଇଥିଲେ ।

କଳିଯୁଗ ଆସିଲା । ଗଙ୍ଗବଂଶର ଅନନ୍ତଦେବ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଶେଷ ନିଃଶ୍ୱାସ ତ୍ୟାଗ କଲେ । କେତେବର୍ଷ ପରେ ଲାଙ୍ଗୁଳା ନରସିଂହଦେବ ରାଜ୍ୟ ଶାସନ କଲେ । ସେ ଥିଲେ ପରମ ବିଷ୍ଣୁଭକ୍ତ । ଦାନ ଧର୍ମ କରିବାରେ ତାଙ୍କର ମନ । ଏକମାତ୍ର କନ୍ୟାକୁ ଗୌଡ଼ ରାଜପୁତ୍ରଙ୍କ ସହିତ ବିବାହ କରାଇଥିଲେ । ରାଜାରାଣୀ ତୀର୍ଥ କରିଗଲେ । ଅଯୋଧ୍ୟାର ଚିତ୍ରକୂଟ ଧାମରେ ପ୍ରବେଶ କଲେ । ସେଠାରେ ଅପୂର୍ବ ସୌନ୍ଦର୍ଯ୍ୟରେ ସେ ମୁଗ୍ଧ ହେଲେ । ସେଠାରେ ପବିତ୍ର ଋଷି ଆଶ୍ରମରେ କେତେକାଳ କଟାଇଲେ । ଦିନେ ସେମାନେ ସ୍ନାନ ସାରି ଫେରୁଥିଲେ । ରାମଚନ୍ଦ୍ରଙ୍କ ଅର୍ଚ୍ଚିତ ଓ ବ୍ରହ୍ମାଙ୍କ ପୂଜିତ ମଦନଗୋପାଳ ମୂର୍ତ୍ତି ଦୃଷ୍ଟିଗୋଚର ହେଲେ । ତାଙ୍କୁ ଶ୍ରୀକ୍ଷେତ୍ରକୁ ଆଣି ପୂଜା କରିବାକୁ ଭାବିଲେ । କୁହାଯାଏ ରାତିରେ ତାଙ୍କୁ ସ୍ୱପ୍ନ ହେଲା, ମଦନଗୋପାଳଙ୍କୁ ସେ ଏ ସୁନ୍ଦର ସ୍ଥାନରେ ରଖି ପୂଜାପୂଜାର ବ୍ୟବସ୍ଥା କରନ୍ତୁ । ଏହି ସ୍ୱପ୍ନବାଣୀରେ ସେ ଚକିତ ହୋଇଥିଲେ । ରାଜାରାଣୀ ଅପୂର୍ବ ଆନନ୍ଦରେ ଅଭିଭୂତ ହୋଇ ପଡ଼ିଥିଲେ । ରେମୁଣାକୁ ଖୁବ୍ ରମଣୀୟ ସ୍ଥାନ ମନେ କରି ସେଠାରେ ଉକ୍ତ ମୂର୍ତ୍ତି ପ୍ରତିଷ୍ଠା କରି ପୂଜାର ସୁବ୍ୟବସ୍ଥା କରିଥିଲେ ।

ରାଜା ନରସିଂହ ଦେବ ୧୨୦୬ ଖ୍ରୀଷ୍ଟାବ୍ଦରେ ଦେହଲୀଳା ସାଙ୍ଗ କଲେ । ଗୋପୀନାଥଙ୍କ ନାମରେ ସେହି ବିଷ୍ଣୁମୂର୍ତ୍ତି ସେହିଦିନଠାରୁ ପୂଜା ପାଇ ଆସିଲେ । ସପ୍ତଶିରା ନଦୀ ସେଠାରେ ଏବେବି ପ୍ରବାହିତ ଏବଂ ବାଣାସୁରର ରାଜ୍ୟ ହୋଇଥିବାରୁ ବାଲେଶ୍ୱରର ଏପରି ନାମକରଣ ହୋଇଛି ବୋଲି କୁହାଯାଏ । ସନ୍ଥ ମାଧବାଚାର୍ଯ୍ୟଙ୍କ ଶିଷ୍ୟ ମାଧବେନ୍ଦ୍ର ପୁରୀ ଥିଲେ ଶ୍ରୀ ଚୈତନ୍ୟଙ୍କ ଗୁରୁ । ସେ ଥରେ ତୀର୍ଥାଟନ କରି ଗିରିଗୋବର୍ଦ୍ଧନରେ ପହଞ୍ଚିଲେ । ଚତୁର୍ଦ୍ଦିଗରେ ପରିକ୍ରମା କରି ସେ କ୍ଲାନ୍ତଶ୍ରାନ୍ତ ହୋଇପଡ଼ିଥିଲେ । ଗୋଟିଏ ପୁଷ୍କରିଣୀ କୂଳରେ ସେ ବିଶ୍ରାମ କଲେ । ବାଳକଟିଏ କଳସୀରେ କ୍ଷୀର ଆଣି ତାଙ୍କୁ ଯାଚିଲେ । ସେ କହିଲେ, ତୁମେ କିଛି ଖାଇନାହଁ । ଦୁର୍ବଳ ହୋଇପଡ଼ିଛ । ଏଇ କ୍ଷୀରତକ ପାନ କର । ଶକ୍ତି ଆସିଲେ ଯୁଆଡ଼େ ଯିବେ ।

ମାଧବେନ୍ଦ୍ରପୁରୀ ଅପରିଚିତ ବାଳକଠାରୁ କ୍ଷୀର ନେବାକୁ ମନା କରିବାରୁ ସେ କହିଲେ– ଆମର ଏଇ ସ୍ଥାନରେ କେହି ଭୋକ ଶୋଷରେ ରହନ୍ତି ନାହିଁ । ତେଣୁ ମୁଁ ଆପେ ଆଣି ଏହା ଦେଉଛି । କିଛି ନଭାବି ଏହାକୁ ପାନ କରନ୍ତୁ ।

ମାଧବେନ୍ଦ୍ର ପଚାରିଲେ– ବାପା, ତୁମେ କିପରି ଜାଣିଲ ଯେ ମୁଁ ଭୋକିଲା । ବାଳକ ଉତ୍ତର ଦେଲା– ଏଇ ପୋଖରୀ କୂଳରେ ସ୍ତ୍ରୀ ଲୋକମାନେ କଥା ହେଉଥିଲେ । ସାଉମୁହାଁ ବେଳ ହେଲାଣି । ମୁଁ ଯାଉଛି । ମୁଁ ପରେ ଆସି ଠେକିଟାକୁ ନେଇଯିବି । ତୁମେ ପିଇଦିଅ ।

ବାଳକଟି ତରତର ହୋଇ ସେହି ସ୍ଥାନରୁ ଚାଲିଗଲା । ତାର ମଧୁର କଥା, ଚପଳ ଚାହାଣି ସାଧୁଙ୍କୁ ମୁଗ୍ଧ କଲା । ସତକୁ ସତ ସେତ ଖୁବ୍ ଭୋକିଲା ଥିଲେ । ଏକାନିଃଶ୍ୱାସରେ କ୍ଷୀରତକ ପାନ କଲେ । ଠେକିକୁ ଫେରାଇ ଦେବାକୁ ବାଳକର ଆଗମନକୁ ଅପେକ୍ଷା କଲେ । ଦିନଯାଇ ରାତି ହେଲା । ରାତିସାରା ଉଜାଗର ରହିଲେ ମାଧବେନ୍ଦ୍ରପୁରୀ । ସକାଳ ହେଲା । ବାଳକଟି ଆସିଲେ । ମାଧବେନ୍ଦ୍ର ହାତ ଧରି ସେ ଗୋଟିଏ କଣ୍ଟାବୁଦା ଭିତରକୁ ନେଇଗଲେ । ସେ କହିଲେ– ମୁଁ ଏଠାରେ ରହୁଛି । ଝଡ଼ବର୍ଷା, ଖରାତରା ସହୁଛି । ମୋତେ ଗିରିଗୋବର୍ଦ୍ଧନ ପାଖକୁ ନେଇ ଯାଅ । ସେଠାରେ ଗୋଟିଏ ମନ୍ଦିର କରି ମୋତେ ରଖିବ । ମୋ ନାମ ଗୋବର୍ଦ୍ଧନଧାରୀ ଗୋପାଳ । ମ୍ଲେଚ୍ଛମାନଙ୍କ ଭୟରେ ମୋତେ ଏଠାରେ ଲୁଚାଇ ରଖାଯାଇଛି । ବହୁକାଳ ମୁଁ ଅପେକ୍ଷା କରି ରହିଛି । ମୋତେ ଆଗ ଥଣ୍ଡା ପାଣିରେ ଗାଧୋଇ ଦିଅ ।

ଏହା କହି ପିଲାଟି କୁଆଡ଼େ ଉଭେଇ ଗଲେ । ମାଧବେନ୍ଦ୍ର ଚେଇଁ ଉଠିଲେ । ପାହାନ୍ତି ନିଦରେ ସେ କ'ଣ ସ୍ୱପ୍ନ ଦେଖିଥିଲେ । ବିକଳ ହୋଇ

ସେ କାନ୍ଦିବାରେ ଲାଗିଲେ । ଭୂଇଁରେ ଗଡ଼ିବାରେ ରହିଲେ । କହିବାକୁ ଲାଗିଲେ ହାୟ, ମୁଁ ହତଭାଗା । ତୁମକୁ ଚିହ୍ନି ପାରିଲି ନାହିଁ । ଶ୍ରୀକୃଷ୍ଣ ମୋର ଦେଖା ହେଲେ । କିଛି ସମୟ ପରେ ସେ ଧୈର୍ଯ୍ୟ ଧରିଲେ । ଶ୍ରୀକୃଷ୍ଣଙ୍କ ସ୍ୱପ୍ନାଦେଶାନୁସାରେ ସେ ମୂର୍ତ୍ତିଟିକୁ ସେଉ କଣ୍ଟାବଣରୁ ଉଦ୍ଧାର କରି ଶୀତଳ ଜଳରେ ସ୍ନାନ କରାଇଥିଲେ । ସେ ଗୋବର୍ଦ୍ଧନ ଗିରି ଆସନରେ ତାଙ୍କୁ ବସାଇଲେ । ତାଙ୍କର ପୂଜାର୍ଚ୍ଚନା, ଭୋଗରାଗ କଲେ । ଜଣେ ଧନୀକ ବ୍ୟକ୍ତି ସେଠାରେ ଗୋଟିଏ ସୁନ୍ଦର ମନ୍ଦିର ନିର୍ମାଣ କଲେ । ନିଜେ ମାଧବେନ୍ଦ୍ରପୁରୀ ସେହି ମନ୍ଦିରରେ ଗୋପାଳଙ୍କୁ ଦୁଇବର୍ଷ ପୂଜାର୍ଚ୍ଚନା କଲେ । ବର୍ଷେ ଆଷାଢ଼ ଗ୍ରୀଷ୍ମଋତୁ ହେଲା । ମଦନ ଗୋପାଳ ସ୍ୱପ୍ନରେ କହିଲେ– ନୀଳାଚଳ ଧାମକୁ ଯାଅ । ସେଠାରୁ ଚନ୍ଦନ ଆଣ । ମାଧବେନ୍ଦ୍ର ନିଜେ ଯାଇ ପୁରୀରୁ ଚନ୍ଦନ ଆଣିଥିଲେ ଏବଂ ଗୋପାଳଙ୍କୁ ଚନ୍ଦନ ଲେପି ଶ୍ରୀଅଙ୍ଗରେ ଶୀତଳତା ଭରିଦେଇଥିଲେ । ରାତ୍ରିରେ ଗୋପୀନାଥଙ୍କ ଶୟନ ଭୋଗରେ କ୍ଷୀର ପୂରାଯାଏ । ତାକୁ ଅମୃତ କେଳି କୁହାଯାଏ । ଦିନେ ଆରତି ସରିଲା । ଘଣ୍ଟଘଣ୍ଟାର ଧ୍ୱନି ଥମିଗଲା । ମାଧବେନ୍ଦ୍ର ଗୋସ୍ୱାମୀ ଆରତି ଦର୍ଶନ ପରେ ଗୋପୀନାଥଙ୍କ ସମ୍ମୁଖରେ ଲମ୍ବିଗଲେ । କ୍ଷୀର ଭୋଗଟିକୁ ଖାଇବାକୁ ତାଙ୍କର ମନ ହେଲା କିନ୍ତୁ ମାଗିବାକୁ ତାଙ୍କୁ ଲାଜ ମାଡ଼ିଲା । ଯାଚିକରି କିଏ ବା ଦେବ ? ମାଧବେନ୍ଦ୍ର କେବେ କାହାକୁ ମାଗି ଖାଦ୍ୟ ଆହରଣ କରୁନଥିଲେ । ବରଂ କ୍ଷୁଧାରେ ରହି ଯାଉଥିଲେ । ପୁଣି ଦୁଗ୍ଧ ବା ଦୁଗ୍ଧଜାତି ସାମଗ୍ରୀ ଛଡ଼ା ସେ କିଛି ଖାଉନଥିଲେ । ମାତ୍ର ସେଦିନ କ୍ଷୀର ଭୋଗ ପ୍ରତି ତାଙ୍କର ଲାଳସା ଯୋଗୁ ସେ ମନେ ମନେ ଲଜ୍ଜିତ ହେଲେ । ତେବେ ଗୋପୀନାଥଙ୍କୁ ଭଜି ଭଜି ସେ ଶୋଇଗଲେ ।

ଶ୍ରୀ ଗୋପୀନାଥଙ୍କ ପୂଜକ ସେଦିନ ପହଡ଼ ପକାଇ ଶୋଇଗଲେ । ସେ ସ୍ୱପ୍ନରେ ଗୋପୀନାଥଙ୍କୁ ଦେଖିଲେ । ଗୋପୀନାଥ ତାଙ୍କୁ କହିଲେ– ହେ ପୂଜକ, ତୁମେ ଉଠିପଡ଼ । ମୁଁ ଗୋଟିଏ ଭୋଗପାତ୍ର ମୋ ପହୁଡ଼ ତଳେ ଲୁଚାଇ ରଖିଛି । ମାଧବେନ୍ଦ୍ରପୁରୀ ନାମକ ଜଣେ ଗୋସ୍ୱାମୀ ହାଟ ଭିତରେ ଗୋଟିଏ ଘରେ ମୋତେ ଡାକି ଡାକି ଶୋଇ ଯାଇଛନ୍ତି । ତୁମେ ସେଇ ଭୋଗଟକ ନେଇ ତାଙ୍କୁ ଶୀଘ୍ର ଦେଇଆସ ।

ପୂଜକଙ୍କ ନିଦ ଭାଙ୍ଗିଗଲା । ସେ ସ୍ନାନ ସାରି ମନ୍ଦିର ଦ୍ୱାର ଖୋଲିଲେ । ଗୋପୀନାଥଙ୍କ ପହୁଡ଼ ତଳୁ କ୍ଷୀର ପାତ୍ରଟିକୁ ନେଲେ । ହାଟ ଭିତରେ ସେ ଘରକୁ ବୁଲି ସେ ମାଧବେନ୍ଦ୍ରଙ୍କୁ ଡାକିଲେ ।

"କ୍ଷୀର ନିଅ ଆହେ ଯାହାଙ୍କ ନାମ ମାଧବ ପୁରୀ
ତୁମ ଲାଗି ଗୋପୀନାଥ କ୍ଷୀର ଭୋଗ କଲେ ଚୋରି ।
କ୍ଷୀର ଭୋଗ ନେଇ ତୁମେ ସୁଖେ କର ଭକ୍ଷଣ
ତୁମ ପରି ଭାଗ୍ୟବାନ୍ ନାହାନ୍ତି ତ୍ରିଭୁବନ ।"

(ଶ୍ରୀ ଚୈତନ୍ୟ ଚରିତାମୃତ)

ଏହା ଶୁଣି ମାଧବେନ୍ଦ୍ର ନିଜର ପରିଚୟ ଦେଲେ । ପୂଜକ ଗୋପୀନାଥଙ୍କ ଆଦେଶ ଜଣାଇଲେ ଏବଂ କ୍ଷୀରପାତ୍ରକୁ ତାଙ୍କୁ ବଢ଼ାଇ ଦେଲେ । ମାଧବଙ୍କ ମନ ସ୍ୱର୍ଗୀୟ ଆନନ୍ଦରେ ଭରିଗଲା । ସେ ପାତ୍ରକୁ ମଳବୋଧ କରି କ୍ଷୀର ଭୋଗ ଆହାର କଲେ । ପୂଜକ ପ୍ରଣାମ କରି ତାଙ୍କଠାରୁ ବିଦାୟ ନେଲେ । ସେହିଦିନଠାରୁ ମାଧବ ଗୋସ୍ୱାମୀଙ୍କୁ ଲୋକେ ଚିହ୍ନି ଗଲେ । ଏହି ଦେବତାଙ୍କୁ କ୍ଷୀରଚୋରା ଗୋପୀନାଥ ନାଁରେ ଡାକିଲେ ।

ମାଧବଙ୍କ ମହିମା ପୁରୀଧାମରେ ମଧ୍ୟ ପ୍ରଚାରିତ ହେଲା । ସେ ଗୋପୀନାଥଙ୍କ ପାଇଁ ଚନ୍ଦନ ଦେବା ସଙ୍ଗେ ସଙ୍ଗେ ତାଙ୍କ ନିଜଗାଁକୁ ଫେରିଲାବେଳେ ଜଣେ ବ୍ରାହ୍ମଣ ଓ ଜଣେ ସେବକଙ୍କୁ ପଠାଇଥିଲେ । ରାଜା ତାଙ୍କୁ ମଧ୍ୟ ଏକ ରାଜକୀୟ ସନନ୍ଦ ପ୍ରଦାନ କରିଥିଲେ ।

ରେମୁଣାକୁ ଫେରି ସେମାନେ ଗୋପୀନାଥଙ୍କ ଶ୍ରୀଅଙ୍ଗରେ ଚନ୍ଦନକର୍ପୂର ଲେପନ କରିଥିଲେ । ସେଦିନଠାରୁ ପ୍ରତିବର୍ଷ ଗ୍ରୀଷ୍ମଋତୁରେ ଗୋପୀନାଥଙ୍କ ମୂର୍ତ୍ତିରେ ଚନ୍ଦନ ଲେପନ କରାଯାଏ । ଶ୍ରୀଚୈତନ୍ୟ କେତେଥର ରେମୁଣାକୁ ଯାଇ ଗୋପୀନାଥଙ୍କ ଦର୍ଶନରେ ମୁଗ୍ଧ ହୋଇଥିଲେ । ମାଧବ ଗୋସ୍ୱାମୀଙ୍କଠାରୁ ସେ ମଧ୍ୟ ଦୀକ୍ଷା ଗ୍ରହଣ କରିଥିଲେ । ରେମୁଣାରେ ଗୌଡ଼ୀୟ ବୈଷ୍ଣବମାନଙ୍କର ଏକ ବିରାଟ ମଠ ପ୍ରତିଷ୍ଠିତ । ଅନ୍ୟ ବୈଷ୍ଣବ ସଂପ୍ରଦାୟମାନଙ୍କର ପରମ ତୀର୍ଥ କ୍ଷେତ୍ର । ସପ୍ତଶିରା ନଦୀ, ରାମଚଣ୍ଡି, ରାମେଶ୍ୱର, ସର୍ବେଶ୍ୱର, ମାଧବ ଗୋସ୍ୱାମୀ ଓ ଅନ୍ୟ କେତେକ ବୈଷ୍ଣବ ସନ୍ୟାସୀଙ୍କ ସମାଧି ସେମାନଙ୍କର ବିଶେଷ ଆକର୍ଷଣ ।

ଆମେ ତାପରେ ପ୍ରାଚୀନ ଓ ପ୍ରଖ୍ୟାତ ପୋର୍ଟ ଚୁଡ଼ାମଣି ବୁଲି ଯାଇଥିଲୁ । ତା କୂଳରେ ଅର୍ଦ୍ଧନିର୍ମିତ ୨ଟି ମନ୍ଦିର ଦୁର୍ଗା ଓ ... । ସେଠାରେ କେତେକ ମେଳାମହୋତ୍ସବ ହୋଇଥାଏ । ଆମେ ... କାଉରଡ଼ା ଜଗି ବଳରାମ ଗଡି ଓ ଚାନ୍ଦିପୁର ବୁଲିଯାଇଥିଲୁ । ବେଳାଭୂମିରେ ଅବସ୍ଥିତ ଏ ଦୁଇଟି ସ୍ଥାନ ମାଛଧରା, ନୌକା ତିଆରି ଓ ମରାମତି, ଜାଲ ତିଆରି ଓ ମରାମତି, ମାଛ ବିକ୍ରି ଓ ... କାର୍ଯ୍ୟକଳାପରେ ବ୍ୟସ୍ତ ଜନାକୀର୍ଣ୍ଣ । ଆଜିକାଲି ଛୋଟ ଜାହାଜ, ... ଆଦି ସମୁଦ୍ରରେ ମାଛ ଧରିବା ପାଇଁ ବ୍ୟବହୃତ ହେଉଛି । ... ପ୍ଲାଷ୍ଟିକ୍ ତଥା ନାଇଲନ୍ ଜାଲ ଏବେ ଖୁବ୍ ଲୋକପ୍ରିୟ ହୋଇଛି । ... କୂଳରେ ଆମେ କିଛି ସମୟ ବୁଲି ଶୀତଳ ସମୀରଣ ମଧ୍ୟରେ ... ତରଙ୍ଗମାଳା ସହିତ କର୍ମବ୍ୟସ୍ତ ମତ୍ସ୍ୟଜୀବିମାନଙ୍କର କାର୍ଯ୍ୟକଳାପ ଉପଭୋଗ କଲୁ । କେତୋଟି ବରଫକଳ ଏବେ ସେଠାରେ ... ଉଠିଲାଣି । ବିଦେଶକୁ ମାଛ, ଚିଙ୍ଗୁଡ଼ି ଏଠାରୁ ବହୁ ପରିମାଣରେ ... ହୋଇଥାଏ । ସେଠାରୁ ବସାକୁ ଫେରିଲୁ । ଦେହରେ ... ମନରେ ଆମର ଶାନ୍ତି ଭରି ଯାଇଥିଲା ।

ରବିବାର । ଆମେ ଗୋଟିଏ ବସ୍‌ରେ ନୀଳଗିରି ଗଲୁ । ... ଠାରୁ ମାତ୍ର ୨୦ କିଲୋମିଟର ଦୂର । ପ୍ରାୟ ... ଚତୁର୍ଦ୍ଦିଗରେ ପାହାଡ଼ର ପାଚିରୀ । ଘନ ସବୁଜ ବୃକ୍ଷଲତା ... ଆକାଶରେ ମେଘର ଶୋଭାଯାତ୍ରା । ଶୀତଳ ପବନ ... ଯାଉଛି । ନୀଳଗିରିରୁ ଗୋଟିଏ ଟ୍ରେକର ଭଡ଼ା କରି ... ଦର୍ଶନରେ ବାହାରି ପଡ଼ିଲୁ । ମାତ୍ର ୧୦/୧୨ କିଲୋମିଟର । ... ରାସ୍ତା । ବଣ ପାହାଡ଼ର ସବୁଜ ସୁନ୍ଦର ପରିବେଶ । ... ରାସ୍ତା ଚାଲିଛି । ଏକ କିଲୋମିଟର ଦୂରରୁ ଟ୍ରେକର ...

ଆଗକୁ ଚାଲି ଚାଲି ଗଲୁ । ଉଠାଣି ରାସ୍ତା ହୋଇଥିବାରୁ ଆମେ ଥକ୍କାମାନେ ବିନା କଷ୍ଟ ଅନୁଭବ କଲୁ, ପିଲାମାନେ ଆନନ୍ଦରେ ଆଗରେ ପଳେଇଛନ୍ତି । ତାପରେ ଶତାଧିକ ପାହାଚ ଅତିକ୍ରମ କଲୁ ।

ମୁଁ ଗଣିବାକୁ ପାଇଲି ସମୁଦାୟ ପାହାଚର ସଂଖ୍ୟା ୨୫୬ । ଏହି ସବୁ ପାହାଚକୁ ଅତିକ୍ରମି ପାହାଡ଼ର ଚୂଡ଼ାରେ ପହଞ୍ଚିବାକୁ ହୁଏ । ୧୫୨ ମିଟର ଉଚ୍ଚରେ ପଞ୍ଚଲିଙ୍ଗେଶ୍ୱର ମହାଦେବଙ୍କ ଆସ୍ଥାନ । ଏହି ପାହାଡ଼ରେ ଏକ ଚିରସ୍ରାବୀ ନିର୍ଝରିଣୀ । ବନବାସ କାଳରେ ଶ୍ରୀରାମଚନ୍ଦ୍ର ଏହି ପାଠନ୍ତୁ ପବିତ୍ର କରିଥିଲେ ବୋଲି କିମ୍ବଦନ୍ତୀ ଅଛି । ସେ ପଞ୍ଚଲିଙ୍ଗେଶ୍ୱରଙ୍କର ପୂଜାର୍ଚ୍ଚନା କରିଥିଲେ ବୋଲି କୁହାଯାଏ । ଏମିତି କି ମହାଭାରତ ଯୁଗରେ ଭୀମ, ଅର୍ଜୁନ ଓ ଶ୍ରୀକୃଷ୍ଣ ମଧ୍ୟ ଏହି ମହାଦେବଙ୍କୁ ପୂଜି କରି ଜରାସନ୍ଧ ବିରୋଧରେ ଯୁଦ୍ଧ କରି ବିଜୟୀ ହେବା ପାଇଁ ଆଶୀର୍ବାଦ ପାଇଥିଲେ । ମାଘ ସପ୍ତମୀ ଦିନ ଏଠାରେ ଗୋଟିଏ ମେଳା ହୁଏ । ଏଠାରେ ମଧ୍ୟ ଏକ ପାନ୍ଥଶାଳା ଅଛି ।

ପଞ୍ଚଲିଙ୍ଗେଶ୍ୱର ଏକ ଛାୟାସ୍ନିଗ୍ଧ ଓ ଝରଣା ଜଳ ଶୀତଳ ପରିବେଶରେ ନିଜର ଆସ୍ଥାନ ବାଛି ନେଇଛନ୍ତି । ଝରଝର ନାଦ କରି ଝରଣା ନିରନ୍ତର ବହି ଚାଲିଛି । ପିଚ୍ଛିଳ ପ୍ରସ୍ତର ଆସ୍ତରଣ । ମହାଦେବ ପଞ୍ଚ ରୂପରେ ପୂଜା ହୋଇଥାନ୍ତି । କିନ୍ତୁ ଏବେ ଜଳପୂର୍ଣ୍ଣ ଗଭୀର ଜଳରେ ପଞ୍ଚଲିଙ୍ଗେଶ୍ୱର ଯେମିତି ଆତ୍ମଗୋପନ କରିଛନ୍ତି । ଚିକ୍କଣ ପଥର ଉପରେ ଉବୁଡ଼ ବସି ଆମେ ନେଇଥିବା ଫୁଲଦୀପ ଅର୍ଘ୍ୟ ଦେଇ ପୂଜା ଅର୍ଚ୍ଚନା କଲେ ଖୁବ୍ ନିଷ୍ଠାର ସହିତ । ଜଳମଗ୍ନ ମହାଦେବଙ୍କ ଉଦ୍ଦେଶ୍ୟରେ ପୂଜା ଆରାଧନା କରିବା ଛଡ଼ା ଅନ୍ୟ ଉପାୟ ନଥିଲା । ପୂଜା ପରେ ପ୍ରସାଦ ସେବନ କଲୁ । ଝରଣାର ମଧୁର ନିର୍ମଳ ଓ ଶୀତଳ ଜଳ ମନବୋଧ କରି ପାନ କଲୁ । ଆମେ ନୀଳଗିରି ଫେରିଆସିଲୁ । ଘଣ୍ଟାଏ ମଧ୍ୟରେ ପହଞ୍ଚିଲୁ । ସେଠାରେ ଜଗନ୍ନାଥଙ୍କ ମନ୍ଦିର ଖୁବ୍ ସୁନ୍ଦର ଓ ପୁରା ବଡ଼ ଦେଉଳ ଢାଞ୍ଚାରେ ନିର୍ମିତ । ସେଠାରୁ ଆମେ ଫେରି ରାତି ୧୦ଟା ସୁଦ୍ଧା ବାଲେଶ୍ୱରରେ ପହଞ୍ଚିଲୁ ।

ତା' ଆରଦିନ ସକାଳେ ଆମେ ବାଲେଶ୍ୱରର ପ୍ରସିଦ୍ଧ ସାରସ୍ୱତ ତୀର୍ଥ ପୀଠ ବ୍ୟାସକବି ଫକୀରମୋହନଙ୍କ ପ୍ରତିଷ୍ଠିତ ଶାନ୍ତିକାନନକୁ ଯାଇଥିଲୁ । ଏହା ଏକ ସର୍ବଧର୍ମ ସମନ୍ୱୟ ପୀଠ । ବୁଦ୍ଧ, ମହାବୀର, ଶଙ୍କର, ନାନକ ପ୍ରମୁଖ ଧର୍ମ ପ୍ରତିଷ୍ଠାତା ଓ ସଂସ୍ଥାପକମାନଙ୍କ ବାଣୀ ଏଠାରେ ଲିପିବଦ୍ଧ ହୋଇଛି । ଅନତି ଦୂରରେ ଫକୀରମୋହନଙ୍କ ପ୍ରତିମୂର୍ତ୍ତି । ମୃତ୍ୟୁର ଦୁଇବର୍ଷ ପୂର୍ବରୁ ସେ ନିଜେ ଏହି ମୂର୍ତ୍ତି ଗଠନ କରାଇଥିଲେ ବୋଲି ଜାଣିବାକୁ ପାଇଲି । ତାପାଖରେ ତାଙ୍କର ସମାଧିପୀଠ । ଉଇହୁଙ୍କା ମୁଣ୍ଡ ଟେକିଛି ଦେଖି ମୁଁ ଜଗୁଆଳିଙ୍କୁ କହିଲି ଗାମେକ୍ସିନ୍ କି କୀଟନାଶକ ଔଷଧ କ'ଣ ବ୍ୟବହାର କଲେ ଉଇ ମରିଯାନ୍ତେ । ସେ କହିଲେ- ବର୍ଷକୁ ଥରେ ଜାନୁଆରୀ ମାସରେ ମକର ସଂକ୍ରାନ୍ତି ବେଳକୁ ସବୁ ସଫା ହୋଇଥାଏ । ପୁଣି ଯେଉଁ କଥାକୁ ସେଇକଥା ହୋଇଯାଏ ।

ମୋର ମନେ ପଡ଼ିଲା- ମକର ସଂକ୍ରାନ୍ତି ଫକୀରମୋହନଙ୍କ ଜନ୍ମବାର୍ଷିକୀ । ମୁଁ କହିଲି- କିଛି ସ୍ଥାୟୀ ବ୍ୟବସ୍ଥା କର । ଦେଖ, ସମାଧି ଟିକିଏ ବଙ୍କା ହୋଇଗଲାଣି ଏଇ ଉଇଙ୍କ ଯୋଗୁଁ । ଭୂଇଁ ତଳ ଖୋଳିଦେଲେଣି ।

ଓଡ଼ିଆ ଭାଷାର ରକ୍ଷକଙ୍କ ସମାଧି ପୀଠକୁ ଆମେ ଯୋଗ୍ୟ ଉତ୍ତରାଧିକାରୀଗଣ ସାମାନ୍ୟ ଉଇ ଦାଉରୁ ରକ୍ଷା କରି ପାରୁନୁ ।

ସେହି ହତାରେ ଛୋଟ ପୋଖରୀଟିଏ । ବଡ଼ ସପେଟା, ଆମ୍ବ,ନଡ଼ିଆ, କଦଳୀ ଆଦି ବୃକ୍ଷମାନ ଶୋଭାପାଉଛି । ଗୋଟିଏ ଅତିଥିଶାଳା ଥିଲା, ଏବେ ଜରାଜୀର୍ଣ୍ଣ । ସେଠାରେ ଏବେ ପ୍ରାକ୍‌ପ୍ରାଥମିକ ଶିକ୍ଷା କେନ୍ଦ୍ର ଚାଲିଛି । ସରକାରଙ୍କ ଦୟାରୁ ଏଠାରେ ମଧ୍ୟ ଫକୀରମୋହନଙ୍କ ଆବକ୍ଷମୂର୍ତ୍ତି ସ୍ଥାପିତ ହୋଇଛି । ଅନତି ଦୂରରେ ଫକୀରମୋହନଙ୍କ ନିଜ ଘରଦ୍ୱାର ଥିଲା । ସରକାର ତାକୁ ଦଖଲ କରି ସେଠାରେ ଏକ ଜିଲ୍ଲା ଗ୍ରନ୍ଥାଳୟ ସ୍ଥାପିତ କରିଛନ୍ତି ସଂସ୍କୃତି ବିଭାଗ ଆନୁକୂଲ୍ୟରେ । ଯାହାହେଉ ସେନାପତିଙ୍କ ସ୍ମୃତିରକ୍ଷା ପାଇଁ ଏତିକି ପ୍ରଚେଷ୍ଟା ଯେ ପର୍ଯ୍ୟାପ୍ତ ନୁହେଁ, ଏହା ସ୍ପଷ୍ଟ । ଦୀର୍ଘ ଶ୍ୱାସଟିଏ ପକାଇ ଶାନ୍ତିକାନନରୁ ଫେରିଲୁ ।

*୨୯୩୫, ଗୌରୀନଗର, ଭୁବନେଶ୍ୱର-୭୫୧୦୦୨*

• • •

## ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ୮ଟି ଆଦର୍ଶ ଆବାସିକ ବିଦ୍ୟାଳୟ

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ବିକାଶ ନିମନ୍ତେ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି । ଓଡ଼ିଶାରେ ଆଦିବାସୀ ଛାତ୍ରଛାତ୍ରୀମାନଙ୍କର ଶିକ୍ଷାର ଉନ୍ନତି ପାଇଁ ୮ଟି ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ସରକାର ନୀତିଗତ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏ ସମ୍ପର୍କରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ ବିଦ୍ୟାଳୟଗୁଡ଼ିକ ପ୍ରତିଷ୍ଠା ନିମନ୍ତେ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସୁନ୍ଦରଗଡ଼, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ, କେନ୍ଦୁଝର, କନ୍ଧମାଳ, ଗଜପତି ଏବଂ ନବରଙ୍ଗପୁର ଠାରେ ଏହି ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବାର ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ଏହି ବିଦ୍ୟାଳୟଗୁଡ଼ିକରେ ସହ-ଶିକ୍ଷାର ବ୍ୟବସ୍ଥା ରହିବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ପୃଥକ୍ ପୃଥକ୍ ଭାବେ ଛାତ୍ରାବାସ ଓ ଛାତ୍ରୀନିବାସ ପ୍ରତିଷ୍ଠା କରାଯିବା ନିମନ୍ତେ ମଧ୍ୟ ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୪କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

# ସାମୁଦ୍ରିକ କଇଁଛ, ଗହୀରମଥା ଓ ମତ୍ସ୍ୟଜୀବୀ

• ଶ୍ରୀ ଶିଶିର କୁମାର ଖୁ...

ପୃଥିବୀରେ ୨୪୩ ଜାତୀୟ କଇଁଛ ଦେଖାଯାଆନ୍ତି । ସେଥିମଧ୍ୟରୁ ୩୬ ଜାତୀୟ ଭାରତରେ ଅଛନ୍ତି । ପୃଥିବୀର ୭ ଜାତୀୟ ସାମୁଦ୍ରିକ କଇଁଛ ମଧ୍ୟରୁ ଭାରତରେ ୫ ଜାତୀୟ ଏବଂ ଓଡ଼ିଶା ଉପକୂଳରେ ୪ ଜାତୀୟ ସାମୁଦ୍ରିକ କଇଁଛ ଦେଖାଯାଆନ୍ତି । ଏହି ତିନୋଟି ଯାକ ସାମୁଦ୍ରିକ କଇଁଛକୁ ବିପନ୍ନ ପ୍ରାଣୀ ଭାବରେ ଗ୍ରହଣ କରାଯାଇଛି ।

ଭିତରକନିକା ଅଭୟାରଣ୍ୟର ଉପକୂଳବର୍ତ୍ତୀ ଗହୀରମଥା ଉପକୂଳ ବିଶ୍ୱ ବିଦିତ । ଅଲିଭ ରିଡ୍ଲେ ଜାତୀୟ କଇଁଛ ଯାହାକୁ ଆମେ "କନିକାରାଜ" କହିଥାଉ, ବହୁ ପରିମାଣରେ ଆସି ଏହି ଉପକୂଳ ଅଞ୍ଚଳରେ ଅଣ୍ଡା ଦେଇଥାନ୍ତି । ଏହି ଘଟଣା ପୃଥିବୀରେ ବର୍ତ୍ତମାନ ଅଦ୍ୱିତୀୟ । ଅତୀତରେ ଏହି କଇଁଛର ଅଣ୍ଡାକୁ ବହୁତ ପରିମାଣରେ କଲିକତା ସହରକୁ ରପ୍ତାନୀ କରାଯାଉଥିଲା । କିନ୍ତୁ ଯେତେବେଳେ ଅନୁଭବ କରାଗଲା ଏହା ଦ୍ୱାରା ଏହି କଇଁଛର ବଂଶ ଲୋପ ହୋଇଯିବ, ୧୯୭୫ ମସିହାରେ ରପ୍ତାନୀ କାର୍ଯ୍ୟ ବନ୍ଦ କରାଯାଇଥିଲା ।

ସାମୁଦ୍ରିକ କଇଁଛମାନଙ୍କ ମଧ୍ୟରେ "କନିକାରାଜ" ଜାତୀୟ କଇଁଛ ସବୁଠାରୁ ଆକାରରେ ଛୋଟ । ଗୋଟିଏ କଇଁଛକୁ ପ୍ରଜନନକ୍ଷମ ହେବାପାଇଁ ୩୦ବର୍ଷ ଲାଗିଥାଏ । ଗୋଟିଏ ମାଈ କଇଁଛ ପ୍ରାୟ ୮୦ରୁ ୧୮୦ ପର୍ଯ୍ୟନ୍ତ ଅଣ୍ଡା ଦେଇଥାଏ । ଏହି ଅଣ୍ଡାକୁ ମା କଇଁଛ ୧ ୧/୨ ଫୁଟ ଗଭୀରତାରେ ସମୁଦ୍ର କୂଳରେ ବାଲି ଗାତରେ ଘୋଡେଇ ଦେଇଥାଏ । ୪୫ରୁ ୫୫ ଦିନ ମଧ୍ୟରେ ଅଣ୍ଡା ଫୁଟି ଛୁଆମାନେ ବାହାରି ଆସନ୍ତି ।

ଅନୁସନ୍ଧାନରୁ ଜଣାଯାଇଛି ପ୍ରତି ବର୍ଷ ପ୍ରଜନନ ଋତୁରେ କଇଁଛମାନେ ବହୁତ ସଂଖ୍ୟାରେ ଗହୀରମଥା ନିକଟସ୍ଥ ସମୁଦ୍ରରେ ଏକତ୍ରିତ ହୋଇଥାଆନ୍ତି । ପ୍ରାୟ ନଭେମ୍ବର ମାସରେ ଯୋଡ଼ି କଇଁଛ ଭାସିବା ଏହି ଆଗମନର ସମ୍ବାଦ ଦେଇଥାନ୍ତି । କଇଁଛମାନେ ସମୁଦ୍ରପଥରେ ଦୀର୍ଘଦୂର ଅତିକ୍ରମ କରିଥାଆନ୍ତି ଏବଂ ଅନୁମାନ କରାଯାଏ ଯେ ସେମାନେ ସମୁଦ୍ରର ଗଭୀରତମ ସ୍ଥାନକୁ ଯାଇ ପାରିଥାଆନ୍ତି, ଯେହେତୁ ଗହୀରମଥାର ଉପକୂଳରେ ସମୂହ ଭାବରେ ଏହି ଅଣ୍ଡା ଦେବା କାର୍ଯ୍ୟ ସମାପନ ହୋଇଥାଏ ଏବଂ ଏହା ବିଶ୍ୱରେ ଏକମାତ୍ର ସ୍ଥାନ ।

ଏହି ଲକ୍ଷ୍ୟ ନେଇ ସରକାର ଗହୀରମଥାକୁ ଏକ ସାମୁଦ୍ରିକ ଅଭୟାରଣ୍ୟ ରୂପେ ଘୋଷଣା କରିଛନ୍ତି । ଏହାକୁ ସୁରକ୍ଷିତ ରଖିବା ଦେଶର ନାଗରିକମାନଙ୍କର କର୍ତ୍ତବ୍ୟ ।

ଏହି ଅଞ୍ଚଳରେ ଟ୍ରଲର, ଗିଲନେଟ୍ର ଇତ୍ୟାଦି ଯନ୍ତ୍ରଚାଳିତ ଯାନ ମାଛ ଧରିବା ପାଇଁ ବ୍ୟବହୃତ ହେବା ଯୋଗୁଁ ଏହାର ପ୍ରୋପେଲର ବାଡି କଇଁଛମାନେ ଆହତ ହୋଇଥାଆନ୍ତି ଏବଂ ଜାଲରେ ଛନ୍ଦି ହୋଇ ଶ୍ୱାସରୁଦ୍ଧ ହୋଇ ମରିଯାଆନ୍ତି । ମଲା କଇଁଛ ଉପକୂଳରେ ପଡ଼ିବା ଯୋଗୁଁ ପରିବେଶ ପ୍ରଦୂଷିତ ହୋଇଥାଏ । ମଲା କଇଁଛର ଖୋଲା ଆଖି ତା'ର କଷ୍ଟ ଜନିତ ମୃତ୍ୟୁର ଏକ ନିଦର୍ଶନ ।

ଜେଲିଫିସ୍ ବା ଜଳକଣ୍ଟେଇ ଜାତୀୟ ଜୀବ ମତ୍ସ୍ୟଜୀବୀମାନଙ୍କ ପାଇଁ ବିପଦ ସୃଷ୍ଟି କରିଥାନ୍ତି । ଜେଲିଫିସ୍ମାନେ ସମୁଦ୍ରରେ ବହୁତ ସଂଖ୍ୟାରେ ଭାସିଥାଆନ୍ତି ଏବଂ ମାଛ ଧରିବା ଜାଲରେ ପଡ଼ିବା ମାତ୍ରେ ଜାଲ ବାହାର କରିବା କଷ୍ଟକର ହୋଇପଡ଼ିଥାଏ । ଦ୍ୱିତୀୟରେ ଏହା ଚିଙ୍ଗୁଡ଼ି ଓ ... ମାଛ ଛୁଆମାନଙ୍କୁ ଖାଦ୍ୟ ଭାବରେ ଗ୍ରହଣ କରିଥାଏ । କଇଁଛମାନେ ଜେଲିଫିସ୍କୁ ଖାଦ୍ୟ ରୂପରେ ଖାଉଥିବା ହେତୁ ସେମାନଙ୍କ ସଂଖ୍ୟା ... ହୋଇପାରେ ନାହିଁ । ଏହି ପରିପ୍ରେକ୍ଷୀରେ ସାମୁଦ୍ରିକ କଇଁଛ ମତ୍ସ୍ୟଜୀବୀମାନଙ୍କୁ ଅଧିକ ପରିମାଣରେ ମାଛ ଯୋଗେଇ ଦେବାରେ ସାହାଯ୍ୟ କରିଥାଏ । କିନ୍ତୁ ଦୁଃଖର କଥା ଯେ କଇଁଛର ଭୂମିକା ତା ଅତୁଳନୀୟ ଅବଦାନ ସତ୍ତ୍ୱେ ମତ୍ସ୍ୟଜୀବୀମାନେ ହିଁ ତା'ର ମୃତ୍ୟୁର କାରଣ ହୋଇଥାଆନ୍ତି ।

ସମୁଦ୍ର ପରି ବିଶାଳ ଜଳାଶୟରେ ଏହି ଖାଦ୍ୟ-ଶୃଙ୍ଖଳ ... ଯୋଗୁଁ ପ୍ରାକୃତିକ ଭାରସାମ୍ୟ ରକ୍ଷା ହୋଇଥାଏ । କଇଁଛମାନେ ଏଥି ... ସାହାଯ୍ୟ କରିଥାନ୍ତି । ତା' ଛଡ଼ା ମଲା ସାମୁଦ୍ରିକ ଜୀବଜନ୍ତୁ ଖାଇ ... କଇଁଛମାନେ ସମୁଦ୍ରର ପରିବେଶ ରକ୍ଷା କରିବାରେ ମଧ୍ୟ ... କରିଥାଆନ୍ତି ।

ଏହାର ଉପଯୋଗିତା ଅନୁଭବ କରି ଏବଂ ସେମାନଙ୍କ ବଂଶ ... ହେବା ଅନୁଭବ କରି ଏହି କନିକାରାଜ ଜାତୀୟ କଇଁଛକୁ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ ତଫସିଲରେ ଅନ୍ତର୍ଭୁକ୍ତ କରାଯାଇଛି । ଏହି କଇଁଛକୁ ମାରିବା ଏକ ଧର୍ତ୍ତବ୍ୟ ଅପରାଧ ଅଟେ ।

ଅନୁଧ୍ୟାନରୁ ଜଣାପଡ଼ିଛି ଯେ ଟ୍ରଲର ନେଟ୍ରେ ପଡ଼ିଲେ ଅଧିକ କଇଁଛଙ୍କ ମୃତ୍ୟୁ ଘଟିଥାଏ । ଏହା ଲକ୍ଷ୍ୟ କରି ସାମୁଦ୍ରିକ ମତ୍ସ୍ୟ ... ଆଇନରେ ସଂଶୋଧନ କରାଯାଇ କଇଁଛ ସୁରକ୍ଷା ଯନ୍ତ୍ର ... ମାଛଧରା ଡଙ୍ଗାରେ ଲଗାଇବା ପାଇଁ ବାଧ୍ୟ କରାଯାଇଛି ।

ମତ୍ସ୍ୟଜୀବୀମାନଙ୍କ ଜୀବିକା ପାଇଁ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ସମୁଦ୍ର ତଟଠାରୁ ୫ କି.ମି. ଦୂରରେ ଦେଶୀ ପ୍ରଣାଳୀରେ ମତ୍ସ୍ୟ ଧରିବା ଡଙ୍ଗା ଚଳାଇବାକୁ ନିଷ୍ପତ୍ତି ନିଆଯାଇଛି ଏବଂ ୧୦ ... ଦୂରତା ମଧ୍ୟରେ ଟ୍ରଲର ଜାତୀୟ ଡଙ୍ଗା ଚଳାଇବାକୁ ... ଦିଆଯାଇଛି ।

ପୁନଶ୍ଚ ଏହି କଇଁଛମାନଙ୍କର ଅନ୍ୟ ସମ୍ଭାବ୍ୟ ପ୍ରଜନନସ୍ଥଳୀ ... ପରିଚିତ ଦେବୀ ନଦୀ ମୁହାଣ ଓ ଋଷିକୁଲ୍ୟା ମୁହାଣ ଅଞ୍ଚଳକୁ ... ମତ୍ସ୍ୟ ନିୟନ୍ତ୍ରଣ ଆଇନ ଅନୁଯାୟୀ ନିଷିଦ୍ଧ ଅଞ୍ଚଳ ବୋଲି ଘୋଷଣା କରାଯାଇଛି ।

ଚଳିତ ବର୍ଷ ରାଜ୍ୟ ବନ୍ୟପ୍ରାଣୀ ସଂସ୍ଥା, ଭାରତୀୟ ତଟରକ୍ଷୀ ... ପୋଲିସ, ସ୍ଥାନୀୟ ମତ୍ସ୍ୟଜୀବୀ ସମବାୟ ସମିତି ଏବଂ ବେସରକାରୀ ସଂସ୍ଥା ... ମିଳିତ ସହଯୋଗରେ ସମସ୍ତ ପ୍ରକାର ବଞ୍ଚନା ... ଗତ ମାର୍ଚ୍ଚ ୨୫ ତାରିଖ ଠାରୁ କଇଁଛମାନେ ସାମୂହିକ ଭାବେ ... ଅଣ୍ଡା ଦେବା ପାଇଁ ହଜାର ହଜାର ସଂଖ୍ୟାରେ ଆସିଥିଲେ । ଏକ ... ଜଣାପଡ଼ିଛି ଯେ ମାର୍ଚ୍ଚ ମାସ ଶେଷ ସୁଦ୍ଧା ପ୍ରାୟ ୨ଲକ୍ଷ ୨୧ ହଜାର ... କଇଁଛ ଅଣ୍ଡା ଦେଇ ସାରିଥିଲେ । ଆସନ୍ତୁ, ଏହି ସାମୁଦ୍ରିକ କଇଁଛ ... ସୁରକ୍ଷା କରିବା ଏବଂ ଭବିଷ୍ୟତରେ ମତ୍ସ୍ୟଜୀବୀମାନଙ୍କୁ ଅଧିକ ... ଅର୍ଜନରେ ସାହାଯ୍ୟ କରିବା ।

ସହକାରୀ ସୂଚନା ଅଧିକାରୀ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଭୁବନେଶ୍ୱର

# ସେଲୁଲାର ଫୋନ୍

• ଶ୍ରୀ ବସନ୍ତ କୁମାର ଦାସ

ଆମ ରାଜ୍ୟ ତଥା ଦେଶର ଯୋଗାଯୋଗ କ୍ଷେତ୍ରରେ ସେଲୁଲାର ଫୋନ୍‌ର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏହା ବଡ଼ ବ୍ୟବସାୟୀ, ଡାକ୍ତର, ସିନେମା ଏକ୍‌ଜିକ୍ୟୁଟିଭ୍, ପ୍ରଶାସକ, ଧନୀଲୋକ ତଥା କେତେକ ବିଶିଷ୍ଟ ଲୋକଙ୍କ ପାଇଁ ଏକ ପଦମର୍ଯ୍ୟାଦାର ଚିହ୍ନରୂପେ ପରିଚିତ ହୋଇପାରିଛି । ଦିନକୁ ଦିନ ବହୁ ସଂଖ୍ୟକ ଲୋକ ଏହାକୁ ଏକ ବିଳାସ ସାମଗ୍ରୀ ରୂପେ ବ୍ୟବହାର କରିବାରେ ଆଗେଇ ଚାଲିଛନ୍ତି । ଅଳ୍ପ କେତେବର୍ଷ ମଧ୍ୟରେ ସେଲୁଲାର ଫୋନ୍ ଭାରତରେ ବେଶ୍ ଲୋକପ୍ରିୟତା ହାସଲ କରିପାରିଛି । ଆଜିକାଲି ସମାଜ ଏହାକୁ ଏକ ନୂତନ ଶୈଳୀ ବୋଲି ମାନି ନେଇଛି । କେତେକ ଫୋନ୍‌ରେ, ଡାଏରି, କାଲକୁଲେଟର, ନୋଟ ପ୍ୟାଡ୍ ବ୍ୟବସ୍ଥା ସହ ଇଣ୍ଟରନେଟ୍‌ରୁ ଇ-ମେଲ ଗ୍ରହଣ କରିବାର ବ୍ୟବସ୍ଥା ରହିଛି । ଟେଲିଫୋନ୍ ଶିଳ୍ପରେ ବୈପ୍ଳବିକ ପରିବର୍ତ୍ତନ ସାଙ୍ଗକୁ ଦେଶର ମେଟ୍ରୋ ସହରମାନଙ୍କରେ ସେଲୁଲାର ଫୋନ୍ ସେବା ପ୍ରବର୍ତ୍ତିତ ହୋଇଛି । ବିଭିନ୍ନ ଘରୋଇ କମ୍ପାନୀ ଲୋକଙ୍କର କନେକ୍‌ସନ୍ ଦେବା ନିମିତ୍ତ ସର୍ବଦା କାର୍ଯ୍ୟରତ । ଆମ ରାଜ୍ୟରେ ବର୍ତ୍ତମାନ ପ୍ରାୟ ୨୫ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ଏହି ଫୋନ୍ ସେବା ଉପଲବ୍ଧ କରାଯାଇ ପାରୁଛି । ଏହି ଫୋନ୍‌ର ଗ୍ରାହକମାନେ ନିଜର ବ୍ୟସ୍ତ କର୍ମମୟ ଜୀବନ ମଧ୍ୟରେ ତଥା କାର୍‌ରେ, ମଟର ସାଇକେଲ, ସ୍କୁଟରରେ ଯାତ୍ରା କରୁଥିବା ସମୟରେ କିମ୍ବା ମିଟିଂରେ ଥିବା ବେଳେ ଜରୁରୀ ଟେଲିଫୋନ୍ ବାର୍ତ୍ତା ଗ୍ରହଣ କରି ବହୁ ସୁବିଧା ପାଇପାରୁଛନ୍ତି । କେତେକଙ୍କ ପାଇଁ ସେଲୁଲାର ଫୋନ୍ ସେବା ବିଶେଷ ପ୍ରୟୋଜନୀୟ ଏଥିରେ ଦ୍ୱିମତ ହେବାର ନାହିଁ । ପୋଲିସ, ଅଗ୍ନିଶମ ସେବା ସଂସ୍ଥା ଓ ଆମ୍ବୁଲାନ୍ସ କଲ୍ ପାଇଁ କେତେକ ସେଲୁଲାର ଫୋନ୍‌ର ଫ୍ରି ସର୍ଭିସ ଏକ ମୁଖ୍ୟ ଆକର୍ଷଣ । ଗ୍ରାହକମାନେ ଏହି ଫୋନ୍ ମାଧ୍ୟମରେ ଲୋକାଲ ଓ ଏସ୍.ଟି.ଡି., ଆଇ.ଏସ୍.ଡି. ସୁବିଧା ପାଇବା ବେଳେ କେହି ଏହାର ଅନ୍ୟଦିଗ ପ୍ରତି ଧ୍ୟାନ ଦିଅନ୍ତି ନାହିଁ, ଯଦ୍ୱାରା କି ନାନାପ୍ରକାର ଅସୁବିଧା ଦେଖାଦିଏ ।

ଗାଡ଼ି ଚଳେଇବା ସମୟରେ ଗୋଟିଏ ହାତରେ ଷ୍ଟିଅରିଂ, ଅନ୍ୟ ହାତରେ ସେଲୁଲାର ଫୋନ୍ ଧରି ଅତ୍ୟନ୍ତ ଆବେଗପୂର୍ଣ୍ଣ ଭାବରେ ଜଣେ ଅନ୍ୟ ଜଣକ ସହିତ କଥାବାର୍ତ୍ତା ହୁଏ । ସେ ସମୟରେ ତା' ସମ୍ମୁଖରେ ଥିବା ବିପଦଗୁଡ଼ିକ ପ୍ରତି ଧ୍ୟାନ ନଦେବା ଫଳରେ ମଣିଷ ଦୁର୍ଘଟଣାର ଶିକାର ହୁଏ । ଧନଜୀବନ ନଷ୍ଟ ହେବାର ସମ୍ଭାବନା ଯଥେଷ୍ଟ ଅଧିକ । ଯୁକ୍ତରାଷ୍ଟ୍ର ଆମେରିକା, ଇଉରୋପ ଓ ଅଷ୍ଟ୍ରେଲିଆ ଆଦି ଦେଶମାନଙ୍କରେ ଗବେଷଣାରୁ ଜଣାପଡ଼ିଛି ଯେ, ସେଲୁଲାର ବା ମୋବାଇଲ ଫୋନ୍ ବ୍ୟବହାର କରୁଥିବା ମନୁଷ୍ୟର ଶରୀର ଉପରେ ନାନା ପ୍ରକାର ଖରାପ ପ୍ରଭାବ ପଡ଼ିଥାଏ, ଯାହାକି ମନୁଷ୍ୟର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ବିପଦଜନକ ଅଟେ ।

ଏହି ଉପକରଣରୁ ଏକ ପ୍ରକାର ମାଇକ୍ରୋୱେଭ କିରଣ ପ୍ରତି ମୁହୂର୍ତ୍ତରେ ପ୍ରବାହିତ ହେଉଥାଏ । ଏହି ରଶ୍ମି ବ୍ୟବହାରକାରୀ ଶରୀରରେ ପ୍ରବେଶ କରିଥାଏ । ଯାହା ଫଳରେ କି ମନୁଷ୍ୟକୁ ମସ୍ତିଷ୍କ କର୍କଟ ଭଳି ମାରାତ୍ମକ ରୋଗ ହେବାର ସମ୍ଭାବନା ଯଥେଷ୍ଟ ଅଧିକ ଥାଏ । ଏହା ପ୍ରଥମରୁ ହିଁ ଏହି ରୋଗକୁ ବଢେଇବାରେ ସାହାଯ୍ୟକରେ । ଏ ବିଷୟରେ ସବୁଠୁଁ ଅଧିକ ଗବେଷଣା ଅଷ୍ଟ୍ରେଲିଆରେ ହୋଇପାରିଛି । ବୈଜ୍ଞାନିକମାନେ ମୂଷାମାନଙ୍କୁ ପ୍ରାୟ ୧ଘଣ୍ଟା ପର୍ଯ୍ୟନ୍ତ ଏହି ଫୋନ୍‌ରୁ ବାହାରୁଥିବା କିରଣରେ ଖୋଲା ଛାଡ଼ିଦେବା ଦ୍ୱାରା ଦେଖାଯାଇଛି ଯେ, ସେମାନଙ୍କ ଶରୀରରେ ରକ୍ତ କର୍କଟ ରୋଗ ହେବାର ସମ୍ଭାବନା ଅଧିକ ଥାଏ । କେତେକ କ୍ଷେତ୍ରରେ ଦେଖାଯାଇଛି ଯେ ଯଦି ଜଣେ ବ୍ୟକ୍ତି ୩୦ ମିନିଟ୍‌ରୁ ଅଧିକ ସମୟ ଧରି ଏହି ଫୋନ ବ୍ୟବହାର କରିଥାଏ, ତେବେ ସେ ବ୍ୟକ୍ତିର ସ୍ମରଣ ଶକ୍ତି ଆସ୍ତେ ଆସ୍ତେ ଦୁର୍ବଳ ହେବାରେ ଲାଗେ ଏବଂ ଶୁଣିବା ଶକ୍ତି କମ୍ ହୋଇଯାଏ ।

ଏହା ଯୋଗୁଁ ମନୁଷ୍ୟ ହୃଦରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ମଧ୍ୟ ରହିଛି । ଅନେକ ସମୟରେ ଦେଖାଯାଏ, ପୁରୁଷମାନେ ନିଜର ସାର୍ଟର ଉପର ପକେଟରେ ଏହି ଫୋନ୍ ରଖିବାକୁ ପସନ୍ଦ କରନ୍ତି । ଯେଉଁମାନେ ହୃଦରୋଗରେ ଆକ୍ରାନ୍ତ ହୋଇଥାନ୍ତି, ସେମାନେ ଏକ ପ୍ରକାର ଚାପମାନ ଯନ୍ତ୍ର ( ପେସ୍‌ମେକର ) ବ୍ୟବହାର କରନ୍ତି । ଏହି ସେଲୁଲାର ଫୋନ୍ ଦ୍ୱାରା ବାହାରୁଥିବା ଶବ୍ଦ ସେହି ଚାପମାନ ଯନ୍ତ୍ରର କାର୍ଯ୍ୟକାରୀ କ୍ଷମତାରେ ବାଧା ସୃଷ୍ଟି କରିଥାଏ । ଫଳରେ ସେହି ଯନ୍ତ୍ରର କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଏ । ରୋଗୀର ମୁଣ୍ଡବୁଲେଇବା, ମୂର୍ଚ୍ଛାଯିବା, ନିଃଶ୍ୱାସ ଲାଗିବା ଓ ହୃତସ୍ପନ୍ଦନ ଦ୍ରୁତ ହେବାର ଆଶଙ୍କା ଦେଖାଯାଏ । ବେଳେ ବେଳେ ରୋଗୀ ଏହା ପ୍ରଭାବରୁ ମୃତ୍ୟୁବରଣ କରିବାର ଦୃଷ୍ଟାନ୍ତ ମଧ୍ୟ ରହିଛି । ହୃତପିଣ୍ଡରେ ପେସ୍‌ମେକର ଲଗେଇଥିବା ବ୍ୟକ୍ତି ସେଲୁଲାର ଫୋନଟିକୁ ନିଜ ଶରୀରଠାରୁ ଯଥେଷ୍ଟ ଦୂରରେ ରଖିବା ଉଚିତ ।

ଗାଡ଼ି ଚଳେଇବା ସମୟରେ ଏହାକୁ ସାବଧାନତାର ସହିତ ବ୍ୟବହାର କରିବା ଉଚିତ । ନଚେତ୍ ଦୁର୍ଘଟଣା ହେବାର ସମ୍ଭାବନା ଥାଏ ।

କ୍ୱାର୍ଟର ନଂ.୨୯୦, ସେକ୍ଟର-୨, ଦାମନଯୋଡ଼ି
ଜିଲ୍ଲା-କୋରାପୁଟ

# ସଫଳ କାହାଣୀ

## ସ୍ୱର୍ଣ୍ଣ ଜୟନ୍ତୀ ସହରୀ ରୋଜଗାର ଯୋଜନା



ଦାରିଦ୍ର୍ୟ ଦୂର କରି ଏକ ସ୍ୱାବଲମ୍ବନ ଭବିଷ୍ୟତ ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି । ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଶିକ୍ଷିତ, ନିଯୁକ୍ତି ବିହୀନ ଲୋକଙ୍କ ନିକଟରେ ଏହି ଯୋଜନା ପହଞ୍ଚାଇବାକୁ ଓ ଉପକୃତ କରି ଆତ୍ମନିର୍ଭରଶୀଳ କରିବା ନିମନ୍ତେ ଗଞ୍ଜାମ ଜିଲ୍ଲା ପ୍ରଶାସନ ଦ୍ୱାରା ପଦକ୍ଷେପ ନିଆଯାଉଛି । ସହରାଞ୍ଚଳର ବିଭିନ୍ନ ବସ୍ତିରେ ଶିକ୍ଷିତ ଯୁବକ ଯୁବତୀମାନେ ରୋଜଗାରଶୂନ୍ୟ ହୋଇ ଦିଗହରା ହେବାକୁ ବସିଥିବା ବେଳେ ସ୍ୱର୍ଣ୍ଣଜୟନ୍ତୀ ସହରୀ ରୋଜଗାର ଯୋଜନା ସେମାନଙ୍କୁ ଆଶୀର୍ବାଦ ଦେବା ପରି ଆସି ପହଞ୍ଚିଲା । ଏହି ଯୋଜନାରେ ସେମାନଙ୍କୁ ଆତ୍ମନିର୍ଭରଶୀଳ ହେବାର ମାର୍ଗ ଦେଖାଇବା ସଙ୍ଗେ ସଙ୍ଗେ ସହରରେ କ୍ଷୁଦ୍ର ପ୍ରକଳ୍ପମାନ ସ୍ଥାପନ ହୋଇପାରିଛି । ଶ୍ରମଭିତ୍ତିକ ନିଯୁକ୍ତି ଜରିଆରେ ଆତ୍ମ ଉତ୍ଥାନ କରାଯାଇପାରିଛି । ପୌର ପରିଷଦ ନିଜ ଗୋଷ୍ଠୀ ସଂଗଠନ ମାଧ୍ୟମରେ ଏହା କାର୍ଯ୍ୟକାରୀ କରିବାର ଜ୍ୱଳନ୍ତ ଉଦାହରଣ ଗଞ୍ଜାମ ଜିଲ୍ଲା ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ । ଉଭୟ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କର ଯଥାକ୍ରମେ ୭୫:୨୫ ଭାଗ ହାରରେ ଅନୁଦାନ ପାଇ ଏହି ବିଜ୍ଞାପିତ ଅଞ୍ଚଳ ପରିଷଦରେ ତିନୋଟି କ୍ଷୁଦ୍ର ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । (୧) ମହିଳାମାନଙ୍କର ସିଲାଇ ଶିକ୍ଷା ଓ ବୈଷୟିକ ବୃତ୍ତିଗତ ତାଲିମ (୨) ସାଇକେଲ ମରାମତି (୩) କମ୍ପ୍ୟୁଟର ଶିକ୍ଷା ।

ଏହି ତିନୋଟି ପ୍ରକଳ୍ପରେ ସ୍ୱର୍ଣ୍ଣ ଜୟନ୍ତୀ ସହରୀ ରୋଜଗାର ଯୋଜନାର ମୂଳଲକ୍ଷ୍ୟ ଦୁଇଟି ପ୍ରତିଫଳିତ ହୋଇପାରିଛି । ପ୍ରଥମତଃ ସହରାଞ୍ଚଳ ଆତ୍ମନିଯୁକ୍ତି ଓ ଶ୍ରମନିଯୁକ୍ତି ଯୋଜନା । ଉପଯୁକ୍ତ ତାଲିମ ମାଧ୍ୟମରେ ଦକ୍ଷତା ବୃଦ୍ଧି ହିଁ ଏହି ଯୋଜନାର ଅନ୍ୟ ଗୋଟିଏ ଲକ୍ଷ୍ୟ । ସହରାଞ୍ଚଳ ଗରିବମାନଙ୍କ ପାଇଁ ତାଲିମ ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ହେଲା ସେମାନଙ୍କର ସେବାମୂଳକ ଏବଂ ଉତ୍ପାଦନଭିତ୍ତିକ ପ୍ରକଳ୍ପ ବାବଦରେ ଜ୍ଞାନ କୌଶଳ ବୃଦ୍ଧି ସଙ୍ଗେ ସଙ୍ଗେ ସେମାନଙ୍କ ଭିତରେ ଥିବା ଦକ୍ଷତା ଏବଂ କଳାକୁ ମଜବୁତ୍ କରିବା । ଏହି ତାଲିମ ବ୍ୟବସ୍ଥା ପାଇଁ ହିତାଧିକାରୀ ପିଛା ୨୦୦୦ଟଙ୍କା ଖର୍ଚ୍ଚ କରାଯାଉଛି ।

ଚିକିଟି ଏନ୍.ଏ.ସି.ର ନିର୍ବାହୀ ଅଧିକାରୀ ଏହି ଯୋଜନାର ତିନୋଟି କ୍ଷୁଦ୍ର ପ୍ରକଳ୍ପ ପାଇଁ ହିତାଧିକାରୀମାନଙ୍କୁ ଚିହ୍ନଟ କରି ମନୋନୀତ କରିବା ନିମନ୍ତେ ପ୍ରତ୍ୟେକ କାଉନସିଲର ସହିତରେ ବୈଠକ କରି ଏବଂ କମିଟି ମନୋନୀତ କରିଥିବା ପ୍ରାର୍ଥୀ, ପ୍ରାର୍ଥିନୀଙ୍କୁ ସାକ୍ଷାତକାର କରାଇଥିଲେ ।

## ସିଲାଇ ଶିକ୍ଷା ତାଲିମରେ ଚିକିଟିର ମହିଳାମାନେ

୧୨ ଜଣ ଶିକ୍ଷିତା ଯୁବତୀଙ୍କୁ ସ୍ୱର୍ଣ୍ଣଜୟନ୍ତୀ ସହରୀ ରୋଜଗାର ଯୋଜନାରେ ଆତ୍ମନିର୍ଭରଶୀଳ କରିବାକୁ ମନୋନୀତ କରାଗଲା ଏନ୍.ଏ.ସି. ନିର୍ବାହୀ ଅଧିକାରୀଙ୍କ ଦ୍ୱାରା । ସହରର "ରୋମାନ୍ ହେଣ୍ଡି ୱାର୍କସ୍" ଅଧୀନରେ ଏହିମାନଙ୍କର ତାଲିମ ବ୍ୟବସ୍ଥା କରାଗଲା । ଫେବୃୟାରୀ, ୯୯ରେ ଏହି ଯୋଜନା ଦ୍ୱାରା ୧୨ ଜଣ ଯୁବତୀଙ୍କ ସିଲାଇ, ବୁଣାବୁଣି ତାଲିମ କାର୍ଯ୍ୟ ଆରମ୍ଭ ହେଲା । ୧୨ ଜଣଙ୍କୁ ମାସିକ ଏକଶତ ଟଙ୍କା ଲେଖାଏଁ ଭତ୍ତାର ବ୍ୟବସ୍ଥା କରାଯାଇ ପ୍ରତିମାସରେ "ରୋମାନ ହେଣ୍ଡି ୱାର୍କସ୍" ପରିଚାଳନା ନିର୍ଦ୍ଦେଶକଙ୍କ ଜରିଆରେ ପ୍ରଦାନ କରାଯାଉଛି । ଜଣେ ତାଲିମପ୍ରାପ୍ତ ଅଭିଜ୍ଞ ଶିକ୍ଷୟିତ୍ରୀଙ୍କୁ ଏଥିପାଇଁ ନିଯୁକ୍ତି

ଦିଆଯାଉଛି । ଏହି ପ୍ରକଳ୍ପର କାର୍ଯ୍ୟକାଳ ୧୫୬ ଦିନ ବା ୬ମାସ ରଖାଯାଇଛି । ପ୍ରତିଦିନ ୨ଘଣ୍ଟା ଲେଖାଏଁ ୩୧୨ ଘଣ୍ଟାରେ ୧୨ ଜଣ ମହିଳାଙ୍କୁ ଆତ୍ମ ନିର୍ଭରଶୀଳ ହେବାକୁ ଲକ୍ଷ୍ୟ ରଖାଯାଇଛି । ଏଥିରେ ହାତ ସିଲେଇ ଉପରେ ସମ୍ୟକ ଧାରଣା ୫ ଦିନ ଯାଏ, ହୁକ୍, ବୋତାମ, ହେମ୍ ସିଲେଇ ଶିକ୍ଷା ୮ ଦିନ, ସିଲେଇ ଉପକରଣ, ଯନ୍ତ୍ରାଂଶ ନିରୂପଣ ଓ ତାର ବ୍ୟବହାର ୩ଦିନଯାଏ, ମେସିନ ସିଲେଇର ସୂଚନା ୫ ଦିନ, କାଗଜ ଦ୍ୱାରା ବେଗ୍ କଟା ଓ କନା ଦ୍ୱାରା ବେଗ୍ ସିଲେଇ ଶିକ୍ଷା ୪ ଦିନ, କାଗଜ ଦ୍ୱାରା ଶିଶୁ ଜାଙ୍ଘିଆ ଓ କପଡ଼ା ଦ୍ୱାରା ସିଲେଇ ୬ ଦିନ, ପେଟିକ କଟା ଓ କପଡ଼ା ଦ୍ୱାରା ସିଲେଇ ୧୦ ଦିନ, ଶାୟା କାଗଜ ଦ୍ୱାରା କଟା ଓ କପଡ଼ା ଦ୍ୱାରା ସିଲେଇ ୧୫ ଦିନ, ଶାୟା କୁର୍ତ୍ତି ସିଲେଇ ୬ ଦିନ, ନିକର କାଗଜ କଟା ଓ କପଡ଼ା ଦ୍ୱାରା ସିଲେଇ ୭ ଦିନ, ଗାଉନ କାଗଜ ଦ୍ୱାରା କଟା ଓ କପଡ଼ା ଦ୍ୱାରା ସିଲେଇ ୭ଦିନ, ବେବି ଫ୍ରକ୍ କାଗଜ କଟା ଓ କପଡ଼ା ଦ୍ୱାରା ସିଲେଇ ୧୦ ଦିନ, ସୁଟ ମିଡି କାଗଜ ଦ୍ୱାରା କଟା ଓ କପଡ଼ା ଦ୍ୱାରା ସିଲେଇ ୧୦ ଦିନ, ନାଇଟି (ତିନିପ୍ରକାର) କାଗଜ କଟା ଓ କପଡ଼ା ସିଲେଇ ୨୫ ଦିନ, ବ୍ଲାଉଜ କାଗଜ କଟା ଓ କପଡ଼ା ସିଲେଇ ୨୦ ଦିନ ଓ ବୁଟିଦାର ସିଲେଇ ଶିକ୍ଷା ୧୫ ଦିନ ଦିଆଯାଉଛି ।

ଏହି ତାଲିମ କେନ୍ଦ୍ରର ଶିକ୍ଷୟିତ୍ରୀ ମଧ୍ୟ ଜଣେ କୁଶଳୀ ବୈଷୟିକ ତାଲିମପ୍ରାପ୍ତ ମହିଳା । ବର୍ତ୍ତମାନ ସହରର ଏହି ୧୨ ଜଣ ଯୁବତୀ ସମସ୍ତ ଶିକ୍ଷା ଓ ତାଲିମରେ ସନ୍ତୋଷଜନକ ପାରଦର୍ଶିତା ଦେଖାଇ ପାରିଛନ୍ତି । ସ୍ୱର୍ଣ୍ଣଜୟନ୍ତୀ ସହରୀ ରୋଜଗାର ଯୋଜନାର ସୁଫଳ ଏହି ଯୁବତୀମାନଙ୍କ ନିମନ୍ତେ ଭବିଷ୍ୟତ ଜୀବନର ନୂତନ ଦିଗ ଆଣିପାରିଛି । ଘରେ ବସି ନିଜ ବଳରେ ଚଳିବାକୁ ସେମାନେ ସମର୍ଥ ହୋଇପାରିବେ । ତାଲିମ ପରେ ପରେ ଅନ୍ୟ ପ୍ରକଳ୍ପ ଦ୍ୱାରା, କାର୍ଯ୍ୟକ୍ରମ ସହାୟତାରେ ସିଲେଇ ମେସିନ ଯୋଗାଇ ଦେବାକୁ ନିର୍ବାହୀ ଅଧିକାରୀ ଲକ୍ଷ୍ୟ ରଖିଛନ୍ତି । ୧୨ ଜଣଙ୍କର ମାସିକ ୧୦୦ ଟଙ୍କା ଭତ୍ତା ବ୍ୟତୀତ ତାଲିମ ୬ମାସ ନିମନ୍ତେ ୧୬,୮୦୦ଟଙ୍କା ରୋମାନ୍ ହେଲ୍ଥ ୱାର୍କସ୍‌କୁ ପ୍ରଦାନ କରାଯାଉଛି ।

ଏହି ଯୋଜନାରେ ଟିକିଟି ଏନ୍.ଏ.ସି.ର କୁମାରୀ ପି. ଶ୍ରୀଦେବୀ, ସୁଭାସ୍ମା ସାମନ୍ତ, ସୁବାସିନୀ ସେଠୀ, ଶ୍ରୀମତୀ ପ୍ରତିମା ରାଉଳ, ତପସ୍ୱିନୀ ରାଉଳ, ପ୍ରଣୀତା ପାତ୍ର, ଶ୍ରୀମତୀ ବିରାଜିନୀ ପାତ୍ର, କେ. ସୁଜାତା ଆଚାରୀ, ରଶ୍ମିତା ନାଇକ, ସ୍ମରଣିକା ମହାକୁଡ଼, ନମିତା କୁମାରୀ ପଣ୍ଡା, ଶାନ୍ତିଲତା ସାହୁ ଉପକୃତ ହୋଇପାରିଛନ୍ତି । ଘର ପାଇଁ ଆଜି ସେମାନେ ବୋଝ ହୋଇ ନାହାନ୍ତି । ଘର ନିମନ୍ତେ ରୋଜଗାର ମାର୍ଗ ଉନ୍ମୁକ୍ତ କରିଛି ସ୍ୱର୍ଣ୍ଣଜୟନ୍ତୀ ସହରୀ ରୋଜଗାର ଯୋଜନା ।

*ଦାମୋଦର ପାତ୍ର*

*ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଗଞ୍ଜାମ, ଛତ୍ରପୁର*

# ସଞ୍ଚିତ ଅର୍ଥ ହିଁ ଉପାର୍ଜିତ ଅର୍ଥ

ସ୍ୱାଧୀନତାର ୫୦ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଆଜିବି ଆମ ଗାଁ ଗହଳିର ଜନସାଧାରଣ ଦୁଃଖ ଦାରିଦ୍ର୍ୟରେ ନିଷ୍ପେଷିତ । ଏକ ପରିବାରରେ ଦାରିଦ୍ର୍ୟର କଷାଘାତ ମୁଖ୍ୟତଃ ପରିବାରର ମହିଳାଙ୍କ ଉପରେ ପଡ଼ିଥାଏ । ଏହି ବିରାଟ ସାମାଜିକ ଅବ୍ୟବସ୍ଥାର ସମାପ୍ତି ପାଇଁ, ବ୍ୟାଙ୍କମାନଙ୍କର ଜାତୀୟକରଣ ଓ ସମବାୟ, ଭୂ-ଉନ୍ନୟନ ବ୍ୟାଙ୍କ ପ୍ରଭୃତିର ପରିକଳ୍ପନା କରାଯାଇଥିଲା । କିନ୍ତୁ ଗରିବ ପରିବାରମାନଙ୍କର ବନ୍ଧକ ଦେବାର ଅକ୍ଷମତା ସେମାନଙ୍କୁ ଏହି ଅନୁଷ୍ଠାନମାନଙ୍କ ଠାରୁ ଯଥେଷ୍ଟ ଦୂରରେ ରଖିଅଛି । ଏହି ପରିପ୍ରେକ୍ଷୀରେ ଗରିବ ପରିବାରର ମହିଳାମାନଙ୍କର ପୁଞ୍ଜିଜନିତ ଅସୁବିଧାର ଦୂରୀକରଣ ପାଇଁ 'ମହିଳା ସଂଚୟିକା ସଂଘ'ର ପରିକଳ୍ପନା କରାଯାଇଛି । ଗାଁର ବା ସହର ଉପକଣ୍ଠର ସମାନ ବୃତ୍ତି ଅବଲମ୍ବନ କରୁଥିବା ୧୫ ରୁ ୨୦ ଜଣ ମହିଳା ଏକାଠି ହୋଇ ଆତ୍ମ ସହାୟିକା ଗୋଷ୍ଠୀ ଗଠନ କରନ୍ତି ଓ ବ୍ୟାଙ୍କରେ ଏକ ଖାତା ଖୋଲି ସାଧ୍ୟମତେ ପ୍ରତି ସପ୍ତାହରେ ସଞ୍ଚୟ କରିଥାନ୍ତି । କିଛି ପୁଞ୍ଜି ହେବା ପରେ ସେମାନେ ନିଜ ନିଜ ମଧ୍ୟରେ ଆବଶ୍ୟକତା ଅନୁଯାୟୀ ଋଣ ଆଦାନ ପ୍ରଦାନ କରିଥାଆନ୍ତି । ୩ମାସରୁ ୬ମାସ ମଧ୍ୟରେ ଏହି ଆତ୍ମ ସହାୟିକା ଗୋଷ୍ଠୀଟି ବ୍ଲକସ୍ତରୀୟ ବା ମ୍ୟୁନିସିପାଲିଟି ସ୍ତରୀୟ ମହିଳା ସଂଚୟିକା ସଂଘର ସଭ୍ୟଭୁକ୍ତ ହୁଅନ୍ତି । ମହିଳା ସଞ୍ଚୟିକା ସଂଘ ବ୍ୟାଙ୍କ ଠାରୁ ଋଣ ନେଇ ସେମାନଙ୍କୁ ପୁଞ୍ଜି ଯୋଗାଇ ଦେଇଥାଏ । ମହିଳା ଦଳ ଗଠିତ ହେବା ପରେ ନିଜର ଆତ୍ମବିଶ୍ୱାସକୁ ବୃଦ୍ଧି କରିବା, ଜୀବନକୁ ସୁରକ୍ଷିତ କରିବା ଓ ମହାଜନଙ୍କ କବଳରୁ ନିଜ ପରିବାରକୁ ରକ୍ଷା କରିବା ପାଇଁ ସଦସ୍ୟମାନଙ୍କ ମଧ୍ୟରେ ମାସିକ ସଞ୍ଚୟର ଅଭ୍ୟାସ କରିବାକୁ ହୋଇଥାଏ । ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଏହି ଗୋଷ୍ଠୀଗୁଡ଼ିକର ସଂଯୋଜନା କରନ୍ତି ।

ମହିଳା ସଞ୍ଚୟିକା ସଂଘଗୁଡ଼ିକୁ ପଞ୍ଜୀକରଣ ନିୟମ ୧୮୬୦ ମୁତାବକ ପଞ୍ଜୀକରଣ କରାଯାଇଥାଏ । ପ୍ରତ୍ୟେକ ଆତ୍ମ ସହାୟକ ଗୋଷ୍ଠୀର ଜଣେ ଲେଖାଏଁ ପ୍ରତିନିଧିଙ୍କୁ ନେଇ ଉକ୍ତ ସଂଘ ଗଠନ କରାଯାଏ । ଏହି ପ୍ରତିନିଧିମାନଙ୍କୁ ନେଇ ସଂଘର ସାଧାରଣ କମିଟି ଗଠନ କରାଯାଇଥାଏ ଓ ଉକ୍ତ କମିଟି ସଂଘର ସୁପରିଚାଳନା ନିମନ୍ତେ ନୀତିନିୟମ ନିର୍ଦ୍ଧାରଣ କରିଥାଆନ୍ତି । ସଂଘର କାର୍ଯ୍ୟକାରୀ କମିଟି ୧୪ଜଣ ସଦସ୍ୟାଙ୍କୁ ନେଇ ଗଠନ କରାଯାଏ । ତନ୍ମଧ୍ୟରୁ ୧୧ ଜଣ ସଦସ୍ୟା ସଂଘର ସାଧାରଣ କମିଟି ଦ୍ୱାରା ନିର୍ବାଚିତ ହୁଅନ୍ତି ଓ ସମ୍ପୃକ୍ତ ଅଞ୍ଚଳର ବି.ଡି.ଓ., ସି.ଡି.ଓ. ଓ ସହାୟକ ବ୍ୟାଙ୍କର ପ୍ରତିନିଧି ରହନ୍ତି । ଜିଲ୍ଲା ତଥା ବ୍ଲକ ସ୍ତରୀୟ ସମସ୍ତ ସରକାରୀ ଅଧିକାରୀ ତାଙ୍କର କାର୍ଯ୍ୟକ୍ରମଗୁଡ଼ିକୁ ଆତ୍ମ ସହାୟିକା ଗୋଷ୍ଠୀ ମାଧ୍ୟମରେ ଏକତ୍ରୀକରଣ ଓ କାର୍ଯ୍ୟାନ୍ୱିତ କରିବେ । ୧୯୯୯ ମସିହାକୁ ଗଞ୍ଜାମ ଜିଲ୍ଲାରେ ଆତ୍ମ ସହାୟିକା ଗୋଷ୍ଠୀ ବର୍ଷ ରୂପେ ପାଳନ କରାଯାଉଥିବା ଯୋଗୁଁ ଏହି ଜିଲ୍ଲାର ଅନେକ ମହିଳା ସଞ୍ଚୟିକା ସଂଘ ଗଢ଼ି ଉଠିଛି ଓ ସଫଳତାର ସହ କାର୍ଯ୍ୟ କରୁଛି ।

ଏହିପରି ଏକ ସଫଳ ମହିଳା ସଞ୍ଚୟିକା ସଂଘ ଗଞ୍ଜାମ ଜିଲ୍ଲାର ପାତ୍ରପୁର ବ୍ଲକରେ ଗଠିତ ହୋଇଛି । ୬୨ଟି ଆତ୍ମ ସହାୟିକା ଗୋଷ୍ଠୀକୁ ନେଇ ଗଠିତ ଏହି ସଞ୍ଚୟିକା ସଂଘର ମୋଟ ସଭ୍ୟ ସଂଖ୍ୟା ୯୪୨ । ଏଥିରୁ ୪୫୨ ଜଣ ଆଦିବାସୀ ଓ ୬୫ ଜଣ ହରିଜନ । ପାତ୍ରପୁରସ୍ଥିତ କାନାରା ବ୍ୟାଙ୍କର ସହାୟତାରେ ପ୍ରତିଷ୍ଠିତ ଏହି ସଂଘ ବର୍ତ୍ତମାନ ସୁଦ୍ଧା ଟ.୬୨,୪୫୩ଙ୍କା ସଞ୍ଚୟ କରିପାରିଛି । ପ୍ରତି ସପ୍ତାହରେ ବୁଧବାର ଦିନ ପୂର୍ବାହ୍ନ ଘ.୧୦.୩୦ରୁ ଘ ୪.୩୦ଘଣ୍ଟା ପର୍ଯ୍ୟନ୍ତ ଏହି ସଂଘ କାର୍ଯ୍ୟକାରୀ

ହୋଇଥାଏ । ପ୍ରତିମାସ ୮ ଓ ୨୩ ତାରିଖରେ କାର୍ଯ୍ୟକାରୀ କମିଟି ସଦସ୍ୟାଙ୍କର ବୈଠକ ହୋଇଥାଏ । ଏହି ସଂଘର ପ୍ରକଳ୍ପ ପରିଚାଳିକା ହେଉଛନ୍ତି ଗୀତାରାଣୀ ରାଉଳ, ସମ୍ପାଦିକା ବିମଳ ପାତ୍ରୀ ଓ ସଭାପତି ପ୍ରତିମା ପଣ୍ଡା ।

*ଅର୍ଚ୍ଚନା ଶତପଥୀ*

*ଉପଖଣ୍ଡ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଭଞ୍ଜପୁର*

# ନୟାଗଡ଼ ଜିଲ୍ଲାରେ ରେଶମ ଚାଷ

ଓଡ଼ିଶାରେ ସାଧାରଣତଃ ତିନିପ୍ରକାର ରେଶମ ପୋକ ପାଳନ କରାଯାଏ । ସେଗୁଡ଼ିକ ହେଲା- ଏଣ୍ଡି, ଟସର ଓ ମଲବେରୀ । ଏମାନେ ଯଥାକ୍ରମେ ଗଛ (ଶାଳ, ଅଶନ, ଅର୍ଜୁନ) ଓ ତୁତ ଗଛର ପତ୍ର ଖାଇ ଜୀବନ ନିର୍ବାହ କରିଥାନ୍ତି । ସବାଳୁଆ ପରି ଏମାନଙ୍କର ଜୀବନଚକ୍ର । ପୋକ ଅବସ୍ଥାରୁ ପ୍ୟୁପା ବା କୋଷା ଅବସ୍ଥାକୁ ଯିବାପରେ ଏମାନଙ୍କୁ ସଂଗ୍ରହ କରାଯାଇ କୋଷାରୁ ରେଶମ ସୂତା ଉତ୍ପାଦନ କରାଯାଇ ବିଭିନ୍ନ ପାଟ ଲୁଗା ଓ ବସ୍ତ୍ର ତିଆରି କରାଯାଇଥାଏ, ଯାହାର ଚାହିଦା ଦେଶ ବିଦେଶର ବଜାରରେ ଖୁବ୍ ବେଶୀ । ତେବେ ସାଧାରଣତଃ ଜଡ଼ା ଗଛ, ତୁତ ଗଛ ଓ ଶାଳ ଗଛର ଚାଷ, ରକ୍ଷଣାବେକ୍ଷଣ ଏବଂ ପୋକ ପାଳନ ପ୍ରକ୍ରିୟା ଦ୍ୱୟର ସମଷ୍ଟିକୁ ରେଶମ ଚାଷ କୁହାଯାଏ ।

ନୟାଗଡ଼ ଜିଲ୍ଲାରେ ବର୍ତ୍ତମାନ କେବଳ ମଲବେରୀ ରେଶମ ପୋକ ପାଳନ କରାଯାଉଛି । ଜିଲ୍ଲାର ଓଡ଼ଗାଁ ଓ ଦଶପଲ୍ଲା ବ୍ଲକର ଆଦିବାସୀ ଓ ହରିଜନ ସଂପ୍ରଦାୟର ଲୋକମାନେ ତୁତ ଚାଷ କରି ତୁତପତ୍ର ଆମଦାନୀ କରିଥାନ୍ତି । ୨୦-୨୫ ଦିନ ପତ୍ର ଖାଇବା ପରେ ଏହି ପୋକ କୋଷା ବାନ୍ଧିବାରେ ପଞ୍ଚମ ଦିନରେ ଏହି କୋଷାଗୁଡ଼ିକ ସଂଗ୍ରହ କରାଯାଏ । ବ୍ଲକରେ ଥିବା ରେଶମ ଚାଷ ସମବାୟ ସମିତିକୁ ନିଜର ଉତ୍ପାଦିତ କୋଷାକୁ ବିକ୍ରୟ କରି ଚାଷୀ ତାର ନ୍ୟାଯ୍ୟ ମୂଲ୍ୟ ପାଇଥାଏ ।

ରେଶମ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କର ଆର୍ଥିକ ମାନଦଣ୍ଡ ଏବଂ ଜାତି ଭିତ୍ତିରେ ସମୟ ସମୟରେ ବୟନଶିଳ୍ପ ନିର୍ଦ୍ଦେଶାଳୟ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ରାଜ୍ୟ ଆଦିବାସୀ ଓ ହରିଜନ ଉନ୍ନୟନ ଅର୍ଥଲଗାଣ ଲିଃ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ତଥା ବ୍ୟାଙ୍କ ତରଫରୁ ସରକାରଙ୍କ ବିଭିନ୍ନ ଯୋଜନା ଜରିଆରେ ଅର୍ଥ ସାହାଯ୍ୟ ଓ ଋଣ ଯୋଗାଇ ଦିଆଯାଇଥାଏ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡି.ଆର୍.ଡି.ଏ) ତରଫରୁ ଚଳିତ ବର୍ଷ ଠାରୁ ତୁତ ଚାଷ ପାଇଁ ଟ.୬୦୦୦.୦୦କା ଓ ଟ.୧୦,୦୦୦.୦୦ ରେଶମ ପୋକ ପାଳନ ଗୃହ ପାଇଁ ଆର୍ଥିକ ସାହାଯ୍ୟର (ସବ୍‌ସିଡି) ବ୍ୟବସ୍ଥା କରାଯାଉଛି ।

ଏତଦ୍‌ବ୍ୟତୀତ ସରକାରଙ୍କ ତରଫରୁ

(୧) ତୁତ ଚାଷ ପାଇଁ ତୁତକାଠି ମାଗଣାରେ ଯୋଗାଇ ଦିଆଯାଏ ।

(୨) ଚାଷୀମାନଙ୍କୁ ତୃତୀୟ ଅବସ୍ଥାର ପୋକ ଅଧା ଦରରେ ଯୋଗାଇ ଦିଆଯାଏ ।

(୩) ଚାଷୀମାନଙ୍କୁ ଏହି ଚାଷ ଓ ପୋକ ପାଳନ ସମ୍ବନ୍ଧୀୟ ସୁବିଧା ଅସୁବିଧା ବୁଝାଇ ଦେବାପାଇଁ ବ୍ଲକ ସ୍ତରରେ ରେଶମ ସଂପ୍ରସାରଣ ଅଧିକାରୀ ଓ ଜିଲ୍ଲା ସ୍ତରରେ ସହକାରୀ ନିର୍ଦ୍ଦେଶକ (ରେଶମ ଶିଳ୍ପ)ମାନଙ୍କୁ ଅବସ୍ଥାପିତ କରାଯାଇଅଛି ।

(୪) ତୁତ ଚାଷ, ରେଶମ ଶିଶୁପୋକ ପାଳନ ଓ ସୂତା କଟା ବୈଷୟିକ ତାଲିମ ମାଗଣାରେ ଯୋଗାଇ ଦେବା ପାଇଁ ଦଶପଲ୍ଲାରେ "ତୁତ ପ୍ରଦର୍ଶନ କ୍ଷେତ୍ର (ଏମ୍.ଡି.ଏଫ୍) ଏବଂ ବ୍ଲକ ସ୍ତରେ "ତୁତ ସଂପ୍ରସାରଣ କେନ୍ଦ୍ର" (ଏମ୍.ଇ.ଏସ୍.ସି)ର ପ୍ରତିଷ୍ଠା କରାଯାଇଛି ।

ରେଶମ ଚାଷ କରିବା ପାଇଁ ଆଗ୍ରହୀ ଚାଷୀମାନେ ଏ ବିଷୟରେ ଅଧିକ ତଥ୍ୟ ଜାଣିବାପାଇଁ ନିମ୍ନଲିଖିତ ଅଫିସରମାନଙ୍କୁ ଯୋଗାଯୋଗ କରିପାରିବେ ।

୧) ବୟନଶିଳ୍ପ ନିର୍ଦ୍ଦେଶକ, ସତ୍ୟନଗର, ଭୁବନେଶ୍ୱର

୨) ସହକାରୀ ରେଶମ ଶିଳ୍ପ ନିର୍ଦ୍ଦେଶକ, ଦୁର୍ଗାପ୍ରସାଦ, ନୟାଗଡ଼

୩) ଉତ୍ପାଦନ ଅଧିକାରୀ (ଏମ୍.ଡି.ଏଫ୍) ଦଶପଲ୍ଲା

୪) ତୁତ ସଂପ୍ରସାରଣ ଅଧିକାରୀ, ଦଶପଲ୍ଲା

୫) ତୁତ ସଂପ୍ରସାରଣ ଅଧିକାରୀ, ଓଡ଼ଗାଁ

*ଶ୍ରୀ ଚନ୍ଦ୍ରମା ପ୍ରସନ୍ନ ଦାସ*

*ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ନୟାଗଡ଼*

• • •

# ସମ୍ବାଦ ପରିକ୍ରମା

## ଖଇରା ସେତୁ ଉଦ୍‌ଘାଟିତ

ଗତ ଜୁନ୍ ୮ ତାରିଖରେ ବଡ଼ଚଣା- ଦର୍ପଣ ରାସ୍ତାର ଦୁଇ କିଲୋମିଟର ଠାରେ ଖଇରା ସେତୁକୁ ରାଜ୍ୟ, ପୂର୍ତ୍ତ, ନଗର ଉନ୍ନୟନ ତଥା ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ଉଦ୍‌ଘାଟନ କରି କହିଲେ ଯେ ଗମନାଗମନର ସୁବିଧା ନଥିବା ଅଞ୍ଚଳରେ କୃଷିଜାତ ଦ୍ରବ୍ୟର ଉଚିତ ମୂଲ୍ୟ ଚାଷୀମାନେ ପାଇପାରୁ ନାହାଁନ୍ତି । ରାଜ୍ୟର ସମସ୍ତ ଅଞ୍ଚଳକୁ ଯେପରି ଗମନାଗମନର ସୁବିଧା କରାଯାଇ ପାରିବ, ସେ ଦିଗରେ ସରକାର ଉଦ୍ୟମ ଚଳାଇଛନ୍ତି । ଏହି ସେତୁଟି ଉଦ୍‌ଘାଟନ ହେଲା ପରେ ବଡ଼ଚଣା ଅଞ୍ଚଳବାସୀଙ୍କର ଯାତାୟାତର ସୁବିଧା ହେବା ସଂଗେ ସଂଗେ ଅର୍ଥନୈତିକ ଅଭିବୃଦ୍ଧି ଘଟିବ । ଚଣ୍ଡିଖୋଲକୁ ଏନ୍.ଏ.ସି.ରେ ପରିଣତ କରିବା ଓ ଅଢ଼େଇକଣା ସେତୁର ଭିତ୍ତି ପ୍ରସ୍ତର ସ୍ଥାପନ କରିବା ପରେ ସେ କହିଥିଲେ ।

ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ନିରଂଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଯନ୍ତ୍ରୀ ଶ୍ରୀ ମଦନ ମୋହନ ଲହିମା ସ୍ୱାଗତ ଭାଷଣ ଦେଇ କହିଲେ ଯେ ଏହି ସେତୁ ନିର୍ମାଣ ପାଇଁ ୧୯୯୩ ମସିହାରେ ପ୍ରଶାସନିକ ଅନୁମୋଦନ ପାଇଥିଲା ଓ ଏହାର ନିର୍ମାଣ ବାବଦରେ ୩୬ଲକ୍ଷ ୧୭ ହଜାର ଟଙ୍କା ଖର୍ଚ୍ଚ ହୋଇଛି ।

## ପୂର୍ତ୍ତମନ୍ତ୍ରୀଙ୍କ ଦ୍ୱାରା ବାଇଁଶିଆ ନାଳ ସେତୁର ଭିତ୍ତି ପ୍ରସ୍ତର ସ୍ଥାପିତ

ଗତ ଜୁନ୍ ୮ ତାରିଖରେ ରାଜ୍ୟ ପୂର୍ତ୍ତ, ନଗର ଉନ୍ନୟନ ତଥା ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ସାଲେପୁର- ଛଡିଆ ରାସ୍ତାର ୨୭ କିଲୋମିଟର ଚମ୍ପାପୁରଠାରେ ବାଇଁଶିଆ ନାଳ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରି କହିଲେ ଯେ ରାଜ୍ୟର ସମସ୍ତ ଗ୍ରାମକୁ ସବୁଦିନିଆ ରାସ୍ତା ଯୋଗାଇ ଦେବାପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ଗ୍ରାମର ଉନ୍ନତି ହିଁ ରାଜ୍ୟର ଉନ୍ନତି ବୋଲି ମନ୍ତ୍ରୀ ଶ୍ରୀ ସିଂହ ପ୍ରକାଶ କରିବା ସଂଗେ ସଂଗେ ଏହି ସେତୁ ନିର୍ମାଣ ଫଳରେ ସ୍ଥାନୀୟ ଅଞ୍ଚଳର ବିକାଶ ଦିଗରେ ସହାୟକ ହେବ ବୋଲି କହିଥିଲେ ।

ଏଥିରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ପି.ସି.ସି. ସାଧାରଣ ସମ୍ପାଦକ ଶ୍ରୀ ସୀତାକାନ୍ତ ମହାପାତ୍ର ଯୋଗ ଦେଇ ଏହି ସେତୁ ନିର୍ମାଣ ଫଳରେ ଢେଙ୍କାନାଳ, ଯାଜପୁର ଓ କଟକ ଜିଲ୍ଲାର ଲୋକମାନେ ବିଶେଷ ଭାବେ ଉପକୃତ ହୋଇପାରିବେ ବୋଲି କହିଥିଲେ ।

## ସମ୍ବାଦପତ୍ରର ସ୍ୱାର୍ଥରକ୍ଷା ନିମନ୍ତେ ଖୁବ୍‌ଶୀଘ୍ର ସୂଚନା ନୀତି ପ୍ରଣୀତ ହେବ : ସୂଚନା ମନ୍ତ୍ରୀ ଶ୍ରୀ ସିଂହ

ରାଜ୍ୟର ସମ୍ବାଦପତ୍ରଗୁଡ଼ିକର ସ୍ୱାର୍ଥରକ୍ଷା ନିମନ୍ତେ ଖୁବ୍‌ଶୀଘ୍ର 'ସୂଚନା ନୀତି' ପ୍ରଣୀତ ହେବ ବୋଲି ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ, ପୂର୍ତ୍ତ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ମତବ୍ୟକ୍ତ କରିଛନ୍ତି ।

ଗତ ଜୁନ୍ ୭ ତାରିଖରେ ବାଲେଶ୍ୱରସ୍ଥିତ ଟାଉନ୍ ହଲ୍‌ଠାରେ ଉତ୍ତର ଓଡ଼ିଶାରୁ ପ୍ରକାଶ ପାଉଥିବା ଦୈନିକ ସମ୍ବାଦପତ୍ର "ଆଜିକାଲି"ର ଚତୁର୍ଦ୍ଦଶ ପ୍ରକାଶନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ସିଂହ କହିଲେ ଯେ ଏକବିଂଶ ଶତାବ୍ଦୀରେ ପାଦ ବଢ଼ାଇଥିବା ମାନବ ସମାଜ ବିଜ୍ଞାନ ଓ କାରିଗରୀ ଠାରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ରରେ ଆଗଭର ହୋଇଛି । ତେବେ ଆଜିର ମନୁଷ୍ୟ ମାନବିକତା, ସ୍ନେହ ସୌହାର୍ଦ୍ଦ୍ୟ ହରାଇ ବସିଛି ବୋଲି ପ୍ରକାଶ କରି ଆଗାମୀ ଦିନରେ ଏହାକୁ ପୁନଃ ପ୍ରତିଷ୍ଠା କରିବା ଦିଗରେ ସମ୍ବାଦପତ୍ରମାନେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ । ଓଡ଼ିଶା ଭଳି ଏକ ଅନଗ୍ରସର ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଆଶାନୁରୂପ ଅଗ୍ରଗତିଲାଭ କରି ନଥିଲେ ମଧ୍ୟ ଏ ଦିଗରେ ସମ୍ବାଦପତ୍ର ଓ ସ୍ୱେଚ୍ଛାସେବୀ ସଂସ୍ଥା ଗୁଡ଼ିକ ସ୍ୱତନ୍ତ୍ର ଧ୍ୟାନ ଦେବା ଉଚିତ । ସେ କହିଲେ ଯେ ରାଜ୍ୟ ସରକାର ପ୍ରଥମ ଥର ପାଇଁ ସମ୍ବାଦପତ୍ରର ସମ୍ପାଦକମାନଙ୍କର ଏକ କର୍ମଶାଳା ଆୟୋଜନ କରି କ୍ଷୁଦ୍ର ତଥା ମଧ୍ୟମ ସମ୍ବାଦପତ୍ରଗୁଡ଼ିକର ସମସ୍ୟା କିଭଳି ସମାଧାନ କରାଯାଇ ପାରିବ, ସେ ବିଷୟରେ ଆଲୋଚନା କରାଯାଇଥିଲା । ଏଥିପାଇଁ ବିଭାଗୀୟ ବଜେଟ୍‌ରେ ଅଧିକ ଅର୍ଥ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି । ସାମ୍ବାଦିକ, କବି ଓ ଲେଖକମାନେ ନିଜର ଲେଖନୀ ଜରିଆରେ ସମାଜର ହିତ ସାଧନ ନିମନ୍ତେ ଗଠନମୂଳକ ଲେଖାମାନ ପ୍ରକାଶ କରି ସାକ୍ଷରତା ହାର ବଢ଼ାଇବା ଦିଗରେ ଧ୍ୟାନ ଦେବାକୁ ମନ୍ତ୍ରୀ ଶ୍ରୀ ସିଂହ ପରାମର୍ଶ ଦେଇଥିଲେ ।

ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପଦ୍ମଲୋଚନ ପଣ୍ଡା ଏହି ଉତ୍ସବରେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ସମ୍ବାଦପତ୍ରଗୁଡ଼ିକ ସତ୍ୟ, ନିର୍ଭୀକ ଓ ନିରପେକ୍ଷ ସମ୍ବାଦ ପରିବେଷଣ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଗଣ ମାଧ୍ୟମର ଉନ୍ନତି ବିନା ରାଜ୍ୟ ତଥା ଦେଶର ସାମଗ୍ରୀକ ବିକାଶ ଅସମ୍ଭବ ବୋଲି ସେ ମତବ୍ୟକ୍ତ କରିଥିଲେ ।

'ଆଜିକାଲି'ର ମୁଖ୍ୟ ସମ୍ପାଦକ ଶ୍ରୀ ଦୁଲାଲ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ଼ର ଅଧ୍ୟକ୍ଷ ଡଃ କାର୍ତ୍ତିକେଶ୍ୱର ପାତ୍ର, ଓଡ଼ିଶା ଉଠା ଜଳସେଚନ ନିଗମର ଅଧ୍ୟକ୍ଷ ଶ୍ରୀ ରାଜେନ ସାହୁ, ବାଲେଶ୍ୱର ସଦର ବିଧାୟକ ଶ୍ରୀ ଅରୁଣ ଦେ, ପୂର୍ବତନ

ମନ୍ତ୍ରୀ ତଥା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଶ୍ରୀ ସୀତାକାନ୍ତ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରାଜ୍ୟର ବିକାଶ କ୍ଷେତ୍ରରେ ସାମ୍ବାଦିକମାନେ ସକ୍ରିୟ ଭୂମିକା ଗ୍ରହଣ କରିବା ଉଚିତ ବୋଲି ମତ ଦେଇଥିଲେ ।

'ଆଜିକାଲି'ର ସମ୍ପାଦକ ଶ୍ରୀ ବିସ୍ମୟ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ । ମନ୍ତ୍ରୀ ଶ୍ରୀ ସିଂହ ଏବଂ ମନ୍ତ୍ରୀ ଶ୍ରୀ ପଣ୍ଡାଙ୍କୁ ''ଆଜିକାଲି' ପକ୍ଷରୁ ସଦ୍‌ଭାବନା ସମ୍ମାନ ପୂର୍ବକ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା ।

## ପୁରୀ ରଥଯାତ୍ରା ଉପଲକ୍ଷେ ପ୍ରସ୍ତୁତି ବୈଠକ

ଗତ ଜୁନ୍ ୮ ତାରିଖରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଶାସନ ସଚିବ ଶ୍ରୀ ଜୟନ୍ତ କୁମାର ଦେବଙ୍କ ଅଧକ୍ଷତାରେ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ବିଭାଗୀୟ ନିର୍ଦ୍ଦେଶକଙ୍କ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇ ଆସନ୍ତା ୧୪ ତାରିଖରୁ ଆରମ୍ଭ ହୋଇ ୨୨ ତାରିଖରେ ଶେଷ ହେଉଥିବା ପୁରୀ ରଥଯାତ୍ରାକୁ ସୁଚାରୁ ରୂପେ ସମାପନ କରିବାକୁ ବିଭାଗୀୟ ଶାସନ ସଚିବ ଶ୍ରୀ ଦେବ ଉପସ୍ଥିତ ଥିବା ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସଙ୍ଗେ ସଙ୍ଗେ ଏହି କାର୍ଯ୍ୟକୁ ସମସ୍ତେ ଏକାଗ୍ରତାର ସହିତ ପାଳନ କରିବେ ବୋଲି ଆଶା ପ୍ରକାଶ କରିଥିଲେ ।

ଏହି ବୈଠକରେ ଗ୍ରହଣ କରାଯାଇଥିବା, ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପୁରୀ ସହରର ୮ଟି ଜାଗା, ଯଥା- ତାଳବଣିଆ, ରେଲ୍‌ୱେ ଷ୍ଟେସନ, ଟାଉନ ଥାନା, ବଡଦାଣ୍ଡ, ବଡ଼ଶଙ୍ଖ, ସ୍ୱର୍ଗଦ୍ୱାରସ୍ଥ ଗୋଲେଇ ଛକ ଏବଂ ସିଂହଦ୍ୱାର ଓ ଗୁଣ୍ଡିଚା ମନ୍ଦିରଠାରେ ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ କରାଯିବ ଓ ସନ୍ଧ୍ୟାରେ ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯିବ । ଭିଡିଓ ଯାନ ମାଧ୍ୟମରେ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ । ସିଂହଦ୍ୱାର ଓ ଗୁଣ୍ଡିଚା ମନ୍ଦିର ସୂଚନା କେନ୍ଦ୍ରଠାରେ ଟେଲିଫୋନ ବ୍ୟବସ୍ଥା ରହିବା ସହିତ ମାଇକ୍ ମାଧ୍ୟମରେ ମହାପ୍ରଭୁଙ୍କ ନୀତି ସମ୍ପର୍କରେ ଜନସାଧାରଣଙ୍କୁ ସୂଚନା ଦିଆଯିବ । ଶ୍ରୀ ଗୁଣ୍ଡିଚା ମନ୍ଦିରଠାରେ ରଥ ପହଞ୍ଚିବା ପରେ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ପ୍ରତ୍ୟେକ ସନ୍ଧ୍ୟାରେ ଓଡ଼ିଶାର ସ୍ୱନାମଧନ୍ୟ ବକ୍ତାଙ୍କ ଦ୍ୱାରା ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତି ଉପରେ ପ୍ରବଚନ କାର୍ଯ୍ୟକ୍ରମ କରାଯିବ । ବାହୁଡ଼ା ଯାତ୍ରା ଦିନ ସକାଳେ ପ୍ରବଚନ ଓ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ଗୁଣ୍ଡିଚା ଘର ସୂଚନା କେନ୍ଦ୍ରଠାରେ କରାଯିବ । ଶରଧାବାଲିଠାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରଦର୍ଶନୀ ମଣ୍ଡପ ଖୋଲାଯିବ । ଯାତ୍ରୀମାନଙ୍କ ମନୋରଞ୍ଜନ ନିମନ୍ତେ ଗୁଣ୍ଡିଚା ଯାତ୍ରାଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ସନ୍ଧ୍ୟାରେ ଦାସକାଠିଆ, ପାଲା, ଯୋଡ଼ିନାଚ, ଗୋଟିପୁଅ ପରିବେଷଣ କରାଯିବ । ବାହୁଡ଼ା ଦିନ ସନ୍ଧ୍ୟାରେ ସିଂହଦ୍ୱାର ସୂଚନା କେନ୍ଦ୍ରଠାରେ ଏକ ଭଜନ ସମାରୋହ କାର୍ଯ୍ୟକ୍ରମ କରାଯିବ ବୋଲି ସ୍ଥିର ହୋଇଛି । ଏତଦ୍‌ବ୍ୟତୀତ ସର୍ଟ ସର୍କିଟ୍, ଟି.ଭି. ବିଭିନ୍ନ ସ୍ଥାନରେ ଲଗାଯାଇ ଜନସାଧାରଣଙ୍କୁ ସୂଚନା ଯୋଗାଇ ଦିଆଯିବ । ବିଭାଗରୁ ପ୍ରକାଶିତ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ବିଭିନ୍ନ ସ୍ଥାନମାନଙ୍କରେ ବିକ୍ରୀ କରାଯିବା ସହିତ ମାଗଣାରେ ସୂଚନା ପୁସ୍ତିକା ବଣ୍ଟନ କରାଯିବ ବୋଲି ସ୍ଥିର ହୋଇଛି ।

ନିର୍ଦ୍ଦେଶକ ଶ୍ରୀ ବସନ୍ତ ଚରଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ଦୈତାରି ପ୍ରସାଦ ମହାନ୍ତି, 'ଓଡ଼ିଶା ରିଭ୍ୟୁ'ର ସମ୍ପାଦକ ଶ୍ରୀ ରାଜ କିଶୋର ମିଶ୍ର, 'ଉତ୍କଳ ପ୍ରସଙ୍ଗର' ସମ୍ପାଦକ ଶ୍ରୀ ମହେଶ୍ୱର ମୁଳିଆ, ଉପ ନିର୍ଦ୍ଦେଶକ ଶ୍ରୀ ଶ୍ୟାମ ସୁନ୍ଦର ନାୟକଙ୍କ ସମେତ ପୁରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଭୂପୃଷ୍ଠ ଜଳ ସଂରକ୍ଷଣ ଓ ପରିମଳ ବ୍ୟବସ୍ଥା ପାଇଁ ସଚେତନତା ଓ ସତର୍କତା ଆବଶ୍ୟକ : ମୁଖ୍ୟ ଶାସନ ସଚିବ

ଗତ ଜୁନ୍ ୧୨ ତାରିଖରେ ରାଜ୍ୟ ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଅଂଗାକାର ସଂସ୍ଥା ଆନୁକୂଲ୍ୟରେ ଭୂପୃଷ୍ଠ ଜଳ ସଂରକ୍ଷଣ ଓ ପରିମଳ ଶୀର୍ଷକ ଆଲୋଚନା ଚକ୍ରକୁ ମୁଖ୍ୟ ଶାସନ ସଚିବ ଶ୍ରୀ ସହଦେବ ସାହୁ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରି କହିଥିଲେ ଯେ, ଭୂପୃଷ୍ଠ ଜଳକୁ ସଂରକ୍ଷଣ ଓ ବିଶୋଧନ କରି ବ୍ୟବହାର ପାଇଁ ଜନସଚେତନତା ଓ ସତର୍କତା ଆବଶ୍ୟକ । ଜଳ ଦୂଷିତ ହେବାର ପ୍ରଧାନ କାରଣ ହେଲା ଶିଳ୍ପର ପ୍ରଗତି ଏବଂ ସହର ଓ ନଗରମାନଙ୍କର ସଂଖ୍ୟା ବୃଦ୍ଧି । ସଭ୍ୟତାର ଅଗ୍ରଗତି ସଙ୍ଗେ ସଙ୍ଗେ କଳକାରଖାନା ବଢ଼ି ଚାଲିଛି । ଏଥିରେ ବ୍ୟବହୃତ ଅତ୍ୟାବଶ୍ୟକ ପଦାର୍ଥଟି ହେଲା ଜଳ । ତେଣୁ ପୃଥିବୀର ଅଧିକାଂଶ ବଡ଼ ବଡ଼ ଶିଳ୍ପ କେନ୍ଦ୍ର ନଦୀ କିମ୍ବା ହ୍ରଦ କୂଳରେ ଅବସ୍ଥିତ । କାରଖାନା ମାନଙ୍କରେ ଜଳ ବ୍ୟବହୃତ ହେବା ପରେ ସେଥିରୁ ନିଷ୍କାସିତ ଅଳିଆ, ଆବର୍ଜନା, ରାସାୟନିକ ପଦାର୍ଥ ଓ ବିଷାକ୍ତ ଦ୍ରବ୍ୟମାନ ଜଳକୁ ଦୂଷିତ କରିଥାଏ । ଏହା ବ୍ୟତୀତ ଗ୍ରାମ ମାନଙ୍କରେ ନଦୀ, ପୋଖରୀ ମାନଙ୍କରେ ଖୋଲା ଶୌଚକ୍ରିୟା ଯୋଗୁଁ ଜଳ ଦୂଷିତ ହୁଏ । ଦୂଷିତ ଜଳ ବ୍ୟବହାର କରିବା ଦ୍ୱାରା ବିଭିନ୍ନ ରୋଗ ଓ ମହାମାରୀ ବ୍ୟାପିଥାଏ । ତେଣୁ ବିଶୁଦ୍ଧ ଓ ନିରାପଦ ଜଳ ବ୍ୟବହାର ସଂପର୍କରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ଉଭୟ ସରକାର ଓ ସ୍ୱେଚ୍ଛାସେବୀ ସଂସ୍ଥା ମାନଙ୍କର ଗୁରୁ ଦାୟିତ୍ୱ ରହିଛି ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ ମତବ୍ୟକ୍ତ କରିଥିଲେ । ବିଶେଷକରି 'ଅଗାକାର' ସଂସ୍ଥା ଏହି ଆଲୋଚନା ଚକ୍ର ଆୟୋଜନ କରିଥିବାରୁ ଉକ୍ତ ସଂସ୍ଥାର ସଂପାଦିକା ଡଃ ଆରତୀବାଳା ପୃଷ୍ଟି ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ ।

ଏହି ଆଲୋଚନା ଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲର ଉପାଧ୍ୟକ୍ଷା ଶ୍ରୀମତୀ ସି. ନାରାୟଣ ସ୍ୱାମୀ, ଜଙ୍ଗଲ ଓ ପରିବେଶ ବିଭାଗ ଶାସନ ସଚିବ ଶ୍ରୀ ବିଜୟ କୁମାର ପଟ୍ଟନାୟକ, ରାଜ୍ୟ ପ୍ରଦୂଷଣ ବୋର୍ଡ଼ ଅଧକ୍ଷ ପ୍ରଫେସର ଏମ୍.ପି. ଦାଶ, ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡଃ ସି. ମୁଖ୍ୟ ଯନ୍ତ୍ରୀ ଶ୍ରୀ ରାଉ, କେନ୍ଦ୍ର ପରିବେଶ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ଉପାଧ୍ୟାୟ ପ୍ରମୁଖ ଅଂଶ ଗ୍ରହଣ କରି ଭୂପୃଷ୍ଠ ଜଳ ସଂରକ୍ଷଣ ଓ ବିଶୁଦ୍ଧ ବ୍ୟବହାର ସଂପର୍କରେ ସୁଚିନ୍ତିତ ପରାମର୍ଶ ଦେଇଥିଲେ ।

## ଶହସ୍ରାବ୍ଦ ଆବାସ ଯୋଜନାର ଶୁଭାରମ୍ଭ

ସମ୍ପ୍ରତି ଓଡ଼ିଶା ସରକାର ଓଡ଼ିଶାରେ ଶହସ୍ରାବ୍ଦ ଆବାସ ଯୋଜନାର ଶୁଭାରମ୍ଭ କରିଛନ୍ତି । ଗତ ମଇ ୨୭ ତାରିଖରେ ଯୋକଲଣ୍ଡି ଠାରେ ଏହି ଯୋଜନାର ଶୁଭାରମ୍ଭ କରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ କହିଲେ ଯେ, ଗରିବମାନଙ୍କ ଥଇଥାନ ଏବଂ ସମାଜର ଉନ୍ନତି କଳ୍ପେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନା ମଧ୍ୟରେ ଏହି ଶହସ୍ରାବ୍ଦ ଆବାସ ଯୋଜନା ଅନ୍ୟତମ । ବସ୍ତି ଅଞ୍ଚଳର ଉନ୍ନତି ନିମନ୍ତେ ରାଜ୍ୟ ସରକାର ଏପରି ନିଷ୍ପତ୍ତି ଗ୍ରହଣ କରିବା ସଙ୍ଗେ ସଙ୍ଗେ ସମନ୍ୱିତ ବିକାଶ ଯୋଜନା ପ୍ରସ୍ତୁତ କରିବାକୁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

ଋଣ ନେଉଥିବା ବ୍ୟକ୍ତିମାନଙ୍କୁ ସବ୍‌ସିଡି ଆକାରରେ ପାଞ୍ଚ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବ ଓ ଅବଶିଷ୍ଟ ଅର୍ଥ ସେମାନେ କିସ୍ତି ଆକାରରେ ପରିଶୋଧ କରିବେ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ନିଗମ ଜରିଆରେ ଏହି ଋଣ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଫଳରେ ରାଜଧାନୀରେ ଚିହ୍ନଟ ହୋଇଥିବା ୧୪୫ଟି ବସ୍ତିବାସିନ୍ଦା ଏହି ଯୋଜନାର ସୁଫଳ ଲାଭ କରିପାରିବେ । ଶସ୍ତା-ସୁନ୍ଦର ମଜଭୁତ ବାସଗୃହ ଯୋଗାଇ ଦେବାର ଲକ୍ଷ୍ୟ ନେଇ ସରକାର ଏହି ଯୋଜନା ପ୍ରଚଳନ କରିଛନ୍ତି ଏବଂ ଏହି ଯୋଜନା ପ୍ରଥମେ ଯୋକଲଣ୍ଡି ଠାରେ ପ୍ରଚଳନ କରାଯାଉଥିବାରୁ ଏହାକୁ ଏକ ଆଦର୍ଶ ବସ୍ତିର ରୂପ ଦେବାପାଇଁ ଡଃ ଗମାଙ୍ଗ ପରାମର୍ଶ ଦେଇଥିଲେ ।

ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ଓ ଉନ୍ନୟନ ନିଗମ ଲିଃ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରସନ୍ନ କୁମାର ମିଶ୍ର, ସଚିବ ଶ୍ରୀ ଚହର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

## କମ୍ୟୁନିଟି ପୋଲିସିଂ ଯୋଜନା ପ୍ରଚଳନ

ସମ୍ପ୍ରତି ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗଙ୍କ ନେତୃତ୍ୱାଧୀନ ସରକାର ନୂତନଭାବେ 'କମ୍ୟୁନିଟି ପୋଲିସିଂ ଯୋଜନା ପ୍ରଚଳନ କରିଛନ୍ତି । ଏହା ସମଗ୍ର ଭାରତବର୍ଷରେ ପ୍ରଥମ ।

ଗତ ମଇ ୨୭ ତାରିଖରେ ଚନ୍ଦ୍ରଶେଖରପୁର ଥାନା ଅଧୀନସ୍ଥ ପଟିଆ ଠାରେ ଏହି ଯୋଜନାର ଶୁଭାରମ୍ଭ କରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ କହିଲେ ଯେ, ଏହି ଯୋଜନା ପ୍ରଚଳନ ଦ୍ୱାରା ସାଧାରଣ ଲୋକେ ଏଣିକି ନିଜର ସୁରକ୍ଷା ନିଜେ ବୁଝିବା ସଙ୍ଗେ ସଙ୍ଗେ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ କର୍ତ୍ତବ୍ୟରତ ପୋଲିସ୍ କର୍ମଚାରୀମାନଙ୍କୁ ସହାୟତା ଯୋଗାଇବେ ।

ଏହି ଯୋଜନା ଅନୁସାରେ ସାଧାରଣ ଲୋକେ ଓ ପୋଲିସ ମଧ୍ୟରେ ସହଯୋଗ ବୃଦ୍ଧି ପାଇବ ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଡକ୍ଟର ଗମାଙ୍ଗ ମତପ୍ରକାଶ କରିବା ସଙ୍ଗେ ସଙ୍ଗେ କହିଲେ ଯେ ଜନସାଧାରଣଙ୍କ ବିନା ସହଯୋଗରେ ସମାଜରେ ଶାନ୍ତିଶୃଙ୍ଖଳା ପ୍ରତିଷ୍ଠା ଏକ ଦୁଃସାଧ୍ୟ ବ୍ୟାପାର । ଏଣୁ ଏଭଳି ଏକ ଯୋଜନା କାର୍ଯ୍ୟକାରୀ କରିବାକୁ ଓଡ଼ିଶା ପ୍ରଥମେ ପଦକ୍ଷେପ ଗ୍ରହଣ କରିଛି । ଶାସନକୁ ଶାସନ ଭିତ୍ତିରେ ସୀମିତ ନରଖି ସମାଜର ମଙ୍ଗଳ ପାଇଁ ବିନିଯୋଗ କରିବାକୁ ସେ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ଏହି ଯୋଜନାର ସଫଳ ରୂପାୟନ ଦିଗରେ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

ଏହି ଉତ୍ସବରେ ଅଧ୍ୟକ୍ଷତା କରି ଘରୋଇ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରସାଦ ହରିଚନ୍ଦନ କହିଲେ ଯେ, ଏଭଳି ଅଭିନବ ବ୍ୟବସ୍ଥା ପ୍ରବର୍ତ୍ତନ ଦ୍ୱାରା ସମାଜରେ ଶାନ୍ତିଶୃଙ୍ଖଳା ପ୍ରତିଷ୍ଠା ହୋଇପାରିବ । 'କମ୍ୟୁନିଟି ପୋଲିସିଂ' ଯୋଜନାର ରୂପରେଖ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ଏହାର ସଫଳତା ନିମନ୍ତେ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଘରୋଇ ସଚିବ ଶ୍ରୀ ଅଜିତ କୁମାର ତ୍ରିପାଠୀ, ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଦିଲ୍ଲୀପ ମହାପାତ୍ର, ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ସର୍ବେଶ୍ୱର ମହାନ୍ତି, ଭୁବନେଶ୍ୱର ଜୋନର ଡି.ଆଇ.ଜି. ଶ୍ରୀ ଏମ୍.ଏମ୍ ପ୍ରହରାଜ ପ୍ରମୁଖ ଏହି ଉତ୍ସବରେ ଉଦ୍‌ବୋଧନ ଦେଇଥିଲେ ।

## ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥମେଟିକ୍ସ ଆଣ୍ଡ ଆପ୍ଲିକେଶନ'ର ଭିତ୍ତିପ୍ରସ୍ତର ସ୍ଥାପନ

ଗତ ମଇ ୨୭ ତାରିଖରେ ସ୍ଥାନୀୟ ପଠାଣି ସାମନ୍ତ ପ୍ଲାନେଟୋରିୟମ ପରିସର ମଧ୍ୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥମେଟିକ୍ସ ଆଣ୍ଡ ଆପ୍ଲିକେଶନ'ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ମୁଖ୍ୟମନ୍ତ୍ରୀ ଡକ୍ଟର ଗମାଙ୍ଗ କହିଲେ ଯେ, ଗଣିତ ଓ ତାର ପ୍ରୟୋଗ ମଧ୍ୟରେ ସମନ୍ୱୟ ରଖାଯାଇ ଗବେଷଣା ହେବା ଉଚିତ । ଦେଶର ବିକାଶ ଏହି ପ୍ରକ୍ରିୟା ଉପରେ ପର୍ଯ୍ୟବେସିତ । ଭାରତର ବୈଦିକ ବିଜ୍ଞାନ "ମନ୍ତ୍ରତନ୍ତ୍ର" ଆଦି ଅତି ଲୋକପ୍ରିୟ । ଏହି ବୈଦିକ ବିଜ୍ଞାନକୁ ଆଧୁନିକ ବିଜ୍ଞାନରେ ପରିବର୍ତ୍ତନ କରାଗଲେ ଏହା ଲୋକ ହିତକର ହୋଇପାରିବ ଓ ତାର ଅର୍ଥହୀନତା ଲୋପ ପାଇବ ।

ବିଶ୍ୱର ଗଣିତ ଶାସ୍ତ୍ରକୁ ଭାରତବର୍ଷର ଦାନ "ଶୂନ୍ୟ" ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଅନ୍ୟ ରାଷ୍ଟ୍ର ଭଳି ଭାରତର ବୈଜ୍ଞାନିକ ବିକାଶ କେବଳ ବିଜ୍ଞାନଭିତ୍ତିକ ନହୋଇ ବିଜ୍ଞାନ ସହିତ ବିବେକ ଉପରେ ଆଧାରିତ ହୋଇଥାଏ । ଭାରତର ବିଜ୍ଞାନ ଏ ଦୃଷ୍ଟିରୁ ବିଶ୍ୱରେ ସର୍ବଶ୍ରେଷ୍ଠ । ଏହାର ପ୍ରତ୍ୟେକଟି ଉଦ୍ଭାବନ ହିଂସା ପ୍ରଣୋଦିତ ନହୋଇ ଲୋକାଭିମୁଖୀ ତଥା ଜନହିତକର ହୋଇଥାଏ । ଆଧୁନିକ ପ୍ରଯୁକ୍ତିବିଦ୍ୟାକୁ ସେଥିପାଇଁ ସର୍ବଦା ସୁଖଶାନ୍ତିପୂର୍ଣ୍ଣ ଜୀବନଯାପନ ନିମନ୍ତେ ବ୍ୟବହାର କରାଯିବା ଆବଶ୍ୟକ ବୋଲି ସେ ମତପ୍ରକାଶ କରିଥିଲେ ।

ଉତ୍ସବରେ ଅଧ୍ୟକ୍ଷତା କରି ରାଜ୍ୟ ସ୍ୱରାଷ୍ଟ୍ର, ସଂସ୍କୃତି ତଥା ବିଜ୍ଞାନ ଓ କାରିଗରୀ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରସାଦ ହରିଚନ୍ଦନ କହିଲେ ଯେ ବର୍ତ୍ତମାନ ସରକାରଙ୍କ କାର୍ଯ୍ୟକାଳ ଘଟଣାବହୁଳ । ବିଗତ ଶହେ ଦିନ ମଧ୍ୟରେ ରାଜ୍ୟ ସରକାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଲୋକହିତକର ପଦକ୍ଷେପ ନେଇଛନ୍ତି । ଏହି ଅନୁଷ୍ଠାନ ପ୍ରତିଷ୍ଠା ହେବାଦ୍ୱାରା ଆମ ମଧ୍ୟରେ ରହିଥିବା ଲୁକ୍‌ାୟିତ ପ୍ରତିଭା ଭବିଷ୍ୟତରେ ବିଶିଷ୍ଟ ଗଣିତଜ୍ଞ ହୋଇପାରିବେ ।

ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡଃ ଗୋକୁଳାନନ୍ଦ ଦାସ କହିଲେ ଯେ ଗଣିତ ଶାସ୍ତ୍ରର ବିକାଶ ପାଇଁ ରାଜ୍ୟର ଗଣିତଜ୍ଞମାନଙ୍କ ବହୁଦିନର ଅନୁଷ୍ଠାନ ପ୍ରତିଷ୍ଠା ଆଶା ଆଜି ପୂରଣ ହୋଇଛି । ଅନ୍ୟତମ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ମୁଖ୍ୟ ଶାସନ ସଚିବ ଶ୍ରୀ ସହଦେବ ସାହୁ କହିଲେ ଯେ ଏହି ଅନୁଷ୍ଠାନ ଗବେଷଣା ମାଧ୍ୟମରେ ଦୈନନ୍ଦିନ ଜୀବନରେ ଗଣିତର ପ୍ରୟୋଗାତ୍ମକ ଦିଗଟିକୁ ଉନ୍ମୁକ୍ତ କରିପାରିବ ।

ପ୍ରାରମ୍ଭରେ ବିଜ୍ଞାନ ଓ କାରିଗରୀ ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟପ୍ରକାଶ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ ଓ ପଠାଣି ସାମନ୍ତ ପ୍ଲାନେଟୋରିୟମର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ପି.ସି. ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଦୂରଦର୍ଶନ ସେବାର ପ୍ରସାର

ଖୁବ୍ ଶୀଘ୍ର ଓଡ଼ିଶାର ଦୂରଦୂରାନ୍ତ ଅଞ୍ଚଳକୁ ବିଶେଷକରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ଦୂରଦର୍ଶନର ସେବା ଶୀଘ୍ର ପ୍ରସାର ଲାଭ କରିବ । ସୂଚନା ଓ ଲୋକ ସମ୍ପର୍କ, ପୂର୍ତ୍ତ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ରାଜ୍ୟରେ ଦୂରଦର୍ଶନ ପ୍ରକଳ୍ପ ବିଷୟରେ ଦୂରଦର୍ଶନର ବରିଷ୍ଠ ଅଧିକାରୀ ତଥା ସୂଚନା ମନ୍ତ୍ରଣାଳୟଙ୍କ ସହ ବିଶଦ୍ ଭାବେ ଆଲୋଚନା କରିଛନ୍ତି । ଆସନ୍ତା ଜୁନ୍ ମାସ ମଧ୍ୟରେ ବୀରମିତ୍ରପୁର, ଖଡ଼ିଆଳ, ଓ କରଞ୍ଜିଆଠାରେ ସ୍ୱଳ୍ପ ଶକ୍ତି ସମ୍ପନ୍ନ ଏବଂ କାଶୀପୁର, ସିମିଳିପାଳ, କୋଇଡ଼ା, ମାଛକୁଣ୍ଡ, ଜୟପାଟଣା ଏବଂ କଲ୍ୟାଣପୁରଠାରେ ଅତି ସ୍ୱଳ୍ପ ସମ୍ପନ୍ନ ଟ୍ରାନ୍ସମିଟର କାର୍ଯ୍ୟ ଆରମ୍ଭ କରିବ । ୧୯୯୯ ସେପ୍ଟେମ୍ବର ମାସ ସୁଦ୍ଧା ତିରିଟ, ନୟାଗଡ଼, ଡୁଙ୍ଗୁରୀ ଓ ରାଜଗାଙ୍ଗପୁରରେ ସ୍ୱଳ୍ପ ଶକ୍ତି ସମ୍ପନ୍ନ ଟ୍ରାନ୍ସମିଟର ସ୍ଥାପନ କାର୍ଯ୍ୟ ସମ୍ପନ୍ନ ହେବ ।

କର୍ମଚାରୀ ନିଯୁକ୍ତି ପାଇବା ପରେ ଭବାନୀପାଟଣା ଟି.ଭି. ଷ୍ଟୁଡିଓରେ କାର୍ଯ୍ୟକ୍ରମ ପ୍ରସ୍ତୁତ ହେବ । ଆସନ୍ତା ୨୦୦୦ ମସିହା ମାର୍ଚ୍ଚ ମାସ ସୁଦ୍ଧା ବ୍ରହ୍ମପୁର ଦୂରଦର୍ଶନ କେନ୍ଦ୍ର ୧୦ କିଲୋୱାଟକୁ ଉନ୍ନୀତ କରାଯିବ ବୋଲି ଆଲୋଚନାରେ ସ୍ଥିର କରାଯାଇଥିଲା ।

ଅଗ୍ରାଧିକାର ଭିତ୍ତିରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଗୁଣୁପୁର ଓ ଲକ୍ଷ୍ମୀପୁରରେ ସ୍ୱଳ୍ପଶକ୍ତି ସମ୍ପନ୍ନ ଟ୍ରାନ୍ସମିଟର ସ୍ଥାପନ କରିବା ପାଇଁ ସୂଚନାମନ୍ତ୍ରୀ ଶ୍ରୀ ସିଂ କେନ୍ଦ୍ର ତଥ୍ୟ ଓ ପ୍ରସାରଣ ମନ୍ତ୍ରଣାଳୟକୁ ଅନୁରୋଧ କରିଥିଲେ ।

## ଜିଲ୍ଲା ପରିଷଦ ସଭାପତି ଓ ଉପ-ସଭାପତିମାନଙ୍କୁ ଯଥାକ୍ରମେ ରାଷ୍ଟ୍ରମନ୍ତ୍ରୀ ଓ ଉପମନ୍ତ୍ରୀ ପାହ୍ୟା ପ୍ରଦାନ

ସମ୍ପ୍ରତି ଜିଲ୍ଲା ପରିଷଦ ସଭାପତି ଓ ଉପ-ସଭାପତିମାନଙ୍କୁ ଅଧିକ ସୁବିଧା, ସୁଯୋଗ ଦେବା ନିମନ୍ତେ ସରକାରୀ ନିଷ୍ପତ୍ତି ଲାଗୁ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ ନିର୍ଦ୍ଦେଶ ଦେଇଛନ୍ତି ।

ଜିଲ୍ଲା ପରିଷଦର ସଭାପତି ଓ ଉପ-ସଭାପତିମାନଙ୍କୁ ଏଣିକି ପଶ୍ଚିମବଙ୍ଗ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଏବଂ ଗୁଜରାଟ ଭଳି ଯଥାକ୍ରମେ ରାଷ୍ଟ୍ରମନ୍ତ୍ରୀ ଓ ଉପମନ୍ତ୍ରୀ ପାହ୍ୟା ଦେଇ ଅନୁରୂପ ସୁବିଧା, ସୁଯୋଗ ଯୋଗାଇ ଦେବାପାଇଁ ସରକାର ନୀତିଗତ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ନିଷ୍ପତ୍ତି ଅନୁଯାୟୀ ଜିଲ୍ଲା ପରିଷଦର ଉପ-ସଭାପତିଙ୍କୁ ମାସିକ ଟ.୨୦୦୦/- ହାରରେ ଘରଭଡ଼ା ପ୍ରଦାନ କରାଯିବ । ପୂର୍ବ ନିଷ୍ପତ୍ତି ଅନୁଯାୟୀ ସଭାପତିମାନେ ମାସିକ ଟ.୩୦୦୦/- ହାରରେ ଘରଭଡ଼ା ପାଉଛନ୍ତି । ଜିଲ୍ଲା ପରିଷଦର ସଭାପତିମାନଙ୍କୁ ଏକ ସରକାରୀ ଗାଡ଼ି ପରିବର୍ତ୍ତେ ଏଣିକି ଗୋଟିଏ ଭଡ଼ାଗାଡ଼ି ବ୍ୟବହାର ପାଇଁ ବର୍ଷକୁ ଟ.୧,୭୦,୦୦୦/- ଅନୁଦାନ ଦିଆଯିବ । ବଜେଟ୍‌ରେ ଆବଶ୍ୟକ ଅର୍ଥ ବ୍ୟବସ୍ଥା କରି ସଭାପତିମାନଙ୍କୁ ଗାଡ଼ି ଯୋଗାଇ ଦେବା ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ବଳବତ୍ତର ରହିବ ।

## ରାଜୀବଗାନ୍ଧୀଙ୍କ ଆଦର୍ଶ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ : ମୁଖ୍ୟମନ୍ତ୍ରୀ

ରାଜନୈତିକ, ସାମାଜିକ ଏବଂ ବ୍ୟକ୍ତିଗତ ଜୀବନରେ ରାଜୀବଗାନ୍ଧୀଙ୍କ ଅବଦାନ ଅବିସ୍ମରଣୀୟ । ତାଙ୍କର ଆଦର୍ଶ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଗତ ମଇ ୨୧ ତାରିଖରେ ସୂଚନା ଭବନଠାରେ ରାଜୀବଗାନ୍ଧୀ ଫୋରମ୍, ଓଡ଼ିଶା ଶାଖା ଆନୁକୂଲ୍ୟରେ ଅନୁଷ୍ଠିତ ରାଜୀବଗାନ୍ଧୀଙ୍କ ଶ୍ରାଦ୍ଧୋତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ ପ୍ରକାଶ କରିଛନ୍ତି ।

ରାଜ୍ୟ କ୍ରୀଡ଼ା, ଯୁବବ୍ୟାପାର ଓ ଅବକାରୀ ମନ୍ତ୍ରୀ ଶ୍ରୀ ସୁରେନ୍ଦ୍ର କୁମାର ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଡକ୍ଟର ଗମାଙ୍ଗ କହିଲେ ଯେ ଆଜି ଦିନଟି ଓଡ଼ିଶାବାସୀଙ୍କ ନିମନ୍ତେ ଅଧିକ ସ୍ମରଣୀୟ । ଏକ ଗଠନମୂଳକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ରାଜୀବଗାନ୍ଧୀଙ୍କ ଦାନ ଅତୁଳନୀୟ । ଯୁବକମାନଙ୍କୁ ସାମାଜିକ ଓ ଅର୍ଥନୈତିକ ପ୍ରଗତିରେ ସାମିଲ ହୋଇ କାର୍ଯ୍ୟ କରିବା ପାଇଁ ସେ ସର୍ବଦା ପଥ ପରିଷ୍କାର କରୁଥିଲେ । ଦେଶର ପ୍ରଗତି ଯୁବପୀଢ଼ି ଉପରେ ନିର୍ଭର ବୋଲି ସେ ସର୍ବଦା କହୁଥିଲେ ।ଏବଂ ପ୍ରତ୍ୟେକ କ୍ଷେତ୍ରରେ ଯୁବକମାନଙ୍କ ସହଯୋଗ କାମନା କରୁଥିଲେ । ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଗଠନରେ ବ୍ରତୀ ହେବାକୁ ଡକ୍ଟର ଗମାଙ୍ଗ ଯୁବକମାନଙ୍କୁ ଆହ୍ୱାନ ଜଣାଇଥିଲେ ।

ଗଣତନ୍ତ୍ରର ପ୍ରତ୍ୟେକ ସ୍ତରରେ ସମସ୍ୟା ରହିଛି । ସବୁ ସମସ୍ୟା ସମାଧାନ କରିବାରେ କୌଣସି ରାଜନୈତିକ ଅଭିଯୋଗ ରହିବା ଉଚିତ ନୁହେଁ ବୋଲି ମତବ୍ୟକ୍ତ କରି କହିଲେ ଡକ୍ଟର ଗମାଙ୍ଗ ରାଜନୈତିକ ଅସ୍ଥିରତା, ସାମାଜିକ ଅସ୍ଥିରତାର ଦୃଢ଼ ମୁକାବିଲା କରିବା ପାଇଁ ରାଜୀବଗାନ୍ଧୀଙ୍କ ଆଦର୍ଶ ଯଥେଷ୍ଟ । କ୍ଷମତାର ବିକେନ୍ଦ୍ରୀକରଣ ଏବଂ ପ୍ରକୃତ କ୍ଷମତା ଲୋକଙ୍କ ହାତରେ ନ୍ୟସ୍ତ କରିବାପାଇଁ ରାଜୀବଙ୍କ ସ୍ୱପ୍ନ ଆଜି ସାକାର ହେବାକୁ ଯାଉଛି । ଫଳସ୍ୱରୂପ ଜିଲ୍ଲା ପରିଷଦ ଏବଂ ପଞ୍ଚାୟତ ସମିତି ଗୁଡ଼ିକୁ ଅଧିକ କ୍ଷମତା ହସ୍ତାନ୍ତର କରାଯାଇଥିବା ପ୍ରକାଶ କରି ଡଃ ଗମାଙ୍ଗ ବେକାରି ଦିଗରେ ଏବଂ ଗାଡ଼ିନିଯୁକ୍ତମାନଙ୍କ ଦୃଷ୍ଟି ସମସ୍ୟା ସମାଧାନ ପ୍ରତି ସରକାର ଆନ୍ତରିକତାର ସହ ଚିନ୍ତା କରୁଛନ୍ତି ଏବଂ ଏହାର ସମାଧାନ ପନ୍ଥା ଖୁବ୍ ଶୀଘ୍ର ନିର୍ଦ୍ଧାରଣ କରାଯିବ ବୋଲି ମତ ଦେଇଥିଲେ ।



OGP—MP—PTS (I&PR) 11—3,000—28-6-1999



ଡଃ ହରେକୃଷ୍ଣ ମହତାବଙ୍କ ଜନ୍ମ ଶତବାର୍ଷିକୀ ପାଳନ ପ୍ରସ୍ତୁତି ବୈଠକରେ ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ଅଧ୍ୟକ୍ଷତା କରୁଛନ୍ତି । ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ, ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାଉତରାୟ, ବିଚାରପତି ଶ୍ରୀ ରଙ୍ଗନାଥ ମିଶ୍ର, ବିଧାନସଭା ସଦସ୍ୟ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଉପସ୍ଥିତ ଅଛନ୍ତି । ୧୨/୫



''ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜ'' ନାମରେ କଟକ ସିଟି କଲେଜର ନୂତନ ନାମକରଣ ଉତ୍ସବ ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ ଉଦ୍‌ଘାଟନ କରୁଛନ୍ତି । ୩/୫



ସଚିବାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦକୁ କ୍ଷମତା ହସ୍ତାନ୍ତର ସଂକ୍ରାନ୍ତୀୟ ଆଲୋଚନା ବୈଠକରେ ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ ଅଧ୍ୟକ୍ଷତା କରୁଛନ୍ତି ।



ସଚିବାଳୟ ପରିସର [illegible]
'ସାର୍ଥକ ଶହେଦିନ' ପୁସ୍ତିକା ଉନ୍ମୋଚନ କରୁଛନ୍ତି । ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ,
ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ଅର୍ଥ ବିଭାଗ ଶାସନ ସଚିବ ଉପସ୍ଥିତ ଅଛନ୍ତି । ୨୭/୫




ପଠାଣୀ ସାମନ୍ତ ପ୍ଲାନେଟୋରିୟମ ଠାରେ ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ 'ଗଣିତ ଓ ପ୍ରୟୋଗ'
ଅନୁଷ୍ଠାନର ଭିତ୍ତି ପ୍ରସ୍ତର ସ୍ଥାପନ କରୁଛନ୍ତି । ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରସାଦ ହରିଚନ୍ଦନ, 5
ମୁଖ୍ୟ ଶାସନ ସଚିବ ଓ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଉପସ୍ଥିତ ଅଛନ୍ତି । ୨୭/୫



ସୂଚନା ଭବନଠାରେ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ
୧୫୦ତମ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ ଓଡ଼ିଶାର କ୍ରୀଡ଼ା ଜଗତରେ
ଉଲ୍ଲେଖନୀୟ ଅବଦାନ ନିମନ୍ତେ ଆନ୍ତର୍ଜାତିକ ହକି ଖେଳାଳୀ
ଶ୍ରୀ ଦିଲ୍ଲୀପ ତିର୍କୀଙ୍କୁ ସ୍ୱାଭିମାନ ସମ୍ମାନ ପ୍ରଦାନ କରୁଛନ୍ତି ।



[illegible] ପ୍ରକାଶ ପାଇବା ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶେଖ ମତଲୁବ୍ ଅଲ୍ଲୀ ସାମ୍ବାଦିକମାନଙ୍କୁ ଭେଟି ସୂଚନା ଦେଉଛନ୍ତି । ୩୧/୫



[illegible] ଆୟୋଜିତ ଧରଣୀଧର ଭୂୟାଁଙ୍କର ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଅବକାରୀ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାଉତରାୟ ଧରଣୀଧରଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ବସନ୍ତ ଚରଣ ସ୍ୱାଇଁ ଉପସ୍ଥିତ ଅଛନ୍ତି ।



ରାଜୀବ ଗାନ୍ଧୀ ଫୋରମ୍ ଆନୁକୂଲ୍ୟରେ ସୂଚନାଭବନଠାରେ ଅନୁଷ୍ଠିତ
ରାଜୀବ ଗାନ୍ଧୀ ଶ୍ରାଦ୍ଧ ଉତ୍ସବରେ ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ
ରାଜୀବ ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି ।



ସଚିବାଳୟଠାରେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ ଓଡ଼ିଶା ଅଗ୍ନିଶମ ସଂସ୍ଥାରେ
ଅତ୍ୟାଧୁନିକ ହାଇଡ୍ରୋଲିକ୍ ପ୍ଲାଟଫର୍ମର ଶୁଭ ଉଦ୍‌ଘାଟନ କରୁଛନ୍ତି । ୨୭/୫



ଯୋବରାଣି ଠାରେ ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ 'ସହସ୍ରାବ୍ଦ ଆବାସ ଯୋଜନା'ର ଶୁଭାରମ୍ଭ କରୁଛନ୍ତି ।
ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ଉପସ୍ଥିତ ଅଛନ୍ତି । ୨୭/୫




ଓଡ଼ିଶା ପର୍ଯ୍ୟଟନ ବିଭାଗ ଓ ଉତ୍କଳ ଚାମ୍ବର ଅଫ୍ କମର୍ସର ମିଳିତ ଆନୁକୂଲ୍ୟରେ ପ୍ରାଚୀ ହୋଟେଲଠାରେ
ଆୟୋଜିତ 'ପର୍ଯ୍ୟଟନ ଏବଂ ଏକବିଂଶ ଶତାବ୍ଦୀରେ ଓଡ଼ିଶାର ଲକ୍ଷ୍ୟ' ଶୀର୍ଷକ ଏକ ଆଲୋଚନାଚକ୍ରରେ
ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ଭାଷଣ ଦେଉଛନ୍ତି । ୧୫/୫



ବିଧାନସଭା ପରିସର ମଧ୍ୟରେ ଆୟୋଜିତ ଏକ ଉତ୍ସବରେ
ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ । ୨୫/୫



ସଚିବାଳୟଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ
ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ କାହ୍ନୁଚରଣ ଲେଙ୍କା ଭାଷଣ ଦେଉଛନ୍ତି । ୪/୬